# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ସେପ୍ଟେମ୍ବର ୩/୨୦୧୯ (୨୦ ପୃଷ୍ଠା) | Sambalpur, Tuesday, September 3 / 2019 | ★★

୧୫ଶ ଭାଗ ୨୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## ଫିଲ୍ମ ଅଫର ମିଳିଲେ ଖୁସି ହୁଏ: ତବୁ

ଫିଲ୍ମ ପାଇଁ ଅଫର ମିଳିବା ପ୍ରେରଣାଦାୟକ ବୋଲି 'ଜୱାନି ଜାନେମନ୍' ଅଭିନେତ୍ରୀ ତବୁ(୪୭) ପ୍ରକାଶ କରିଛନ୍ତି।

୧୩

୧୫

## ଅନୁପମାଙ୍କୁ ବ୍ରୋଞ୍ଜ ପଦକ

ଦକ୍ଷିଣ କୋରିଆର ଚୁଙ୍ଗଜୁଠାରେ ଚାଲିଥିବା ବିଶ୍ୱ ମାର୍ଶାଲ ଆର୍ଟ ମାଷ୍ଟରଶିପ୍ ପ୍ରତିଯୋଗିତାରେ ଉତ୍କଳ କରାଟେ ସ୍କୁଲର ଅନୁପମା ସ୍ୱାଇଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।



**ଆଜିର ସମ୍ପାଦକୀୟ**

ବ୍ୟାଙ୍କ ପ୍ରତିଦ୍ୱନ୍ଦ୍ୱିତା

**ଆଜିର ମନ୍ତବ୍ୟ**

"ଭାରତ ବିରୋଧରେ ପାକିସ୍ତାନ ପ୍ରଥମେ ପରମାଣୁ ଅସ୍ତ୍ର ବ୍ୟବହାର କରିବ ନାହିଁ।

**–ଇମ୍ରାନ ଖାନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ**





NECC NATIONAL EGG CO-ORDINATION COMMITTEE | 03.09.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 52 | 96 | 106 |
| CTC | 52 | 96 | 106 |
| DKL | 52 | 96 | 106 |
| BDK | 52 | 96 | 106 |
| BLS | 52 | 96 | 106 |
| ANG | 49 | 92 | 102 |
| BHM | 50 | 93 | 103 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


# ଆଜି ନୂଆଁଖାଇ



ସୋମବାର ସମ୍ବଲପୁର ସମଲେଶ୍ୱରୀ ପାର୍ଶ୍ୱ ଦେବୀଦେବଙ୍କୁ ପୂଜକମାନେ ସିନ୍ଦୂର ଅର୍ପଣ କରୁଛନ୍ତି।

**ସମ୍ବଲପୁର,୨।୯(ବ୍ୟୁରୋ)**

ମଙ୍ଗଳବାର ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ଏଥିପାଇଁ ପୁରପଲ୍ଲୀ ଉତ୍ସବମୁଖର ହୋଇଛି। ପରମ୍ପରା ଅନୁସାରେ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଏହି ଗଣପର୍ବ ପାଳିତ ହୋଇଥାଏ। ଇଷ୍ଟଦେବୀ ସମଲେଇଙ୍କ ନିକଟରେ ମଙ୍ଗଳବାର ନବାନ୍ନ ଭୋଗ ଲାଗିବ। ଏତଦ୍‌ବ୍ୟତୀତ ପଶ୍ଚିମ ଓଡ଼ିଶା ଅନ୍ତର୍ଗତ ବୌଦ୍ଧ ଜିଲାର ଭୈରବୀ, ନୂଆପଡ଼ା ଜିଲାର ଟାନ୍‌ୱାଟ୍ କଣା ଭଇଁରା, ବରଗଡ଼ ଓ ଝାରସୁଗୁଡ଼ା ଜିଲାର ସମଲେଇ, ସୁନ୍ଦରଗଡ଼ ଜିଲାର ସମଲେଇ ଓ ଶିଖରବାସିନୀ, ବଲାଙ୍ଗୀରର ଇଷ୍ଟଦେବୀ ପାଟଣେଶ୍ୱରୀ, ସୁବର୍ଣ୍ଣପୁରର ସୁରେଶ୍ୱରୀ ପୀଠରେ ମଧ୍ୟ ନୂଆଁଖାଇ ଲାଗି ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏଥିପାଇଁ ଘରଠାରୁ ଦୂରରେ ରହୁଥିବା ଲୋକେ ସୋମବାର ଆସି ପହଞ୍ଚିଛନ୍ତି। ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡ, ଅଟୋରିକ୍ସା ଷ୍ଟାଣ୍ଡ ଓ ରିକ୍ସାଷ୍ଟାଣ୍ଡରେ ଲୋକଙ୍କ ଭିଡ଼ ଲାଗିଥିଲା।

☞ପୃଷ୍ଠା–୪

## ନୂଆଁଖାଇ ଅଭିନନ୍ଦନ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ଆମର ସମସ୍ତ ପାଠିକା ପାଠକ, ଖବରଦାତା, ଏଜେଣ୍ଟ, ବିତରକ,ବିଜ୍ଞାପନଦାତା ଏବଂ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ।

# ଧରାପକାଇଲା ଆଧାର

## ଗରିବଙ୍କ ରାଶନ ଖାଉଥିଲେ ଅଯୋଗ୍ୟ ହିତାଧିକାରୀ

**ଭୁବନେଶ୍ୱର,୨।୯(ବ୍ୟୁରୋ)**

ସରକାରଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଅଯୋଗ୍ୟ ହିତାଧିକାରୀ ଗତ ୪ବର୍ଷ ହେବ ଗରିବଙ୍କ ପାଇଁ ଆସିଥିବା ହଜାର ହଜାର କୁଇଣ୍ଟାଲ ଚାଉଳ, ଗହମ ଲୁଟି ନେଉଥିଲେ। ଗାଡ଼ି ଘୋଡ଼ା, କୋଠାଘର, ଏକର ଏକର ସମ୍ପତ୍ତି, ସରକାରୀ ଚାକିରି ଥିବା ଅଯୋଗ୍ୟ ହିତାଧିକାରୀ ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନା (ଏନ୍‌ଏଫ୍‌ଏସ୍‌ଏ)ରେ ଗରିବଙ୍କ ଖାଦ୍ୟ ସାମଗ୍ରୀ ହଡ଼ପ କରୁଥିଲେ। ତାହା ପୁଣି ଖୋଦ୍ ସରକାରୀ ବାବୁମାନଙ୍କ ଜ୍ଞାତସାରରେ। ରାଶନ କାର୍ଡ ସହ ଆଧାର ସଂଯୋଗ ହେବା ପରେ ଏଭଳି ସାଂଘାତିକ ତଥ୍ୟ ପଦାକୁ ଆସିଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୧୦ ଲକ୍ଷ ୭୯ ହଜାର ଅଯୋଗ୍ୟ ହିତାଧିକାରୀ ଏନ୍‌ଏଫ୍‌ଏସ୍‌ଏରୁ ବାଦ୍

- ଏନ୍‌ଏଫ୍‌ଏସ୍‌ରୁ ବାଦ୍ ପଡ଼ିଲେ ୧୧ ଲକ୍ଷ ଅଯୋଗ୍ୟ ହିତାଧିକାରୀ
- ଏଯାବତ୍ ୯୭ ପ୍ରତିଶତ ଆଧାର ସଂଯୋଗ ହୋଇଛି
- ଲୁଟ୍ ଖାଦ୍ୟ ସାମଗ୍ରୀ ଫେରିବା ଚିନ୍ତା

ପଡ଼ିଛନ୍ତି। ସେଥିରୁ ୮ଲକ୍ଷ ୧୮ ହଜାର ଏନ୍‌ଏଫ୍‌ଏସ୍‌ଏ କାର୍ଡଧାରୀ ଆଧାର ଲିଙ୍କ ପରେ ବାଦ୍ ପଡ଼ିଥିବା ବେଳେ ୨ ଲକ୍ଷ ୬୧ ହଜାର କାର୍ଡଧାରୀଙ୍କ ମୃତ୍ୟୁ ହୋଇସାରିଛି। ତେବେ ଏହି ଅଯୋଗ୍ୟ ଏବଂ ମୃତ ବ୍ୟକ୍ତିଙ୍କ କାର୍ଡରେ ବର୍ଷ ବର୍ଷ ଧରି କିପରି ରାଶନ ଲୁଟି ଚାଲିଥିଲେ ଏବଂ ଏହା ଜାଣି ମଧ୍ୟ କିପରି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

କେଉଁମାନେ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇପାରିବେ ଓ କେଉଁମାନଙ୍କୁ ବାଦ୍ ଦିଆଯିବ ସେ ନେଇ ରାଜ୍ୟ ସରକାର ଗାଇଡ୍ ଲାଇନ୍ ପ୍ରସ୍ତୁତ କରିଛନ୍ତି। ଗାଇଡ୍ ଲାଇନ୍ ଅନୁଯାୟୀ ୬ଟି ମାନଦଣ୍ଡ ଆଧାରରେ ଗରିବ ଲୋକଙ୍କୁ କେନ୍ଦ୍ର ସରକାରଙ୍କ ଏନ୍‌ଏଫ୍‌ଏସ୍‌ଏରେ ସାମିଲ କରାଯାଉଥିବା ବେଳେ ୯ଟି ମାନଦଣ୍ଡ ଆଧାରରେ ସ୍ୱଚ୍ଛଳ ବର୍ଗଙ୍କୁ ଏଥିରୁ ବାଦ୍ ଦିଆଯିବାର ବ୍ୟବସ୍ଥା ରହିଛି। ତେବେ ତଥ୍ୟ ଗୋପନ ରଖି ଲକ୍ଷଲକ୍ଷ ଅସାଧୁ ବ୍ୟକ୍ତି ଏହି ଯୋଜନାରେ ସାମିଲ ହୋଇ ଭରପୂର ଫାଇଦା ଉଠାଇବାରେ ଲାଗିପଡିଛନ୍ତି। ଏ ନେଇ ବିଭିନ୍ନ ମହଲରୁ ଅଭିଯୋଗ ଆସିବା ପରେ ତତ୍କାଳୀନ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ପ୍ରଦୀପ୍ତ ମହାପାତ୍ର ଅଯୋଗ୍ୟ

☞ପୃଷ୍ଠା–୪

**ଚନ୍ଦ୍ରଯାନ-୨ର ଆଉ ଏକ ସଫଳତା**

## ଅର୍ବିଟରରୁ ପୃଥକ୍ ହେଲା ଲ୍ୟାଣ୍ଡର ବିକ୍ରମ



**ଚେନ୍ନାଇ, ୨।୯:** ଚନ୍ଦ୍ରଯାନ–୨ ମିଶନରେ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ)କୁ ମିଳିଛି ଆଉ ଏକ ବଡ଼ ସଫଳତା। ରବିବାର ଚନ୍ଦ୍ରଯାନ–୨ ଶେଷ ତଥା ପଞ୍ଚମ କକ୍ଷପଥରେ ପହଞ୍ଚିବା ପରେ ପୂର୍ବ ସ୍ଥିରୀକୃତ ସମୟ ସୂଚୀ ଅନୁଯାୟୀ ସୋମବାର ଚନ୍ଦ୍ରଯାନ–୨ ଅର୍ବିଟରରୁ ଲ୍ୟାଣ୍ଡର ବିକ୍ରମକୁ ଅଲଗା କରାଯାଇଛି। ଦିନ ୧ଟା ୧୫ ମିନିଟରେ ଏହି ସଫଳତା ହାସଲ କରାଯାଇଥିବା ଇସ୍ରୋ ପକ୍ଷରୁ ଟୁଇଟ୍ କରାଯାଇଛି। ବାହାଘର ସରିବା ପରେ ଯେମିତି ଝିଅକୁ ଶାଶୁଘରକୁ ବିଦା କରାଯାଏ ଠିକ୍ ସେହିଭଳି ଅର୍ବିଟର୍‌ରୁ ଲ୍ୟାଣ୍ଡର୍‌କୁ ଅଲଗା କରି ଚନ୍ଦ୍ରପୃଷ୍ଠକୁ ପଠାଯାଇଛି ବୋଲି ବୈଜ୍ଞାନିକମାନେ କହିଛନ୍ତି। ବାସ୍ତବରେ ଭାରତୀୟ ମହାକାଶ ବିଜ୍ଞାନ ପାଇଁ ସେପ୍ଟେମ୍ବର ୨ ତାରିଖ ଏକ ମହତ୍ତ୍ୱପୂର୍ଣ୍ଣ ଦିନ ହୋଇ ରହିବ। ଲ୍ୟାଣ୍ଡର୍‌କୁ ଏବେ ୧୧୯x୧୨୭ କିଲୋମିଟର ଅର୍ବିଟ୍‌ରେ ରଖାଯାଇଛି। କିନ୍ତୁ ଚନ୍ଦ୍ରଯାନ–୨ ଅର୍ବିଟର

☞ପୃଷ୍ଠା–୪





L&K | SAATCHI & SAATCHI

# ନୂଆଁଖାଇକୁ ଭିନ୍ନ ଢଙ୍ଗରେ ପାଳନ୍ତି ମହିମାଧର୍ମୀ

## ଜୀବଜଗତଙ୍କ ଅନ୍ନପ୍ରାପ୍ତି ପାଇଁ କରନ୍ତି ପ୍ରାର୍ଥନା

ସୋନପୁର,୨।୯(ନି.ପ୍ର.)

ନୂଆଁଖାଇ ପାଇଁ ଚଳଚଞ୍ଚଳ ପଶ୍ଚିମ ଓଡିଶା। କୃଷିଭିତ୍ତିକ ମହାନ ଗଣପର୍ବ ନୂଆଁଖାଇକୁ ଏକତାର ପର୍ବ ବୋଲି କୁହାଯାଏ। ହେଲେ ବିଭିନ୍ନ ଧର୍ମର ଲୋକେ ଭିନ୍ନ ଭିନ୍ନ ଭାବେ ପାଳନ କରନ୍ତି ଏହି ପର୍ବକୁ । ପ୍ରକୃତି ଓ ପୂର୍ବପୁରୁଷଙ୍କୁ ସ୍ମରଣ କରି ମହିମାଧର୍ମୀ ନୂଆଁଖାଇ ପାଳନ କରନ୍ତି ଏକ ଭିନ୍ନ ତଥା ନିଆରା ଢଙ୍ଗରେ। ସୁବର୍ଣ୍ଣପୁର ଜିଲା ଖଲିଆପାଲିଠାରେ ଥିବା ଭୀମଭୋଇଙ୍କ ସିଦ୍ଧି, ସାଧନା ଓ ସମାଧି ପୀଠରେ ମହାସମାରୋହରେ ପାଳନ କରାଯାଏ ଏହି ପର୍ବ। ଜିଲା ତଥା ଜିଲା ବାହାରୁ ଅନେକ ମହିମା ସାଧୁ ସନ୍ୟାସୀ ଯୋଗ ଦିଅନ୍ତି ଏହି ପୀଠରେ। ନିର୍ଦ୍ଧାରିତ ଲଗ୍ନରେ ସମାଧି ପୀଠର ରୀତିନୀତି ଅନୁଯାୟୀ ନବାନ୍ନ ପ୍ରସ୍ତୁତ କରାଯାଏ। ଶୂନ୍ୟବ୍ରହ୍ମଙ୍କ ପାଖରେ ବର୍ଷର ପହିଲି ଧାନକୁ ପଞ୍ଚାମୃତରେ ମିଶାଇ ନୂଆ ହାଣ୍ଡିରେ ଅଣାଯାଇଥାଏ ସମାଧି ପୀଠକୁ। ଅଲେଖ ମହିମା ଶୂନ୍ୟବ୍ରହ୍ମଙ୍କୁ ସ୍ମରଣ କରି ନବାନ୍ନ ଅର୍ପଣ କରାଯାଏ ବିଶ୍ୱ ନିୟନ୍ତାଙ୍କ ପାଖରେ। ବିଶ୍ୱର ଜୀବଜଗତଙ୍କ ଅନ୍ନପ୍ରାପ୍ତି ପାଇଁ ସମବେତ ମହିମାଧର୍ମୀ ପ୍ରାର୍ଥନା କରନ୍ତି। ପରେ କୁରେଇ ପତ୍ରରେ ସାମୂହିକ ନବାନ୍ନ ଭକ୍ଷଣ କରାଯାଏ । ନୂଆଁଖାଇ ସାରିଲା ପରେ ସମସ୍ତେ ଏକତ୍ରିତ ହୋଇ ସ୍ଥାନୀୟ ଭଜନ ମଣ୍ଡପରେ ମହିମା ଗୋସାଇଁଙ୍କ ଭଜନ ଗାନ କରନ୍ତି । ପୀଠର ବାବା ସନ୍ୟାସୀ ଦାସ କୁହନ୍ତି ଏହି ପର୍ବରେ ସମସ୍ତେ ବର୍ଷର ପହିଲି ଶସ୍ୟକୁ ନିଜର ଇଷ୍ଟ ଦେବାଦେବୀଙ୍କ ପାଖରେ ଅର୍ପଣ କରିଥାନ୍ତି । ହେଲେ ମହିମାଧର୍ମୀମାନେ ଶୂନ୍ୟବ୍ରହ୍ମଙ୍କୁ ପଞ୍ଚାମୃତ ଅର୍ପଣ କରି ସାରା ବିଶ୍ୱର ମଙ୍ଗଳ କାମନା ପାଇଁ ପ୍ରାର୍ଥନା କରନ୍ତି। ମହିମାଧର୍ମୀଙ୍କ ନୂଆଁଖାଇ ପର୍ବପାଳନ ପରମ୍ପରାରେ ଭୀମଭୋଇଙ୍କ ରଚିତ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ, ପଂକ୍ତିଟି ପର୍ବ ପାଳନରେ ପ୍ରତିଫଳନ ହୋଇଥାଏ ।



ନୂଆଁଖାଇ ଅବସରରେ ମହିମାଧର୍ମୀମାନେ ଶୂନ୍ୟବ୍ରହ୍ମଙ୍କୁ ନବାନ୍ନ ଅର୍ପଣ କରୁଛନ୍ତି ।

# ପୂର୍ବତନ ବିଧାୟକ ଉଦିତ୍ ପ୍ରତାପ ଦେଓଙ୍କ ପରଲୋକ



ମ.ରାମପୁର,୨।୯(ଡି.ଏନ.ଏ.)

କଳାହାଣ୍ଡି ରାଜ ପରିବାରର ୩୨ତମ ରାଜା ତଥା ଜୁନାଗଡ଼ର ପୂର୍ବତନ ବିଧାୟକ ଉଦିତ୍ ପ୍ରତାପ ଦେଓଙ୍କ ସୋମବାର ଭୁବନେଶ୍ୱରସ୍ଥିତ ଏକ ଡାକ୍ତରଖାନାରେ ପରଲୋକ ଘଟିଛି । ୨୧ ଅଗଷ୍ଟ ୧୯୪୮ରେ ଜନ୍ମିତ ଉଦିତ ପ୍ରତାପ ଜୁନାଗଡ ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇ ୧୯୭୧ରୁ ୧୯୭୭ ଯାଏ ବିଧାୟକ ଥିଲେ । ପଦ୍ମମଞ୍ଜରୀ ଦେବୀଙ୍କ ସହିତ ତାଙ୍କର ବିବାହ ହୋଇଥିଲା । ତାଙ୍କର ଗୋଟିଏ ପୁଅ ଓ ଗୋଟିଏ କନ୍ୟା ଅଛନ୍ତି । ପୂର୍ବତନ ମହାରାଜ ପ୍ରତାପ କିଶୋର ଦେଓଙ୍କ ଜ୍ୟେଷ୍ଠପୁଅ ଉଦିତ ପ୍ରତାପଙ୍କ ବିୟୋଗରେ ଜିଲାରେ ଶୋକର ଛାୟା ଖେଳିଯାଇଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନ ସମ୍ମାନ ଡିଗ୍ରୀ ପରେ ସେ ରାଜନୀତିକୁ ଆସିଥିଲେ । ଉଦିତ୍ ରାଜ୍ୟ ରାଜନୀତିରେ ୭୦ ଦଶକରେ ସକ୍ରିୟ ଥିଲେ। ପରେ ସେ ସମାଜସେବା କରି ଆସୁଥିଲେ ।















See Career Appointment on every Wednesday & Saturday




ଧାନ..ଧାନ..ଧାନ...
ଧାନ..ଧାନ..ଧାନ...
ଧାନ ବୋଲି ଯାହାକୁ କହି ...
ଧାନ ତ ନୁହଁ ସେ ଯେ ଅମୃତ ମଣୋହୀ...
ଥୋକେ ଦେବତା ପ୍ରଶାଂସା ଭଣନ୍ତି ...
ଅମୃତ ବୀଜ ଏହି ...
ଆସିଛି ମାଟି ମଞ୍ଚେ ଦେହ ବହି ।

# ଅମୃତ ବୀଜ

ରିପୋର୍ଟ - ଆଦିତେଶ୍ୱର ମିଶ୍ର



ଧାନକୁ ଲୋକୋକ୍ତିରେ ଅମୃତ ବୀଜ ଭାବେ ବର୍ଣ୍ଣନା କରାଯାଇଛି । ଅନ୍ନ ହିଁ ବ୍ରହ୍ମ ଓ ସକଳ ଶକ୍ତିର ଆଧାର ।

ପୃଥିବୀର ଅନେକାଂଶରେ ପ୍ରଥମ ଶସ୍ୟକୁ ପିତୃପୁରୁଷ ଓ ଅଦୃଷ୍ଟକୁ ସମର୍ପଣ କଲା ପରେ ମଣିଷ ଗ୍ରହଣ କରିବା ବିଧି ପ୍ରାଚୀନ କାଳରୁ ଚଳି ଆସୁଛି । ପଶ୍ଚିମ ଓଡ଼ିଶାରେ କେବଳ ଯେ ଧାନକୁ ନେଇ ନୁହଁ ଶିମ୍ବ , ଚାର, ଆମ୍ବ ଓ ମହୁଲକୁ ନେଇ ନୂଆଁ ଲଗାଇବାର ପରମ୍ପରା ଏଯାବତ୍ ଗାଁମାନଙ୍କରେ ରହି ଆସିଛି । ଗାଁର ଦେବଦେବୀଙ୍କୁ ଏହା ଅର୍ପଣ କରିବା ବିଧିକୁ 'ଗୁଁଡି' ଲଗା କୁହାଯାଉଛି । ଗାଁର ଦେବଦେବୀ ଓ ପିତୃପୁରୁଷଙ୍କୁ ବର୍ଷର ପ୍ରଥମ ଶସ୍ୟ ଭାବେ ନୂଆଁଧାନକୁ ଅର୍ପଣ କରାଯାଉଥିବା ବିଧିକୁ ନୂଆଁଖାଇ କୁହା ହୋଇ ଆସୁଛି । ଏହି ନୂଆଁଖାଇ ପାଳନ ବେଳେ ନୂଆଧାନକୁ ନେଇ ଚୂରାକୁଁଡା ପ୍ରସ୍ତୁତି କରିବା ପରେ ତାକୁ ଭୋଗ ଭାବେ ଦେବଦେବୀ ଓ ପିତୃପୁରୁଷଙ୍କଠାରେ ଅର୍ପଣ କରିବା ପରମ୍ପରା ବଜାୟ ରହିଛି ।

**ଚୂରାକୁଁଡା' ପ୍ରସ୍ତୁତି :** ନୂଆଧାନକୁ ପରିବାରର କେହି ଜଣେ ନୂଆଁଖାଇ ଦିନ କିମ୍ବା ତାର ଦିନେ ଅଧେ ଆଗରୁ ଖେତରୁ ଆଣିଥାନ୍ତି । ସହରାଞ୍ଚଳରେ ବଜାରରୁ ମଧ୍ୟ ଏହା କିଣି ଘରକୁ ନେଇଥାନ୍ତି । ସ୍ନାନ ଶୌଚ ହୋଇ ଏହି ଧାନକୁ ପରିବାରର ମହିଳାମାନେ କଡେଇରେ ଭାଜିଥାନ୍ତି । ତା'ପରେ ସେହି ଭଜା ଧାନକୁ ଶିଳରେ ପାଣି ନ ଦେଇ ଶିଳପୁଆ ମଡେଇ ଗୁଣ୍ଡ କରିଥାନ୍ତି । ତା'ପରେ ଏହି ଗୁଣ୍ଡକୁ ନୂଆ କୁଲାରେ ପାଛୋଡି ଥାଆନ୍ତି । ପାଛୋଡା ଚୂରାକୁଁଡାରେ ଗୁଆଘିଅ, କ୍ଷୀର, ଗୁଡ ଓ ମହୁ ଦେଇ ଗୋଳାଇବା ପରେ ଭୋଗ ପ୍ରସ୍ତୁତ ହୋଇଥାଏ । ଏହି ଭୋଗକୁ ଚୂରାକୁଁଡା କହିଥାନ୍ତି । ପ୍ରାୟତଃ ଏଭଳି ଭାବେ ଚୂରାକୁଁଡା ପ୍ରସ୍ତୁତି ହେଉଥିବା ବେଳେ ବିଭିନ୍ନ ଗୋଷ୍ଠୀ ଓ ବର୍ଗର ଲୋକମାନେ ବିଭିନ୍ନ ପତ୍ରରେ ଏହି ଚୂରାକୁଁଡାକୁ ନିଜ ଘରର ଇଷ୍ଟଦେବୀ , ପିତୃପୁରୁଷଙ୍କୁ ଅର୍ପଣ କରିବା ପରେ ଖେତରେ ମାଟିମାତଙ୍କୁ ଚୂରାକୁଁଡା ଭୋଗ ଦେଇଥାନ୍ତି । କୃଷି ଭିତ୍ତିକ ଗଣପର୍ବର ଏହି ପରମ୍ପରା ଅରଣ୍ୟ ସଂସ୍କୃତି ସହ ମୃତ୍ତିକାର ଉର୍ଜସ୍ୱଳ ସମ୍ପର୍କକୁ ସୂଚିତ କରେ ।

**ପାହୁର ଭୋଗରେ ନୂଆଧାନ :** କେତେକ ଗଡଜାତ ଅଞ୍ଚଳରେ ପାହୁର ଭୋଗର ପରମ୍ପରା ରହିଛି । ଯେଉଁଠି ନୂଆଧାନ ବ୍ୟବହାର ରହିଛି । ଏ ସମ୍ପର୍କରେ ସଂସ୍କୃତି ଗବେଷକ ବେଣୁଧର ପ୍ରଧାନ କୁହନ୍ତି, କାହିଁ କେତେ ଦିନରୁ ସୁବର୍ଣ୍ଣପୁରଠାରେ ପାହୁର ଭୋଗର ଏକ ନିଆରା ପରମ୍ପରା ରହିଛି । ପୂର୍ବ ନିର୍ଦ୍ଧାରିତ ଲଗ୍ନରେ ସମଲାଇ ଗୁଡିରୁ ସ୍ୱତନ୍ତ୍ର ପାହୁର ଭୋଗ ସହରର ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀଙ୍କ ସହ ଅନ୍ୟ ଦେବଦେବୀଙ୍କ ପାଖକୁ ଯାଇଥାଏ । ଏହି ପାହୁର ଭୋଗ ହାଣ୍ଡିରେ ନୂଆଁଖାଇର ଭୋଗ ପାଇଁ ଡାଲି , ଚାଉଳ, ଘିଅ ଆଦି ( ଭୋଗଖଂଜା) ସହ ନୂଆଧାନ ଦିଆଯାଇଥାଏ । ଏହି ପାହୁର ଭୋଗ ଅଧିଷ୍ଠାତ୍ରୀ ଦେବୀଙ୍କ ପାଶେ ଲାଗିବା ପରେ ଗୋଟେ ବାଣ ବା ଫଟକରା ଫୁଟିଥାଏ । ଯେଉଁଠୁ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର ପଂଚରା ଅଞ୍ଚଳର ଲୋକମାନେ ନିଜ ନିଜର ଦେବଦେବୀଙ୍କ ପାଖେ ନୂଆଁ ଲଗାଇଥାନ୍ତି । ଗାଁମାନଙ୍କରେ ଝାଙ୍କର ( ଦେବୀପୀଠର ପୂଜକ)ନୂଆଁଖାଇ ଦିନ ପୂର୍ବରୁ ଗାଁର ଦେବୀପୀଠରେ ନୂଆଁ ଲଗାଇଥାନ୍ତି । ବିଭିନ୍ନ ଗାଁ ଓ ଗୋଷ୍ଠୀ ଅନୁଯାୟୀ ଏନେଇ ନିର୍ଦ୍ଦିଷ୍ଟ ପରମ୍ପରା ପାଳିତ ହୋଇ ଆସୁଛି । କେତେକ ମତ୍ସ୍ୟଜୀବୀ ସମ୍ପୂର୍ଣ୍ଣ ନୂଆ ଧାନରେ ଖିରିପିଠା ଓ ଭୋଗ ପ୍ରସ୍ତୁତ କରି ତାଙ୍କ ଦେବଦେବୀଙ୍କୁ ଦେଇଥାନ୍ତି । ଏହି ଭୋଗର ପ୍ରସ୍ତୁତି ପାଇଁ ପରିବାର ମହିଳା ନଈ କି ପୋଖରୀରୁ ପାଣିକୁ ରାତିରେ ଲୁଚାଇ ଆଣିଥାନ୍ତି ।

**ଶେଷ କଥା :** ଏ ହଳ ତ ଧରିଗଲି ଅଭୟ ପଂଜରକୁ .. /ଅଂଚା ତ ଟେକି ଦେଲି ହରି ଶବଦକୁ / ବିହନ ବୁଣିଲି ନବରତ୍ନ ମଂଜି / ହେତୁ ପାଇ ବୃଚ୍ଛ ହୋ' ଉଠିଲା / ଫଳିଲା ଗାଁନ ମଂଜି ହୋ..

ଧାନର ମାହାତ୍ମ୍ୟ ବର୍ଣ୍ଣନା କରିବାରେ ଲୋକୋକ୍ତି ଆମ ସମୟର କଳ୍ପନାଠୁ ବହୁତ ଆଗରେ ଅଛି । ଧାନ ସହ ଜୀବନ ଏତେ ଅଙ୍ଗାଙ୍ଗୀଭାବେ ଜଡିତ ଯେ ଏହି ଧାନ ଜୀବନ ପରବର୍ତ୍ତୀ ଜୀବନର କଥା ବି କହିଛି ।
































ଯେତେବେଳେ ତୁମ ଉପରେ ବିପଦ ଲଦି ହୋଇପଡୁଛି, ସେତେବେଳେ ବିଚାରି ନିଅ ଯେ ଭଗବାନ ତୁମର ମଙ୍ଗଳ ପାଇଁ ଏଭଳି କରୁଛନ୍ତି। ତା'ହେଲେ ତୁମେ ଭାଙ୍ଗିପଡ଼ିବ ନାହିଁ।
- ଏଡ୍‌ୱିନ୍ ହବେଲ ଚାପିନ୍

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆରିୟନ୍
ପରିବାରବର୍ଗ


ଆୟୁଷ୍ମାନ
ପରିବାରବର୍ଗ


ଚିଦାନନ୍ଦ
ପରିବାରବର୍ଗ


ରୁଦ୍ର
ପରିବାରବର୍ଗ


ସାନଭି
ପରିବାରବର୍ଗ


ଯସୋଧନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### କିଛି ତଥ୍ୟ

ଜୁଲାଇ ମାସରେ ଭାରତୀୟ କମ୍ପାନୀଗୁଡିକର ବିଦେଶ ବଜାରରୁ ଋଣ ଦୁଇଗୁଣ ବଢି ୪.୯୮ ବିଲିୟନ ଡଲାର ରହିଛି। ଗତ ବର୍ଷ ସମାନ ସମୟରେ ଏହା ୨.୧୮ ବିଲିୟନ ଡଲାର ଥିଲା।
– ରିଜର୍ଭ ବ୍ୟାଙ୍କ

# ୨ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷିବ

## ଆଜି ୬ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୨।୯(ବ୍ୟୁରୋ)

ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ରବିବାର ରାତିରୁ ସୋମବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ସୁନ୍ଦରଗଡ଼ରେ ସର୍ବାଧିକ ୭୪ମିମି ବର୍ଷା ହୋଇଥିବା ବେଳେ ସୋନପୁର ୫୫, କୋରାପୁଟ ୪୫.୮, ଦାରିଙ୍ଗବାଡ଼ିରେ ୪୨ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତେବେ ସୋମବାର ସୁଦ୍ଧା ସାଢ଼େ ୫ଟା ମଧ୍ୟରେ କୋରାପୁଟରେ ସର୍ବାଧିକ ୨୨ମିଲିମିଟର ବର୍ଷା ହୋଇଥିବା ବେଳେ କେନ୍ଦୁଝରର ୧୩.୧, ମାଲକାନଗିରି ୭.୬, ଚାନ୍ଦବାଲି ୪.୯, ବାଲେଶ୍ୱର ୩.୧, ପାରାଦୀପ ୨.୩, ଭବାନିପାଟଣା ଓ ଟିଟଲାଗଡ଼ରେ ୨ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହାଛଡ଼ା ସୋମବାର କଳାହାଣ୍ଡି, କନ୍ଧମାଳ, ପୁରୀ, ନବରଙ୍ଗପୁର, ରାୟଗଡ଼ା, ଜଗତସିଂହପୁର, କଟକ, ସମ୍ବଲପୁର, ବରଗଡ଼, ଦେବଗଡ଼, ଢେଙ୍କାନାଳ, ଯାଜପୁର, ମୟୂରଭଞ୍ଜ, ବୌଦ୍ଧ, ଗଞ୍ଜାମ ଆଦି ଜିଲାର କିଛି ସ୍ଥାନରେ ମଧ୍ୟ ବର୍ଷା ହୋଇଥିବା ସୂଚନା ରହିଛି। ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ। ଏହାପରେ ୬ରୁ ପୁଣି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ମଙ୍ଗଳବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ବରଗଡ଼, ସମ୍ବଲପୁର ଓ ନୂଆପଡ଼ା ଆଦି ୬ଟି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହାଛଡ଼ା ଢେଙ୍କାନାଳ, ମୟୂରଭଞ୍ଜ, ଦେବଗଡ଼, ସୋନପୁର, ବଲାଙ୍ଗୀର, କୋରାପୁଟ, ନବରଙ୍ଗପୁର, ଗଜପତି ଆଦି ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବୁଧବାର କଟକ, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୋନପୁର, ସୁନ୍ଦରଗଡ଼, କେନ୍ଦୁଝର, ବଲାଙ୍ଗୀର ଆଦି ୮ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ତେବେ ୫ତାରିଖ ଦିନ ବର୍ଷା ହେବାର କୌଣସି ସୂଚନା ମିଳିନାହିଁ। ୬ତାରିଖ ଦିନ ବଲାଙ୍ଗୀର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, କୋରାପୁଟ, ଜଗତସିଂହପୁର, କେନ୍ଦ୍ରାପଡ଼ା ଆଦି ୮ଜିଲାକୁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି। ଉକ୍ତ ଦିନ ଏହି ସମସ୍ତ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି।

### ଆରଟିଆଇରେ ମଗାଯାଇଥିଲା ବିମୁଦ୍ରୀକରଣ ସମ୍ପର୍କିତ ତଥ୍ୟ

# ଭାରତୀୟ ଅର୍ଥନୀତିର ସ୍ୱାର୍ଥ ପାଇଁ ପ୍ରଘଟ କରାଯିବନି କହିଲା ଅର୍ଥ ବିଭାଗ

ବଲାଙ୍ଗୀର ଅଫିସ, ୨।୯

ଭାରତୀୟ ଅର୍ଥନୀତିର ସ୍ୱାର୍ଥରକ୍ଷା ପାଇଁ ବିମୁଦ୍ରୀକରଣ ସମ୍ପର୍କୀୟ କୌଣସି ତଥ୍ୟକୁ ସାର୍ବଜନୀନ କରାଯିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ଅର୍ଥବିଭାଗ ଅଧୀନସ୍ଥ ଅର୍ଥନୈତିକ ବ୍ୟାପାର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିମୁଦ୍ରୀକରଣ ସମ୍ପର୍କୀୟ ତଥ୍ୟ ପ୍ରଘଟ ହେଲେ ଏହା ଅପବ୍ୟବହାର ହେବାର ସମ୍ଭାବନା ରହିଛି। ଏହାଦ୍ୱାରା ଭାରତୀୟ ଅର୍ଥନୀତିର ସ୍ୱାର୍ଥରକ୍ଷା ହେବ ନାହିଁ ବୋଲି ଗତ ୨୨ ଅଗଷ୍ଟ ଦିନ କେନ୍ଦ୍ରୀୟ ସୂଚନା କମିଶନ ପ୍ରଦାନ କରିଥିବା ଆଦେଶର ଉତ୍ତରରେ ଅର୍ଥବିଭାଗ ବଲାଙ୍ଗୀର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ଜଣାଇଥିବା ଜଣାପଡିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଭାରତୀୟ ରିଜର୍ଭ ବ୍ୟାଙ୍କ ଓ କେନ୍ଦ୍ର ଅର୍ଥ ବିଭାଗ ମଧ୍ୟରେ ବିମୁଦ୍ରୀକରଣ ସମ୍ପର୍କରେ ଆଦାନ ପ୍ରଦାନ ହୋଇଥିବା ସମସ୍ତ ଚିଠିପତ୍ରର ନକଲ ସହିତ ବିମୁଦ୍ରୀକରଣଜନିତ ଅସୁବିଧାକୁ ସମ୍ମୁଖୀନ ହେବା ପାଇଁ ନୂତନ ମୁଦ୍ରାର ପ୍ରଚଳନ କରିବାକୁ ନିଆଯାଇଥିବା ପଦେକ୍ଷପ ସମ୍ପର୍କରେ ସୂଚନା କର୍ମୀ ପଣ୍ଡା ଗତ ୩୦ ନଭେମ୍ବର ୨୦୧୬ରେ କେନ୍ଦ୍ର ଅର୍ଥ ବିଭାଗକୁ ତଥ୍ୟ ମାଗିଥିଲେ । ହେଲେ ଅର୍ଥ ବିଭାଗ କୌଣସି ତଥ୍ୟ ପ୍ରଦାନ ନ କରିବା ଯୋଗୁ ପଣ୍ଡା ସୂଚନା ଅଧିକାର ଆଇନ(ଆରଟିଆଇ)ର ପ୍ରକ୍ରିୟାନୁସାରେ କେନ୍ଦ୍ର ସୂଚନା ଆୟୋଗଙ୍କୁ ଆବେଦନ କରିଥିଲେ । କେନ୍ଦ୍ର ସୂଚନା ଆୟୋଗ ପଣ୍ଡାଙ୍କ ଆବେଦନର ଶୁଣାଣି କରି ସୂଚନା ଅଧିକାର ଆଇନ ଅନୁଯାୟୀ ତଥ୍ୟ ପ୍ରଦାନ କରିବାକୁ ଅର୍ଥ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ମଧ୍ୟ ଅର୍ଥବିଭାଗ ଏ ସମ୍ପର୍କରେ ତଥ୍ୟ ଦେବା ପାଇଁ ମନା କରି ପଣ୍ଡାଙ୍କୁ ଜଣାଇବା ସହ କେନ୍ଦ୍ର ସୂଚନା ଆୟୋଗକୁ ମଧ୍ୟ ଜଣାଇଛନ୍ତି । ବର୍ତ୍ତମାନ ଦେଶର ଅର୍ଥନୀତିରେ ଦେଖାଦେଇଥିବା ମନ୍ଥରତା ପାଇଁ ଅର୍ଥନୀତଜ୍ଞମାନେ ବିମୁଦ୍ରୀକରଣ ପାଇଁ ନିଆଯାଇଥିବା ନିଷ୍ପତ୍ତିକୁ ଏକ ମୁଖ୍ୟ କାରଣ ବୋଲି ମତପ୍ରକାଶ କରୁଛନ୍ତି। ଏହି ପରିସ୍ଥିତିରେ କେନ୍ଦ୍ର ସରକାର ବିମୁଦ୍ରୀକରଣ ପାଇଁ ଗ୍ରହଣ କରାଯାଇଥିବା ପ୍ରସ୍ତୁତି, ପଦକ୍ଷେପ ଓ ଏହାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ତଥ୍ୟ ସାର୍ବଜନୀନ ନ କରିବା ପାଇଁ ନେଇଥିବା ନିଷ୍ପତ୍ତି ଦୁର୍ଭାଗ୍ୟଜନକ ବୋଲି ସୂଚନା କର୍ମୀ ପଣ୍ଡା କହିଛନ୍ତି ।

ପ୍ରଥମ ପୃଷ୍ଠାରୁ...

## ଧରାପକାଇଲା ଆଧାର...

ହିତାଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଧରପଗଡ଼ ମଧ ଜୋରଦାର ହୋଇଥିଲା। କେତେକ ଅଯୋଗ୍ୟ ବ୍ୟକ୍ତିଙ୍କ ନାମରେ ଫୌଜଦାରି ମାମଲା ରୁଜୁ ହୋଇଥିଲା। ବେଆଇନ ଭାବେ ନେଇଥିବା ଖାଦ୍ୟ ଶସ୍ୟ ବାବଦରେ ବଜାର ଦର ଅର୍ଥ ପଇଠ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏପରି କି ଗଞ୍ଜାମ ଜିଲାର ୯ଜଣ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବିତ କରାଯିବା ସହ ସେମାନଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରାଯାଇଥିଲା। ତନାଘନା ଯୋଗୁ ଲକ୍ଷଲକ୍ଷ ସଂଖ୍ୟାରେ ବେଆଇନ ରାଶନ କାର୍ଡଧାରୀ ଭୟରେ ଫେରାଇ ଦେଇଥିଲେ। ଖାଦ୍ୟ ଶସ୍ୟ ବାବଦରେ ବେଆଇନ ରାଶନ କାର୍ଡଧାରୀଙ୍କ ଠାରୁ ୪୨ କୋଟି ୧୩ ଲକ୍ଷ ୯୦ ହଜାର ଟଙ୍କା ଜରିମାନା ଆକାରରେ ଆଦାୟ କରାଯାଇଥିଲା। ଏହାକୁ ନେଇ ବିରୋଧୀ ଦଳ କଂଗ୍ରେସ ଓ ଭାଜପା ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଏଥିଯୋଗୁ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ଶକ୍ତ ଝଟ୍‌କା ମଧ ଲାଗିଥିଲା। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଅଧିକାଂଶ ପଞ୍ଚାୟତରେ ବିଜେଡିକୁ ପରାଜୟର ମୁହଁ ଦେଖିବାକୁ ପଡିଥିଲା। କାଳେ ୨୦୧୯ ସାଧାରଣ ନିର୍ବାଚନରେ ଏହାର ପ୍ରଭାବ ପଡ଼ିବ ଏଥିପାଇଁ ଗୋଇନ୍ଦା ସୂଚନା ଆଧାରରେ ରାଜ୍ୟ ସରକାର ବେଆଇନ ହିତାଧିକାରୀଙ୍କଠାରୁ ଆଦାୟ କରିଥିବା ଜରିମାନା ରାଶି ଫେରାଇବା ସହ ମକଦ୍ଦମା ଉଠାଇ ଦେଇଥିଲେ। ଆଦାୟ ହୋଇଥିବା ରାଶିରୁ ୩୬ କୋଟି ୨୭ ଲକ୍ଷ ୫୫ ହଜାର ୭୮୫ ଟଙ୍କା ସରକାର ବେଆଇନ ରାଶନକାର୍ଡଧାରୀଙ୍କୁ ଫେରାଇ ଦେଇଥିଲେ। ଏହାର ସୁଯୋଗ ନେଇ ପୁଣି ବେଆଇନ ଏବଂ ଅସାଧୁ ଲୋକମାନେ ଏନ୍‌ଏଫ୍‌ଏସ୍‌ଏ କାର୍ଡ ହାତେଇବାରେ ସଫଳ ହୋଇଥିଲେ। କେନ୍ଦ୍ର ସରକାର ଯୋଗାଉଥିବା ଗରିବଙ୍କ ଖାଦ୍ୟ ସାମଗ୍ରୀ ଲୁଟ୍ କରିଚାଲିଲେ। ରାଜ୍ୟ ସରକାର ଏସବୁ ଜାଣି ମଧ ଦେଖି ନ ଦେଖିଲା ପରି ଚୁପ୍ ରହିଲେ। ତେବେ ଆଧାର କାର୍ଡକୁ ରାଶନ କାର୍ଡ ସହ ଶତପ୍ରତିଶତ ସଂଯୋଗ କରିବାକୁ କେନ୍ଦ୍ର ସରକାର ରାଜ୍ୟକୁ ନିର୍ଦ୍ଦେଶ ଦେଲେ। ଆଧାର ସଂଯୋଗ ନ ହେଲେ ରାଶନ ଯୋଗାଇ ଦିଆଯିବ ନାହିଁ ବୋଲି ପରୋକ୍ଷ ଚେତାବନୀ ଦେଲେ। ଏଭଳି ନିର୍ଦ୍ଦେଶ ପରେ ରାଜ୍ୟରେ ଏ ପର୍ଯ୍ୟନ୍ତ ୯୭ ପ୍ରତିଶତ ପରିବାରଙ୍କୁ ଆଧାର ସହ ସଂଯୋଗ କରାଯାଇଛି। ଆଧାର ସଂଯୋଗ ହେବା ପରେ ଚୋରି ଛୁପି ରାଶନ ଲୁଟ୍ କରୁଥିବା କଳାକାରନାମାର ଫର୍ଦ୍ଦାଫାଶ ହୋଇଛି। ଏନ୍‌ଏଫ୍‌ଏସ୍‌ରୁ ବାଦ୍ ପଡିଥିବା ୧୧ ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କ ସ୍ଥାନରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ କେବଳ ଚାଉଳ ପାଉଥିବା ସମ ପରିମାଣ ଲୋକଙ୍କୁ ସାମିଲ କରାଯାଇଛି। ରାଜ୍ୟ ସରକାର ୩ କୋଟି ୨୫ ଲକ୍ଷ ଲୋକଙ୍କୁ ରାଶନ ଯୋଗାଇ ଦେଉଥିଲେ। ସେଥିରୁ ୧୧ଲକ୍ଷ ବାଦ୍ ପଡ଼ିବା ଯୋଗୁ କାଳେ କୋଟା କମିଯିବ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ଏନ୍‌ଏଫ୍‌ଏସ୍‌ରେ ସାମିଲ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ଏନ୍‌ଏଫ୍‌ଏସ୍‌ରୁ ବାଦ୍ ପଡିଥିବା ୨୫ଲକ୍ଷ ଲୋକଙ୍କୁ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ ଯୋଗାଇ ଦେଉଥିଲେ। ସେଥିରୁ ୧୧ଲକ୍ଷ ଲୋକଙ୍କୁ ବାଦ୍ ଦିଆଯାଇଛି। ତେବେ ୧୦୦ ପ୍ରତିଶତ ଆଧାର ଲିଙ୍କ ହେବା ପରେ ଆହୁରି ଅଯୋଗ୍ୟ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିବେ ବୋଲି ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି। ତେବେ ଯେଉଁ ଅଯୋଗ୍ୟ ହିତାଧିକାରୀ ଖାଦ୍ୟ ସାମଗ୍ରୀ ଲୁଟୁଥିଲେ ସେମାନଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ନେବେ ନା ଭୋଟ ଭୟରେ ଏହାକୁ ଅଣଦେଖା କରିବେ ଏ ନେଇ ବିରୋଧୀ ଦଳ ପ୍ରଶ୍ନ ଉଠାଇଛନ୍ତି।

## ଅର୍ବିଟରରୁ ପୃଥକ୍ ...

ଏବେ ସେହି ୫ମ କକ୍ଷରେ ପ୍ରଦକ୍ଷିଣ କରିବ। ଚନ୍ଦ୍ରୟାନ-୨ ଅର୍ବିଟର ଓ ଲ୍ୟାଣ୍ଡର ଭଲ ଅବସ୍ଥାରେ ରହିଛନ୍ତି ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଇସ୍ରୋ ଟେଲିମେଟ୍ରିରେ ଥିବା ମିଶନ ଅପରେଶନ କମ୍ପ୍ଲେକ୍ସ(ଏମ୍‌ଓସି)ଓ ବେଙ୍ଗାଲୁରୁର ଟ୍ରାକିଂ ଆଣ୍ଡ୍ କମାଣ୍ଡ ନେଟ୍‌ୱର୍କ ବାୟଲାଲୁରେ ଥିବା ଇଣ୍ଡିଆନ୍ ଡିପ୍ ସ୍ପେସ ନେଟ୍‌ୱର୍କ ସହାୟତାରେ ଅର୍ବିଟର ଓ ଲ୍ୟାଣ୍ଡର କିଭଳି ତ୍ରୁଟିଶୂନ୍ୟ ରହିବ ତାହା ଉପରେ ଲଗାତର ନଜର ରଖାଯାଇଛି। ଲ୍ୟାଣ୍ଡର ବିକ୍ରମ ଅଲଗା ହେବା ପରେ ସେପ୍ଟେମ୍ବର ୩ ଓ ୪ ତାରିଖରେ ଦୁଇଟି ଡି- ଅର୍ବିଟାଲ ଅପରେଶନ କରାଯିବ । ଏହାପରେ ଲ୍ୟାଣ୍ଡର ଚନ୍ଦ୍ର ଚାରିପାଖରେ ୩୬x୧୧୦ କିଲୋମିଟର କକ୍ଷରେ ପ୍ରଦକ୍ଷିଣ କରିବ । ସେପ୍ଟେମ୍ବର ୭ତାରିଖ ରାତି ୧ଟା୩୦ରୁ ୨ଟା୩୦ ମଧ୍ୟରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଏହା ଅବତରଣ କରିବାର ସମୟ ଧାର୍ଯ୍ୟ କରାଯାଇଛି। ଏହି ସମୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଚନ୍ଦ୍ରପୃଷ୍ଠକୁ ସ୍ପର୍ଶ କରିବା ପରେ ଲ୍ୟାଣ୍ଡର୍‌ରୁ ରୋଭର ପ୍ରଜ୍ଞା ଅଲଗା ହୋଇ ଏହାର ଗବେଷଣା ଆରମ୍ଭ କରିଦେବ। ତେବେ ଉକ୍ତ ଲୁନାର ମିଶନ୍ ଆନ୍ତର୍ଜାତିକ ମହାକାଶ ବିଜ୍ଞାନ କ୍ଷେତ୍ରରେ ଭାରତର ବିକାଶ ଫର୍ଦ୍ଦକୁ ଯୋଡିଦେବ ବୋଲି ଆଶା କରାଯାଏ। ସେପ୍ଟେମ୍ବର ୭ରେ ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବା ଲାଗି ଅବଗଣନା ଆରମ୍ଭ ହୋଇଯାଇଛି।

## ଆଜି ...

ଝାଡୁଆପଡ଼ା ବଡ଼ଦୁଆରସ୍ଥିତ ଆରଣ୍ୟକ ମଞ୍ଚ, ନନ୍ଦପଡ଼ା ବାଲୁଙ୍କେଶ୍ୱର କଲ୍ୟାଣ ମଣ୍ଡପସ୍ଥିତ ଚିତ୍ରୋତ୍ପଳା ମଞ୍ଚ, ବଡ଼ବଜାର ସମଲେଶ୍ୱରୀ ମଣ୍ଡପକୁ ନୂଆଁଖାଇ ଭେଟଘାଟ ଲାଗି ସଜ୍ଜିତ କରାଯାଇଛି। ସୁସଜ୍ଜିତ ମଞ୍ଚରେ କଳାକାରମାନେ ଅଭ୍ୟାସ ଶେଷ କରିଛନ୍ତି। ସକାଳୁ ରାତି ପର୍ଯ୍ୟନ୍ତ ସମ୍ବଲପୁର ଗୋଲବଜାର, ମୁଦିପଡ଼ା ଛକ ନିକଟ ପୁରୁଣା ବସ୍‌ଷ୍ଟାଣ୍ଡ, କମଳାବଜାର, ଫାର୍ମ ରୋଡ୍, ଭିଏସ୍‌ଏସ୍ ମାର୍ଗ, ଚାରଭାଟି ଛକ, ବୁଢ଼ାରଜା, ମ୍ୟୁନିସିପାଲିଟି ଦୈନିକ ବଜାର, ଅଇଁଠାପାଲି କାଇଁଶିର, ଭାଲୁପାଲି ଛକ, ଧନୁପାଲି ଛକ, ଗୋବିନ୍ଦତୋଲା ବଡ଼ବଜାର, ମୁଦିପଡ଼ା ହଟଲି, ଲକ୍ଷ୍ମୀ ଟକିଜ୍ ଛକ ନିକଟ, କଚେରି ଛକ, ରେମେଡ଼ ବଜାରରେ ନୂଆଁଖାଇ ପାଇଁ ଗହଳି ଲାଗିଥିଲା। ନୂଆବସ୍ତ୍ର କିଣିବାକୁ ଦୋକାନଗୁଡ଼ିକରେ ଭିଡ଼ ଲାଗିଥିବା ଦେଖିବାକୁ ମିଳିଥିଲା। ସୋମବାର ଇଷ୍ଟଦେବୀ ସମଲେଇ ପରିସର ୧୦୮ ଦେବଦେବୀଙ୍କୁ ସିନ୍ଦୂର ନୀତି ଲାଗି ହୋଇଛି। ମଧ୍ୟରାତ୍ରିରେ ଦେବୀଙ୍କଠାରେ ସିନ୍ଦୂର ନୀତି ହୋଇଛି। ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ପାରଦ ମିଶ୍ରିତ ସିନ୍ଦୂର ଓ ଜଡ଼ାତେଲ ମିଶ୍ରଣ କରି ସିନ୍ଦୁର ପ୍ରସ୍ତୁତ କରିଥିଲେ। ପ୍ରଥମେ ଶୀତଳା ଦେବୀଙ୍କୁ ପୂଜକମାନେ ସିନ୍ଦୂର ଅର୍ପଣ କରିଥିଲେ। ଘଣ୍ଟ, ଶଙ୍ଖ, ହରିବୋଲ ହୁଳହୁଳିରେ ଉଛୁଳି ପଡ଼ିଥିଲା ମନ୍ଦିର ପରିସର। ଦେବେନ୍ଦ୍ର ରାୟ, ଗିରିଧାରୀ ରାୟ, ଶୁଭମ୍ ରାୟ, ପ୍ରକାଶ ରାୟ, ଚିତ୍ତରଞ୍ଜନ ରାୟ, ପଙ୍କଜ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମନ୍ଦିର ଓ ମୁଖ୍ୟ ଫାଟକ ବିଭିନ୍ନ ରଙ୍ଗିନ ଆଲୋକମାଳା ଏବଂ ଫୁଲରେ ସଜ୍ଜିତ କରାଯାଇଛି। ସିନ୍ଦୂର ଅର୍ପଣ ସହ ସମଲେଇଙ୍କ ଆଭୂଷଣ ପ୍ରସ୍ତୁତ କରାଯାଇଛି। ସନ୍ଧ୍ୟା ସାଢ଼େ ୬ଟାରେ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ଘରେ ଦେବୀଙ୍କ ପ୍ରିୟ ସାରୁପତ୍ର ପହଞ୍ଚିଛି। ସାରୁ ପତ୍ରରେ ଶାଗ ପ୍ରସ୍ତୁତ କରି ସମଲେଇଙ୍କୁ ଅର୍ପଣ କରିବା ବିଧି ରହିଛି।


# classifieds Everyday
0674-2580101, 2549302




SALE

7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। 9040628648. D-66775

2BHK simplex 26,00,000/- finishing Hanspal, Plot-Atala, Rangabazar. Contact: 9556318785. D-67055

21000sqft gharabari converted (commercial zone) land sale at Pahal, near Bharat Motors, frontage 130ft NH connecting. Contact: 8480620050. (Broker excuse). D-67376

20904sqft. gharabari commercial land for sale at Pahal, Adjacent to NH Phone- 7008346486, 9437192512 (Broker excuse). D-67377

Bhubaneswar new railway station ପାଖରେ 7,00,000/- ରେ ଘରବାରି ପ୍ଲଟ ମିଳୁଛି। M: 8249038833. D-66186




Ground floor with toilet at Changing chowck, suitable for office, consultancy, Dr. Chamber, Diagnostic, medicine store, Parlour. Call: 7008813110. D-14008

ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା NH-5, ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7008439019, 8895436651. D-66763

DBHK with all facilities at Gangamandir, Cuttact. Contact: 0671-2204615. D-14164

1BHK independent house (300sqft.) available on rent at B/51, K-9, Kalinga Vihar, Near DN Regalia Mall, Bhubaneswar. Service family please contact: 7350004476. D-14168




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic full body massage ladies/gents smart experts therapist. 9114697517. D-66949

Ayurvedic full body massage ladies & gents smart therapist. 9040900385. D-66950

Herbal full body massage by smart / expert therapist. Contact: 8338067247. D-67369

Summer special mesmerizing offer expert therapeutic refreshing massage appointment. 9668374480. D-67370

Full body herbal massage with refreshment expert therapist. 7381239385, 06742540855. D-67371

Experience full body massage with us (expert). Call: 7377048581, 06742597822. D-67372

Mostly experienced highly trends male therapist for full body massage. 9938579108, 8480233423. D-67373




ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଲୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଳେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### କିଡ୍‌ନୀ ରୋଗ ନେଇ ଏଡିଏମ୍‌ଓଙ୍କୁ ଭେଟିଲେ ଭାଜପା ପ୍ରତିନିଧି

## ରିପୋର୍ଟ ସଂଗ୍ରହ କଲେ ଡାକ୍ତରୀ ଦଳ

ସମ୍ବଲପୁର,୨।୯(ବ୍ୟୁରୋ)

ସମ୍ବଲପୁର ଭାଜପା କର୍ମକର୍ତ୍ତା ଏଡିଏମ୍‌ଓ ପଞ୍ଚାନନ ନାୟକଙ୍କୁ ଭେଟି ଜିଲାର ଗ୍ରାମାଞ୍ଚଳରେ ହେଉଥିବା କିଡ୍‌ନୀ ରୋଗ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଭାଜପା ରାଜ୍ୟ ପ୍ରବକ୍ତା ଗୋବିନ୍ଦ ଅଗ୍ରୱାଲ, ମାନସ ବକ୍ସି, ସରୋଜ ସାହୁ ପ୍ରମୁଖ ଏଡିଏମ୍‌ଓ ଡାକ୍ତର କୁବେରଚନ୍ଦ୍ର ମହନ୍ତଙ୍କୁ ଭେଟି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏଡିଏମ୍‌ଓ ଡା. ମହନ୍ତଙ୍କ ନେତୃତ୍ୱରେ ଏକ ଟିମ୍ ଝୁଝୁମୁରା ବ୍ଲକ ପରିଦର୍ଶନ କରିଥିଲେ। ଧଦଲୋମୁଣ୍ଡ, ଖଇରମାଳ, ଭବାନୀପାଲୀ, ବଡ଼ମାଳ ଜରମୁଣ୍ଡା ପ୍ରଭୃତି ଗ୍ରାମକୁ ଯାଇ ଲୋକଙ୍କ ସହ ଅଲୋଚନା କରିଥିଲେ। ପରିଶ୍ରା ଓ ରକ୍ତ ନମୁନା ସଂଗ୍ରହ କରିଥିଲେ। ସଂଗୃହୀତ ନୁମୁନାରୁ କେତେକ ପଜିଟିଭ୍ ବାହାରିଥିଲା। ସୂଚନାଯୋଗ୍ୟ କିଡ୍‌ନୀ ରୋଗରେ ପୂର୍ବରୁ ଏହି ଗ୍ରାମଗୁଡ଼ିକର କେତେଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ଚତୁର୍ଥାଧିପ ଚନ୍ଦ୍ର ସପ୍ତମଭାବସ୍ଥ ଯୋଗୁ ପରିଜନଙ୍କ ସହ ଯାତ୍ରା, ବନ୍ଧୁମିଳନ ସାଙ୍ଗକୁ ନୂତନ ବସ୍ତ୍ରଭୂଷଣାଦି ପରିଧାନ କରିବେ। ଅର୍ଥ ସମ୍ବନ୍ଧୀୟ ଆଲୋଚନା ସହ ବାଣିଜ୍ୟ, ବ୍ୟବସାୟ ଓ ପ୍ରତିଦ୍ୱନ୍ଦ୍ୱିତାରୁ ସଫଳତା ପ୍ରାପ୍ତ ହେବେ। ରୋଗୀର ଆରୋଗ୍ୟ ସକାଶେ, ଋଣ ପରିଶୋଧ ପାଇଁ ମାନସିକ ସ୍ତରରେ ବ୍ୟଗ୍ରତା ପ୍ରକାଶ ପାଇବ।

**ବୃଷ** – ମୁଖଭାବସ୍ଥ ରାହୁ ପ୍ରଭାବରୁ ଯୁକ୍ତିତର୍କକୁ କେନ୍ଦ୍ରକରି ସକାଳୁ ସକାଳୁ ମନଟା ବିଗିଡି ଯାଇପାରେ। ଆକସ୍ମିକ ଖର୍ଚ୍ଚଭାର ବୃଦ୍ଧି କାରଣରୁ ମନରେ ସରସତା ରହିବ ନାହିଁ। କର୍ମକ୍ଷେତ୍ରରେ ମଧ କେହି ଜଣେ ପ୍ରତିବାଦର ସ୍ୱର ଉଠାଇ ସମସ୍ୟା ସୃଷ୍ଟି କରିପାରନ୍ତି। ସାମାଜିକ ସ୍ତରରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ।

**ମିଥୁନ** – କୋଣଭାବସ୍ଥ ଚନ୍ଦ୍ର ନୂତନ ସମ୍ପର୍କ ସ୍ଥାପନ ଦିଗରେ ସହାୟକ ହେବ। ଯାହା ଭାବିଛନ୍ତି ତାହାହିଁ ହେବ ଓ ପାଇବା ଜିନିଷ ମଧ ପାଇବେ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ଲାଭର ସୂଚନା ରହିଛି। ଅନାମନ୍ତ୍ରିତ ଭାବରେ ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପମାନିତ ହୋଇପାରନ୍ତି।

**କର୍କଟ** – ଆଜିର ଶୁଭଚନ୍ଦ୍ର ହେତୁ ସାମାଜିକ ସମ୍ମାନ ସହ ଲୋକସମ୍ପର୍କ ବୃଦ୍ଧି ହେବ। ମାନସିକ ସ୍ତରରେ କେତେକ ଅଳୁହା କଥାକୁ ବିଶ୍ଳେଷଣ କରି ଅବସାଦ ଉତ୍ପନ୍ନ ହୋଇପାରେ। କର୍ମକ୍ଷେତ୍ରରେ ପୁରୁଣା ସମସ୍ୟା ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ହିତୈଷୀମାନଙ୍କ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧିପାଇବ ।

**ସିଂହ** – ଆପଣଙ୍କ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଅବଶ୍ୟ ରାଜନୈତିକ ସ୍ତର, ପ୍ରଶାସନିକ କ୍ଷେତ୍ର, ସଙ୍ଗଠନ ପାଇଁ ଦିନଟି ବହୁତ ଭଲ। ବିବାଦୀୟ ଘଟଣାରେ ବିଜୟ ଲାଭ କାରଣରୁ ବନ୍ଧୁ ମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ଆବଶ୍ୟକତା ପୂରଣ କ୍ଷେତ୍ରରେ ଧାର କରିବାକୁ ପଡ଼ିପାରେ।

**କନ୍ୟା** – ଚନ୍ଦ୍ରଙ୍କ ଶୁଭ ପ୍ରଭାବରେ ଆପଣଙ୍କ ଆକର୍ଷଣୀୟ କଥନଶୈଳୀ ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିପାର୍ଶ୍ୱିକ କେତେକ ବ୍ୟତିକ୍ରମ ଜନିତ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ଆଲୋଚନାରେ ଭାବପ୍ରବଣତା ପରିହାର ପୂର୍ବକ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି।

**ତୁଳା** – ଆଜିର ଯାତ୍ରା, ବିବାଦୀୟ କ୍ଷେତ୍ର, ପ୍ରତିଦ୍ୱନ୍ଦ୍ୱିତା ଓ କଚେରି ମାମଲା ପାଇଁ ସମୟର ଅନୁକୂଳତା ନାହିଁ। ପରୋକ୍ଷ ଶତ୍ରୁତା, ଋଣ ପରିଶୋଧ, କ୍ରନିକ୍ ରୋଗ ସକାଶେ ସମସ୍ୟାକୁ ଆନୟନ କରିପାରେ । ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ଚିନ୍ତାରେ ରହିପାରନ୍ତି। ମାତ୍ର ଗତକାଲି ଠାରୁ ମନରେ ଭାବୁଥିବା କଥାଟି ଆଜିହିଁ ବାସ୍ତବରେ ପରିଣତ ହେବ।

**ବିଛା** – ପ୍ରିୟଜନଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧହୋଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ସାହାଯ୍ୟ ଲାଭ କରି କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କୌଣସି ମୂଲ୍ୟବାନ ଜିନିଷ ଘରକୁ ଆଣିପାରନ୍ତି। ସାମୟିକ ଭାବରେ ନିର୍ମାଣାଧୀନ କାର୍ଯ୍ୟ, ଭୂମି, ଗାଡିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ।

**ଧନୁ** – ଆଜିର ଗ୍ରହସ୍ଥିତି ଆପଣଙ୍କ ସକାଶେ ପ୍ରତିକୂଳ ପରିବେଶ ସୃଷ୍ଟି କରିପାରେ। ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ଲାଭର ସୂଚନା ରହିଛି। କିନ୍ତୁ ସ୍ୱକୀୟ ଉଦ୍ୟମ ଓ ଆପୋସ ଆଲୋଚନା ସାଙ୍ଗକୁ ପାରସ୍ପରିକ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡିପାରେ।

**ମକର** – କର୍ମଭାବସ୍ଥ ଚନ୍ଦ୍ର ପରିବାର ଓ କର୍ମକ୍ଷେତ୍ରକୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସହାୟକ ହେବ। ଅତି ନିକଟରେ ରହି ଶତ୍ରୁତା କରୁଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ। ପରିବାରରେ କିଛି ଦିନ ହେବ ଲାଗି ରହିଥିବା ସମସ୍ୟାର ସରଳ ସମାଧାନ ଆଜି ହୋଇପାରେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂର ହେବ।

**କୁମ୍ଭ** – ଆପଣଙ୍କୁ ବନ୍ଧୁ ମାନେ ମନ ବୁଝିଲାଭଳି କଥାମାନ କହି ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି। ଟିକିଏ ଜୋର୍ ଦେଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଜମା ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ତରଫରୁ ସମସ୍ୟା ଆସିପାରେ।

**ମୀନ** – ସାଧାରଣ କଥାକୁ କେନ୍ଦ୍ର କରି ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ। ବିବାଦୀୟ ପରିସ୍ଥିତିରେ ନୀରବତା ଅବଲମ୍ବନ କରିବା ଭଲ ହେବ। ଅନ୍ୟ ଉପରେ ନିର୍ଭର ନ କରି କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ।

ଆଜି ପଶ୍ଚିମ ଓଡ଼ିଶାର ପବିତ୍ର ନୂଆଁଖାଇ ପର୍ବ, ଭାଦ୍ରବ ଶୁକ୍ଳପକ୍ଷର ଋଷି ପଞ୍ଚମୀ ମଙ୍ଗଳବାର, ସେପ୍ଟେମ୍ବର ୩ ତାରିଖ, ରାଶି ନକ୍ଷତ୍ର– ସ୍ୱାତୀ/ତୁଳା, ମକର ରାଶିର ଘାତବାର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୮।୩୦ମି. ଗତେ ଘ୧୦।୧୦ମି. ମଧ୍ୟେ, ଘ୧୧।୪୯ମି. ଗତେ ଘ୧।୨୭ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦।୧୦ମି. ଗତେ, ଘ୧୧।୪୯ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୨।୫୧ମି. ଗତେ ଘ୪।୨୪ମି. ମଧ୍ୟେ ରାହୁକାଳ।

# ପ୍ରକୃତିର ପାର୍ବଣ ନୂଆଁଖାଇ

ସୃଷ୍ଟିତତ୍ତ୍ୱର ପ୍ରାରମ୍ଭରେ ଜୀବଜଗତର ଉନ୍ମେଷ ପ୍ରକ୍ରିୟାର ବିବର୍ତ୍ତନ ଧାରାରେ ପୃଥବୀ ପୃଷ୍ଠରେ ସୃଷ୍ଟି ହୋଇଥିଲା ମାନବ ସଭ୍ୟତା। ପ୍ରକୃତିର ପ୍ରାକୃତିକ ପରିବେଷ୍ଟନୀ ମଧ୍ୟରେ ମାନବ ନିଜସ୍ୱ ଚିନ୍ତାଶକ୍ତି, ଜ୍ଞାନଗରିମାର ଉପଯୋଗ କରି ଜୀବନଧାରଣର ଧାରାକୁ ଗତିଶୀଳ କରିପାରିଥିଲା। ପ୍ରାଚୀନପ୍ରସ୍ତର ଯୁଗର ସଂଘର୍ଷମୟ ପରିବେଶ ମଧ୍ୟରେ ଖାଦ୍ୟ ସଂଗ୍ରାହକରୁ ନୂତନପ୍ରସ୍ତର ଖାଦ୍ୟ ଉତ୍ପାଦକର ଜୀବନଯାତ୍ରାରେ ପ୍ରକୃତି ଥିଲା ତାର ପଥପ୍ରଦର୍ଶକ । ଖାଦ୍ୟ ଉତ୍ପାଦକର ଭୂମିକାକୁ ନିର୍ବାହ କରିବାର କଳାକୌଶଳ ମଧ୍ୟ ସେ ଶିକ୍ଷା କରିଥିଲା ପ୍ରକୃତିଠାରୁ। ଏହି ପରିପ୍ରେକ୍ଷୀରେ କୃଷିକର୍ମର କୌଶଳ ସେ ଶିକ୍ଷା କରିଥିଲା। ନିଜସ୍ୱ ଜ୍ଞାନକୌଶଳକୁ ପ୍ରୟୋଗ କରି ପୃଥିବୀମାତାର ବକ୍ଷରେ ସେ ଆରମ୍ଭ କରିଥିଲା କୃଷିକାର୍ଯ୍ୟ। ପ୍ରକୃତିର ଉପାସକ ଏହି ଆଦିମାନବ ନିଜ ଉତ୍ପାଦିତ ପ୍ରଥମ ଶସ୍ୟକୁ ଧରିତ୍ରୀ ମାତା ଆଦିଶକ୍ତିଙ୍କୁ ସମର୍ପଣ କରିବାର ଧର୍ମୀୟ ଧାରଣାରୁ ହିଁ ଆରମ୍ଭ ହୋଇଛି ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ।



ନୂଆଁଖାଇ ଅବସରରେ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ପୁରୀ ବେଳାଭୂମିରେ ବାଲୁକା କଳା।

ନୂଆଁଖାଇ ବା ନବାନ୍ନ ପଶ୍ଚିମ ଓଡିଶାର ଜନଜୀବନଧାରାରେ କେଉଁ ଆବହମାନ କାଳରୁ ପ୍ରଚଳିତ। ନୂଆଁଖାଇ ପ୍ରକୃତିର ପାର୍ବଣ। ନୂଆଁଖାଇର ପ୍ରତ୍ୟେକ ରୀତିନୀତି ପ୍ରକୃତି ସହିତ ଓତପ୍ରୋତ ଭାବେ ଜଡିତ। ପଶ୍ଚିମ ଓଡ଼ିଶାର ପ୍ରତ୍ୟେକଟି ପରିବାର ଏହି ପାର୍ବଣରେ ସାମିଲ ହୁଅନ୍ତି । ସେଥିପାଇଁ ଏହି ପର୍ବ ମୁଖ୍ୟ ପାରିବାରିକ ତଥା ସାମାଜିକ ପାର୍ବଣର ମାନ୍ୟତା ପାଇଛି। ପ୍ରତ୍ୟେକଟି ପରିବାରର ଅଧିଷ୍ଠାତ୍ରୀ ଦେବ ଦେବୀ ଓ ପୂର୍ବପୁରୁଷଙ୍କୁ ମୁଖ୍ୟତଃ ଏହି ପର୍ବରେ ଉପାସନା କରାଯାଇଥାଏ। ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତି ହିଁ ଏହି ପର୍ବରେ ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥାଆନ୍ତି। ଏହି ପର୍ବର ପ୍ରାରମ୍ଭିକ ପର୍ଯ୍ୟାୟ କୃଷିକ୍ଷେତ୍ରରୁ ଆରମ୍ଭ ହୋଇଥାଏ। କୃଷିକ୍ଷେତ୍ରରୁ ନୂତନ ଶସ୍ୟ ସଂଗ୍ରହ କରାଯାଇ ସେଥିରୁ ନୂଆଚାଉଳକୁ ପ୍ରସ୍ତୁତ କରାଯାଏ। ପଶ୍ଚିମ ଓଡିଶାର ପ୍ରତ୍ୟେକ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀପୀଠ ସମ୍ବଲପୁରର ସମଲେଶ୍ୱରୀ, ସୋନପୁରର ସୁରେଶ୍ୱରୀ, ଭବାନୀପାଟଣାର ମାଣିକେଶ୍ୱରୀ, ସୁନ୍ଦରଗଡ଼ର ରାଜପରିବାରର ଅଧିଷ୍ଠାତ୍ରୀ ଦେବୀ ଶିଖରବାସିନୀ, ସମଲେଶ୍ୱରୀ ପୀଠରେ ଏହି ନବାନ୍ନ ଭୋଗ ପ୍ରସ୍ତୁତି ପାଇଁ ଭାଦ୍ରବ ମାସରେ ଅମଳ ହେଉଥିବା ଏକ ସ୍ୱତନ୍ତ୍ର, ଛୋଟ ସରିଆ ଧାନକୁ ସେଥିପାଇଁ ପୂର୍ବରୁ ବୁଣାଯାଇଥାଏ। ପ୍ରତି ଅଧିଷ୍ଠାତ୍ରୀ ଦେବୀଙ୍କ ନିକଟରେ ଏକ ନିର୍ଦ୍ଦିଷ୍ଟ ସମୟରେ ନବାନ୍ନ ଲାଗି କରିବାର ସମୟ ନିର୍ଘଣ୍ଟ ପଣ୍ଡିତମାନଙ୍କର ଗଣନା ଦ୍ୱାରା ଧାର୍ଯ୍ୟ କରାଯାଏ। ଏହାକୁ ନୂଆଁଖାଇର ଲଗ୍ନଧାର୍ଯ୍ୟ ନୀତି କୁହାଯାଏ । ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ନୂଆଖାଇ ପର୍ବ ପଶ୍ଚିମ ଓଡିଶାର ପୁରପଲ୍ଲୀ ସହର ନଗରରେ ପାଳିତ ହୋଇଥାଏ । ପ୍ରତ୍ୟେକ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀଙ୍କ ଠାରେ ନବାନ୍ନ ଅର୍ପଣ ପରେ ପରିବାରର ମୁଖ୍ୟ ଦେବଦେବୀ ଓ ପିତୃପୁରୁଷଙ୍କଠାରେ ନବାନ୍ନ ଅର୍ପଣ ପରେ ପରିବାର ଲୋକେ ସମସ୍ତେ ଏକାଠି ବସି ନୂଆଁ ଖାଇଥାଆନ୍ତି। ନୂଆଁଖାଇ ପର୍ବ ପାଳନ ପାଇଁ ପସ୍ତୁତି ପର୍ବ ପ୍ରାୟ ସପ୍ତାହକ ପୂର୍ବରୁ ଆରମ୍ଭ ହୋଇଥାଏ। ପ୍ରକୃତିର ପାର୍ବଣର ମାନ୍ୟତା ପାଇଥିବା ଏହି ପର୍ବରେ ନୂତନ ଶସ୍ୟ ,ଏହି ଋତୁରେ ଉତ୍ପାଦିତ ସମସ୍ତ ପନିପରିବା ପ୍ରଭୃତି ନବାନ୍ନ ରୂପେ ଲାଗି କରାଯାଏ। ପ୍ରାଚୀନ ଯୁଗର ଗୋଷ୍ଠୀଗତ ଜୀବନର ଆଧାରରେ ପ୍ରତ୍ୟେକ ଜାତି ସମ୍ପ୍ରଦାୟ ଭିନ୍ନ ଭିନ୍ନ ବନବୃକ୍ଷର ପତ୍ରରେ ଏହି ନବାନ୍ନ ଅର୍ପଣ କରିବାର ପ୍ରାଚୀନ ପରମ୍ପରା ପ୍ରଚଳିତ ହୋଇଆସୁଛି। ଭିନ୍ନଭିନ୍ନ ଜାତି, ସମ୍ପ୍ରଦାୟରେ କୁରେଇଁ, ମହୁଲ, ଶାଳ ଆଦି ପତ୍ରରେ ନବାନ୍ନ ଅର୍ପଣ କରାଯିବାର ବିଧି ବ୍ୟବସ୍ଥା ରହିଛି। ନୂଆଁଖାଇ ଦିନ ପ୍ରଭାତରୁ ପ୍ରଥମେ ନିଜ କୃଷିକ୍ଷେତ୍ରରେ ପୃଥିବୀ ମାତାଙ୍କୁ ଉପାସନା କରାଯାଏ। ଜନଜାତି ସମ୍ପ୍ରଦାୟ ନବାନ୍ନ ପର୍ବର ପ୍ରାରମ୍ଭରେ କୃଷି କ୍ଷେତ୍ରରେ ଭେଲୁଆଁ ଗଛର ଡାଳକୁ ପୋତି ପୂଜାର୍ଚ୍ଚନା କରିଥାଆନ୍ତି। କେତେକ ଆଦିବାସୀ ଭେଲୁଆଁ ପତ୍ରରେ ନବାନ୍ନ ଅର୍ପଣ କରିଥାନ୍ତି। ନୂଆଁ ଚାଉଳରୁ ପ୍ରସ୍ତୁତ ଖିରୀ, ପିଠା, ସାରୁ ଶାଗ ,ବିଭିନ୍ନ ପନିପରିବାରେ ପ୍ରସ୍ତୁତ ବ୍ୟଞ୍ଜନ ବନଜାତ ବାଉଁଶ କରଡିରେ ପ୍ରସ୍ତୁତ ଆମ୍ବୁଲ ଖଟା ଆଦି ବିଭିନ୍ନ ଖାଦ୍ୟର ସମ୍ଭାରକୁ ଶାଳପତ୍ରରେ ପ୍ରସ୍ତୁତ ଖଲି ଓ ଦନାରେ ପରଷା ଯାଇଥାଏ। ନୂଆଁଖାଇ ପର୍ବକୁ ସମ୍ପ୍ରୀତି ଭାଇଚାରାର ପର୍ବ ରୂପେ ପାଳନ କରାଯାଏ। ପାରିବାରିକ ଓ ସାମାଜିକ ସଦ୍‌ଭାବନାର ବାର୍ତ୍ତା ବହନ କରୁଥିବା ଏହି ପର୍ବରେ ପ୍ରବାସରେ ରହୁଥିବା ପରିବାରର ସଦସ୍ୟ ନବାନ୍ନ ପର୍ବ ପାଇଁ ଘରକୁ ଆସିଥାନ୍ତି।

ଏହି ପର୍ବର ଦ୍ୱିତୀୟ ପର୍ଯ୍ୟାୟରେ ଜୁହାର ଭେଟ ପ୍ରଥାରେ ପରିବାର ତଥା ଗ୍ରାମର ବୟୋଜ୍ୟେଷ୍ଠ ସଦସ୍ୟଙ୍କୁ ପ୍ରଣାମ ଜଣାଇଁ ଆଶୀର୍ବାଦ ନେବା ,ସମସ୍ତ ପ୍ରକାର ତିକ୍ତତାକୁ ଭୁଲି ଭାଇଚାରା ବନ୍ଧନରେ ବାନ୍ଧି ହେବା ଏକ ଅନନ୍ୟ ପରମ୍ପରା। ସମୟର ତାଳରେ ଆଦିମାନବର ପୃଥିବୀ ମାତାକୁ ଶସ୍ୟ ଅର୍ପଣର ଧର୍ମୀୟ ଧାରଣାରୁ ଆରମ୍ଭ ହୋଇଥିବା ଏହି ଗଣପର୍ବ ଆଜି କେବଳ ପଶ୍ଚିମାଞ୍ଚଳରେ ସୀମିତ ହୋଇ ରହିନାହିଁ। ଜଗତୀକରଣର ପ୍ରଭାବରେ ଏହି ମାଟିର ସନ୍ତାନ ଆଜି ସମଗ୍ର ବିଶ୍ୱର କୋଣ ଅନୁକୋଣରେ ବାସ କରୁଥିବା ବେଳେ ନିଜ ପରମ୍ପରାକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ଅଧିଷ୍ଠାତ୍ରୀ ଦେବୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ସହ ପରିବାରର ସଦସ୍ୟ ତଥା ବନ୍ଧୁମାନଙ୍କ ଗହଣରେ ପାଳନ କରୁଛି ଏହି ପର୍ବ । ଏହି ଧାରା ଆଜି ପରିବ୍ୟାପ୍ତ ମଧ୍ୟପ୍ରାଚ୍ୟ ଠାରୁ ଆମେରିକା ପର୍ଯ୍ୟନ୍ତ। ଏହି ଅବସରରେ ନୂଆଁଖାଇ ଭେଟ୍‌ଘାଟର ଆୟୋଜନ ଦ୍ୱାରା ପଶ୍ଚିମ ଓଡିଶାର ଲୋକସଙ୍ଗୀତ ଓ ଲୋକନୃତ୍ୟ ଆଜି ବିଶ୍ୱ ସାଂସ୍କୃତିକ ଦରବାରରେ ମାନ୍ୟତା ହାସଲ କରିପାରିଛି । ଭାଇଚାରାର ବାର୍ତ୍ତା ବହନ କରୁଥିବା ପ୍ରକୃତି ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ ଏହି କୃଷିଭିତ୍ତିକ ଗଣପର୍ବ ଯଥାର୍ଥରେ ପ୍ରକୃତିର ପାର୍ବଣ ।

– ସୁସ୍ମିତା ଭୋଇ
ଅଧ୍ୟାପିକା, ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ










## ବିଜେଡି ନେତ୍ରୀଙ୍କ ଭଡ଼ାଘରୁ ଚୋରି

■ଅଭିଯୁକ୍ତ, ଚୋରି ସାମଗ୍ରୀ କିଣିଥିବା ବ୍ୟକ୍ତି ଗିରଫ

ରେଙ୍ଗାଲି,୨।୯(ଡି.ଏନ୍.ଏ.)

ସମ୍ବଲପୁର ଜିଲ୍ଲା ରେଙ୍ଗାଲି ନିର୍ବାଚନମଣ୍ଡଳୀରୁ ଗତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇଥିବା ରୀନା ତନ୍ତୀଙ୍କ ରେଙ୍ଗାଲି ଥାନା ଅନ୍ତର୍ଗତ ରମ୍ଭେଲାସ୍ଥିତ ଭଡ଼ାଘରେ ଦୁର୍ବୃତ୍ତମାନେ କଳାକନା ବୁଲାଇ ଦେଇଛନ୍ତି। ଘରର ସମସ୍ତ ସାମଗ୍ରୀ ଚୋରି ହୋଇଥିବା ରେଙ୍ଗାଲି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ଚୋରି ସାମଗ୍ରୀ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ନିର୍ବାଚନ ପରେ ରୀନା ଉକ୍ତ ଭଡ଼ାଘରେ ପ୍ରାୟ ରହୁ ନ ଥିଲେ। ରବିବାର ଘରକୁ ଆସି ତାଲା ଖୋଲିବା ପରେ ଘରେ କୌଣସି ସାମଗ୍ରୀ ନ ଥିବା ଦେଖିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ଉକ୍ତ ଘରେ ଥିବା ଏସି, ଉଇଣ୍ଡୋ ଏସି, ଇନ୍‌ଭର୍ଟର, ବ୍ୟାଟେରି, କୁଲର, ସିପିୟୁ, ଷ୍ଟାବିଲାଇଜର, ଛୋଟ ଏବଂ ବଡ଼ କାଠ ସୋଫା, ଫୋଲ୍ଡିଂ ବେଡ୍, ଫ୍ରିଜ୍, ଚେୟାର, ଡବଲ ବେଡ୍, ଗଦି, ପ୍ଲାଷ୍ଟିକ ଚେୟାର, ଆଲମାରି, ଟିଭି, ଟେବୁଲ ଆଦି ସାମଗ୍ରୀ ଚୋରିକରି ନେଇଥିବା ରୀନାଙ୍କ ଭାଇ ମିଥୁନ କୁମାର ତନ୍ତୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତ ରମ୍ଭେଲା ଗ୍ରାମର ସୋମନାଥ ଗର୍ଡ଼ିଆ (୨୪) ଏବଂ ଚୋରି ସାମଗ୍ରୀ କିଣିଥିବା ଅଭିଯୋଗରେ ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ କୁମ୍ଭାରପଡ଼ାର ଶ୍ୟାମସୁନ୍ଦର ନାଏକ (୪୮)ଙ୍କୁ ଗିରଫ କରିଛି। ଶ୍ୟାମସୁନ୍ଦରଙ୍କଠାରୁ ଚୋରି ସାମଗ୍ରୀ ଉଦ୍ଧାର କରାଯାଉଛି।










## ଆଜି କ'ଣ କେଉଁଠି

**ବିଜେପୁର**

■ନୂଆଁଖାଇ ଭେଟ୍‌ଘାଟ, ପଡା ଗାଁର ଲକ୍ଷ୍ମୀଲୀଳା ମଣ୍ଡପ, ଅପରାହ୍ନ ୨ଟା ।

■ନୂଆଁଖାଇ ଭେଟ୍‌ଘାଟ୍ ଓ ଭଜନ ସମାରୋହ, ଭୈରୋପୁର, ଅପରାହ୍ନ ୩ଟା ।

**ସୁବର୍ଣ୍ଣପୁର**

■ନୂଆଁଖାଇ ପାଇଁ ସ୍ୱତନ୍ତ୍ର ପାହୁର ଶୋଭାଯାତ୍ରା, ସମଲେଇ ମନ୍ଦିର ପ୍ରାଙ୍ଗଣ, ସକାଳ ୮ଟା ୪୬ମିନିଟ୍ ।

**ବୌଦ୍ଧ**

■ନବାନ୍ନ ଲାଗି, ଭୈରବୀ ମନ୍ଦିର, ସକାଳ ୮ଟା।

**ରିଷିଡ଼ା**

■ଜ୍ୟୋତି ବିକାଶ ଯୁବକ ସଂଘ ଆନୁକୂଲ୍ୟରେ ନୂଆଁଖାଇ ଭେଟଘାଟ, ରିଷିଡ଼ା ରାମ ମନ୍ଦିର, ଅପରାହ୍ନ ୩ଟା ।

■ମା' ମାଣିକେଶ୍ୱରୀ ଯୁବକଳା ଅନୁଷ୍ଠାନ ତେରେସିଂହା ନୂଆଁଖାଇ ଭେଟଘାଟ, ତେରେସିଂହା ବିରାଟ ମଣ୍ଡ, ଅପରାହ୍ନ ୪ଟା ।

**ସମ୍ବଲପୁର**

■ସମଲେଇଙ୍କଠାରେ ନବାନ୍ନ ନୀତି, ମନ୍ଦିର ଗମ୍ଭିରା, ପୂର୍ବାହ୍ନ ୮ଟା ୫।

■ନୂଆଁଖାଇ ଭେଟଘାଟ, ଝାଡୁଆପଡ଼ା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ୬ଟା।

■ନୂଆଁଖାଇ ଭେଟଘାଟ, ନନ୍ଦପଡ଼ା ବାଲୁଙ୍କେଶ୍ୱର ମଞ୍ଚ, ସନ୍ଧ୍ୟା ସାଢ଼େ ୬ଟା।

■ନୂଆଁଖାଇ ସମାରୋହ, ସମଲେଶ୍ୱରୀ ମଣ୍ଡପ, ସନ୍ଧ୍ୟା ୭ଟା।

**ଦେବଗଡ଼**

ଗଣେଶ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସାଂସ୍କୃତିକ ମଣ୍ଡପ, ସନ୍ଧ୍ୟା ୬ଟା।



ଯେତେବେଳେ ଆମକୁ କିଛି ଦେଖାଯାଏନା– ସେତେବେଳେ ଆମେ ଜାଣିବା ଉଚିତ ଯେ, ଈଶ୍ୱର ଆମ ପାଖରୁ ତାଙ୍କର ଆଲୋକ ପ୍ରତ୍ୟାହୃତ କରି ନେଇଛନ୍ତି ଏବଂ ଆମ ଉପରେ ଭୁଲଭ୍ରାନ୍ତି ଲଦି ଦେଇଛନ୍ତି। କାରଣ –ଆମେ ଯଥାର୍ଥ ଜ୍ଞାନ ଆଡକୁ ପାଦେ ଆଗେଇ ଚାଲିବୁ। ସେହିପରି ସେ ଆମ ଉପରେ ପରାଜୟ ଲଦି ଦେଇଛନ୍ତି– ତା ଫଳରେ ଆମେ ବିଜୟ ପଥରେ ଆଗେଇଯିବୁ।
–ଶ୍ରୀଅରବିନ୍ଦ

# ବ୍ୟାଙ୍କ ପ୍ରତିଦ୍ୱନ୍ଦ୍ୱିତା

ଭାରତୀୟ ଅର୍ଥନୀତି ବର୍ତ୍ତମାନ ଏକ ଖରାପ ସ୍ଥିତି ଦେଇ ଗତି କରୁଛି। ନିକଟରେ ସରକାରଙ୍କ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ଗତ ଏପ୍ରିଲ–ଜୁନ୍ ତ୍ରୈମାସରେ ସମୁଦାୟ ଘରୋଇ ଉତ୍ପାଦ (ଜିଡିପି) ୫ ପ୍ରତିଶତକୁ ଖସିଆସିଛି, ଯାହା ୬ ବର୍ଷର ସର୍ବନିମ୍ନ ସ୍ତରରେ ରହିଛି। ଏଭଳି ସ୍ଥଳେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ବଞ୍ଚାଇବା ପାଇଁ ସରକାର ୭୦,୦୦୦ କୋଟି ଟଙ୍କା ଦେବା ବିଷୟ ଘୋଷଣା କରିଛନ୍ତି। ଯେତେବେଳେ ଅର୍ଥନୀତି ତଳକୁ ତଳକୁ ଯାଉଛି, ସେତେବେଳେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରକୁ ବୃହତ୍ ପରିମାଣର ଆର୍ଥିକ ଉପହାର ଦିଆଯିବା ଆଦୌ ସ୍ପୃହଣୀୟ ନୁହେଁ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଲେଣି। ତେବେ ଏହି ଅର୍ଥ ଭରଣା କରିବା ସହ ଅର୍ଥନୀତିକୁ ପୁନର୍ଜୀବିତ ଲକ୍ଷ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସରକାରକୁ ୧ ଲକ୍ଷ ୭୬ ହଜାର କୋଟି ଟଙ୍କା ଦେବାକୁ ପଦକ୍ଷେପ ନେଇଛି। ଏହିଭଳି ଅର୍ଥନୈତିକ ନିଷ୍ପତ୍ତି ନିଆଯାଉଥିବା ବେଳେ ନିକଟରେ ସବୁଠାରୁ ବୃହତ୍ ବ୍ୟାଙ୍କିଙ୍ଗ୍ ସଂସ୍କାର ଆଣିବା ଲାଗି କେନ୍ଦ୍ର ସରକାର ଯେଉଁ ଘୋଷଣା କରିଛନ୍ତି, ତାହାକୁ ନେଇ ବିତର୍କ ଆରମ୍ଭ ହୋଇଯାଇଛି। ୧୦ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ମିଶ୍ରଣ କରାଯାଇ ୪ଟି ବୃହତ୍ ବ୍ୟାଙ୍କ ସୃଷ୍ଟିର ପରିକଳ୍ପନା କରାଯାଇଛି। ଏହା କାର୍ଯ୍ୟକାରୀ ହେଲେ ବ୍ୟାଙ୍କଗୁଡ଼ିକ ସଳଖି ଉଠିବେ ବୋଲି ଯାହା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହୁଛନ୍ତି, ତାହାର ବାସ୍ତବ ଦିଗକୁ ଦେଖିଲେ ସେଭଳି ମନେ ହେଉନାହିଁ। କାରଣ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ (ଏନ୍‌ପିଏ) ସ୍ତର ବହୁ ଉଚ୍ଚରେ ରହିଛି। କେତେ ଜଣ ବ୍ୟାଙ୍କ ଅଧିକାରୀଙ୍କ ଖାମଖିଆଲ ନିଷ୍ପତ୍ତି ଏଥିପାଇଁ ଦାୟୀ ବୋଲି କୁହାଯାଇପାରେ। ବିଜୟ ମାଲ୍ୟା, ନୀରବ ମୋଦି, ମେହୁଲ ଚୋକ୍‌ସିଙ୍କ ଭଳି ବ୍ୟବସାୟୀଙ୍କ ଆର୍ଥିକ ସ୍ୱାସ୍ଥ୍ୟକୁ ଠିକ୍ ଭାବେ ଆକଳନ କରା ନ ଯାଇ ସେମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଋଣ ଦିଆଯିବା ଯୋଗୁ ଆଜି ବ୍ୟାଙ୍କିଙ୍ଗ କ୍ଷେତ୍ର ଅସୁବିଧାରେ ପଡ଼ିଛି। ଅବଶ୍ୟ ଏହି ବ୍ୟକ୍ତିଙ୍କ ନାମ ଆମେ ବାରମ୍ବାର ଶୁଣିଛେ। କିନ୍ତୁ ଏମାନଙ୍କ ବ୍ୟତୀତ ଆହୁରି ଅନେକ ବୃହତ୍ ଶିଳ୍ପ ମାଲିକ ଅଛନ୍ତି, ଯେଉଁମାନେ ଅନେକ ଲକ୍ଷ କୋଟି ଟଙ୍କାର ଋଣ ଶୁଝୁନାହାନ୍ତି। ସେମାନଙ୍କ ସମ୍ପର୍କରେ କୌଣସି ଆଲୋଚନା ହେବାର ପରିଲକ୍ଷିତ ହେଉନାହିଁ। ଏଭଳି ସ୍ଥଳେ କ୍ଷତି କରୁଥିବା ବ୍ୟାଙ୍କଗୁଡ଼ିକୁ ମିଶ୍ରଣ କରିଦେଲେ ଯେ ସେଗୁଡ଼ିକର ଆର୍ଥିକ ସ୍ଥିତି ବଦଳିଯିବ ଭାବିବା ଯୁକ୍ତିଯୁକ୍ତ ହେଉନାହିଁ। କାରଣ ଖସିଯିବା ଗୋଡ଼ ତଳକୁ ତଳକୁ। ସେଥିପାଇଁ କଠୋର ଆର୍ଥିକ ନିୟମ ପ୍ରଣୟନ କରାଯିବା ଉଚିତ। ଦେଖାଯାଉଛି ଯେତେବେଳେ କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଆର୍ଥିକ ସଙ୍କଟରେ ପଡୁଛି, ସେତେବେଳେ ସରକାର ପ୍ୟାକେଜ ଦେଇ ସ୍ଥିତି ଟାଳିବାକୁ ଚେଷ୍ଟା କରୁଛନ୍ତି। ଏହା କେବଳ ବର୍ତ୍ତମାନର ଏନ୍‌ଡିଏ ଶାସିତ ସରକାର ନୁହେଁ, ପୂର୍ବ କଂଗ୍ରେସ ସରକାରଙ୍କ ଅମଳରେ ମଧ୍ୟ ବହୁବାର ଦେଖିବାକୁ ମିଳିଛି।

ବାସ୍ତବ କଥା ଦେଖିଲେ ସରକାର ଯେଉଁ ଆର୍ଥିକ ଉପହାର ବ୍ୟାଙ୍କଗୁଡ଼ିକୁ ଦେଉଛନ୍ତି, ତାହା କରଦାତାଙ୍କ ଅର୍ଥରୁ ଯାଉଛି। ଟିକସଦାତାଙ୍କ ଅର୍ଥ ଦେଶର ବିକାଶ କାର୍ଯ୍ୟ ଲାଗି ଉଦ୍ଦିଷ୍ଟ ହୋଇଥାଏ। ତାହା କେତେକଙ୍କ ଭୁଲ ପଦକ୍ଷେପ ଯୋଗୁ କ୍ଷତି ସହୁଥିବା ସଂସ୍ଥାକୁ ବଞ୍ଚାଇବା ପାଇଁ ଯେତେବେଳେ ବାରମ୍ବାର ବ୍ୟବହାର କରାଯିବ, ତାହାଦ୍ୱାରା ଦେଶର ବିକାଶ ବାଧାପ୍ରାପ୍ତ ହେବ। ସେହିଭଳି ଆର୍ଥିକ ଦୃଷ୍ଟିରୁ ସୁସ୍ଥ ବ୍ୟାଙ୍କ ସହ ଏକ ଦୁର୍ବଳ ବ୍ୟାଙ୍କ ମିଶିଗଲେ ତାହା ଏନ୍‌ପିଏକୁ କିଭଳି ମୁକାବିଲା କରିପାରିବ, ସେ ଦିଗରେ ବିଶେଷ କିଛି କୁହାଯାଉନାହିଁ। ଭାରତବର୍ଷରେ ଅଧିକାଂଶ ଲୋକ ଅର୍ଥନୀତିର କ୍ଲିଷ୍ଟତା ବୁଝିପାରନ୍ତି ନାହିଁ। ସରକାରଙ୍କ ପକ୍ଷରୁ କେଉଁ ପ୍ରକାର ସୁବିଧା ମିଳିପାରିବ ତାହା ଜନସାଧାରଣଙ୍କ ପାଇଁ ସର୍ବଦା ଜାଣିବାର ବିଷୟ ଭାବେ ରହିଆସିଛି। ଏପରି କି ଏମିତି ଉଚ୍ଚଶିକ୍ଷିତ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଅର୍ଥନୀତିର ବାସ୍ତବ ସ୍ଥିତି ଜାଣିବା ସକାଶେ ମୁଣ୍ଡ ଖେଳାଇ ନ ଥାଆନ୍ତି। ମାତ୍ର ଯେତେବେଳେ ବ୍ୟକ୍ତିବିଶେଷର ଆର୍ଥିକ ସ୍ଥିତିକୁ କୌଣସି ଭାବେ ମାଡ଼ ପହଞ୍ଚେ, ସେତେବେଳେ ସେମାନଙ୍କୁ ଚେଙ୍କ ଲାଗେ। ବର୍ତ୍ତମାନ ଅର୍ଥନୀତିର ମାନ୍ଦାବସ୍ଥା ଯୋଗୁ ସବୁଠାରୁ ବେଶି କ୍ଷତିରେ ପଡ଼ିଛି ଅଟୋମୋବାଇଲ ଓ ନିର୍ମାଣ କ୍ଷେତ୍ର। ଗାଡ଼ି ବିକ୍ରି ହେଉ ନ ଥିବାରୁ ଗାଡ଼ି ନିର୍ମାତାମାନେ କେତେକ କାରଖାନା ବନ୍ଦ କରିଦେଲେଣି। ଫଳରେ ଅନେକେ ଚାକିରି ହରାଇ ବେକାର ହୋଇଗଲେଣି। ସେହିପରି ଅର୍ଥାଭାବ ଯୋଗୁ ନିର୍ମାଣ କ୍ଷେତ୍ର ମଧ୍ୟ ଦୁର୍ଦ୍ଦିନ ଦେଇ ଗତି କରୁଛି। କୁହାଗଲାଣି ୨୦୦୮ରେ ଆମେରିକାରେ ସବ୍–ପ୍ରାଇମ୍ ସଙ୍କଟ ଯୋଗୁ ଦେଖାଦେଇଥିବା ବିଶ୍ୱ ମାନ୍ଦାବସ୍ଥାର ପ୍ରଭାବ ଭାରତ ଉପରେ ସେଭଳି ପଡ଼ି ନ ଥିଲା। ଏବେକାର ସ୍ଥିତି ଦେଖିଲେ ଖାଉଟି ସାମଗ୍ରୀ ବିକ୍ରି କମିବା ଆରମ୍ଭ କଲାଣି। ଟୁଥ୍‌ପେଷ୍ଟ ଓ ସାବୁନ ଭଳି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କମାଇ ଲୋକେ କମ୍ ବ୍ୟବହାର କରୁଛନ୍ତି। ଯେତେବେଳେ ଏକ ଅର୍ଥନୀତିରେ ମୁଦ୍ରା କାରବାର କମିଯିବ ଓ ଲୋକଙ୍କ ପାଖରେ ତା'ର ଅଭାବ ଦେଖାଦେବ, ସେତେବେଳେ ଏଭଳି ସ୍ଥିତି ଉପୁଜିବା ସ୍ୱାଭାବିକ। ତେଣୁ ସରକାର ନିର୍ଦ୍ଦିଷ୍ଟ ଆର୍ଥିକ ସଂସ୍ଥାକୁ ପୁନରୁଦ୍ଧାର କରିବାକୁ ଚେଷ୍ଟା କରିବା ଅପେକ୍ଷା ସମଗ୍ର ଅର୍ଥନୀତିର ବିକାଶ କଥା ଭାବିବା ଦରକାର। ଘରୋଇ କ୍ଷେତ୍ରରେ ଆଭ୍ୟନ୍ତରୀଣ ପରିଚାଳନାଗତ ସଂସ୍କାର ରହିଆସିଥିବାରୁ ସେଗୁଡ଼ିକ ପ୍ରତିଦ୍ୱନ୍ଦ୍ୱିତା କରିପାରୁଛନ୍ତି। ସେହିଭଳି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଛାଡ଼ି ଦିଆଯାଉ। କାରଣ ପରିସ୍ଥିତି ଏମିତି ହୋଇଛି, 'ସର୍ଭାଇବାଲ୍ ଅଫ୍ ଦି ଫିଟେଷ୍ଟ' ବା 'ଯୋଗ୍ୟତମ ହିଁ ବଞ୍ଚିପାରିବ' ନୀତି ଦୁର୍ବଳ ଅନୁଷ୍ଠାନଗୁଡ଼ିକୁ ସଳଖି ଛିଡ଼ା ହେବା ପାଇଁ କେବଳ ରାସ୍ତା ଦେଖାଇପାରିବ।

## ୨୫ ବର୍ଷ ତଳର ଧରିତ୍ରୀ

୩ ସେପ୍ଟେମ୍ବର ୧୯୯୪

- ଜାନକୀ ରମଣ କମିଟିର ସଦସ୍ୟ ତଥା ଆୟକର ବିଭାଗର କର୍ମକର୍ତ୍ତା ସି.ପି. ରାମସ୍ୱାମୀ, ଯେକି ହର୍ଷଦ ମେହେଟ୍ଟାଙ୍କ ଘର ଉପରେ ଚଢାଉ କରିଥିଲେ ସେ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି।
- ବିଧାନସଭା ନିର୍ବାଚନ ହେବାକୁ ଥିବା ୧୦ଟି ରାଜ୍ୟରେ ଉତ୍ତେଜନାପ୍ରବଣ ଅଞ୍ଚଳ ଚିହ୍ନଟ ଲାଗି ନିର୍ବାଚନ କମିଶନ ପକ୍ଷରୁ ମୁଖ୍ୟ ଶାସନ ସଚିବ ଓ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | | | | 1 | | | | | | | B | | |
| | | | 6 | 8 | | | | A | 3 | | | 9 | 7 | |
| 0 | | | | | | | | 4 | | 9 | | E | | |
| A | | B | C | | 2 | 0 | | | | 8 | 4 | | | |
| 4 | | | | E | A | 1 | | | | | | | | |
| | | | | | 8 | | | E | 4 | | | 2 | D | A |
| 6 | | | B | | | 5 | D | | | | | | | |
| 2 | 5 | 3 | 7 | 1 | | | 8 | | | A | E | | | 6 |
| E | | D | | | | 4 | | 0 | 5 | | | 1 | | |
| | 9 | 8 | | | E | 6 | | | | 3 | C | | | |
| 7 | 8 | 0 | | | | | | | | | | C | | |
| | | | D | 6 | | | | | | | A | | 3 | E |
| | | | 1 | 3 | B | | | | | | | 8 | | 7 |
| | D | | A | 5 | 4 | 3 | | 8 | | 7 | | | | B |
| | | | | 7 | | | | B | 6 | | | | 1 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 3 | A | C | 6 | 1 | D | 5 | E | 4 | 8 | 7 | B | 9 | 0 |
| 7 | 8 | 6 | 2 | E | 0 | B | 1 | A | 3 | D | 9 | C | 4 | 5 |
| E | 9 | 1 | 5 | 3 | 4 | C | 8 | 0 | A | 2 | B | 7 | D | 6 |
| D | 4 | 0 | B | 7 | A | 6 | 2 | 9 | 5 | E | C | 1 | 8 | 3 |
| C | B | 5 | 8 | 9 | D | 7 | 4 | 3 | 0 | 6 | 1 | E | A | 2 |
| B | 6 | E | A | C | 5 | 8 | D | 7 | 9 | 4 | 0 | 3 | 2 | 1 |
| 1 | A | 3 | 4 | 8 | 9 | 2 | 6 | 5 | 7 | B | E | D | 0 | C |
| 5 | 2 | 4 | 0 | D | 3 | E | B | C | 8 | 1 | 6 | A | 7 | 9 |
| 8 | 0 | C | E | 2 | 7 | 3 | 9 | 1 | D | A | 5 | 4 | 6 | B |
| 9 | D | 7 | 6 | 1 | B | 0 | A | 4 | C | 3 | 2 | 5 | E | 8 |
| 6 | 1 | 2 | 9 | 4 | 8 | A | 3 | B | E | 5 | D | 0 | C | 7 |
| 0 | 5 | D | 1 | B | E | 9 | 7 | 6 | 2 | C | 4 | 8 | 3 | A |
| 4 | 7 | 8 | 3 | 0 | 2 | 5 | C | D | 1 | 9 | A | 6 | B | E |
| A | C | 9 | 7 | 5 | 6 | 4 | E | 8 | B | 0 | 3 | 2 | 1 | D |
| 3 | E | B | D | A | C | 1 | 0 | 2 | 6 | 7 | 8 | 9 | 5 | 4 |

ଗତକାଲିର ଉତ୍ତର

# ପ୍ଲାଷ୍ଟିକ୍ ବର୍ଜ୍ୟରେ ଅଣନିଃଶ୍ୱାସୀ ପୃଥିବୀ



ବୈକୁଣ୍ଠନାଥ ମିଶ୍ର

କିଛିବର୍ଷ ପୂର୍ବେ ସାଧାରଣ ପରିବହନ, ହାଟବଜାର ସଉଦା ଓ ଘରକରଣା ସାମଗ୍ରୀ ସବୁକିଛି ଝୋଟ କିମ୍ବା କପଡା ବ୍ୟାଗ୍ ଦ୍ୱାରା ହେଉଥିଲା। ବନ୍ଧୁ ଘରକୁ ମିଠା ନେବା ପାଇଁ ତାଳପତ୍ର ଭୋଗେଇ ଓ ମାଟି ହାଣ୍ଡି ବ୍ୟବହାର କରାଯାଉଥିଲା। ତେଜରାତି ଦୋକାନରେ ଝୋଟ ଅଖା, ଟିଣ, ମାଟିପାତ୍ର ଓ ସ୍ଥଳ ବିଶେଷରେ କାଚପାତ୍ର ବ୍ୟବହୃତ ହେଉଥିଲା। କିନ୍ତୁ ଆଜିକାଲି ଏସବୁ ବଦଳରେ କେବଳ ପ୍ଲାଷ୍ଟିକ୍‌ର ରାଜତ୍ୱ ଚାଲିଛି। ମନେହୁଏ ସତେଯେପରି ପ୍ଲାଷ୍ଟିକ୍ ଆମ ଜୀବନରେଖା ଓ ଏହା ବ୍ୟତିରେକେ ସାଧାରଣ ଜୀବନଯାତ୍ରା ଅଚଳ ହୋଇଯିବ। ମାଛ, ମାଂସ, ଫଳ, ପନିପରିବା ଏପରିକି ତରଳ ପଦାର୍ଥ ଓ ପାନୀୟ ଜଳ ମଧ୍ୟ ପ୍ଲାଷ୍ଟିକ୍ ଥଳି ଓ ପ୍ଲାଷ୍ଟିକ୍ ବୋତଲ ମାଧ୍ୟମରେ ପରିବାହିତ ହେଉଛି। ଏହା ଶସ୍ତା, ସୁନ୍ଦର ଓ ସହଜ ଭାବେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବାଆଣିବା କରାଯାଇ ପାରୁଛି। ସାଧାରଣ ପାନଦୋକାନରେ ମାଳମାଳ ଗୁଟ୍‌ଖା ଓ ମସଲା ପ୍ୟାକେଟ୍ ଦେଖିଲେ ଏଥିରୁ ମୁକ୍ତି ସମ୍ଭବ ବୋଲି ମନେହୁଏ ନାହିଁ। ଥରେମାତ୍ର ବ୍ୟବହୃତ ହୋଇ ଏଗୁଡ଼ିକ ବର୍ଜ୍ୟବସ୍ତୁରେ ପରିଣତ ହେଲା ପରେ ଏଗୁଡ଼ିକୁ ଇତସ୍ତତଃ ନିକ୍ଷେପ କରିବା ଦ୍ୱାରା ମାଟି, ପାଣି, ପବନ ସବୁକିଛି ପ୍ଲାଷ୍ଟିକ୍‌ମୟ ହୋଇଯାଉଛି।

ଅଚଳ ମୋବାଇଲ ଫୋନ୍, ଲାପ୍‌ଟପ୍, ଟିଭି, ଫ୍ରିଜ୍, ଏସି ଇତ୍ୟାଦି ଅଚଳ ହୋଇ ବର୍ଜ୍ୟରେ ପରିଣତ ହେଉଛି, ଯାହା ପରିବେଶ ଓ ସ୍ୱାସ୍ଥ୍ୟ ଉଭୟକୁ ପ୍ରଭାବିତ କରୁଛି। ପ୍ରତିବର୍ଷ ବିଶ୍ୱରେ ନିୟୁତ ନିୟୁତ ଟନ୍ ବୈଦ୍ୟୁତିକ ସରଞ୍ଜାମ ବର୍ଜ୍ୟରେ ପରିଣତ ହେଉଛି। ୨୦୧୬ରେ ୪୪.୭ ନିୟୁତ ଟନ୍ ବର୍ଜ୍ୟ ସୃଷ୍ଟି ହୋଇଥିଲା। ପ୍ରତିବର୍ଷ ବର୍ଜ୍ୟବସ୍ତୁର ପରିମାଣ ଆଶାତୀତ ଭାବେ ବୃଦ୍ଧି ପାଇଚାଲିଛି। ଚାଇନା ହେଉଛି ବିଶ୍ୱରେ ସର୍ବାଧିକ ପ୍ଲାଷ୍ଟିକ୍ ବର୍ଜ୍ୟ ସୃଷ୍ଟିକାରୀ ଦେଶ। ତା' ପଛକୁ ଅଛି ଭାରତ। ବିଶ୍ୱର ୬୬ ପ୍ରତିଶତ ଲୋକ ବର୍ଜ୍ୟବସ୍ତୁ କବଳରେ ଅଛନ୍ତି।

୨୦୧୯ ଜୁନ୍ ୧୬ରେ ଅନୁଷ୍ଠିତ ଜି୨୦ ଦେଶଗୁଡ଼ିକର ପରିବେଶ ସଂକ୍ରାନ୍ତ ଆଲୋଚନା ଏକପ୍ରକାର ବିଫଳ ହୋଇଛି। ଉକ୍ତ ଆଲୋଚନାରେ ସାମୁଦ୍ରିକ ପ୍ଲାଷ୍ଟିକ୍ ଆବର୍ଜନା ଉପରେ ଗୁରୁତ୍ୱାରୋପ କରାଯାଇଥିଲେ ମଧ୍ୟ ଏହାର ପ୍ରତିକାର ତଥା ନିରାକରଣ ପାଇଁ ଏକମତତା ପ୍ରକାଶ ପାଇପାରିଲା ନାହିଁ। ସମ୍ପ୍ରତି ମଣିଷର ବ୍ୟବହାର ପ୍ରାକୃତିକ ଜୈବବିବିଧତାକୁ କ୍ଷତି ପହଞ୍ଚାଇବା ସହ ଉଭୟ ଜଳ ଓ ସ୍ଥଳଚର ପ୍ରାଣୀ ଏବଂ ଉଦ୍ଭିଦ ପ୍ରଜାତିର ବିଲୁପ୍ତିର କାରଣ ସାଜିଛି।

ଜାତିସଂଘର ଏକ ସଦ୍ୟ ଅନୁଶୀଳନ ଅନୁଯାୟୀ ବିଶ୍ୱବ୍ୟାପୀ ପ୍ରକୃତି ଏକ ବୃହତ୍ ପରିବର୍ତ୍ତନର ଦ୍ୱାରଦେଶରେ ଉପନୀତ। ସକାରାତ୍ମକ ମାନବୀୟ ପ୍ରକ୍ରିୟା ହୁଏ ତ ଏ ଧ୍ୱଂସମୁଖୀ ପରିବର୍ତ୍ତନକୁ ରୋକିପାରେ। ୨୦୧୯ ମେ'ର ଜର୍ନାଲ ଅଫ୍ ସାଇନ୍ସର ରିପୋର୍ଟ ଅନୁସାରେ ଅଧିକାଂଶ ବୃହତ୍ ନଦୀର ଜଳ ମାନବକୃତ ଭାବେ ବ୍ୟାହତ ହୋଇସାରିଲାଣି। ୧୯୭୦ ଦଶକଠାରୁ କ୍ରମାଗତ ଭାବେ ଭୂପୃଷ୍ଠ ଓ ସମୁଦ୍ର ଉଭୟତଃ ଜୈବବିବିଧତା ଓ ସନ୍ତୁଳନ ନଷ୍ଟ ହୋଇଚାଲିଛି। ସବୁଠାରୁ ବିପଜ୍ଜନକ ଧ୍ୱଂସକାରୀ ଶକ୍ତି ହେଉଛି ପ୍ଲାଷ୍ଟିକ୍ ବର୍ଜ୍ୟଜନିତ ପ୍ରଦୂଷଣ। ପ୍ରସିଦ୍ଧ ଦାର୍ଶନିକ ଆଲଡସ୍ ହକ୍ସଲେ ୫୦/୬୦ବର୍ଷ ତଳେ କହିଥିଲେ, "ନିକଟ ଭବିଷ୍ୟତରେ ବିଜ୍ଞାନ ହେବ ସମାଜର ଏକ ଅକଲ୍ୟାଣକାରୀ ଶକ୍ତି, ଯାହା ଏବେ ସତ୍ୟରେ ପରିଣତ ହୋଇଛି।"

ସାମ୍ପ୍ରତିକ ସମୟରେ ପ୍ଲାଷ୍ଟିକ୍ ବୋତଲରେ ପାନୀୟ ଜଳ ପରିବହନ ଅପରିହାର୍ଯ୍ୟ ହୋଇପଡ଼ିଛି। ଏଗୁଡ଼ିକର ବିକ୍ଷିପ୍ତୀକରଣ ସହ ଘରେ ବ୍ୟବହୃତ ପ୍ଲାଷ୍ଟିକ୍‌ର ବର୍ଜ୍ୟବସ୍ତୁ, ପ୍ଲାଷ୍ଟିକ୍ ବ୍ୟାଗ ଆଦି ନାଳ, ନର୍ଦ୍ଦମାରେ ଜମାହୋଇ ଜଳ ନିଷ୍କାସନର ପଥ ଅବରୋଧ କରୁଛି। ଫଳରେ ସାମାନ୍ୟ ବର୍ଷାରେ ପାହାଡ଼ି ସହରରେ ମଧ୍ୟ ବନ୍ୟାର ଭ୍ରମ ସୃଷ୍ଟି ହେଉଛି। ରାସ୍ତାର ଉଭୟ ପାର୍ଶ୍ୱରେ ଭଙ୍ଗା ଅଦରକାରୀ ପ୍ଲାଷ୍ଟିକ୍ ସ୍ତୂପ ଦୃଷ୍ଟିକଟୁ ହେବା ସହ ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି।

ଘରେ ଘରେ ଅଜାଠାରୁ ନାତି ପର୍ଯ୍ୟନ୍ତ ସମସ୍ତେ ପ୍ଲାଷ୍ଟିକ୍ ବୋତଲରେ ପାଣି ପିଉଛନ୍ତି। ଏପରିକି ସଭାସମିତିରେ ଭିଆଇପିଙ୍କ ଉଦ୍ଦେଶ୍ୟରେ ଟେବୁଲ ଉପରେ ପ୍ଲାଷ୍ଟିକ୍ ପାଣି ବୋତଲ ରଖାଯିବା ଏକ ଆଭିଜାତ୍ୟ ସୂଚକରେ ପରିଣତ ହେଲାଣି। ପ୍ଲାଷ୍ଟିକ୍ ବୋତଲ ଜଳ କେବଳ ଶରୀର ପାଇଁ କ୍ଷତିକାରକ ନୁହେଁ, ଏହା ପରିବେଶ ପାଇଁ ମଧ୍ୟ ଘାତକ। ଜଳଧାରକ ହିସାବରେ ପ୍ଲାଷ୍ଟିକ୍ ବୋତଲ ତ କ୍ଷତିକାରକ, ଅପରପକ୍ଷେ ଏକ ଲିଟର ଜଳ ଧରୁଥିବା ପ୍ଲାଷ୍ଟିକ୍ ବୋତଲ ତିଆରିରେ ପ୍ରାୟ ୧.୬ ଲିଟର ବିଶୁଦ୍ଧ ଜଳ ଆବଶ୍ୟକ ହୋଇଥାଏ। ଚିନ୍ତାର ବିଷୟ ଏହି ଯେ, ପ୍ଲାଷ୍ଟିକ୍ ବୋତଲରେ ପଛେ ଦୂଷିତ ଜଳ ଥାଉ କିନ୍ତୁ ବୋତଲ ତିଆରିରେ ବ୍ୟବହୃତ ହେଉଥିବା ଜଳ ଶୁଦ୍ଧ ଭୂତଳ ଜଳର ଅଂଶବିଶେଷ।

ଆଜକୁ ମାତ୍ର ୬ ଦଶକ ପୂର୍ବେ ପ୍ଲାଷ୍ଟିକ୍ ଉତ୍ପାଦନ ଆରମ୍ଭ ହେଲା। ପାନୀୟ ଜଳକୁ ବୋତଲରେ ପ୍ୟାକିଂ କରିବା କାର୍ଯ୍ୟ ୧୯୯୦ ଦଶକରେ ଆରମ୍ଭହୋଇ ଖୁବ୍‌ଶୀଘ୍ର ଲୋକପ୍ରିୟତା ଅର୍ଜନ କଲା। ବୋତଲ ତିଆରିର ପ୍ରମୁଖ ଉପାଦାନ ହେଉଛି ପଲିଥିନ ଟେରିଫ୍‌ଥାଲେଟ୍ (ପିଇଟି) କିମ୍ବା ପଲିଷ୍ଟର ପ୍ଲାଷ୍ଟିକ୍, ଯେଉଁଥିରେ ଜଳ, ଥଣ୍ଡାପାନୀୟ ଓ ବିଭିନ୍ନ କମ୍ପାନୀର ତରଳ ଉତ୍ପାଦ ବ୍ୟାପକ ଭାବେ ବଜାରରେ ବିକ୍ରି ହେଉଛି। ବୈଜ୍ଞାନିକଙ୍କ ମତରେ ଏହି ପିଇଟି ଶହ ଶହ ବର୍ଷ ପର୍ଯ୍ୟନ୍ତ ଜୀବାଣୁମାନଙ୍କ ଦ୍ୱାରା ଅପଘଟିତ ହୋଇ ପାରନ୍ତି ନାହିଁ। ଏହି ପିଇଟି କେବଳ ମନୁଷ୍ୟ ନୁହେଁ ସମଗ୍ର ପରିବେଶ ପାଇଁ ବିପଦ। ଏହାକୁ ଅଗ୍ନିରେ ଦଗ୍ଧ କଲେ ଏହା ଅଧିକ ବିଷାକ୍ତ ଧୂମ ନିର୍ଗତ କରି ଅପୋଡ଼ା ପ୍ଲାଷ୍ଟିକ୍‌ଠାରୁ ଅଧିକ କ୍ଷତିକାରକ ହୋଇଥାଏ। ସମୁଦ୍ରରେ ପ୍ଲାଷ୍ଟିକ୍ ଜମା ହୋଇ ମାଛ ଓ ଅନ୍ୟାନ୍ୟ ଜଳଚର ଜୀବଙ୍କ ପ୍ରତି ଘୋର ବିପଦ ସୃଷ୍ଟି କରୁଛି। ପ୍ଲାଷ୍ଟିକ୍ ଦ୍ରବ୍ୟ ଓ ଏହାର ତିଆରିରେ ବ୍ୟବହୃତ ରାସାୟନିକ ପଦାର୍ଥ ସମୁଦ୍ରର ଲୁଣି ଜଳର ସଂସ୍ପର୍ଶରେ ଆସି ଜଳକୁ ବିଷାକ୍ତ କରିଦେଉଛି। ମାଛମାନେ ଏହି ରାସାୟନିକ ଦ୍ରବ୍ୟକୁ ସେବନ କରୁଛନ୍ତି ଓ ମଣିଷ ସେହି ମାଛ ଭକ୍ଷଣ କରୁଛି। ସୁତରାଂ ମଣିଷ ପ୍ରକାରାନ୍ତରେ ଏହି ବିଷାକ୍ତ ରସାୟନକୁ ସେବନ କରି ବିପଦକୁ ବରଣ କରୁଛି।

ସମୁଦ୍ରକୁ ପ୍ଲାଷ୍ଟିକ୍ ବର୍ଜ୍ୟମୁକ୍ତ କରିବାର ପ୍ରୟାସ ବିଶ୍ୱବ୍ୟାପୀ ଗ୍ରହଣ କରାଯିବା ଅତି ଜରୁରୀ। ନଚେତ୍ ସମୁଦ୍ରରେ ଜଳଚର ଜୀବ ଅପେକ୍ଷା ପ୍ଲାଷ୍ଟିକ୍ ବର୍ଜ୍ୟ ଅଧିକ ହୋଇଯିବ। ଏକ ଆକଳନ ଅନୁସାରେ ୨୦୫୦ ସୁଦ୍ଧା ସମୁଦ୍ରରୁ ମତ୍ସ୍ୟଜୀବୀଙ୍କ ଜାଲରେ ମାଛଠାରୁ କାହିଁ କେତେଗୁଣ ଅଧିକ ପ୍ଲାଷ୍ଟିକ୍ ବର୍ଜ୍ୟ ପଡ଼ିବ। ଏପରି ସ୍ଥିତିରେ ପୃଥିବୀ ପ୍ଲାଷ୍ଟିକ୍‌ମୟ ହେବାକୁ ଆଉ ଡେରି ନାହିଁ। ଖବରକାଗଜରେ ପ୍ରକାଶିତ ଏକ ବିସ୍ମୟକର ତଥ୍ୟ ଅନୁଯାୟୀ ମହାକାଶରେ ଏବଂ ସର୍ବୋଚ୍ଚ ଗିରିଶୃଙ୍ଗ ଏଭରେଷ୍ଟରେ ମଧ୍ୟ ବିପୁଳ ପରିମାଣରେ ପ୍ଲାଷ୍ଟିକ୍ ବର୍ଜ୍ୟ ଜମାହେଲାଣି।

ବିଶ୍ୱବ୍ୟାପୀ ପ୍ଲାଷ୍ଟିକ୍ ବ୍ୟବହାର ଓ ତା'ର ବର୍ଜ୍ୟ ପରିଚାଳନା ଏକ ବୃହତ୍ ସମସ୍ୟା ରୂପେ ଦଣ୍ଡାୟମାନ ହେଲାଣି। ବିଶେଷକରି ଚାଇନା ଓ ଭାରତ ଭଳି ଘନ ଜନସଂଖ୍ୟା ବିଶିଷ୍ଟ ଦେଶଗୁଡ଼ିକ ପାଇଁ ଏହା ଉଦ୍‌ବେଗର କାରଣ ସାଜିଲାଣି। କେବଳ ଭାରତରେ ପ୍ରତ୍ୟହ ୨୬ ହଜାର ଟନ୍ ପ୍ଲାଷ୍ଟିକ୍ ଆବର୍ଜନା ସୃଷ୍ଟି ହେଉଛି। ମାଟି, ପାଣି ଓ ପବନକୁ ପ୍ରଦୂଷିତ କରୁଥିବା ପ୍ଲାଷ୍ଟିକ୍ ଆବର୍ଜନା ପରିଚାଳନା ପାଇଁ ଆମ ଦେଶରେ ଏ ଯାବତ୍ କୌଣସି ନିର୍ଦ୍ଦିଷ୍ଟ ଯୋଜନା କାର୍ଯ୍ୟକାରୀ ହୋଇନାହିଁ। ପ୍ଲାଷ୍ଟିକ୍ ଉତ୍ପାଦନ ଉପରେ ମଧ୍ୟ ନିୟନ୍ତ୍ରଣ ନାହିଁ। କେବଳ କେତେକ ରାଜ୍ୟ ସରକାର ନାମକୁମାତ୍ର ଏହାର ପ୍ରଚଳନକୁ ନିଷେଧ କରିଛନ୍ତି। ପିଇଟି ସାଧାରଣତଃ ଶସ୍ତା, ସହଜ ଓ ସୁଲଭ୍ୟ ହୋଇଥିବାରୁ କମ୍ପାନୀମାନେ ଅଧିକ ମହଙ୍ଗା ସାବ୍ୟସ୍ତ ହୋଇଥିବା ପ୍ରାକୃତିକ ଉପାଦାନ କଥା ଚିନ୍ତା କରୁନାହାନ୍ତି। ଯଦି ସାମାନ୍ୟ କିଛି ପାରିଶ୍ରମିକ ପ୍ରଦାନ କରାଯାଇ ଗ୍ରାମ ଓ ସହରରୁ ପ୍ଲାଷ୍ଟିକ୍ ଆବର୍ଜନା ସଫାକରି ଏହାର ପୁନଃଚକ୍ରୀକରଣର ବ୍ୟବସ୍ଥା କରାଯାନ୍ତା, ତେବେ ଆବର୍ଜନା ସଫା ହେବା ସହ କ୍ଷୁଦ୍ର ନିଯୁକ୍ତି ସମ୍ଭବ ହୋଇପାରନ୍ତା ଓ ନୂତନ ପ୍ଲାଷ୍ଟିକ୍ ଦ୍ରବ୍ୟ ଉତ୍ପାଦନ ହ୍ରାସ ପାଆନ୍ତା।

ବିଶ୍ୱର ସାମ୍ପ୍ରତିକ ପ୍ଲାଷ୍ଟିକ୍ ବର୍ଜ୍ୟଜନିତ ପ୍ରଦୂଷଣ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି, ରାଜ୍ୟ ବା ରାଷ୍ଟ୍ରର ଦୋଷ ନୁହେଁ। ଏହା ଏକ ସାମୂହିକ ସମସ୍ୟା। ସୁତରାଂ ଏ ସମସ୍ୟାର ତ୍ୱରିତ ସମାଧାନ ପାଇଁ ସବୁସ୍ତରରେ ବ୍ୟଗ୍ରତା ପ୍ରକାଶ ପାଇବା ଉଚିତ। ତିବ୍ବତୀୟ ଧର୍ମଗୁରୁ ସନ୍ଥ ଦଲାଇଲାମା କହନ୍ତି– ଯେତେଦିନ ପର୍ଯ୍ୟନ୍ତ ଜଳ, ବାୟୁ, ମାଟି, ମହାକାଶ ସମସ୍ତ ପ୍ରତିକୂଳତାକୁ ସହ୍ୟକରି ପ୍ରାଣୀମାନଙ୍କର ଜୀବନଧାରଣ ପ୍ରକ୍ରିୟାକୁ ସୁଗମ ନ କରିଛନ୍ତି, ସେତେଦିନ ଯାଏ ଆମର ବିଶ୍ରାମ ନାହିଁ। ପୃଥିବୀକୁ ପ୍ଲାଷ୍ଟିକ୍ ବର୍ଜ୍ୟମୁକ୍ତ କରିବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଉଚିତ। ନଚେତ୍ ଏହାର ବିଷମୟ ପରିଣତି ପ୍ରାଣୀ, ଉଦ୍ଭିଦ ନିର୍ବିଶେଷରେ ସମସ୍ତଙ୍କୁ ଭୋଗିବାକୁ ହେବ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ–୯୯୩୭୪୫୦୫୪୦

# ସମୟ ଚକ୍ର ବୁଲୁଛି



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ଏପରିକିଛିକଥା ଅଛି, ଯାହା ଆମଭଳି ବହୁ ଲୋକଙ୍କ ମନକୁ ଆନ୍ଦୋଳିତ କରୁଛି। କାହାକୁ ସମାଲୋଚନା କରିବା ଆମ ଉଦ୍ଦେଶ୍ୟ ନୁହେଁ। ସକାରାତ୍ମକ ଦୃଷ୍ଟିଭଙ୍ଗୀ ରଖି ଆମ ଚାରିଆଡ଼େ ଘଟି ଯାଉଥିବା କିଛି ଘଟଣା ବିଷୟରେ ଏଠାରେ ଉଲ୍ଲେଖ କରୁଛି।

କିଛି ଦିନ ତଳର ଘଟଣା। ମା'ର ମୃତ୍ୟୁ ହେଲା, ଅଥଚ ପୁଅର ଦେଖା ନାହିଁ। ଗାଁ ଲୋକେ ମା'ଙ୍କ ମୃତଦେହକୁ କୋକେଇରେ ନେଇ ଶ୍ମଶାନରେ ଉପସ୍ଥିତ ହେଲେ। ମୁଖାଗ୍ନି ଦେବା ପାଇଁ ପୁଅକୁ ଖୋଜା ପଡ଼ିଲା। ପୁଅ ମଦନିଶାରେ ଟଳି ଟଳି ମା'ର ମୃତଦେହ ନିକଟକୁ ଆସିଲା। ଠିକ୍‌ଭାବେ ଠିଆ ମଧ୍ୟ ହୋଇପାରୁ ନ ଥାଏ। ଉପସ୍ଥିତ ଲୋକେ ପଚାରିଲେ, କୁଆଡ଼େ ଥିଲ? ପୁଅର ଉତ୍ତର ମଧ୍ୟ ସିଧା ଥିଲା–ମଦ ଦୋକାନକୁ ଯାଇଥିଲି, ଟିକେ ବିଅର ପିଇଦେଇଛି। ମନରେ ଟିକେ ବି ଅନୁଶୋଚନା ନାହିଁ।

ଆଉ ଏକ ଘଟଣା। ସାରଥି ଦତ୍ତା, ବୟସ ୬୫ ବର୍ଷ। ପିତୃ ଦିବସରେ ତାଙ୍କୁ ଭେଟିଥିବା କିଛି ସ୍ୱେଚ୍ଛାସେବୀଙ୍କୁ ସେ ତାଙ୍କ ମନର ବ୍ୟଥା ବ୍ୟକ୍ତକରି କହନ୍ତି, ମୁଁ ପିଲାମାନଙ୍କୁ ବହୁ କଷ୍ଟରେ ଲାଳନପାଳନ କରିଥିଲି। ଆଜି ସେମାନେ ସମସ୍ତେ ସମାଜରେ ପ୍ରତିଷ୍ଠିତ। ଆଜକୁ ତିନି ବର୍ଷ ତଳେ ମୋ ପିଲାମାନେ ମୋତେ ଘରୁ ତଡ଼ିଦେଲେ। ମୁଁ କିପରି ଅଛି, ସେ ବିଷୟରେ ସେମାନଙ୍କର ଖୋଜ ଖବର ନାହିଁ। ମୋ ଝିଅଜ୍ୱାଇଁ ବାଙ୍ଗାଲୋରରେ ଭଲ ଚାକିରି କରି ରହୁଛନ୍ତି। ସେମାନେ ମଧ୍ୟ ମୋତେ ନେବାକୁ ଚାହିଁଲେ ନାହିଁ। କାରଣ ଏହାଦ୍ୱାରା ସେମାନଙ୍କର ସମ୍ମାନରେ ଆଞ୍ଚ ଆସିବ। ତେଣୁ କ୍ୟାପିଟାଲ ହସ୍ପିଟାଲ ପଛପଟେ ଥିବା ରାତ୍ରି ଆଶ୍ରୟସ୍ଥଳୀରେ ଆଶ୍ରିତ।

ଆଉ ଜଣେ ଭଦ୍ରବ୍ୟକ୍ତି। ନାମ ଉଗ୍ରସେନ ସାହୁ। ପୁରୀରେ ଘର ଖଣ୍ଡେ କରିଥିଲେ। ଝିଅ ବିବାହ ବେଳକୁ ପୁଅମାନେ ଟଙ୍କା ନ ଦେବାରୁ ସେ ବାଧହୋଇ ଘରଟିକୁ ବିକିଦେଲେ। ପରବର୍ତ୍ତୀ ସମୟରେ ପୁଅମାନେ ତାଙ୍କୁ ଘରୁ ବାହାର କରିଦେବା ସହ ସ୍ତ୍ରୀଙ୍କୁ ତାଙ୍କ ବାପଘରେ ଛାଡ଼ିଦେଲେ। ଅନ୍ୟ ଉପାୟ ନ ପାଇ ଉଗ୍ରସେନ ପୁରୀ ବଡ଼ଦାଣ୍ଡରେ ଆସି କିଛିଦିନ ଭିକ ମାଗିଲେ। କିନ୍ତୁ ପରେ ଭାବିଲେ ପୁରୀରେ ବହୁ ଚିହ୍ନାଲୋକ ଅଛନ୍ତି, ସେ ଭିକ ମାଗୁଥିବା କଥା ଲୋକମାନେ ଜାଣିଲେ ପୁଅମାନଙ୍କର ସାମାଜିକ ପ୍ରତିଷ୍ଠାରେ ଆଞ୍ଚ ଆସିବ। ତେଣୁ ସେ ପୁରୀ ଛାଡ଼ି ଉପରିଲିଖିତ ରାତ୍ରି ଆଶ୍ରୟସ୍ଥଳୀରେ ବାସ କରୁଛନ୍ତି।

ଆମେ ରହୁଥିବା ଅଞ୍ଚଳର ଗୋଟିଏ ଘଟଣା। ପାଞ୍ଚ ପୁଅ ଓ ତିନି ଝିଅ ଥାଇ ବୃଦ୍ଧା ମା' ଅଲୋଡ଼ା। ତାଙ୍କର ଯତ୍ନ ନେବାକୁ କାହାର ଆଗ୍ରହ ନାହିଁ। ପ୍ରଥମେ ବୁଢ଼ୀ ବଳବୟସ ଥିବାବେଳେ ଏକୁଟିଆ ଘରଭଡ଼ା ନେଇ ଗୋଟିଏ ପୁଅ ରହୁଥିବା ଘର ପାଖରେ ଥିଲେ। ବର୍ତ୍ତମାନ ବଳବୟସ ଗଲାଣି, ସେ ଯାହା ଘୁଷୁରୁଛନ୍ତି। ତେଣୁ ସେ ଅନ୍ୟ ଉପାୟ ନ ପାଇ ଜରାଶ୍ରମରେ ରହୁଛନ୍ତି।

ପୁଅଟି ଅତିରିକ୍ତ ଶାସନ ସଚିବ ପାହ୍ୟାର ଜଣେ ଅଫିସର। ବାପାମା' ବଞ୍ଚିଛନ୍ତି। ବାପା ସରକାରୀ ଚାକିରି କରୁଥିଲେ। ତେଣୁ ପେନସନ ମଧ୍ୟ ପାଉଛନ୍ତି। ପୁଅବୋହୂ ଓ ବାପାମା' ଗୋଟିଏ ଆପାର୍ଟମେଣ୍ଟରେ ଭଡ଼ାରେ ରହୁଥିଲେ ମଧ୍ୟ ଭିନ୍ନ ଭିନ୍ନ ବ୍ଲକ୍‌ରେ ରହୁଛନ୍ତି। ସେମାନଙ୍କ ହାଣ୍ଡି ଅଲଗା, ବୁଢ଼ୀଙ୍କର ବଳବୟସ ବି କମିଗଲାଣି। ଘୁଷୁରି ଘୁଷୁରି ଯାହା ରୋଷେଇବାସ କରି ସ୍ୱାମୀଙ୍କୁ ଗଣ୍ଡେ ଖାଇବାକୁ ଦେଉଛନ୍ତି ଏବଂ ନିଜେ ଖାଉଛନ୍ତି। ବିଚରା ପୁଅଟି ସବୁ ଜାଣୁଥିଲେ ମଧ୍ୟ ସ୍ତ୍ରୀ କଥାରେ ଉଠ୍‌ବସ୍ ହେଉଛି।

୯୦ ମସିହା କଥା। ମୁଁ ଆଡିଶନାଲ ଟ୍ରେଜେରି ଅଫିସର ଭାବେ କାର୍ଯ୍ୟରତ ଥିଲି। ସେତେବେଳେ ମନ୍ତ୍ରୀମାନେ ନିଜେ ତାଙ୍କ ଦରମା ଓ ଟି.ଏ. ବିଲ୍ ଇତ୍ୟାଦି ଟ୍ରେଜେରିରେ ଦାଖଲ କରି ବ୍ୟାଙ୍କରୁ ଟଙ୍କା ନେଉଥିଲେ। ଜଣେ ମନ୍ତ୍ରୀଙ୍କ ପାଖରେ ଥିବା ଜମାଦାର ଉକ୍ତ ବିଲ୍ ସବୁକୁ ନେଇ ଆସୁଥିଲେ। ତେଣୁ ତାଙ୍କ ସହିତ ଚିହ୍ନାପରିଚୟ ଥିଲା। ମୁଁ ସେହି ଟ୍ରେଜେରିରେ କାମ କରୁଥିବା ବେଳେ ସେ ସରକାରୀ ଚାକିରିରୁ ଅବସର ନେଲେ। କଥା ପ୍ରସଙ୍ଗରେ କହିଲେ ଯେ, ସେ ପ୍ରାକ୍‌ସ୍ୱାଧୀନତା କାଳରେ ବିଶ୍ୱନାଥ ଦାସଙ୍କ ମନ୍ତ୍ରିମଣ୍ଡଳରେ କୌଣସି ଏକ ମନ୍ତ୍ରୀଙ୍କ ପାଖରେ ଜମାଦାର ଭାବରେ ଚାକିରି ଆରମ୍ଭ କରିଥିଲେ। ଅପୁତ୍ରକ ଥିବା ହେତୁ ପୁତୁରାକୁ ପୁଅ କରିଥିଲେ। ମନ୍ତ୍ରୀଙ୍କ ଦପ୍ତରରେ କାମ କରୁଥିବା ହେତୁ କୁହାପୋଛା କରି ତାଙ୍କ ଜାଗାରେ ତାଙ୍କ ପୁତୁରାକୁ ରଖାଇଲେ ଏବଂ ସେ ରହୁଥିବା କ୍ୱାର୍ଟର୍ସଟିକୁ ମଧ୍ୟ ପୁତୁରା ନାମରେ କରାଇଦେଲେ। ଯେଉଁଦିନ ସେ ଅବସର ନେଲେ, ପୁତୁରା ପଚାରିଲା, ଦାଦି ତୁମେ କେବେ ଗାଁକୁ ଯିବ? ଲୋକଟି ଅତ୍ୟନ୍ତ ସ୍ୱାଭିମାନୀ ଥିଲା। ସେ ଟ୍ରେଜେରିରୁ ତାଙ୍କର ପ୍ରଥମ ପେନ୍‌ସନଟି ନେଇ ଗ୍ରାମାଞ୍ଚଳରେ ଥିବା ଟ୍ରେଜେରିକୁ ତାଙ୍କ ପେନ୍‌ସନ ବହି ପଠାଇବାକୁ ଅନୁରୋଧ କରି ଦରଖାସ୍ତଟିଏ ଦେଇ ତାଙ୍କ ଦୁଃଖ କହିଲେ, ଆଜ୍ଞା! ସବୁ ଗଛ ଲଗାଇବେ କିନ୍ତୁ ମଣିଷ ଗଛ ଲଗାଇବେ ନାହିଁ।

ଏସବୁ ଘଟଣା ଦେଖି ଓ ଶୁଣି ଆମକୁ ଫକୀରମୋହନଙ୍କ ଗଳ୍ପ 'ଡାକମୁନ୍‌ସୀ' ଓ 'ସଭ୍ୟ ଜମିଦାର' କଥା ମନେପଡ଼ିଯାଉଛି। ବାପାମା'ଙ୍କୁ ଅବହେଳା କରୁଥିବା ପୁଅ–ବୋହୂଙ୍କୁ ଆମର ପରାମର୍ଶ– ବାବୁ! ଯୌବନ ସବୁଦିନ ରହେ ନାହିଁ। ଆଜି ତୁମେ ଯୁବକ ବା ଯୁବତୀ ଅଛ, ଆସନ୍ତାକାଲି ଏଇ ବୁଢ଼ାବୁଢ଼ୀଙ୍କ ପରି ଯେ ନ ଘୁଷୁରିବ ସେ କଥା କିଏ କହିବ? ତୁମେ ତୁମ ବାପା ମା'ଙ୍କୁ ଯେପରି ଅବହେଳା କରୁଛ ସେସବୁର ମୂକସାକ୍ଷୀ ହେଉଛନ୍ତି ତୁମ ପିଲାମାନେ। ସମୟ ଚକ୍ର ବୁଲୁଛି। ସୁତରାଂ ଏସବୁ ଘଟଣାର ଯେ ତୁମ ଜୀବନରେ ପୁନରାବୃତ୍ତି ହେବ ନାହିଁ ଏ କଥା କିଏ କହିବ?

ମୋ– ୯୪୩୮୦୭୨୮୫୦

## ଏଇ ଭାରତରେ

ଜଣେ ଚିତ୍ରକର ନିଜକୁ ମହାକାଶଚାରୀ ବେଶରେ ସଜେଇ ପଥୁରିଆ ସ୍ଥାନରେ ଚାଲି ଚନ୍ଦ୍ରପୃଷ୍ଠରେ ଚାଲିବାର ଭ୍ରମ ସୃଷ୍ଟି କରିଛନ୍ତି ଅନ୍ୟମାନଙ୍କ ମନରେ। ଏପରି ଏକ ଘଟଣା ଘଟିଛି ବେଙ୍ଗାଲୁରୁଠାରେ। ବେଙ୍ଗାଲୁରୁର ତୁଙ୍ଗାନଗର ମୁଖ୍ୟରାସ୍ତା ପାର୍ଶ୍ୱରେ ପଡେ ଏଭଳି ଅନେକ ପୋଥୋଲ୍ସ (ପଥରରେ ବଡ଼ ବଡ଼ ଗର୍ତ୍ତ)। ତେଣୁ ଏହି ଅଞ୍ଚଳ ସହିତ ସଂଯୋଗକାରୀ ସଡ଼କ ନିର୍ମାଣ କରାଯିବା ଅସମ୍ଭବ। ତେବେ ମହାକାଶଚାରୀ ବେଶରେ ଏହି ବ୍ୟକ୍ତି ମହାଶୂନ୍ୟରେ ଚାଲିବା ସ୍ଥାନୀୟ ଲୋକଙ୍କୁ ସ୍ତବ୍ଧ କରିଛି। ବାଦଲ ନଞ୍ଜୁଦସ୍ୱାମୀ ନାମକ ଏହି ଚିତ୍ରକର ଅନେକ ସମୟରେ ନିଜ ଚିତ୍ରକଳା ମାଧ୍ୟମରେ ବିଭିନ୍ନ କ୍ଷେତ୍ରରେ ଦୋଷତ୍ରୁଟି ଦର୍ଶାଇ ସ୍ୱର ଉତ୍ତୋଳନ କରିବା ସହିତ ଗଣମାଧ୍ୟମରେ ଚର୍ଚ୍ଚିତ ହୁଅନ୍ତି। ସେ ମହାକାଶଚାରୀ ବେଶରେ ବେଙ୍ଗାଲୁରୁର ଉପରୋକ୍ତ ଅଞ୍ଚଳରେ ଚାଲିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଅଞ୍ଚଳର ପଥର ଓ ବାଲୁକାମୟ ଅଞ୍ଚଳ ଚନ୍ଦ୍ରପୃଷ୍ଠର ଭ୍ରମ ସୃଷ୍ଟି କରିଥିଲା। ଉକ୍ତ ବ୍ୟକ୍ତିଙ୍କର ଭିଡିଓକୁ ପାଖାପାଖି ୨୦୦୦ ବ୍ୟକ୍ତି ଲାଇକ୍ କରିବା ସହିତ ଅନେକ ମତାମତ ଦେଇଛନ୍ତି। ଜଣେ ଟୁଇଟର୍‌ରେ ଏହା ଉପରେ ମତ ଦେଇ ଲେଖିଛନ୍ତି, ଆଗ୍ନେୟଗିରିଗୁଡିକ ଏତେ ବଡ଼ ଯେ, ଏଗୁଡିକ ଉପରେ ମହାକାଶଚାରୀମାନଙ୍କୁ ସହଜରେ ତାଲିମ ଦିଆଯାଇ ମୁନ୍ ମିଶନ୍ ସଫଳତା ପାଇଁ ଯୋଜନା ପ୍ରସ୍ତୁତ କରାଯାଇପାରିବ।

## ଚିରନ୍ତନୀ

ସକଳ ଶରୀର ପରେ, ପ୍ରାଣମୂଳେ ବାଜଇ ଝଙ୍କାର
ଅନ୍ତର ମଥିତ କରେ ଅପହୃତ ଧନ ଆଶଙ୍କାର
ସୃଷ୍ଟିର ବିରାଟ ପ୍ରାଣେ ତଥା ଅହରହ
ଲାଗଇ ଯେ ଦୂରନ୍ତ ବିରହ!
ଗଳଇ ରୁଧିରରାଶି ଯନ୍ତ୍ରଣାର କ୍ଷତ ଅବକାଶ
ନିତି ପ୍ରଦୋଷ ଉଷାରେ ସେ ବେଦନା ଲଭଇ ପ୍ରକାଶ
ପରାଚୀ ପ୍ରତୀଚୀ ଭାଲେ ରକତର ରାଗେ,
ବିରହର ଶତ କ୍ଷତ ଦାଗେ।

(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆମ୍ବା କମିଟି କାହା ସ୍ୱାର୍ଥରେ

ମହାଶୟ,

ଧରିତ୍ରୀ(୨୦।୮)ରେ ପ୍ରକାଶିତ ହୋଇଛି '୪ ବର୍ଷ ହେଲା ଗଠନ ହୋଇପାରୁନି ଆମ୍ବା କମିଟି'। ଆଜ୍ଞା! ଏ ଆମ୍ବା କମିଟି ଏକ ପ୍ରହସନ ଛଡା କିଛି ନୁହେଁ। କେବଳ ସରକାରଙ୍କ ଯୋଜନା ଅର୍ଥ ଆତ୍ମସାତ୍ କରିବାର ଏକ ବାଟ ବୋଲି କୁହାଯାଇପାରେ। ବରଂ ଆମ୍ବା ଏବଂ ପାଣି ପଞ୍ଚାୟତ ଇତ୍ୟାଦିକୁ ସରକାର ତୁରନ୍ତ ହଟାଇ ଦେଇ ସିଧା କିପରି ଚାଷୀମାନେ ଉପକୃତ ହେବେ ତାହାର ବ୍ୟବସ୍ଥା କରନ୍ତୁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ବାରୁଦ ଗଦା ଉପରେ ଆଫଗାନିସ୍ତାନ

ଏକ ବିବାହ ଉତ୍ସବରେ ସନ୍ତ୍ରାସବାଦୀମାନେ ବୋମା ବିସ୍ଫୋରଣ କରି ୨୩/୨୪ ଜଣଙ୍କୁ ମାରିବା ସଙ୍ଗେ ସଙ୍ଗେ ୧୬ ଜଣଙ୍କୁ ଆହତ କରିଛନ୍ତି। ଏଥିରୁ ସ୍ପଷ୍ଟ ଅନୁମେୟ ସତେ ଯେପରି ସମଗ୍ର ଆଫଗାନିସ୍ତାନ ବାରୁଦ ଗଦା ଉପରେ ବସିଛି। ସବୁବେଳେ ବୋମା ବିସ୍ଫୋରଣ ଓ ନରସଂହାର ଭଳି ଦୁଃଖଦାୟକ ଖବର ଶୁଣିବାକୁ ମିଳୁଛି। ମନେହେଉଛି ଆଫଗାନିସ୍ତାନର ନିରାପତ୍ତାବାହିନୀ ସନ୍ତ୍ରାସବାଦୀଙ୍କୁ ଦମନ କରି ନିୟନ୍ତ୍ରଣକୁ ଆଣିପାରୁନାହାନ୍ତି।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଅପରାଧୀଙ୍କୁ ନିୟନ୍ତ୍ରଣ କରାଯାଉ

କଟକ–ଭୁବନେଶ୍ୱରରେ ପୂଜାପାର୍ବଣ ସମୟ ଆସିଲେ ଅପରାଧୀମାନେ ସକ୍ରିୟ ହୋଇଉଠନ୍ତି। ବିଶୃଙ୍ଖଳା ସୃଷ୍ଟି କରିବା, ଲୁଟିବା, ଚାନ୍ଦା ଆଦାୟ କିମ୍ବା ଆକ୍ରମଣ କରିବାକୁ ସେମାନେ ପଛେଇ ନ ଥାନ୍ତି। ସମାଜ ଉପରେ ନିଜର ଆଧିପତ୍ୟ ବିସ୍ତାର କରିଥାନ୍ତି। ସାଧାରଣ ନାଗରିକ ଭୟଭୀତ ହୋଇଥାଏ। ପୋଲିସ ପ୍ରଶାସନ ଅପରାଧୀମାନଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। କେତେକ କ୍ଷେତ୍ରରେ ଆତ୍ମଗୋପନ କରି କିମ୍ବା ଲୁକ୍କାୟିତ ଭାବେ ଅପରାଧୀମାନେ ଚଳପ୍ରଚଳ କରନ୍ତି। ସେମାନଙ୍କୁ ନିୟନ୍ତ୍ରଣ କରିବା ଉଚିତ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଗୋଟିମୁକ୍ତ ଶ୍ରମିକଙ୍କୁ ବାସନ୍ଦ ଓ ନିର୍ଯାତନା ଅଭିଯୋଗ
## ପୁରୀ ପ୍ରଶାସନକୁ ତଦନ୍ତ ନିର୍ଦ୍ଦେଶ

**ପୁରୀ ଅଫିସ,୨।୯:** ଗୋଁତି ଖଟିବାକୁ ମନା କରିବାରୁ ଗୋତି ମୁକ୍ତ ଶ୍ରମିକ ପରିବାରଙ୍କୁ ସାମାଜିକ, ଅର୍ଥନୈତିକ ବାସନ୍ଦ ଓ ନିର୍ଯାତନା ଅଭିଯୋଗ ଉପରେ ତଦନ୍ତ ଲାଗି ଓଡ଼ିଶା ମାନବାଧିକାର କମିଶନ (ଓଏଚ୍ଆର୍‌ସି) ପୁରୀ ଜିଲାପାଳ ଏବଂ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ରହ୍ମଗିରି ଥାନା ଅଧୀନ ମନାପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ବାରିକ, କେଳୁଚରଣ ବାରିକ ଏବଂ ଆନନ୍ଦ ବାରିକଙ୍କୁ ପ୍ରଶାସନ ପକ୍ଷରୁ ଗୋଟିମୁକ୍ତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହାପରେ ମଧ ସେମାନଙ୍କୁ କେତେଜଣ ଗ୍ରାମବାସୀ ସାମାଜିକ ଓ ଅର୍ଥନୈତିକ ବାସନ୍ଦ କରିଥିଲେ। ଏ ନେଇ ବାସନ୍ଦ ପରିବାର ଜିଲାପାଳ ଏବଂ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ନ୍ୟାୟ ପାଇଁ ସେମାନେ ପ୍ରଶାସନକୁ ଗୁହାରି ଜଣାଇଥିଲେ। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଗୋତି ବିରୋଧୀ ଭାରତ ସାମାଜିକ ସଙ୍ଗଠନର ଅଧକ୍ଷ ବାଘାମ୍ବର ପଟ୍ଟନାୟକ ଏ ନେଇ ଓଏଚ୍ଆର୍‌ସିରେ ଅଭିଯୋଗ କରିଥିଲେ। ଉପରୋକ୍ତ ଗୋଟିମୁକ୍ତ ଶ୍ରମିକ ପରିବାର ଭୟଭୀତ ଅବସ୍ଥାରେ ଗ୍ରାମରେ ରହୁଥିବା ସେ ଦର୍ଶାଇଥିଲେ।

ବିଜେଡିର ସଦସ୍ୟ ସଂଗ୍ରହ ଅଭିଯାନ




# କୁଳଭୂଷଣଙ୍କୁ ମିଳିଲା ଦୂତାବାସ ସହାୟତା

**ଇସ୍‌ଲାମାବାଦ,୨।୯(ପି.ଟି.)**

ଗୁପ୍ତଚର ବୃତ୍ତି ଅଭିଯୋଗରେ ପାକିସ୍ତାନରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ଭାରତର ଅବସରପ୍ରାପ୍ତ ନୌସେନା ଅଧିକାରୀ କୁଳଭୂଷଣ ଯାଦବଙ୍କୁ ସୋମବାର ଦୂତାବାସ ସହାୟତା ପ୍ରଦାନ ଲାଗି ପାକ୍ କର୍ତ୍ତୃପକ୍ଷ ଅନୁମତି ଦେଇଛନ୍ତି। ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ଆଇସିଜେ)ଙ୍କ ରାୟ କ୍ରମେ ୨୦୧୬ରୁ ପାକିସ୍ତାନରେ ବନ୍ଦୀ ଥିବା କୁଳଭୂଷଣଙ୍କୁ ପ୍ରଥମ ଥର ପାଇଁ ଭାରତୀୟ କୂଟନୀତିଜ୍ଞ ଭେଟିଛନ୍ତି। କଶ୍ମୀର ପ୍ରସଙ୍ଗକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାବେଳେ ଇସ୍‌ଲାମାବାଦରେ ଥିବା ଭାରତର ଉପଉଚ୍ଚାୟୁକ୍ତ ଗୌରବ ଆହଲୁୱାଲିଆ ଜେଲ୍‌ରେ ପୂର୍ବତନ ନୌସେନା ଅଧିକାରୀଙ୍କୁ ଭେଟି ୧ ଘଣ୍ଟା ଆଲୋଚନା କରିଛନ୍ତି।

କୁଳଭୂଷଣଙ୍କୁ ଭେଟିବା ପୂର୍ବରୁ ଗୌରବ ପାକ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ ଯାଇ ସେଠାରେ ମୁଖପାତ୍ର ମହମ୍ମଦ ଫୈଜଲଙ୍କୁ ସାକ୍ଷାତ କରିଥିଲେ। ନୌସେନାରୁ ଅବସର ନେବା ପରେ କୁଳଭୂଷଣ ବ୍ୟବସାୟିକ କାର୍ଯ୍ୟରେ ଇରାନ ଯାଇଥିବାବେଳେ ତାଙ୍କୁ ସେଠାରୁ ଅପହରଣ କରିନିଆଯାଇଥିଲା। ପରେ ତାଙ୍କ ବିରୋଧରେ ପାକ୍ ସରକାର ଗୁପ୍ତଚର ବୃତ୍ତି ଓ ଆତଙ୍କବାଦ ସହ ସମ୍ପୃକ୍ତିର ମିଥ୍ୟା ଅଭିଯୋଗ ଆଣିଥିଲେ। ୨୦୧୭ ଏପ୍ରିଲରେ ପାକିସ୍ତାନର ସାମରିକ ଅଦାଲତ ତାଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ମୃତ୍ୟୁଦଣ୍ଡାଦେଶ ଦେଇଥିଲା। ପାକ୍ ଅଦାଲତଙ୍କ ରାୟ ବିରୋଧରେ ଭାରତ ଆଇସିଜେଙ୍କ ଦ୍ୱାରସ୍ଥ ହୋଇଥିଲା। ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ମୃତ୍ୟୁଦଣ୍ଡାଦେଶ କାର୍ଯ୍ୟକାରୀ ନ କରିବାକୁ ଜୁଲାଇ ୧୭ରେ ଆଇସିଜେ ପାକିସ୍ତାନକୁ କହିବା ସହ ତୁରନ୍ତ କୂଟନୈତିକ ସ୍ତରରେ ଆଇନଗତ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଅଗଷ୍ଟ ୨ରେ କୁଳଭୂଷଣଙ୍କୁ ଦୂତାବାସ ସହାୟତା ଯୋଗାଇଦିଆଯିବ ବୋଲି ପାକ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ ଘୋଷଣା କରିଥିଲେ ହେଁ ଏହାର ସର୍ତ୍ତକୁ ନେଇ


କୁଳଭୂଷଣ ଯାଦବ

### ଜେଲରେ ଭେଟିଲେ ଉପଉଚ୍ଚାୟୁକ୍ତ

ଦୁଇଦେଶର କର୍ତ୍ତୃପକ୍ଷଙ୍କ ମଧ୍ୟରେ ମତଭେଦ ହେବାରୁ ତାହା ସମ୍ଭବ ହୋଇ ନ ଥିଲା। ଭାରତ ତୁରନ୍ତ ପ୍ରଭାବଶାଳୀ ତଥା ଅବାଧ କୂଟନୈତିକ ସହାୟତା ଦାବି କରିଥିଲା। ତେବେ ସୋମବାର ପ୍ରଦାନ କରାଯାଇଥିବା କୂଟନୈତିକ ସ୍ତରୀୟ ସହାୟତା ଅବାଧ କି ନୁହେଁ ତାହା ସ୍ପଷ୍ଟ ହୋଇନାହିଁ।

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଏବଂ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯିବାକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଥିବାବେଳେ ଅଗଷ୍ଟ ୭ରେ ଭାରତ ସହ କୂଟନୈତିକ ଓ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିବା ସହ ଭାରତର ଉଚ୍ଚାୟୁକ୍ତ ଅଜୟ ବିସାରିଆଙ୍କୁ ବରଖାସ୍ତ କରିଥିଲା। ଉତ୍ତେଜନା ସତ୍ତ୍ୱେ ଆଇସିଜେଙ୍କ ନିର୍ଦ୍ଦେଶକ୍ରମେ ପାକିସ୍ତାନ କୁଳଭୂଷଣଙ୍କୁ କୂଟନୈତିକ ସହାୟତା ଯୋଗାଇବାକୁ ବାଧ ହୋଇଛି।

# ସମ୍ବଲପୁର ପୋଲିସର ଏନ୍‌କାଉଣ୍ଟର

**ସମ୍ବଲପୁର,୨।୯(ବ୍ୟୁରୋ)**

- ମୁସିମ ଅଖତର୍ ଆହତ
- ବାମ ଗୋଡ଼ରେ ବାଜିଛି ଗୁଳି
- ପାଲଟା ଗୁଳିରେ ଏସ୍‌ଆଇ ଆହତ
- ବନ୍ଧୁକ, ଗୁଳି ଜବତ

ସମ୍ବଲପୁର ଜିଲା ପୋଲିସ ସୋମବାର ଭୋର୍ ୫ଟାରେ ସିଟି ଷ୍ଟେଶନ ନିକଟରେ ମୁସିମ ଅଖତର ଓରଫ ବିଟୁ (୩୨)ଙ୍କୁ ଏନ୍‌କାଉଣ୍ଟର କରିଛି। ମୁସିମଙ୍କ ବାମ ଗୋଡ଼ରେ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ସମ୍ବଲପୁର ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୁସିମଙ୍କ ପାଲଟା ଗୁଳିରେ ଏସ୍‌ଆଇ ମହମ୍ମଦ ଜାହାଙ୍ଗିର ଆହତ ହୋଇଛନ୍ତି। ସେ ମଧ ସଦର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୁସିମଙ୍କଠାରୁ ପୋଲିସ ଗୋଟିଏ ପିସ୍ତଲ, ଗୋଟିଏ ଗୁଳି, ଗୋଟିଏ ମୋବାଇଲ ଫୋନ୍ ସହ ୪ହଜାର ଟଙ୍କା ଜବତ କରିଛି। ମୁସିମଙ୍କ ନାଁରେ ଜିଲାର ବିଭିନ୍ନ ଥାନାରେ ଡକାୟତି, ଲୁଟ୍, ମାରପିଟ ଭଳି ୧୫ରୁ ଅଧିକ ମାମଲା ରହିଛି। ଏପରି କି ତାଙ୍କ ନାଁରେ ବେଙ୍ଗାଲୁରୁରେ ମଧ ଆପରାଧିକ ମାମଲା ରହିଥିବା ପୋଲିସ କହିଛି। ପୋଲିସ ସୂଚନା ଅନୁଯାୟୀ, ମୁସିମ ନିଜ ଟିମ୍ ସହ ଡକାୟତି ଯୋଜନା କରୁଥିବା ପୋଲିସକୁ ସୂଚନା ମିଳିଥିଲା। ଏସ୍‌ପି କନୱର ବିଶାଳ ସିଂଙ୍କ ନିର୍ଦ୍ଦେଶ କ୍ରମେ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଓ ଧନୁପାଲି ପୋଲିସ ମିଳିତ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ଅନ୍ୟ ଅପରାଧୀମାନେ ଫେରାର ହୋଇଯାଇଥିବା ବେଳେ ମୁସିମ ପୋଲିସ ହାବୁଡ଼ରେ ପଡ଼ିଯାଇଥିଲେ। ପୋଲିସ ତାଙ୍କୁ କାବୁ କରିବାକୁ ଉଦ୍ୟମ କରିବା ବେଳେ ସେ ପ୍ରଥମେ ୨ ରାଉଣ୍ଡ ଗୁଳି ଚଳାଇଥିଲେ। ଫଳରେ ପୋଲିସ ଗୁଳି ଚଳାଇବାକୁ ବାଧ ହୋଇଥିଲା।


ଏନ୍‌କାଉଣ୍ଟରରେ ଆହତ ମୁସିମ ଅଖତର।

# ବିସ୍ଥାପିତଙ୍କ ପାଇଁ ବଡ଼ ଘୋଷଣା

**ଭୁବନେଶ୍ୱର,୨।୯(ବ୍ୟୁରୋ)**

### କ'ଣ ପାଇବେ ବିସ୍ଥାପିତ



୨୦୧୩ ଥଇଥାନ ନୀତି ଅନୁଯାୟୀ ଜମି ଓ ସେଥିରେ ଥିବା କୋଠାର ମୂଲ୍ୟ

**ଅତିରିକ୍ତ ଭାବେ ପାଇବେ**

(ବାସଗୃହ ଉଚ୍ଛେଦ ପାଇଁ ୩ଟି ମଧ୍ୟରୁ ଗୋଟିଏ)

୧-ଏକକାଳୀନ ୩୦ ଲକ୍ଷ ଟଙ୍କା

୨-ମନ୍ଦିରର ୧.୫ କିମି ମଧ୍ୟରେ ୫୨୦ ବର୍ଗଫୁଟର ଘର

୩- ଦୁଇ କିମି ମଧ୍ୟରେ ୪୦X୨୫ ଫୁଟର ଜାଗା

**(ଦୋକାନ, ଲଜ୍, ଅସ୍ଥାୟୀ ଦୋକାନୀ, ମଠ ପାଇଁ ମଧ ଅତିରିକ୍ତ ସହାୟତା ଘୋଷଣା କରାଯାଇଛି।)**

ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ଘର, ଦୋକାନ, ମଠ ଉଚ୍ଛେଦ ଘଟଣାକୁ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଉଚ୍ଛେଦ ପ୍ରକ୍ରିୟାକୁ ନେଇ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିବାରୁ ଦୀର୍ଘଦିନ ଧରି ଦୋକାନ କରିଥିବା ଲୋକ ଜୀବିକା ହରାଇଛନ୍ତି। ବହୁ ପ୍ରାଚୀନ ଏମାର ମଠ ଭାଙ୍ଗି ମାଟିରେ ମିଶିଲାଣି। ଏନେଇ ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଏହାକୁ ଦୃଷ୍ଟିରେ ରଖି ସରକାର ବିସ୍ଥାପିତଙ୍କ ଲାଗି ବଡ଼ଧରଣର ଆର୍ଥିକ ପ୍ୟାକେଜ ଘୋଷଣା କରି ଅସନ୍ତୁଷ୍ଟଙ୍କୁ ମନାଇବାକୁ ଚେଷ୍ଟା କରିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋମବାର ଜାରି କରାଯାଇଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ, ଶ୍ରୀମନ୍ଦିର ସୁରକ୍ଷାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ମନ୍ଦିର ଚତୁଃପାର୍ଶ୍ୱରେ ଏକ ସୁରକ୍ଷିତ ଅଞ୍ଚଳ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଶ୍ରୀମନ୍ଦିର ପ୍ରମୁଖ ଐତିହ୍ୟସ୍ଥଳୀ ହୋଇଥିବା ଯୋଗୁ ଏହାର ସୁରକ୍ଷାରେ କୌଣସି ସାଲିସ କରାଯିବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଗତ ଅଗଷ୍ଟ ୨୩ରେ ପୁରୀ ପାଇଁ ମୁଖ୍ୟମନ୍ତ୍ରୀ ଏକ ପ୍ୟାକେଜ ଘୋଷଣା କରିଥିଲେ। ଶ୍ରୀମନ୍ଦିର ସୁରକ୍ଷା ଜୋନ୍‌ରୁ ସ୍ଥାନାନ୍ତରିତ ବାସଗୃହ, ଦୋକାନ ଘର ଓ ଲଜ୍ ମାଲିକମାନଙ୍କ ନିମନ୍ତେ ୨୦୧୩ରେ ଘୋଷିତ ଥଇଥାନ ନୀତି ଅନୁଯାୟୀ ଜମି ଓ ସେଥିରେ ଥିବା କୋଠାର ମୂଲ୍ୟ ବାବଦରେ ସହାୟତା ଦିଆଯିବ। ଏହାସହିତ ଅତିରିକ୍ତ ଭାବେ ସ୍ୱତନ୍ତ୍ର ଥଇଥାନ ଓ ପୁନର୍ବାସ ନୀତି ଅନୁଯାୟୀ କ୍ଷତିପୂରଣ ଏବଂ ସହାୟତା ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

ସ୍ୱତନ୍ତ୍ର ଥଇଥାନ ଓ ପୁନର୍ବାସ ସହାୟତା ବାବଦରେ, ଅଧିଗ୍ରହୀତ ଅଞ୍ଚଳରେ ଥିବା ଘରଗୁଡ଼ିକ ପାଇଁ ସବୁ ପରିବାରକୁ କ୍ଷତିପୂରଣ ଦିଆଯିବ। ପ୍ରଥମତଃ ସ୍ଥାନାନ୍ତରିତ ହେଉଥିବା ପରିବାରଗୁଡ଼ିକୁ ପରିବହନ ତଥା ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ୫୦ ହଜାର ଟଙ୍କାର ତୁରନ୍ତ ସହାୟତା ମିଳିବ। ବିସ୍ଥାପିତ ପରିବାରଗୁଡ଼ିକ ବାସଗୃହ କିମ୍ବା ଜମି ପାଇବା ପର୍ଯ୍ୟନ୍ତ ମାସିକ ୧୦ ହଜାର ଟଙ୍କାର ଘରଭଡ଼ା ପାଇବେ। ପୁନର୍ବାସ ଯୋଜନାରେ ସରକାର ତିନୋଟି ସହାୟତା ବ୍ୟବସ୍ଥା କରିଛନ୍ତି। ଏଥିରୁ କ୍ଷତିଗ୍ରସ୍ତମାନେ ଯେକୌଣସି ଗୋଟିଏ ବାଛିପାରିବେ। ସେଥିମଧ୍ୟରୁ ଗୋଟିଏ ପରିବାର ଏକକାଳୀନ ୩୦ ଲକ୍ଷ ଟଙ୍କାର ସହାୟତା ନେଇପାରିବେ। ଏପରି ହେଲେ ସେମାନଙ୍କୁ ଆଉ ଭଡ଼ାଭଡ଼ା ମିଳିବ ନାହିଁ। ନ ହେଲେ ସେମାନେ ମନ୍ଦିରର ୧.୫ କିମି ଅଞ୍ଚଳ ମଧ୍ୟରେ ପ୍ରସ୍ତାବିତ ପୁନର୍ବାସ ଓ ଥଇଥାନ କଲୋନୀରେ ୫୨୦ ବର୍ଗ ଫୁଟର ଘର ନେଇପାରିବେ। ନଚେତ୍ ୨ କିମି ମଧ୍ୟରେ ୪୦x୨୫ ଫୁଟର ଏକ ଜାଗା ପାଇପାରିବେ।

ସେହିପରି ଦୋକାନ ଗୃହ ଅଧିଗ୍ରହଣ ଲାଗି ସହାୟତା ବାବଦରେ ପରିବହନ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଏକକାଳୀନ ୫୦ ହଜାର ଟଙ୍କା ସହାୟତା ଦିଆଯିବ। ଏହି କ୍ଷତିଗ୍ରସ୍ତମାନେ ଘରଭଡ଼ା ବାବଦରେ ଦୋକାନ ଘର ପାଇଁ ମଧ ୨ ପ୍ରକାର ସହାୟତା ପାଇବେ। ପ୍ରଥମତଃ ୨୦୦ ବର୍ଗ ଫୁଟ୍‌ରୁ କମ୍, ୨୦୦ରୁ ୫୦୦ ବର୍ଗ ଫୁଟ ମଧ୍ୟରେ ଏବଂ ୫୦୦ ବର୍ଗ ଫୁଟ୍‌ରୁ ଅଧିକ ଅଞ୍ଚଳର ଦୋକାନ ଲାଗି ମାସିକ ୫ ହଜାର, ୧୦ ହଜାର ଏବଂ ୧୫ ହଜାର ଟଙ୍କା ଘର ଭଡା ଦିଆଯିବ। ଯଦି ଏହା ସେମାନଙ୍କୁ ପସନ୍ଦ ନ ଆସେ ଜିଲାପାଳଙ୍କ ସହାୟତାରେ ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସରେ ଉପଲବ୍ଧ ଦୋକାନ ଘର ଦିଆଯିବ।

ଶ୍ରୀମନ୍ଦିର ସୁରକ୍ଷା ଜୋନ୍ ମଧ୍ୟରେ ଥିବା ପ୍ରତ୍ୟେକ ଘର ପାଇଁ ଥଇଥାନ ବ୍ୟବସ୍ଥା କରାଯିବ। ୧୫୦୦ ବର୍ଗଫୁଟ୍‌ରୁ ଅଧିକ ଅଞ୍ଚଳର ଲଜ୍‌ଗୁଡ଼ିକ ପାଇଁ ମଧ ପୁନର୍ବାସ ଥଇଥାନ ନୀତି ଅନୁଯାୟୀ କ୍ଷତିପୂରଣ ସାଙ୍ଗକୁ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି। ୩ ହଜାର ବର୍ଗ ଫୁଟରୁ ଅଧିକ ଅଞ୍ଚଳରେ ଥିବା ଲଜଗୁଡ଼ିକ ୧୦ଲକ୍ଷ ଟଙ୍କା ଏବଂ ୩ ହଜାର ବର୍ଗ ଫୁଟ୍‌ରୁ କମ୍ ଅଞ୍ଚଳର ଲଜ୍ ପାଇଁ ୫ ଲକ୍ଷ ଟଙ୍କା ତୁରନ୍ତ ସହାୟତା ବାବଦରେ ପ୍ରଦାନ କରାଯିବ। ଏହାଛଡା ପ୍ରତି ଲଜ୍‌କୁ ବର୍ଗଫୁଟ ପିଛା ୨୫ ଟଙ୍କା ଲେଖାଏ ମାସିକ ଆର୍ଥିକ ସହାୟତା ୧୮ ମାସ ପର୍ଯ୍ୟନ୍ତ ଦିଆଯିବ। ଲଜ୍ ମାଲିକମାନେ ବିଲ୍ଟ ଅପ ଏରିଆର ପ୍ରତି ବର୍ଗଫୁଟ ପାଇଁ ୨ ହଜାର ଟଙ୍କା ଲେଖାଏ ଏକକାଳୀନ ସହାୟତା ନେଇପାରିବେ। ବଡଦାଣ୍ଡର ଉଭୟ ପାର୍ଶ୍ୱର ୩ଶହ ମିଟର ମଧ୍ୟରେ ସେମାନେ ଚାହିଁଲେ ୫୦x୩୦, ୫୦x୪୦ ଏବଂ ୫୦x୬୦ ବର୍ଗଫୁଟ ଜାଗା ଯୋଗାଇ ଦିଆଯିବ। ଏଥିରେ ଲଜ ନିର୍ମାଣ ପାଇଁ ବର୍ଗଫୁଟ ପିଛା ୭୫୦ ଟଙ୍କା ଲେଖା ସହାୟତା ମଧ ଦିଆଯିବ।

ଅସ୍ଥାୟୀ କ୍ଷୁଦ୍ର ବ୍ୟବସାୟୀଙ୍କୁ ଏକକାଳୀନ ୩୦ ହଜାର ଟଙ୍କାର ସହାୟତା ସହିତ ସେମାନଙ୍କୁ ଜିଲାପାଳ ବ୍ୟବସାୟ ଲାଗି ନିର୍ଦ୍ଧାରିତ ଜାଗା ଯୋଗାଇ ଦେବେ। ସୁରକ୍ଷିତ ଜୋନ୍ ମଧ୍ୟରେ ରହିଥିବା ମଠ ପାଇଁ ବିସ୍ତୃତ ଥଇଥାନ, ସଂରକ୍ଷଣ ଏବଂ ପୁନର୍ବାସ ବ୍ୟବସ୍ଥା କରାଯାଉଛି। ପୁରୀ ଜିଲାପାଳ ସମ୍ପୃକ୍ତ ପକ୍ଷମାନଙ୍କ ସହିତ ଆଲୋଚନା କରିବେ। ଏହାପରେ ମଠର ଗାଦି ଏବଂ ପ୍ରତିଷ୍ଠିତ ଦେବଦେବୀ ପୀଠର ସଂରକ୍ଷଣ କରାଯିବ। ପ୍ରତ୍ୟେକ ମଠର ସ୍ୱତନ୍ତ୍ର ପରିଚୟ ରହିଥିବାରୁ ସେଗୁଡ଼ିକର ପୁନର୍ବିନ୍ୟାସ ସମୟରେ ସମ୍ପୃକ୍ତ ମଠର କୀର୍ତ୍ତିରାଜିର ସଂରକ୍ଷଣ କରାଯିବା ସହିତ ଶ୍ରୀମନ୍ଦିରରେ ସେବା ପାଇଁ ଥିବା ପାରମ୍ପରିକ ବ୍ୟବସ୍ଥା ବଜାୟ ରଖାଯିବ। ଏହି ମଠଗୁଡ଼ିକରେ ପାର୍କିଂ ବ୍ୟବସ୍ଥା ସହିତ ସେମାନଙ୍କ ଆର୍ଥିକ ସୁରକ୍ଷା ପାଇଁ ମାର୍କେଟ କମ୍ପ୍ଲେକ୍ସଗୁଡ଼ିକରେ ଦୋକାନ ଘର ଯୋଗାଇ ଦିଆଯିବ। ଏହି ସମସ୍ତ ପ୍ୟାକେଜ ଜିଲାପାଳ କାର୍ଯ୍ୟକାରୀ କରିବେ। ଜିଲାପାଳ ସିଧା ସମ୍ପୃକ୍ତ ପକ୍ଷଙ୍କ ସହ ଆଲୋଚନା କରି କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ଅନୁମୋଦନ କ୍ରମେ ଆବଶ୍ୟକ ଅନୁଯାୟୀ ପ୍ୟାକେଜରେ ପରିବର୍ତ୍ତନ କରିପାରିବେ।

ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଯେଉଁମାନେ ସ୍ୱେଚ୍ଛାକୃତ ଭାବରେ ସୁରକ୍ଷା ଜୋନରେ ଥିବା ସେମାନଙ୍କର ସମ୍ପତ୍ତି ସରକାରଙ୍କୁ ହସ୍ତାନ୍ତର କରିବେ ସେମାନଙ୍କୁ ପ୍ୟାକେଜ୍ ସହିତ ୧୦ପ୍ରତିଶତ ଅଧିକ ଆର୍ଥିକ ସହାୟତା ଦିଆଯିବ।

## ଜିଲା ଚିଠି କେନ୍ଦ୍ରାପଡ଼ା



### ଢେଉ ଆତଙ୍କ

ବିପର୍ଯ୍ୟୟ ଆସିବା ଓ ଯିବା ମଧ୍ୟରେ ପଦଚିହ୍ନ ଛାଡ଼ିଥାଏ। ଏହାର ଉଦାହରଣ ହେଉଛି କେନ୍ଦ୍ରାପଡ଼ା ଜିଲା। ରାଜ୍ୟରେ ୪୮୦ କିଲୋମିଟର ସମୁଦ୍ର ତଟ ରହିଛି। ସେଥିମଧ୍ୟରୁ ଏହି ଜିଲାରେ ରହିଛି ୪୮ କିଲୋମିଟର। ଫଳରେ ଢେଉ ଆତଙ୍କ ଜିଲାବାସୀଙ୍କ ନିଦ ହଜାଇ ଦେଇଛି। ନ୍ୟାଶନାଲ ସେଣ୍ଟର ଫର୍ କୋଷ୍ଟାଲ ରିସର୍ଚ୍ଚର ୧୯୯୯ରୁ ୨୦୧୬ ରିପୋର୍ଟ ଅନୁଯାୟୀ ଏଠାରେ ସମୁଦ୍ରର ଜଳପତ୍ତନ ୩.୫ରୁ ୩୪ ଇଞ୍ଚ ବଢ଼ିବା ସହିତ ପ୍ରତିବର୍ଷ ୧.୩ ମିଟର ସମୁଦ୍ର ଜିଲାର ଭୂଭାଗକୁ ପଶିଆସୁଛି। ରାଜନଗର ବ୍ଲକ ସାତଭାୟାର ସାତଟି ଗ୍ରାମ ପରମାନନ୍ଦପୁର, କୁଣ୍ଡୁଆନାଶୀ, ସାହେବନଗର, ହାବେଳି ଚିନ୍ତାମଣିପୁର, ଗୋବିନ୍ଦପୁର, ସାନଗହୀରମଥା, ମୋହନପୁରକୁ ୧୯୪୦ ମସିହା ପୂର୍ବରୁ ସମୁଦ୍ର ଗ୍ରାସ କରିଛି। ଏଠାରେ ଥିବା ଅଧିବାସୀ ସାତଭାୟା ପଞ୍ଚାୟତର କାହ୍ନୁପୁର, ବରାହୀପୁର, ରବୀନ୍ଦ୍ରପାଲି, ମଗରକନ୍ଦାକୁ ଆସିଥିବା ବେଳେ ୨୦୧୧ ମସିହାରେ କାହ୍ନୁପୁର ମୌଜା ଜିଲା ନକ୍ସାରୁ ଉଭେଇଯାଇଛି। ସମୁଦ୍ର କୂଳ ଲଂଘୁଥିବାରୁ ଇତିମଧ୍ୟରେ ଏହି ୫ଟି ଗ୍ରାମର ୫୭୧ ପରିବାରକୁ ୧୨ କିଲୋମିଟର ଦୂର ବଗପାଟିଆରେ ଥଇଥାନ କରାଯାଇଛି। ସମୁଦ୍ରର ଉତ୍ତାଳ ତରଙ୍ଗ ବାବୁବାଲି, ହାବେଳି, ଗହୀରମଥା ଆଦି ଦ୍ୱୀପାଞ୍ଚଳର କ୍ଷତି କରି ଚାଲିଛି। ଗତ ୧୧ ବର୍ଷ ମଧ୍ୟରେ ସମୁଦ୍ର ଏହି ଅଞ୍ଚଳର ପ୍ରାୟ ୪ ବର୍ଗ କିଲୋମିଟର ଅଞ୍ଚଳକୁ ଗିଳି ସାରିଛି। ସମୁଦ୍ରର ଢେଉ ଆତଙ୍କ କେବଳ ଏହି ଅଞ୍ଚଳରେ ସୀମିତ ନାହିଁ। ଏହି ସ୍ଥାନରୁ ୧୫ କିଲୋମିଟର ଦୂରରେ ଥିବା ପେଣ୍ଠରେ ମଧ ଏହାର ପ୍ରଭାବ ରହିଛି। ପ୍ରତିବର୍ଷ ରାଜନଗର ବ୍ଲକର ପେଣ୍ଠାରେ ପ୍ରାୟ ୧୨ ମିଟର ତଟକ୍ଷୟ ହେଉଥିବାରୁ ସମନ୍ୱିତ ଉପକୂଳ ଜୋନ୍ ପରିଚାଳନା ପ୍ରକଳ୍ପ (ଆଇସିଜେଡ୍‌ଏମ୍‌ପି) ମାଧ୍ୟମରେ ଜିଓ ସିନ୍ଥେଟିକ ଟ୍ୟୁବ୍ ୱାଲ୍ ନିର୍ମାଣ ହୋଇଛି। ବିଶ୍ୱ ବ୍ୟାଙ୍କ ସହାୟତାରେ ନିର୍ମିତ ୫୦୫ ମିଟର ଲମ୍ବର ଏହି ପ୍ରାଚୀର ପାଇଁ ପ୍ରାୟ ୩୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଗତ ୨୪ ତାରିଖ ବିଳମ୍ବିତ ରାତିରେ ଏହି ପ୍ରାଚୀରର ଗ୍ୟାବନ ବକ୍ସରେ ନିଆଁ ଲାଗିଯିବା ଫଳରେ ପଥରଗୁଡ଼ିକୁ ସମୁଦ୍ର ଟାଣି ନେଉଛି। ସମୁଦ୍ରର ଏହି କରାଳ ଗତି ପାଇଁ ପେଣ୍ଠ ଓ ନିକଟବର୍ତ୍ତୀ ୫୬ ଗ୍ରାମବାସୀ ସମୁଦ୍ର ମାଡ଼ି ଆସିବା ଭୟରେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏଥିସହିତ ଜିଲାର ରାଜନଗର ଓ ମହାକାଳପଡ଼ା ବ୍ଲକ ଅଞ୍ଚଳର ୬୪ ଗ୍ରାମ ସୁନାମିପ୍ରବଣ ବୋଲି ଚିହ୍ନଟ ହୋଇଛି। ଅପରପକ୍ଷରେ ସମୁଦ୍ରର ପ୍ରାଚୀର କୁହାଯାଉଥିବା ହେନ୍ତାଳବଣ ତଟାଞ୍ଚଳରୁ କ୍ରମଶଃ ଲୋପ ପାଇବାରେ ଲାଗିଛି। ଗତ ୪୦ ବର୍ଷ ମଧ୍ୟରେ ପ୍ରାୟ ୬୦ ବର୍ଗ କିଲୋମିଟର ଅଞ୍ଚଳରେ ହେନ୍ତାଳବଣ ଅସ୍ତିତ୍ୱ ହରାଇ ସାରିଛି। ଢେଉ ଆତଙ୍କରୁ ବର୍ତ୍ତିବା ପାଇଁ ସରକାରୀ ପ୍ରୋତ୍ସାହନ ଓ ସାନ୍ତ୍ୱନା ଜିଲାବାସୀଙ୍କ ପାଇଁ ଯଥେଷ୍ଟ ନୁହେଁ। ଚିଙ୍ଗୁଡ଼ି ଘେରି ଯୋଗୁ ହେନ୍ତାଳବଣ ନଷ୍ଟ ହେବାରେ ଲାଗିଛି। ଅପରପକ୍ଷରେ ଜିଲାରେ ଅନୁପ୍ରବେଶ ରୋକିବା ସହିତ ଜିଲାବାସୀ ହେନ୍ତାଳବଣର ସୁରକ୍ଷା ପାଇଁ ଆଗେଇ ଆସିବା ଜରୁରୀ ହୋଇଛି। ସେହିପରି ଗ୍ଲୋବାଲ ୱାର୍ମିଂର ପ୍ରଭାବରୁ ତଟାଞ୍ଚଳ ସୁରକ୍ଷା ପାଇଁ ସରକାରଙ୍କ ସୁଚିନ୍ତିତ କାର୍ଯ୍ୟକ୍ରମ ଫଳରେ ଏହାର ନିରାକରଣ ହୋଇପାରିବ। ନଚେତ୍ ଢେଉ ଆତଙ୍କରୁ ବର୍ତ୍ତିବା ପାଇଁ ତଟାଞ୍ଚଳବାସୀଙ୍କୁ ପୂର୍ବପରି ବାରମ୍ବାର ସ୍ଥାନ ପରିବର୍ତ୍ତନ କରିବା ଏକମାତ୍ର ରାସ୍ତା ହେବା ସହିତ ଧନଜୀବନ ବିପଦର ସମ୍ମୁଖୀନ ହେବ।

**- ଜଗନ୍ନାଥ ଧଳ**

## ଖାରବେଳ ଭବନରେ ଖୋଲିବ ଏଜି ଅଫିସ

**ଭୁବନେଶ୍ୱର,୨।୯(ବ୍ୟୁରୋ)**

ନିକଟରେ ଉଦ୍‌ଘାଟନ ହୋଇଥିବା ଖାରବେଳ ଭବନରେ ରାଜ୍ୟ ସରକାର ଆଡଭୋକେଟ ଜେନେରାଲ(ଏଜି)ଙ୍କ ଅଫିସ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ହାଇକୋର୍ଟଠାରୁ ଆରମ୍ଭ କରି ସୁପ୍ରିମକୋର୍ଟରେ ଥିବା ମାମଲାଗୁଡ଼ିକର ପରିଚାଳନା ପାଇଁ ଉତ୍ତମ ସମନ୍ୱୟ ରକ୍ଷା କରାଯାଇ ପାରିବ ବୋଲି ସରକାର ଚିନ୍ତା କରୁଛନ୍ତି। ଏ ନେଇ ପ୍ରକ୍ରିୟା ଆରମ୍ଭ କରିବାକୁ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏଠାରେ ସୂଚନା ଯୋଗ୍ୟ ରାଜ୍ୟ ସରକାର ସଚିବାଳୟ ବିଲ୍ଡିଂରୁ କେତେକ ବିଭାଗକୁ ଖାରବେଳ ଭବନକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ଆଜି ଭଙ୍ଗାଯିବ ବଡ଼ ଆଖଡ଼ା ମଠ

**ପୁରୀ ଅଫିସ, ୨।୯**

- ମାଟିରେ ମିଶିବ ଆଉ ଏକ ପୁରାତନ ଐତିହ୍ୟ
- ମଠ ପରିଦର୍ଶନ କଲେ ଓଡ଼ିଶା ଐତିହ୍ୟ ସଂରକ୍ଷଣ ପରିଷଦ କର୍ମକର୍ତ୍ତା

ଶ୍ରୀମନ୍ଦିର ସୁରକ୍ଷା ଆଉ ପୁରୀ ସହରର ବିକାଶ ପାଇଁ ମାଟିରେ ମିଶିବ ଆଉ ଏକ ଐତିହ୍ୟ। ତୃତୀୟ ମଠ ଭାବେ ସତ୍ତା ହରାଇବ ସିଂହଦ୍ୱାର ନିକଟ ବହୁ ପୁରାତନ ବଡ଼ ଆଖଡ଼ା ମଠ। ପୂର୍ବରୁ ଲଙ୍ଗୁଳି ମଠ ଭଙ୍ଗା ସରିଥିବାବେଳେ ଏମାର ମଠର ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ଏବେ ବଡ଼ ଆଖଡ଼ା ମଠର ପାଳି। ପୌରସଂସ୍ଥା ପକ୍ଷରୁ ମଠରେ ଲଗାଯାଇଛି ଅସୁରକ୍ଷିତର ଲଟ୍‌କା। ଉଚ୍ଛେଦ ପାଇଁ ପ୍ରଶାସନ ପ୍ରସ୍ତୁତ ହୋଇଯାଇଛି। ମଙ୍ଗଳବାର ସକାଳେ ଭଙ୍ଗାଯିବ ଏହି ମଠ। ଚାଲିବ ବୁଲ୍‌ଡୋଜର ଆଉ ବ୍ରେକର। ମଠ କୋଠାରେ ଚାଲୁଥିବା ସିଂହଦ୍ୱାର ଥାନା ଓ ୩୮ଟି ଦୋକାନ ଘର ସୋମବାର ସୁଦ୍ଧା ଖାଲି ହୋଇଯାଇଛି। ମଠରେ ଉପାସିତ ଠାକୁରଙ୍କ ବିଜେସ୍ଥଳୀକୁ ବାଦ୍ ଦିଆଯାଇ ଭଙ୍ଗାଯିବ ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ବଖରା ଘର। ସେଥିଲାଗି ମଠର ଆସବାବପତ୍ରକୁ ମଧ ସ୍ଥାନାନ୍ତର କରି ଦିଆଯାଇଛି।

ତେବେ ଐତିହ୍ୟସମ୍ପନ୍ନ ମଠଗୁଡ଼ିକ ଭଙ୍ଗାଯିବାକୁ ନେଇ ବିଭିନ୍ନ ସମୟରେ ଉଠୁଛି ବିରୋଧର ସ୍ୱର। ସଂରକ୍ଷଣ ବଦଳରେ ଉଚ୍ଛେଦ ଠିକ୍ ନୁହେଁ ବୋଲି ଅନେକ ମତ ରଖୁଛନ୍ତି। ଶ୍ରୀମନ୍ଦିର ସୁରକ୍ଷାକୁ କେହି ବିରୋଧ କରୁନାହାନ୍ତି, କିନ୍ତୁ ଏଥିପାଇଁ ଶହ ଶହ ବର୍ଷର ମଠ ସଂସ୍କୃତିକୁ ନ ଭାଙ୍ଗି କିପରି ପରପିଢ଼ି ପାଇଁ ସଂରକ୍ଷିତ ରଖାଯିବ ସେ ଦିଗରେ ଗୁରୁତ୍ୱ ଦିଆଯିବା ଦରକାର ବୋଲି ଦାବି କରିଛି ଓଡ଼ିଶା ଐତିହ୍ୟ ସଂରକ୍ଷଣ ପରିଷଦ। ଏଥିପାଇଁ ସୋମବାର ଅପରାହ୍ନରେ ବଡ଼ ଆଖଡ଼ା ମଠ ପରିଦର୍ଶନ କରିଥିଲେ ଐତିହ୍ୟ ସଂରକ୍ଷଣ ପରିଷଦର କର୍ମକର୍ତ୍ତା। ପରିଷଦର ଆଧାର ପୁରୁଷ ଡ. ସୁରେନ୍ଦ୍ର କୁମାର ମିଶ୍ର, ସମ୍ପାଦକ ଦେବୀ ପ୍ରସନ୍ନ ନନ୍ଦ, ଉପସଭାପତି ରାଜକୁମାର ମହାନ୍ତି, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ବିଶ୍ୱଜିତ ସେନାପତି, ଅଶୋକ ମହାପାତ୍ର, ରବୀନ୍ଦ୍ର ମହାରଣା ପ୍ରମୁଖ ମହନ୍ତଙ୍କ ସହିତ ଆଲୋଚନା କରିଥିଲେ। ମହନ୍ତ ହରିନାରାୟଣ ଦାସ ପରିଷଦ କର୍ମକର୍ତ୍ତାଙ୍କୁ ମଠର ଐତିହ୍ୟସ୍ଥଳୀ ପରିଦର୍ଶନ କରାଇବା ସହ ଏସବୁକୁ ସୁରକ୍ଷିତ ରଖାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା କହିଥିଲେ।

ସେପଟେ ଆଉ ହାତଗଣତି କେଇଟା ଦିନ ପରେ ଶ୍ରୀକ୍ଷେତ୍ରର ମଠ ମାନଚିତ୍ରରୁ ସତ୍ତା ହରାଇବ ବଡ଼ ଆଖଡ଼ା ମଠ। କେବଳ ମଠ ଠାକୁରଙ୍କ ବିଜେସ୍ଥଳୀକୁ ଛାଡ଼ି ଆଉ ସବୁ ନିର୍ମାଣ ମାଟିରେ ମିଶିବ। ତେଣୁ ଏହାକୁ ନେଇ ବେଶ୍ ମର୍ମାହତ ଏଠାରେ ରହୁଥିବା ବିଦ୍ୟାର୍ଥୀ। ମଠରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ରହି ପାଠ ପଢୁଥିଲେ। ଯଦିଓ ପ୍ରଶାସନ ସେମାନଙ୍କ ପାଇଁ ରହିବା ସୁବିଧା କରିଛି, କିନ୍ତୁ ତାହାକୁ ନେଇ ବିଦ୍ୟାର୍ଥୀମାନେ ଖୁସି ନାହାନ୍ତି। ଆଗକୁ କେଉଁଠି ରହିବେ, କେମିତି ପଢ଼ିବେ ତାହାକୁ ନେଇ ସେମାନେ ସନ୍ଦିହାନ ହୋଇପଡ଼ିଛନ୍ତି। ଭବିଷ୍ୟତ ଗଢ଼ିବା ଆଶାରେ ମଠରେ ରହିଥିବା ଏହି ବିଦ୍ୟାର୍ଥୀମାନେ କେବଳ ଦୁଃଖ କରୁଛନ୍ତି ସିନା ହେଲେ ମନ କଥା କାହାକୁ କହିପାରୁ ନାହାନ୍ତି।


ବଡ଼ ଆଖଡ଼ା ମଠରେ ମହନ୍ତ ହରିନାରାୟଣ ଦାସଙ୍କ ସହ ଐତିହ୍ୟ ସଂରକ୍ଷଣ ପରିଷଦର କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।



"ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।"

- ରବର୍ଟ ୱାଲ୍‌ପୋଲ୍

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ସଞ୍ଜିବ



ବିକାଶ



ସୁବ୍ରତ



ବିଶ୍ୱମ୍ଭର



ଆୟୁଷ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

### ଆରମ୍ଭ ହେଲା ବିଜେଡି ସଭ୍ୟ ସଂଗ୍ରହ ଅଭିଯାନ

# ୫୦ ଲକ୍ଷ ନୂଆ ସଭ୍ୟ ସାମିଲ କରିବାକୁ ଲକ୍ଷ୍ୟ

ଭୁବନେଶ୍ୱର,୨।୯(ବ୍ୟୁରୋ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଦଳର ସଭ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ କରିଛନ୍ତି। ୧ କୋଟି ସଭ୍ୟ ସଂଗ୍ରହ ଲକ୍ଷ୍ୟ ନେଇ ଆରମ୍ଭ କରାଯାଇଥିବା ଏହି ଅଭିଯାନରେ ଦଳ ସଭାପତି ନବୀନ ପଟ୍ଟନାୟକ ପ୍ରଥମ ସଭ୍ୟ ହୋଇଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଚାଲିବ। ଚଳିତ ଥର ୫୦ ଲକ୍ଷ ନୂଆ ସଭ୍ୟଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟ କାର୍ଯ୍ୟାଳୟଠାରୁ ଆରମ୍ଭ ହୋଇଥିବାବେଳେ ଏହା ପର୍ଯ୍ୟାୟକ୍ରମେ ପ୍ରତ୍ୟେକ ଜିଲାସ୍ତରରେ କରାଯିବ।

ଏହି ଅବସରରେ ନବୀନ ପଟ୍ଟନାୟକ କହିଛନ୍ତି, ପବିତ୍ର ଗଣେଶ ପୂଜା ପାଇଁ ସମସ୍ତଙ୍କୁ ଅଭିନନ୍ଦନ। ବିଜେଡି ଓଡିଶାବାସୀଙ୍କ ଦଳ। ରାଜ୍ୟର ପ୍ରତ୍ୟେକ ଗାଁ ଓ ପ୍ରତି ଘରୁ ବିଜେଡି ଆଶୀର୍ବାଦ ପାଇଆସୁଛି। ଏହି ସଭ୍ୟ ସଂଗ୍ରହ ଅଭିଯାନ ମାଧ୍ୟମରେ ଆମେ ପୁଣିଥରେ ସେମାନଙ୍କୁ ଭେଟିବା। ରାଜ୍ୟର ସାଢ଼େ ୪ କୋଟି ଲୋକ ବିଜେଡିର ପରିବାର। ସେହି ଲୋକଙ୍କ ସହଯୋଗରେ ଆମ ସଭ୍ୟ ସଂଗ୍ରହ ଅଭିଯାନ ସଫଳ ହେବ। ଏହାଦ୍ୱାରା ସାଧାରଣ ଲୋକଙ୍କୁ ଭେଟିବାର ସୁଯୋଗ ଆଉଥରେ ମିଳିବ। ଚାଷୀ, ଯୁବକ ଓ ମହିଳାଙ୍କୁ ଭେଟି ସେମାନଙ୍କ ଭଲମନ୍ଦ ବୁଝି ଦଳକୁ ସୁଦୃଢ଼ କରିବା ପାଇଁ ନବୀନ ଦଳୀୟ କର୍ମୀଙ୍କୁ ଆହ୍ୱାନ କରିଛନ୍ତି। ଉଭୟ ଅଫ୍ ଲାଇନ୍ ଓ ଅନ୍‌ଲାଇନ୍‌ରେ ସଭ୍ୟ ସଂଗ୍ରହ ଚାଲିବ। ପଞ୍ଚାୟତର ପ୍ରତ୍ୟେକ ୱାର୍ଡରେ ସର୍ବନିମ୍ନ ସକ୍ରିୟ ୪ଜଣ, ଏନ୍‌ଏସିର ପ୍ରତ୍ୟେକ ୱାର୍ଡରେ ସକ୍ରିୟ ୫ଜଣ, ପୌରପାଳିକାର ୱାର୍ଡରେ ସକ୍ରିୟ ୧୫ଜଣ ଏବଂ ମହାନଗର ନିଗମର ପ୍ରତ୍ୟେକ ୱାର୍ଡରେ ୪୦ଜଣ ସକ୍ରିୟ ସଭ୍ୟଙ୍କ ଜରିଆରେ ପ୍ରତ୍ୟେକ ୨୪ଜଣ ଲେଖାଏ ନୂତନ ସଭ୍ୟ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଛି। ମଙ୍ଗଳବାର ଢେଙ୍କାନାଳ ଓ ବାଲେଶ୍ୱର ଜିଲାରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ୨ ସପ୍ତାହ ମଧ୍ୟରେ ଜିଲା, ବ୍ଲକ ଓ ନଗରାଞ୍ଚଳରେ ଏହି କାର୍ଯ୍ୟକ୍ରମ ଆଗେଇ ନିଆଯିବ ବୋଲି ଦଳର ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ ଯେ, ବିଜେଡି ଗତବର୍ଷ ସଭ୍ୟ ସଂଗ୍ରହ ଅଭିଯାନରେ ୪୭ଲକ୍ଷ ଲୋକଙ୍କୁ ସାମିଲ କରିଥିଲା। ଏଥର ଏହି ସଂଖ୍ୟାକୁ ଦୁଇଗୁଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ପ୍ରଥମଥର ଲାଗି ଦଳ ସଭ୍ୟମାନଙ୍କ ଆଧାର ଲିଙ୍କ କରିବାକୁ ଲକ୍ଷ୍ୟ ରଖିଛି। ଏହାଦ୍ୱାରା ସାଧାରଣ ଲୋକମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେବେନାହିଁ ବୋଲି ମଧ୍ୟ ଦଳ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ବିଜେଡିର ଏହି ଆଧାର ଲିଙ୍କ ପ୍ରସଙ୍ଗକୁ ଉଭୟ କଂଗ୍ରେସ ଏବଂ ଭାଜପା ସମାଲୋଚନା କରିଛି।

### ଆଧାର ଲିଙ୍କ ପ୍ରସଙ୍ଗରେ ବିରୋଧୀଙ୍କ ସମାଲୋଚନା



ଦଳର ସଭ୍ୟସଂଗ୍ରହ ଅଭିଯାନରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ପ୍ରଥମ ସଦସ୍ୟଭାବେ ସଦସ୍ୟତା ଗ୍ରହଣ କରୁଛନ୍ତି।

ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି, ବିଜେଡି ପ୍ରଥମରୁ ଆଧାର ଲିଙ୍କ କଥାକୁ ବିରୋଧ କରିଆସୁଥିଲା। ଉଭୟ ରାଜ୍ୟ ସଭା ଏବଂ ଲୋକ ସଭାରେ ବିରୋଧ କରିଥିଲା। ବର୍ତ୍ତମାନ ଦଳୀୟ ସଭ୍ୟ ସଂଗ୍ରହରେ ଆଧାର ଲିଙ୍କ କରିବା ପଛରେ ସେମାନଙ୍କର ନୂଆ ଷଡ଼ଯନ୍ତ୍ର ରହିଛି। ଯେଉଁମାନେ ଭୋଟ ଦେବେ ସେମାନଙ୍କୁ ସରକାରୀ ସୁବିଧା ଦେବା ଉଦ୍ଦେଶ୍ୟରେ ବିଜେଡି ଏପରି କରିଛି ହେଲେ ଆମେ ଏହାକୁ କରାଇ ଦେବୁନାହିଁ ବୋଲି ସମୀର କହିଛନ୍ତି।

କଂଗ୍ରେସ ବରିଷ୍ଠ ନେତା ଶରତ ରାଉତ କହିଛନ୍ତି, ଆଧାର ଲିଙ୍କ କଲେ ରାଶନ କାର୍ଡ ମିଳିବ। ଏବେ ବିଜେଡି ସଭ୍ୟ ହେବା ଲାଗି ମଧ୍ୟ ଆଧାର ଲିଙ୍କ ହେବ। ସେମାନେ ଲୋକଙ୍କୁ ସାହାଯ୍ୟ କରିବା ଲାଗି କରୁଛନ୍ତି ତାହା ପଛରେ ନିଶ୍ଚିତ କିଛି ସ୍ୱାର୍ଥ ରହିଛି। କୋଉ ସ୍ୱାର୍ଥ ରଖି ସେମାନେ ଏହା କରୁଛନ୍ତି ସେକଥା ଆକଳନ କରିବା କଷ୍ଟକର। ବିଜେଡିର ସବୁ ପଛରେ ସ୍ୱାର୍ଥ ରହୁଥିବାରୁ ଏହାକୁ ଆକଳନ କରିବା କିଛି ବଡ଼ କଥା ନୁହେଁ ବୋଲି ଶରତ କହିଛନ୍ତି।

# ପିଏମ୍ କିଷାନ ଯୋଜନା ଲାଗି ତାଲିକା ଦେଲେ ଟଙ୍କା ମିଳିବ: ତୋମାର

ଭୁବନେଶ୍ୱର,୨।୯(ବ୍ୟୁରୋ)

ପିଏମ୍ କିଷାନ ଯୋଜନାକୁ ନେଇ ପୁଣିଥରେ ରାଜ୍ୟ ଓ କେନ୍ଦ୍ର ମୁହାଁମୁହିଁ ହୋଇଛନ୍ତି। ଦିନିକିଆ ରାଜ୍ୟ ଗସ୍ତରେ ଆସି ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ପିଏମ୍ କିଷାନ ଯୋଜନା ପାଇଁ ରାଜ୍ୟ ତାଲିକା ନ ଦେବା କଥାକୁ ପୁଣିଥରେ ଉଠାଇଛନ୍ତି। ରାଜ୍ୟ ଯେପର୍ଯ୍ୟନ୍ତ ତାଲିକା ନ ଦେବ ସେତେବେଳେ ଯାଏ ଚାଷୀଙ୍କୁ କିପରି ଟଙ୍କା ମିଳିବ ବୋଲି ସେ କହିଛନ୍ତି। ଏପରି ସ୍ଥିତିରେ ଏହି ଯୋଜନା ଲାଗି ରାଜ୍ୟକୁ ପୁଣିଥରେ କେନ୍ଦ୍ର ସରକାର ଚାଷୀଙ୍କ ତାଲିକା ମାଗିଛନ୍ତି। ଦେଶର ସାଢେ ୧୪କୋଟି ଚାଷୀ ଏହି ଯୋଜନାରେ ଯୋଡି ହୋଇଛନ୍ତି। ମାତ୍ର ରାଜ୍ୟ ସରକାର ଯୋଗ୍ୟ ଚାଷୀଙ୍କ ତାଲିକା ନ ଦେଲା ପର୍ଯ୍ୟନ୍ତ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା କେମିତି ଆସିବ ବୋଲି କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ, କେନ୍ଦ୍ର ସରକାର ଓଡ଼ିଶାର ସମସ୍ତ ଚାଷୀଙ୍କୁ ପିଏମ୍ କିଷାନ ଯୋଜନାରେ ଅର୍ଥ ଦେବାକୁ ଚାହୁଁଛି। ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛି ତୁରନ୍ତ ବାକି ଚାଷୀଙ୍କ ତାଲିକା ପ୍ରଦାନ କରନ୍ତୁ, ଯେମିତି ଆମେ ତୁରନ୍ତ ସହାୟତା ଦେଇପାରିବୁ। ପିଏମ୍ କିଷାନ ଯୋଜନାରେ ସାମିଲ କରିବା ପାଇଁ ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର କେନ୍ଦ୍ରକୁ ୩୦ଲକ୍ଷ ୮୦ ହଜାର ଚାଷୀଙ୍କ ତାଲିକା ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରୁ ୩୦ ଲକ୍ଷ ୨୬ ହଜାର ଚାଷୀଙ୍କୁ ପ୍ରଥମ କିସ୍ତି ଟଙ୍କା ଦିଆଯାଇଛି। ୯ଲକ୍ଷ ୩୪ ହଜାର ଚାଷୀଙ୍କୁ ଦ୍ୱିତୀୟ କିସ୍ତି ଟଙ୍କା ଦିଆଯାଇଛି। ଅନ୍ୟପଟେ ରାଜ୍ୟ ସରକାରଙ୍କ ନିଜସ୍ୱ କାଳିଆ ଯୋଜନାରେ ୫୧ଲକ୍ଷ ଚାଷୀଙ୍କୁ ପ୍ରଥମ କିସ୍ତି ଟଙ୍କା ଦେଇଛନ୍ତି। ଏହି ତାଲିକାର ବାକି ୨୧ଲକ୍ଷ ଚାଷୀଙ୍କ ତାଲିକା କେନ୍ଦ୍ରକୁ ଦେଇନାହାନ୍ତି। ଅନ୍ୟପଟେ ୫୧ଲକ୍ଷ ଚାଷୀ ଯେଉଁମାନେ କାଳିଆ ଟଙ୍କା ପାଇଛନ୍ତି ସେମାନଙ୍କ ମଧ୍ୟରେ ବହୁ ଅଯୋଗ୍ୟ ଥିବା ସରକାର ସ୍ପଷ୍ଟ କରିଛନ୍ତି। ଏ ପର୍ଯ୍ୟନ୍ତ ସେଥିରୁ ପ୍ରାୟ ୩ ଲକ୍ଷ ଅଯୋଗ୍ୟ ଚାଷୀଙ୍କୁ ଚିହ୍ନଟ କରାଯାଇଥିବା ଜଣାପଡିଛି। ତେବେ କେନ୍ଦ୍ରମନ୍ତ୍ରୀଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଏନେଇ ରାଜ୍ୟ କୃଷି ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି, ବାକି ଚାଷୀଙ୍କ ତାଲିକା କେନ୍ଦ୍ରକୁ ଶୀଘ୍ର ପଠାଇ ଦିଆଯିବ। ପିଏମ୍ କିଷାନ ଯୋଜନା ପାଇଁ ତୁରନ୍ତ ଯାହା ତଥ୍ୟ ଥିଲା ପଠାଯାଇଛି। ଏକ ମ୍ୟାପିଂ ଆରମ୍ଭ ହୋଇଛି। ସେମାନେ ଏକ ପାରାମିଟର ରଖିଛନ୍ତି, ଗ୍ରାମାଞ୍ଚଳ ଚାଷୀଙ୍କ ପାଇଁ ଥିବା ପାରାମିଟର ଦେଖି ପ୍ରସ୍ତୁତି କାର୍ଯ୍ୟ ବିଳମ୍ବ ହେଉଛି। ସେମାନେ ବଡ଼ ଚାଷୀଙ୍କୁ ମଧ୍ୟ ଏଥିରେ ସାମିଲ କରିବାକୁ କହିଛନ୍ତି। ଏଥିଲାଗି ତାଲିକା ପ୍ରସ୍ତୁତିରେ ବିଳମ୍ବ ହେଉଥିବା ସେ କହିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ ୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି। ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ। ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

FINANCE
Regd. ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୧୨ ଘଣ୍ଟାରେ। ୧% ସୁଧ ୫୦%ଛାଡ। ଘରେ ବସି ପାଆନ୍ତୁ।
ଠକ ମାନଙ୍କୁ ସାବଧାନ
ଥରେ ନିଶ୍ଚୟ ସମ୍ପର୍କ କରନ୍ତୁ
8278077123
8607378206

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟରେ ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠ୍‌କରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ,ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

BUSINESS

ଧ୍ୟାନରେ ରଖନ୍ତୁ ଆମ କମ୍ପାନୀର ଅନ୍ୟ କୌଣସି ଶାଖା ନାହିଁ।
HI-TECH TOWER
ଗୋଲ୍ଡମେଡାଲିଷ୍ଟ କମ୍ପାନୀ ଦ୍ୱାରା ସବୁ କମ୍ପାନୀର
ଡିଜିଟାଲ ଟାୱାର ପ୍ଲଟ୍, ଛାତ, ଜମି, କ୍ଷେତରେ ଲଗାନ୍ତୁ
ଅଗ୍ରିମ 60 ଲକ୍ଷ, ଭଡ଼ା + 40,000
ମୋବାଇଲ, ଲାପଟପ୍, 20,000/-ର ଅତିରିକ୍ତ ଆର୍ଥିକ ଲାଭ
7024558747
7354398404
908, Ward, Backside Anand Market, Dhiman Line, Yamunagar, Delhi

HEALTH CARE

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ – ରକ୍ତସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ



## ସଂକ୍ଷେପରେ

### ନୂଆଁଖାଇ ଭେଟଘାଟ ପ୍ରସ୍ତୁତି ବୈଠକ

ସମ୍ବଲପୁର,୨।୯(ବ୍ୟୁରୋ)

ସମ୍ବଲପୁର ବୁର୍ଲା ଭାରତୀ କ୍ଲବ ଦୁର୍ଗା ମଣ୍ଡପରେ ପଶ୍ଚିମ ଓଡ଼ିଶା କଲ୍ୟାଣ ସମିତି ପକ୍ଷରୁ ନୂଆଁଖାଇ ଭେଟଘାଟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସମିତି ସଭାପତି ପ୍ରଶାନ୍ତ ପାଢ଼ୀ ଏଥିରେ ଅଧକ୍ଷତା କରିଥିଲେ। ଅକ୍ଟୋବର ୧୨ରେ ଭେଟଘାଟ ପାଳନ କରିବାକୁ ସ୍ଥିର ହୋଇଛି। ଏଥିପାଇଁ ଆସନ୍ତା ୧୫ ତାରିଖରେ ସ୍କୁଲସ୍ତରୀୟ ଚିତ୍ରାଙ୍କନ, ହସ୍ତାକ୍ଷର, ସାଧାରଣ ଜ୍ଞାନ, ନୃତ୍ୟ ପ୍ରତିଯୋଗିତା କରାଯିବ। ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଫେଶନ ଶୋ ମୁଖ୍ୟ ଆକର୍ଷଣ ହେବ। ଜୟନ୍ତ ପାଣିଗ୍ରାହୀ, ଜନ୍ମେଜୟ ଭୋଇ, ଜୟନ୍ତ ମିଶ୍ର, ବାବିନ୍ଦ୍ର ପାଣ୍ଡେ, ବସନ୍ତ ବାରିକ, ସୁକାନ୍ତି ସୁନା, ନିରାଶୀ ବାରିକ, ସୀତା ପ୍ରଧାନ, ସନୀତା ନାହାକ, ବିଜୟଶ୍ରୀ ପ୍ରଧାନ ପ୍ରମୁଖ ବୈଠକରେ ଯୋଗଦେଇଥିଲେ।

# ଗଣେଶ ପୂଜାରେ ଡିଜେ ବଜାଇବାକୁ ନେଇ ଉତ୍ତେଜନା

ବାମରା,୨।୯(ଡି.ଏନ୍.ଏ.)

ସମ୍ବଲପୁର ଜିଲା ବାମରା ତ୍ରିଷ୍ଟଫଣ୍ଡ ମହାବିଦ୍ୟାଳୟରେ ଗଣେଶ ପୂଜାର ସଚିବ ଚୟନକୁ ନେଇ ଦୁଇ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ବିବାଦୀୟ ପରିସ୍ଥିତି ଉପୁଜିଥିବା ବେଳେ ସୋମବାର ପୂଜା ବେଳେ ଡିଜେ ବଜାଇବାକୁ ନେଇ ପୁଣି ଉତ୍ତେଜନା ପ୍ରକାଶ ପାଇଥିଲା। ଗୋବିନ୍ଦପୁର ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ସୂଚନା ଅନୁଯାୟୀ, ଚଳିତବର୍ଷ ବାମରା ତ୍ରିଷ୍ଟ ଫଣ୍ଡ ମହାବିଦ୍ୟାଳୟ ଯୁକ୍ତ୩ ବର୍ଗ ଗଣେଷ ପୂଜା ପାଇଁ ସଚିବ ଚୟନକୁ ନେଇ ବିବାଦ ଉପୁଜିଥିଲା। ଏହାକୁ ନେଇ ଯୁକ୍ତ୩ ବାଣିଜ୍ୟ ବିଭାଗ ଛାତ୍ରୀଛାତ୍ର ଅଲଗା ପୂଜା କରିବା ପାଇଁ କଲେଜ ଅଧକ୍ଷଙ୍କୁ ଅନୁରୋଧ କରିଥିଲେ। ଅଧକ୍ଷ ତାଙ୍କୁ ଅନୁମତି ପ୍ରଦାନ କରିଥିଲେ। ସୋମବାର ଯୁକ୍ତ୨, ଯୁକ୍ତ୩ କଳା ଓ ଯୁକ୍ତ୩ ବାଣିଜ୍ୟ ବିଭାଗକୁ ମିଶାଇ ମୋଟ ୩ ପୂଜା ମଣ୍ଡପ କରାଯାଇଥିଲା। ହେଲେ ଅଲଗା ଅଲଗା ଡିଜେ ଓ ସାଉଣ୍ଡ ବଜାଇବାକୁ ନେଇ ୨ ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଗୋବିନ୍ଦପୁର ଥାନା ଅଧିକାରୀ ପ୍ରତାପ କୁମାର ରଣା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଡିଜେ ଓ ସାଉଣ୍ଡକୁ ବନ୍ଦ କରାଇବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ନେଇ କଲେଜ ଅଧକ୍ଷ ବିନୋଦ ବିହାରୀ ନାଏକଙ୍କୁ ପଚାରିବାରୁ କହିଲେ, ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହୋଇଥିଲା। ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣାଧୀନ ଅଛି ବୋଲି ସେ କହିଛନ୍ତି।



ସୋମବାର ସମ୍ବଲପୁର ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା କ୍ରୀଡ଼ା ଛାତ୍ରାବାସ କୋଠା ଉଦ୍‌ଘାଟନ କରୁଛନ୍ତି।

# କ୍ରୀଡ଼ା ଛାତ୍ରାବାସ କୋଠା ଉଦ୍‌ଘାଟିତ

ସମ୍ବଲପୁର,୨।୯(ବ୍ୟୁରୋ)

ଜିଲା କ୍ରୀଡ଼ା ଛାତ୍ରାବାସର ନୂତନ କୋଠା ସୋମବାର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପରିସରରେ ଉଦ୍‌ଘାଟିତ ହୋଇଛି। ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ସ୍କୁଲ ପୁରାତନ ଛାତ୍ରସଂଘ ସାଧାରଣ ସମ୍ପାଦକ ଡ. ଦିଲୀପ କୁମାର ନନ୍ଦ, ସ୍କୁଲ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ ସା ସମ୍ମାନିତ ଅତିଥି ଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଉପେନ୍ଦ୍ର ପ୍ରସାଦ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ତରଣ ପ୍ରଶିକ୍ଷକ ଆଶୁତୋଷ ନାୟକ, ଫୁଟବଲ ପ୍ରଶିକ୍ଷକ ଅଜୟ କୁମାର ବେହେରା, ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷକ ସୁବ୍ରତ ପାଢ଼ୀ ସହଯୋଗ କରିଥିଲେ।

# ଜଗନ୍ନାଥବିହାର ନୂତନ ପୂଜା କମିଟି ଗଠିତ

ଚିପିଲିମା,୨।୯(ଡି.ଏନ୍.ଏ.)

ଜଗନ୍ନାଥବିହାର ଶାସ୍ତ୍ରୀ ଛକ ବୁର୍ଲା ଦୁର୍ଗାପୂଜା କମିଟି ପକ୍ଷରୁ ସ୍ଥାନୀୟ ଟିପଘର ଭାରତୀ କ୍ଲବ ନିକଟରେ-୨୦୧୯ ପାଇଁ ଦୁର୍ଗାପୂଜା କମିଟି ଗଠନ କରାଯାଇଛି। ସମସ୍ତ ସଭ୍ୟଙ୍କ ଉପସ୍ଥିତିରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଶିବଶଙ୍କର ଦଲାଇଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ସେହିପରି ଉପସଭାପତି ଭାବେ ଆଶିଷ ପଣ୍ଡା, ମନୋରଞ୍ଜନ ପଟ୍ଟନାୟକ, ସାଧାରଣ ସମ୍ପାଦକ ନରେଶ ରଞ୍ଜନ ପଣ୍ଡା, ସହସମ୍ପାଦକ ରାମ ସାହୁ, ଟୁନୁ ସାହୁ, ବଳାରାମ ଦେହରୀ, ମଣ୍ଟୁ ସେଠୀ, କୋଷାଧକ୍ଷ ମନୋଜ ଦାନୀ, ସହକୋଷାଧ୍ୟକ୍ଷ ଭରତ ମାଝୀ, କର୍ତ୍ତା ରଞ୍ଜନ ରାଉତ, ଉପକର୍ତ୍ତା ନିତ୍ୟାନନ୍ଦ ବାରିକ, କାର୍ଯ୍ୟକାରୀ ସଦସ୍ୟ ଭାବେ ଭୂବନ ବିଶ୍ୱାଳ, ବିଶ୍ୱନାଥ ଧର, ଗିରିଜା ନାୟକ, ରମାକାନ୍ତ ବାଗ, ଚିତ୍ତରଞ୍ଜନ ବାରିକ, ସରୋଜ ପାତ୍ର, ସୁଶାନ୍ତ ସାହୁ, ଗୋବିନ୍ଦ ମାଝି, ସୁରେନ୍ଦ୍ର ବେହେରା, ପ୍ରଶାନ୍ତ ମେହେର, ଯଶୋବନ୍ତ ଭୋଇଙ୍କୁ ଚୟନ କରାଯାଇଥିଲା। ଚଳିତବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ନିଷ୍ପତ୍ତି ହୋଇଛି। ପୂଜାରେ ପ୍ରାୟ ୩ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସମ୍ପାଦକ ନରେଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କଲା ପୋଲିସ

ରେଢ଼ାଖୋଲ,୨।୯(ଡି.ଏନ୍.ଏ.)



ନୂଆ ଟ୍ରାଫିକ୍ ନିୟମ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଉଛି।

ସରକାରଙ୍କ ନୂଆ ଟ୍ରାଫିକ ନିୟମ ସମ୍ପର୍କରେ ରେଢ଼ାଖୋଲ ପୋଲିସ ସୋମବାର ଲୋକଙ୍କୁ ସଚେତନ କରିଛି। ପ୍ରଥମ ଦିନରେ କାହାରିଠାରୁ ଫାଇନ ଆଦାୟ କରା ନ ଯାଇ କେବଳ ସଚେତନ କରାଯାଇଛି। ବସଷ୍ଟାଣ୍ଡ ଭୀମ ଭୋଇ ଛକରେ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଲୋକଙ୍କୁ ନୂଆ ନିୟମ ସମ୍ପର୍କରେ ସଚେତନ କରିଥିଲେ। ଏହି ଅବସରରେ ପୋଲିସ ପକ୍ଷରୁ ପ୍ରତ୍ୟେକ ଗାଡ଼ି ଚାଳକଙ୍କୁ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ମଙ୍ଗଳବାର ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଯୋଗୁ ଗୋଟିଏ ଦିନ ପାଇଁ କୋହଳ କରାଯିବ। ପରବର୍ତ୍ତୀ ସମୟରେ ଏହି ନିୟମକୁ କଡ଼ାକଡ଼ି ପାଳନ କରାଯିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି। ଦୁଇଚକିଆ ଯାନ ଚଳାଇବା ବେଳେ ହେଲମେଟ ପିନ୍ଧିବା, ଡ୍ରାଇଭିଂ ଲାଇସେନ୍ସ ଓ ଗାଡ଼ି କାଗଜପତ୍ର ପାଖରେ ରଖିବା, ଟ୍ରାଫିକ ନିୟମ ପାଳନ କରିବା, ଚାରିଚକିଆ ଗାଡ଼ି ଚଳାଇବା ବେଳେ ସିଟ୍ ବେଲ୍ଟ ବନ୍ଧିବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା ଆଦି ସମ୍ପର୍କରେ ସଚେତନ କରାଯାଇଥିଲା। ନିୟମ ଉଲ୍ଲଂଘନ କଲେ ନିୟମ ଅନୁଯାୟୀ ଫାଇନ ଆଦାୟ କରାଯିବ ବୋଲି ଲୋକଙ୍କୁ ଜଣାଇ ଦିଆଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

# କୁଞ୍ଜବନ ଆଶ୍ରମରେ ଚାରାରୋପଣ

ନାକଟିଦେଉଳ,୨।୯(ଡି.ଏନ୍.ଏ.)




କୁଞ୍ଜବନ ଆଶ୍ରମରେ ଚାରାରୋପଣ କରାଯାଉଛି।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସରାପାଲି ପଞ୍ଚାୟତ କତରାପାଲିସ୍ଥିତ ପ୍ରାଚୀନ ଯଜ୍ଞପୀଠ କୁଞ୍ଜବନ ଆଶ୍ରମରେ ପବିତ୍ର ଗଣେଶ ଚତୁର୍ଥୀ ଅବସରରେ କତରାପାଲି ଗଣେଶ ପୂଜା କମିଟି ପକ୍ଷରୁ ସୋମବାର ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସକାଳେ ଆଶ୍ରମସ୍ଥିତ ମନ୍ଦିରରେ ପୂଜାର୍ଚ୍ଚନା ପରେ ଚାରାରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କମିଟି ସଭାପତି ସୁଶାନ୍ତ କୁମାର ମାଝି ଏବଂ ସମ୍ପାଦକ ହୃଦାନନ୍ଦ ସାହୁଙ୍କ ନେତୃତ୍ୱରେ ସଭ୍ୟମାନେ ବିଭିନ୍ନ ପ୍ରଜାତିର ୧୦୦ରୁ ଉର୍ଦ୍ଧ୍ୱ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଏମ୍ପି ନୀତେଶ ଗଙ୍ଗଦେବ, ଜିଲା ପରିଷଦ ସଭ୍ୟ ପ୍ରମୋଦ ସାହୁ, ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା ଏବଂ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ରଙ୍କ ସମେତ କୁଞ୍ଜବନ ଆଶ୍ରମ ସଭାପତି ରାମାନନ୍ଦ ସାହୁ, ସମ୍ପାଦକ ଗୌତମ ରାଉଳ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ଏହି ଅବସରରେ ଆଶ୍ରମର ଉନ୍ନତି ପାଇଁ ଏମ୍ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂଜା କମିଟି ସଭ୍ୟ ଶ୍ରବଣ ସାହୁ, ରଞ୍ଜିତ ସାହୁ, ବିକାଶ ସାହୁ, ସୁବାସ ଚନ୍ଦ୍ର ରାଉଳ, ଧନେଶ୍ୱର ବିଶ୍ୱାଳ, ପ୍ରଦୀପ କୁମାର ସାହୁ, ରଞ୍ଜନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗଣେଶ ପୂଜା ପାଇଁ ଚିପିଲିମା ଚଳଚଞ୍ଚଳ

ଚିପିଲିମା,୨।୯(ଡି.ଏନ୍.ଏ.)

ଶ୍ରୀଗଣେଶ ମହାପ୍ରଭୁଙ୍କ ପୂଜା ଅବସରରେ ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ଆ.କଟାପାଲି, ବୈଜାମୁଣ୍ଡା, ଚାଉଁରପୁର, ସେହ୍ନାପାଲି, କଳାମାଟି, ବସନ୍ତପୁର, କର୍ଡୋଲା ପଞ୍ଚାୟତ ଚଳଚଞ୍ଚଳ ହୋଇଉଠିଛି। ସମସ୍ତ ଶିକ୍ଷାନୁଷ୍ଠାନ ତଥା ଛକରେ ସୁସଜ୍ଜିତ ମଣ୍ଡପରେ ଶ୍ରୀଗଣେଶଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ବିଧି ମୁତାବକ ପୂଜାର୍ଚ୍ଚନା ପରେ ଆରତି, ପୁଷ୍ପାଞ୍ଜଳି ଦିଆଯାଇଥିଲା। ପୂଜା ମଣ୍ଡପଗୁଡ଼ିକ ଆଲୋକ ଓ ସାଜସଜ୍ଜାରେ ଝଲସି ଉଠୁଥିବା ବେଳେ ସନ୍ଧ୍ୟାରେ ବହୁ ଭକ୍ତମାନଙ୍କ ଗହଳି ଦେଖିବାକୁ ମିଳିଛି। ଅଧିକାଂଶ ପୂଜାସ୍ଥଳରେ ଭଜନ, ସଂକୀର୍ତ୍ତନ, ନାଚଗୀତ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ବୈଜାମୁଣ୍ଡାରେ ଆୟୋଜିତ ଗଣେଶ ପୂଜା।

# ସାପ କାମୁଡାରେ ଛାତ୍ର ମୃତ

ଦେବଗଡ଼,୨।୯(ଡି.ଏନ.ଏ.)

ଦେବଗଡ ଜିଲା ରିଆମାଳ ବ୍ଲକ କାଦପଡା ଗ୍ରାମର ଜଣେ ୯ମ ଶ୍ରେଣୀ ଛାତ୍ରଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣକ ହେଲେ ଉକ୍ତ ଗ୍ରାମର ସଦା ମୁଣ୍ଡାଙ୍କର ପୁଅ ବିର୍ସା। ରବିବାର ରାତିରେ ବିର୍ସା ଖାଇସାରି ଘରେ ଶୋଇଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା । ପରିବାର ଲୋକ ଜାଣିବା ପରେ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କର ମୃତ୍ୟୁରେ ଉକ୍ତ ଅଞ୍ଚଳର ତଥା ସ୍କୁଲ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି । ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଡକାୟତି ଉଦ୍ୟମ ପଣ୍ଡ, ୫ ଗିରଫ

ସମ୍ବଲପୁର,୨।୯(ବ୍ୟୁରୋ)

ସମ୍ବଲପୁର ଟାଉନ ଥାନା ପୋଲିସ ଶନିବାର ବିଳମ୍ବିତ ରାତିରେ ଏକ ଡକାୟତି ଉଦ୍ୟମ ପଣ୍ଡ କରିଛି। ବାଳିବନ୍ଧା ନିକଟରେ ଚଢ଼ାଉ କରି ପୋଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସତ୍ୟମ କୁମ୍ଭାର, ସାଗର ମୁଖୀ, ସତ୍ୟ ମୁଖୀ, ମହମ୍ମଦ ଖାଲିଫ ଓ ଅମୀୟ ପ୍ରଧାନ। ଅଭିଯୁକ୍ତମାନଙ୍କ ନିକଟରୁ ଭୁଜାଲି, ଗୁପ୍ତି, ଟର୍ଚ୍ଚ ଲାଇଟ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏନେଇ ଏକ ମାମଲା (ନଂ୍ୟ ୩୫୯/୧୯) ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କ ନାମରେ ଜିଲାର ବିଭିନ୍ନ ଥାନାରେ ମାମଲା ରହିଥିବା ପୋଲିସ କହିଛି।



ଡକାୟତି ଯୋଜନା କରୁଥିବା ଅଭିଯୋଗରେ ଗିରଫ ବ୍ୟକ୍ତିମାନେ।

# ଫଟୋରେ ଖବର






ସମ୍ବଲପୁର କ୍ଷେତରାଜପୁର ନଟରାଜ କ୍ଲବଠାରେ ୨୪ ଫୁଟ ଉଚ୍ଚର କଉଡ଼ି ଓ ଗୋମତି ଚକ୍ରରେ ନିର୍ମିତ ଗଣେଶ (ବାମ)। ଚିତ୍ରଗୁପ୍ତ ଛକରେ ପାଣି ପାଇପରେ ନିର୍ମିତ ଗଣେଶ(ମଝି)। ଡାବର ଗଳିଠାରେ କପାରୁଆ (କଟନ୍) ନିର୍ମିତ ଗଣେଶ। ସୋମବାର ସମ୍ବଲପୁର ଶିଳ୍ପାଞ୍ଚଳସ୍ଥିତ ଧରିତ୍ରୀ କାର୍ଯ୍ୟାଳୟରେ ଗଣେଶ ପୂଜା।



ଆଖି ଅନ୍ୟ ସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।
- ସତ୍ୟସାଇବାବା



## ସଂକ୍ଷେପରେ

### ୨୫ ଜଣଙ୍କୁ ସରକାରୀ ଓକିଲ ନିଯୁକ୍ତି

କଟକ ଅଫିସ,୨।୯: ଓଡ଼ିଶା ହାଇକୋର୍ଟ ପକ୍ଷରୁ ୨୫ଜଣଙ୍କୁ ସରକାରୀ ଓକିଲ ଭାବେ ନିଯୁକ୍ତି ମିଳିଛି। ଆଇନ ବିଭାଗର ଅନୁମୋଦନ କ୍ରମେ ରାଜ୍ୟ ସରକାର ଏମାନଙ୍କୁ ଅତିରିକ୍ତ ସରକାରୀ ଓକିଲ ଓ ଆଡିସିନାଲ୍ ଷ୍ଟାଣ୍ଡିଂ କାଉନ୍‌ସିଲ୍ ଭାବେ ନିଯୁକ୍ତି ଦେଇଛନ୍ତି। ଆଇନଜୀବୀ ବସନ୍ତ କୁମାର ନାୟକ, ଅଜୟ କୁମାର ନନ୍ଦ, ଅଯୋଧ୍ୟା ରଞ୍ଜନ ଦାସ, ଅରୁଣ କୁମାର ମିଶ୍ର, ଦେବକାନ୍ତ ମହାନ୍ତି, ୱାଇଏସ୍‌ପି ବାବୁ, ସୁବୀର୍ ପାଲିତ୍, ପ୍ରଭୁ ପ୍ରସାଦ ମହାନ୍ତି, ଶକ୍ତି ପ୍ରସାଦ ପଣ୍ଡା, ମନୋଜ କୁମାର ଖୁଣ୍ଟିଆ, ସୁମନ ପଟ୍ଟନାୟକ, ଧନଞ୍ଜୟ ମୁଣ୍ଡ ପ୍ରମୁଖ ସରକାରୀ ଓକିଲ ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି ସୁକୁମାର ଘୋଷ, ସୂର୍ଯ୍ୟ ରଞ୍ଜନ ରାଉଳ, ସୁଷମାରାଣୀ ସାହୁ, ମନୋଜ କୁମାର ମହାନ୍ତି, କରୁଣାକର ଦାସ, ଏସ୍.କେ. ଜଫରୁଲ୍ଲା, ସଂଗ୍ରାମ କେଶରୀ ମିଶ୍ର, ଅନ୍ନଦା ପ୍ରକାଶ ଦାସ, ଅଭିନନ୍ଦନ ପ୍ରଧାନ, ଶୈଳଜା ନନ୍ଦନ ଦାସ, ତରୁଣ ପଟ୍ଟନାୟକ, ଗଜେନ୍ଦ୍ର ରାଉତ, ଦେବେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଅତିରିକ୍ତ ଷ୍ଟାଣ୍ଡିଂ କାଉନ୍‌ସିଲ୍ ଭାବେ ନିଯୁକ୍ତି ପାଇଛନ୍ତି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

## ■ ବିଶ୍ୱ ନାରିକେଳ ଦିବସ ପାଳିତ

# ଫନୀ କ୍ଷତିଗ୍ରସ୍ତ ନଡ଼ିଆ ଚାଷୀଙ୍କୁ କେନ୍ଦ୍ର ଦେବ ସହାୟତା

ଭୁବନେଶ୍ୱର, ୨।୯(ବ୍ୟୁରୋ)

■ ୧୨ ତାରିଖରେ ପ୍ରଧାନମନ୍ତ୍ରୀ କିଷାନ ମାନ ଧନ ଯୋଜନା ଶୁଭାରମ୍ଭ
■ ୨୦୨୨ ସୁଦ୍ଧା ଦୁଇଗୁଣ ହେବ ନଡ଼ିଆ ଉଦ୍ୟୋଗ
■ ଷ୍ଟାର୍ଟଅପ୍ ମାଧମରେ ନଡ଼ିଆ ଚାଷୀଙ୍କୁ ପ୍ରୋତ୍ସାହିତ କରାଯିବ

ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ନଡ଼ିଆ ଚାଷୀଙ୍କୁ କେନ୍ଦ୍ର ସରକାର ସହାୟତା ପ୍ରଦାନ କରିବେ। ଏଥିପାଇଁ ବିସ୍ତୃତ ରିପୋର୍ଟ ପ୍ରଦାନ ଲାଗି ରାଜ୍ୟ ସରକାରଙ୍କୁ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି। ସୋମବାର ବିଶ୍ୱ ନାରିକେଳ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ତୋମାର କହିଛନ୍ତି ଯେ, ନଡ଼ିଆ ଉତ୍ପାଦନରେ ଓଡ଼ିଶା ଦେଶରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିଥିବାବେଳେ ଭାରତ ସରକାରଙ୍କ ପକ୍ଷରୁ ନଡ଼ିଆ ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦିଆଯିବ। ଆସନ୍ତା ୧୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଞ୍ଚିଠାରେ ପ୍ରଧାନମନ୍ତ୍ରୀ କିଷାନ ମାନ ଧନ ଯୋଜନାର ଆନୁଷ୍ଠାନିକ ଶୁଭାରମ୍ଭ କରିବେ। ଏହି ଅବସରରେ ପ୍ରାୟ ୧୦ ଲକ୍ଷ କୃଷକଙ୍କୁ ସହାୟତାରାଶି ପ୍ରଦାନ କରାଯିବ। ଏହି ଯୋଜନା ଅନ୍ତର୍ଗତ ଓଡ଼ିଶାରୁ ବର୍ତ୍ତମାନ ସୁଦ୍ଧା ୫୨ ହଜାର ଚାଷୀ ପଞ୍ଜିକରଣ କରିଥିବା କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି। ବିଶ୍ୱ ବଜାରରେ ଭାରତର ନଡ଼ିଆ ଓ ଆନୁସଙ୍ଗିକ ପଦାର୍ଥର ଚାହିଦା ବୃଦ୍ଧି ପାଉଛି। ତେଣୁ ଆଗାମୀ ଦିନରେ ଦେଶବ୍ୟାପୀ ୧୦ ହଜାର ଫାର୍ମର୍ସ ପ୍ରଡ୍ୟୁସର ଅର୍ଗାନାଇଜେଶନ(ଏଫ୍‌ପିଓ) ସ୍ଥାପନ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ଏହି ଏଫ୍‌ପିଓ କେନ୍ଦ୍ର ଦ୍ୱାରା ଚାଷୀଙ୍କୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସୂଚନା ଓ ସହାୟତା ପ୍ରଦାନ କରାଯିବ। ଏହି କେନ୍ଦ୍ରଗୁଡ଼ିକ ନଡ଼ିଆ ଚାଷୀଙ୍କ ଦକ୍ଷତା ବିକାଶରେ ମଧ୍ୟ ସହାୟକ ହେବ। ବର୍ତ୍ତମାନ ଦେଶରେ ସରକାରୀ ସହାୟତାରେ ୪୮୪ଟି ନଡ଼ିଆ ଉଦ୍ୟୋଗ ଚାଲୁଛି। ୨୦୨୨ ସୁଦ୍ଧା ଏହି ସଂଖ୍ୟାକୁ ଦ୍ୱିଗୁଣିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ନଡ଼ିଆ ଚାଷୀମାନଙ୍କୁ ଷ୍ଟାର୍ଟଅପ୍ ଆରମ୍ଭ କରିବା ପାଇଁ କେନ୍ଦ୍ର ସରକାର ପୋତ୍ସାହିତ କରିବେ ବୋଲି ମନ୍ତ୍ରୀ କହିଛନ୍ତି।

ନାରିକେଳ ବିକାଶ ବୋର୍ଡ ପକ୍ଷରୁ କିଟ୍ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ ଅଧ୍ୟକ୍ଷତା କରି କହିଲେ, ଫନୀରେ ଉପକୂଳବର୍ତ୍ତୀ ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ଯାଜପୁର ଏବଂ କେନ୍ଦ୍ରାପଡ଼ା ଜିଲାର ୭୯୩୦ ହେକ୍ଟର ଜମିରେ ନଡ଼ିଆ ଗଛ କ୍ଷତିଗ୍ରସ୍ତ ହୋଇଛି। ନାରିକେଳ ବିକାଶ ବୋର୍ଡ ଦ୍ୱାରା ଓଡ଼ିଶାରେ ନଡ଼ିଆ ଉତ୍ପାଦନ ବୃଦ୍ଧି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି। ନାରିକେଳ ଉନ୍ନୟନ ବୋର୍ଡ ଅଧ୍ୟକ୍ଷ ଉଷାରାଣୀ ନାରିକେଳ ଦିବସ ପାଳନ ସମ୍ପର୍କରେ କହିଥିଲେ। ଭୁବନେଶ୍ୱର-ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭାରତ ସରକାରଙ୍କ କୃଷି ସଚିବ ସଞ୍ଜୟ ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନାରିକେଳ ବିକାଶ ବୋର୍ଡ ଉପାଧ୍ୟକ୍ଷ ବିଶ୍ୱନାଥ ରଥ ଧନ୍ୟବାଦ ଦେଇଥିଲେ। ଏଥିରେ ଓଡ଼ିଶା ସମେତ ଆନ୍ଧ୍ର ପ୍ରଦେଶ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ, ଆସାମ ଭଳି ବିଭିନ୍ନ ରାଜ୍ୟର ୫୦୦ରୁ ଊର୍ଦ୍ଧ୍ୱ ନଡ଼ିଆ ଚାଷୀ ଯୋଗ ଦେଇଥିଲେ। ନଡ଼ିଆ ଉତ୍ପାଦକ ସମିତି, ନଡ଼ିଆ ଚାଷୀ ଏବଂ ନଡ଼ିଆ ଉତ୍ପାଦକ ଫେଡେରେଶନ ଓ କମ୍ପାନୀର ପ୍ରତିନିଧିମାନେ ନଡ଼ିଆ ଚାଷ ସମ୍ପର୍କିତ ଅଭିଜ୍ଞତା ଓ ଅନୁଭୂତି ବର୍ଣ୍ଣନା କରିଥିଲେ। ନଡ଼ିଆ ଚାଷ ସମ୍ବନ୍ଧୀୟ ଓଡ଼ିଆ, ଇଂଲିଶ ଓ ହିନ୍ଦୀରେ ଲିଖିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଏକ ପ୍ରଦର୍ଶନୀକୁ କେନ୍ଦ୍ର ମନ୍ତ୍ରୀ ତୋମାର ଉଦ୍‌ଘାଟନ କରିଥିଲେ। ଏଥିରେ ୧୫ ଉଦ୍ୟୋଗ ପକ୍ଷରୁ ନଡ଼ିଆ ଏବଂ ଏଥିରୁ ଉତ୍ପାଦିତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଆୟୋଜିତ ବୈଷୟିକ କର୍ମଶାଳାରେ ଓୟୁଏଟି ପ୍ରଫେସର ଡ. ଏସ୍. ସି. ସାହୁ ଏବଂ ଏମ୍‌ସର ଆସୋସିଏଟ୍ ପ୍ରଫେସର ଡ. ଅମିତ ଘୋଷ ପ୍ରମୁଖ ଯୋଗଦେଇ 'ନଡ଼ିଆ ଚାଷର ପଦ୍ଧତି ଏବଂ ସ୍ୱାସ୍ଥ୍ୟ ପାଇଁ ଏହାର ଉପଯୋଗିତା' ସମ୍ପର୍କରେ ଆଲୋଚନା କରିଥିଲେ।



ବିଶ୍ୱ ନାରିକେଳ ଦିବସ ଅବସରରେ ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିବା କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର୍ ଓ ଅନ୍ୟମାନେ।

# ଇତିହାସ, ବିଜ୍ଞାନ ପଢ଼ାଉଛି ରୋବୋ

ବେଙ୍ଗାଲୁରୁ



ବେଙ୍ଗାଲୁରୁର ଏକ ବେସରକାରୀ ସ୍କୁଲରେ ଆର୍ଟିଫିସିଆଲ ଟେକ୍‌ନୋଲୋଜି ଆଧାରରେ ପିଲାଙ୍କୁ ପଢାଉଛି ରୋବୋ। ଏହା ମଣିଷ ଭଳି ପୂରା ଦେଖିବାକୁ ଏହି ରୋବୋଟର ପଢାଇବା ସମୟରେ ହାବଭାବ ପୂରା ମଣିଷ ଭଳି ରହୁଛି। ୭ମରୁ ୯ମ ଶ୍ରେଣୀ ଯାଏ ଏହା ପଢ଼ାଇପାରିବ ବୋଲି କହନ୍ତି ଏହାର ମୁଖ୍ୟ ଡିଜାଇନର ଅଧିକାରୀ ବିଗ୍ନେଶ ରାଓ। ଏହା ସ୍କୁଲର ୩୦୦ ପିଲାଙ୍କୁ ପଞ୍ଚଟି ଭିନ୍ନ ଭିନ୍ନ ବିଷୟରେ ଶିକ୍ଷାଦାନ କରିପାରୁଛି। ପିଲାମାନଙ୍କୁ ଇତିହାସ, ଜୀବବିଜ୍ଞାନ, ରସାୟନ ବିଜ୍ଞାନ , ପଦାର୍ଥବିଜ୍ଞାନ ଓ ଭୂଗୋଳ ପଢାଇପାରୁଛି। ରାଓ ଓ ତାଙ୍କ ଟିମ୍‌ର ୧୭ ଜଣ ସଦସ୍ୟ ଏଭଳି ତିନୋଟି ରୋବୋ ବିକାଶ କରିଛନ୍ତି। ସେଗୁଡିକୁ ଶିକ୍ଷୟିତ୍ରୀ ଭାବେ ସଜାଯାଇଛି। ରାଓଙ୍କ ଟିମ୍‌ରେ ଶିକ୍ଷକ,ପ୍ରୋଗ୍ରାମର,କଣ୍ଟେଟ ଡେଭେଲପ୍‌ର ଓ ଗ୍ରାଫିକ୍ସ ଡିଜାଇନର ରହିଛନ୍ତି। ଗୋଟିଏ ରୋବୋର ଦାମ୍ ୮ ଲକ୍ଷ ଟଙ୍କା। ଏହାକୁ ଏମିତି ବିକାଶ କରାଯାଇଛି ଯେ ତାହା ପିଲାଙ୍କ ସହ କଥା ହୋଇ ସେମାନଙ୍କ ପ୍ରଶ୍ନର ଠିକ୍ ଉତ୍ତର ଦେଇପାରୁଛି। ଏଥିରେ ଥ୍ରିଡି ପ୍ରିଣ୍ଟେଡ ମ୍ୟାଟେରିଆଲ ଓ ସ୍ମାର୍ଟମୋଟର ବ୍ୟବହାର କରାଯାଇଛି। ଏହା ନିର୍ମାଣ କରିବା ପାଇଁ ସଫ୍ଟୱେର, ହାର୍ଡୱେର ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପକରଣ ବ୍ୟବହାର କରାଯାଇଛି। ଏହାର ଓଜନ ୪୫ କିଲୋଗ୍ରାମ। ଏହାକୁ ନିର୍ମାଣ କରିବାକୁ ଲାଗିଛି ଦୁଇ ବର୍ଷ। ସ୍କୁଲରେ ଏହି ରୋବୋ ରହିଲେ କାହା ଚାକିରି ଯିବନାହିଁ, ବରଂ ଶିକ୍ଷକମାନେ ପଢ଼ାଇବା ଉପରେ ଅଧିକ ଧ୍ୟାନ ଦେବେ ବୋଲି କହିଛନ୍ତି ବିଗ୍ନେଶ ରାଓ।

## ■ ବାରିଷ୍ଟର ରଣଜିତ୍ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ ଓ ସ୍ମାରକୀ ବକ୍ତୃତା

# 'ଆଇନ ଶିକ୍ଷାରେ ବିପ୍ଳବ ଆଣିଥିଲେ ବାରିଷ୍ଟର ରଣଜିତ୍ ମହାନ୍ତି'

କଟକ ଅଫିସ,୨।୯

ଦେଶରେ ଆଇନ ଶିକ୍ଷାରେ ବିପ୍ଳବ ଆଣିଥିଲେ ବାରିଷ୍ଟର ରଣଜିତ୍ ମହାନ୍ତି। ତାଙ୍କ ପ୍ରଚେଷ୍ଟାରେ ବାଙ୍ଗାଲୋରରେ ପ୍ରଥମ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇପାରିଥିଲା। ପାଞ୍ଚବର୍ଷିଆ ଆଇନ ପାଠ୍ୟକ୍ରମ ପ୍ରଚଳନ ରଣଜିତ୍‌ଙ୍କ ମାନସ ସନ୍ତାନ ବୋଲି ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ସୋମବାର ହାଇକୋର୍ଟ ବାର ଆସୋସିଏଶନ ସମ୍ମିଳନୀ କକ୍ଷରେ ଆୟୋଜିତ ବାରିଷ୍ଟର ରଣଜିତ୍ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ଓ ସ୍ମାରକୀ ବକ୍ତୃତା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ଜେନା କହିଥିଲେ, ବାରିଷ୍ଟର ମହାନ୍ତି ଥିଲେ ବିଜୁବାବୁଙ୍କ ଘନିଷ୍ଠ ବନ୍ଧୁ ଓ ଅଣକଂଗ୍ରେସ ରାଜନୀତିର ଜଣେ ମହାନ୍ କର୍ଣ୍ଣଧାର। ବିଜୁବାବୁଙ୍କ ପରିବାର ସହ ବାରିଷ୍ଟର ମହାନ୍ତିଙ୍କ ପରିବାରର ମଧ୍ୟ ସମ୍ପର୍କ ରହିଛି। ଓଡ଼ିଶାର ଆଇନ ବ୍ୟବସ୍ଥାରେ ନୂତନ କୋର୍ଟ ଖୋଲିବା, ଜଜ୍ ନିଯୁକ୍ତି ଦ୍ୱାରା ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ିବା, ନ୍ୟାୟ ବ୍ୟବସ୍ଥାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ଦେଶର ମାନଚିତ୍ରରେ ସ୍ଥାନ ପାଇବାକୁ ଯାଉଛି। ରାଜ୍ୟରେ ଖୁବ୍‌ଶୀଘ୍ର ୧୦୦ଟି ଜେଏମ୍‌ଏଫ୍‌ସି ଖୋଲିବା ବ୍ୟବସ୍ଥା କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଏ.ଏସ୍. ନାଇଡୁ କହିଥିଲେ, ଭିନ୍ନଭିନ୍ନ ଭାଷାରେ ଦକ୍ଷତା ରଖିଥିବା ବାରିଷ୍ଟର ମହାନ୍ତି କେବଳ ନ୍ୟାୟିକ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆଣିଥିଲେ ତାହା ନୁହେଁ ବରଂ ଆଇନ ଶିକ୍ଷା, ବାର୍ କାଉନ୍‌ସିଲ୍, ବାର୍ ଆସୋସିଏଶନ୍‌ର କାର୍ଯ୍ୟକାରିତା ମଧ୍ୟରେ ଫରକ ଆଣିଥିଲେ। ଏହି ଅବସରରେ ଜଷ୍ଟିସ୍ ନାଇଡୁ ରଣଜିତ୍‌ଙ୍କୁ ଚାମ୍ପିୟନ୍ ଅଫ୍ ହ୍ୟୁମାନ୍ ରାଇଟ୍‌ସ ବୋଲି ଅଭିହିତ କରିଥିଲେ। ମାନବାଧିକାର ସୁରକ୍ଷା, ସଂରକ୍ଷଣ ପାଇଁ ରଣଜିତ୍ ଆଜି ମଧ୍ୟ ଜନମାନସରେ ନିଜର ଛାପ ଛାଡିଯାଇଛନ୍ତି ବୋଲି ସେ କହିଥିଲେ। ଉତ୍ସବରେ ଆଡ୍‌ଭୋକେଟ୍ ଜେନେରାଲ୍ ଅଶୋକ ପରିଜା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ଆଇନପେସାକୁ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ହାଇକୋର୍ଟ ବାର୍‌ର ସଭାପତି ଗୋପାଳକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବାର୍‌ର ସମ୍ପାଦକ ସଞ୍ଜୟ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବାରିଷ୍ଟର ରଣଜିତ୍ ମହାନ୍ତି ସ୍ମୃତି କମିଟି ପକ୍ଷରୁ ରାଜ୍ୟର ବିଭିନ୍ନ ବାର୍ ଆସୋସିଏଶନ୍‌ର ଯୁବ ଆଇନଜୀବୀମାନଙ୍କୁ ଆଇନ ପୁସ୍ତକ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ରଣଜିତ୍ ମହାନ୍ତିଙ୍କ ପୁତ୍ର ତଥା ବମ୍ବେ ହାଇକୋର୍ଟର ବିଚାରପତି ଇନ୍ଦ୍ରଜିତ୍ ମହାନ୍ତି, ଓଡ଼ିଶା ହାଇକୋର୍ଟର ବହୁ ବିଚାରପତି, ଅବସରପ୍ରାପ୍ତ ବିଚାରପତି, ଆଇନଜୀବୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ହାଇକୋର୍ଟ ପରିସରରେ ଥିବା ବାରିଷ୍ଟର୍ ରଣଜିତ୍ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ହାଇକୋର୍ଟ ବାର୍‌ର ଉପସଭାପତି ପୀୟୂଷ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଖୁବ୍‌ଶୀଘ୍ର ରାଜ୍ୟରେ ପ୍ରତିଷ୍ଠା ହେବ ୧୦୦ ଜେଏମ୍‌ଏଫ୍‌ସି



ବାରିଷ୍ଟର ରଣଜିତ୍ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବକୁ ଆଇନମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରୁଛନ୍ତି।

## ବଜ୍ରପାତ ପ୍ରବଣ ରାଜ୍ୟ ଓଡ଼ିଶା

# ୪ମାସରେ ୯ଲକ୍ଷ ଥର ବଜ୍ରପାତ

ଭୁବନେଶ୍ୱର, ୨।୯(ବ୍ୟୁରୋ)

■ ୧୨୯ ଜଣଙ୍କ ମୃତ୍ୟୁ
■ ମୁକାବିଲା କ୍ଷେତ୍ରରେ ଓଡ଼ିଶା ଆଗୁଆ

ଏକ ବଜ୍ରପାତ ପ୍ରବଣ ରାଜ୍ୟ ହୋଇ ମଧ୍ୟ ଓଡ଼ିଶା ଏହାର ମୁକାବିଲା କରିବାରେ ସଫଳ ସାବ୍ୟସ୍ତ ହୋଇଛି। ଆବଶ୍ୟକ ପଦକ୍ଷେପ ଏବଂ ଉଚିତ ସତର୍କତା ଗ୍ରହଣ କରାଯିବା ଫଳରେ ବଜ୍ରପାତ ଭଳି ଏକ ପ୍ରାକୃତିକ ବିପର୍ଯ୍ୟୟରୁ ଯଥାସମ୍ଭବ ଓଡ଼ିଶାବାସୀଙ୍କ ଜୀବନ ରକ୍ଷା କରିବାରେ ସଫଳ ହୋଇଛନ୍ତି ରାଜ୍ୟ ସରକାର। କ୍ଲାଇମେଟ୍ ରେସିଲିଏଣ୍ଟ ସିଷ୍ଟମ ପ୍ରମୋଶନ କାଉନସିଲ୍ ପକ୍ଷରୁ ବଜ୍ରପାତକୁ ନେଇ ମୌସୁମୀ ଋତୁରେ ପ୍ରସ୍ତୁତ ଏକ ରିପୋର୍ଟରେ କୁହାଯାଇଛି ଯେ, ଓଡ଼ିଶା ଓ କର୍ନାଟକ ବଜ୍ରପାତ ମୁକାବିଲା କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ।

ଦେଶର ବଜ୍ରପାତ ପ୍ରବଣ ରାଜ୍ୟଗୁଡ଼ିକ ମଧ୍ୟରୁ ଓଡ଼ିଶା ହେଉଛି ଅନ୍ୟତମ। ଗତ ଏପ୍ରିଲ ପହିଲାରୁ ଜୁଲାଇ ୩୧ତାରିଖ ମଧ୍ୟରେ ସାରା ଦେଶରେ ୬୪,୫୫,୫୪୦ଟି ବଜ୍ରପାତ ହୋଇଥିବାବେଳେ କେବଳ ଓଡ଼ିଶାରେ ୯,୦୦,୨୯୬ଟି ଘଟିଛି। ତେବେ ବଜ୍ରପାତ ମୁକାବିଲା କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ଆଗରେ ରହିଛି। ଏପ୍ରିଲରୁ ଜୁଲାଇ ମଧ୍ୟରେ ବଜ୍ରପାତରେ ୧୨୯ଜଣଙ୍କ ମୃତ୍ୟୁ ଘଟିଛି। ଉଚିତ ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାରୁ ଅଧିକରୁ ଅଧିକ ଲୋକଙ୍କ ଜୀବନ ରକ୍ଷା କରିବା ସମ୍ଭବ ହୋଇପାରିଛି। ତେବେ ଏ ଦିଗରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଓସ୍‌ଡମା)ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇଛନ୍ତି ଓସ୍‌ଡମାର ପରିଚାଳନା ନିର୍ଦ୍ଦେଶକ ବିଷ୍ଣୁପଦ ସେଠୀ। ସେ କହିଛନ୍ତି, ବଜ୍ରପାତ ସଂକ୍ରାନ୍ତରେ ଲୋକଙ୍କୁ ଏସ୍‌ଏମ୍‌ଏସ୍ ଓ ସତର୍କ ଆପ୍ ଜରିଆରେ ଆଗୁଆ ସୂଚନା ପ୍ରଦାନ ଯୋଗୁ ସେମାନଙ୍କ ଜୀବନରକ୍ଷା କରାଯାଇପାରୁଛି।

ସୂଚନାଯୋଗ୍ୟ, ଏହି ୪ମାସ ମଧ୍ୟରେ ଉତ୍ତରପ୍ରଦେଶରେ ବଜ୍ରପାତରେ ସର୍ବାଧିକ ୨୨୪ ଜୀବନ ଯାଇଛି। ଏଠାରେ କିନ୍ତୁ ଓଡ଼ିଶା ତୁଳନାରେ କମ୍ ବଜ୍ରପାତ ହୋଇଛି। ବଜ୍ରପାତ କ୍ଷେତ୍ରରେ ଓଡ଼ିଶା ସବୁଠାରୁ ଆଗରେ ରହିଥିବା ରିପୋର୍ଟ କହୁଛି। ଚଳିତବର୍ଷ ଜୁନ୍ ମାସରେ ମୋଟ ୨୬,୧୪,୮୪୧ଟି ବଜ୍ରପାତ ହୋଇଥିବାବେଳେ ଜୁନ୍ ୨ତାରିଖରେ ସର୍ବାଧିକ ୨,୧୯,୦୦୦ଟି ବଜ୍ରପାତ ହୋଇଛି। ଉତ୍ତରପ୍ରଦେଶରେ ସର୍ବାଧିକ ବଜ୍ରପାତଜନିତ ମୃତ୍ୟୁ ହୋଇଥିବାବେଳେ ପୂର୍ବ ସିଂହଭୂମ ଜିଲାରେ ସର୍ବାଧିକ ବଜ୍ରପାତ ହୋଇଥିବା ରେକର୍ଡ କରାଯାଇଛି। ଏପ୍ରିଲ ୧୫ ଓ ୧୬ ତାରିଖ ୨୪ଘଣ୍ଟା ମଧ୍ୟରେ ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟରେ ସର୍ବାଧିକ ୮୯ଟି ବଜ୍ରପାତ ମୃତ୍ୟୁ ରେକର୍ଡ କରାଯାଇଛି। ତେବେ କମ୍ ବଜ୍ରପାତରେ ଅଧିକ ଲୋକଙ୍କ ମୃତ୍ୟୁ ଘଟୁଥିବା ରାଜ୍ୟ ଉତ୍ତରପ୍ରଦେଶ ଓ ବିହାରରେ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ କୁହାଯାଇଛି। ଲୋକଙ୍କୁ ବଜ୍ରପାତ ସଂକ୍ରାନ୍ତରେ ସଚେତନ କରିବା ସହିତ ବଜ୍ରପାତ ନିରୋଧ ଡିଭାଇସ୍ ସ୍ଥାପନ ଦ୍ୱାରା ଶତ ପ୍ରତିଶତ ସୁରକ୍ଷା ଯୋଗାଇ ଦିଆଯାଇପାରିବ ବୋଲି କୁହାଯାଇଛି। ବଜ୍ରପାତ ଜନିତ ମୃତ୍ୟୁସଂଖ୍ୟା ଅଧିକରୁ ଅଧିକ ସଂଖ୍ୟାରେ ବୃଦ୍ଧି ପାଉଥିବାରୁ ବୈଜ୍ଞାନିକ ପଦ୍ଧତିରେ ଏହାର ପରିଚାଳନା ଲାଗି ମତପ୍ରକାଶ ପାଇଛି। ଇତିମଧ୍ୟରେ ଆମେରିକାର ଆର୍ଥ ନେଟୱର୍କ ସହଯୋଗରେ ଓସ୍‌ଡମା ପକ୍ଷରୁ ବଜ୍ରପାତ ଚିହ୍ନଟ ସେନ୍‌ସର ସ୍ଥାପନ ହୋଇଛି, ଯାହା ବଜ୍ରପାତରୁ ଘଣ୍ଟାଏ ପୂର୍ବରୁ ସତର୍କର ସୂଚନା ଦେଉଛି। ଏସ୍‌ଏମ୍‌ଏସ୍, ଟିଭି ଚ୍ୟାନେଲ୍ ଓ ସୋସିଆଲ ମିଡିଆ ସାହାଯ୍ୟରେ ଏହାକୁ ଲୋକଙ୍କ ନିକଟକୁ ସଚେତନତାମୂଳକ ବାର୍ତ୍ତା ପଠାଯାଇ ପାରୁଛି।

# ଜମି ଅଡୁଆ: ଆଗେଇ ପାରୁନି ମେଗା ତୈଳବୀଜ ବିହନ ହବ୍

ଭୁବନେଶ୍ୱର, ୨।୯ (ବ୍ୟୁରୋ)

ଡାଲିଜାତୀୟ ଫସଲ ଉତ୍ପାଦନ ବୃଦ୍ଧି ପାଇଁ ଓଡ଼ିଶାରେ ଏକ ମେଗା ତୈଳବୀଜ ବିହନ ହବ୍ ସ୍ଥାପନ କରିବାକୁ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଦାବି କରିଆସୁଥିଲେ। ତେବେ ଏଥିପାଇଁ ଆବଶ୍ୟକ ଜମି ମିଳୁ ନ ଥିବାରୁ ତାହା ଏବେ ଅନିଶ୍ଚିତତା ଭିତରକୁ ଚାଲିଯାଇଛି। ଏଥିପାଇଁ ରାଜ୍ୟ ସରକାର ବହୁ ପୂର୍ବରୁ ଭାରତୀୟ କୃଷି ଗବେଷଣା ପରିଷଦ(ଆଇସିଏଆର)କୁ ଅନୁରୋଧ କରିଥିଲେ। ଏହି ହବ୍ ସ୍ଥାପନ କରିବାକୁ ଭାରତୀୟ ତୈଳବୀଜ ଗବେଷଣା ପ୍ରତିଷ୍ଠାନ (ଆଇଆଇପିଆର) ରାଜି ହୋଇଥିଲା। ପ୍ରଥମେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପରିସରରେ ଏହି ହବ୍ କରିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଏଥିପାଇଁ ଜମି ନ ମିଳିବାରୁ ବିହନ ହବ୍ ଦୀର୍ଘ ବର୍ଷ ହେବ କାର୍ଯ୍ୟକାରୀ ହୋଇ ପାରୁ ନାହିଁ। ରାଜ୍ୟ ସରକାରୀ ଅଧିକାରୀଙ୍କ ଉଦାସୀନତା ଯୋଗୁ ଏହା ଆଗେଇ ପାରୁ ନାହିଁ। ରାଜ୍ୟର ୭ଟି ଜିଲାରେ ଓୟୁଏଟିର ବିହନ ହବ୍ ରହିଛି। ଏହି ହବ୍‌ଗୁଡିକ ଚାଷୀଙ୍କ ପାଇଁ ବିଶେଷ ଉପଯୋଗୀ ହୋଇ ପାରୁ ନାହିଁ। ଆଇଆଇପିଆର ଉନ୍ନତ ଜ୍ଞାନକୌଶଳରେ ଏହି ହବ୍ ସ୍ଥାପନ କରିବାକୁ ଯାଉଥିବାରୁ ରାଜ୍ୟର କୃଷକଙ୍କ ପାଇଁ ଏହା ଯଥେଷ୍ଟ ସହାୟକ ହେବ ବୋଲି କୁହାଯାଉଛି । ଆଇସିଏଆର ଏହି ହବ୍ ସ୍ଥାପନ କରିବାକୁ ଜୋରଦାର ଉଦ୍ୟମ କରୁଥିବା ବେଳେ ଜମି ଯୋଗାଇବା ବାଧକ ସୃଷ୍ଟି କରିଛି। ତୈଳବୀଜ ବିହନ ହବ୍ ପାଇଁ କେନ୍ଦ୍ର ସରକାର ୬ କୋଟି ଟଙ୍କା ପ୍ରଦାନ କରି ସାରିଛନ୍ତି। ଏଥିପାଇଁ ୧୦ ଏକର ଜମିର ଆବଶ୍ୟକତା ରହିଛି। ରାଜ୍ୟ ସରକାର ଜମି ଯୋଗାଇ ଦେବାକୁ ରାଜି ହୋଇଥିଲେ। ଗତ ଫେବୃୟାରୀରେ ଏ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣା ହୋଇଥିଲା। ରାଜ୍ୟ ସରକାର ଯେଉଁ ଜମି ଯୋଗାଇ ଦେଇଥିଲେ ତାହା ଜଙ୍ଗଲ କିସମ ହୋଇଥିବାରୁ ବିହନ ହବ୍ ସ୍ଥାପନ କରିବା ନେଇ ବିଳମ୍ବ ହେଉଛି। ଏଥିପାଇଁ ପରିବେଶ ଅନୁମତି ନେବାକୁ ପଡୁଥିବାରୁ ଏହି ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେଉଛି। ଅନ୍ୟ ପକ୍ଷରେ ପ୍ରକଳ୍ପ ଖର୍ଚ୍ଚ ମଧ୍ୟ ବଢି ଚାଲିଛି। ଜମି ଅଡୁଆ ନ ତୁଟିବା ଯାଏ ଏହି ପ୍ରକଳ୍ପ ନିର୍ମାଣକାର୍ଯ୍ୟ ଆଗେଇ ପାରିବ ନାହିଁ ବୋଲି ଆଇସିଏଆରର ଜଣେ ଅଧିକାରୀ କହିଛନ୍ତି।



ସେରେନା ୱିଲିୟମ୍ସ

# ସେରେନା, ସ୍ୱିତୋଲିନା କ୍ୱାର୍ଟରରେ

ନ୍ୟୁୟର୍କ, ୨।୯

ଆମେରିକାର ସେରେନା ୱିଲିୟମ୍ସ ଓ ୟୁକ୍ରେନର ଏଲିନା ସ୍ୱେତୋଲିନା ୟୁଏସ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆହତ ସମସ୍ୟାରୁ ମୁକ୍ତିଲି ସେରେନା ପ୍ରି-କ୍ୱାର୍ଟର ଫାଇନାଲରେ ୬-୩, ୬-୪ ସେଟ୍‌ରେ କ୍ରୋଏସିଆର ପେଟ୍ରା ମାର୍ଟିକଙ୍କୁ ପରାସ୍ତ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସେ ଚାଇନାର ୱାଙ୍ଗ କ୍ୱିଆଙ୍ଗଙ୍କୁ ଭେଟିବେ। ସେହିପରି ସ୍ୱିତୋଲିନା ପ୍ରି କ୍ୱାର୍ଟରରେ ଆମେରିକାର ମାଡିସନ କିଜ୍‌ଙ୍କୁ ୭-୫, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସରୁ ରୋଲାଣ୍ଡ ଗାରୋସ ଚାମ୍ପିୟନ ଆଶ୍‌ଲେ ବାର୍ଟି ଓ କାରୋଲିନା ପ୍ଲିସ୍‌କୋଭା ପ୍ରି-କ୍ୱାର୍ଟରରୁ ବିଦାୟ ନେଇଛନ୍ତି। ବାର୍ଟି ପ୍ରି-କ୍ୱାର୍ଟରରେ ଚାଇନାର ୱାଙ୍ଗ୍‌ଙ୍କ ନିକଟରୁ ୨-୬, ୪-୬ ସେଟ୍‌ରେ ପରାସ୍ତ ହୋଇଥିଲେ। ପ୍ଲିସ୍‌କୋଭାଙ୍କୁ ୬-୭(୧-୭), ୬-୩, ୭-୫ ସେଟ୍‌ରେ ହରାଇ ବ୍ରିଟେନର ଜୋହାନା କୋଣ୍ଟା କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି।

## ଓହରିଲେ ଜୋକୋଭିଚ୍, କ୍ୱାର୍ଟରରେ ୱାୱରିଙ୍କା

ଡିଫେଣ୍ଡିଂ ଚାମ୍ପିୟନ ନୋଭାକ ଜୋକୋଭିଚ୍ ୟୁଏସ୍ ଓପନ ପ୍ରିକ୍ୱାର୍ଟର ଫାଇନାଲରୁ ଓହରି ଯାଇଛନ୍ତି। ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ନଂ ୧ ସିଡ୍ ଜୋକୋଭିଚ୍ ୬-୪, ୭-୫, ୨-୧ ସେଟ୍‌ରେ ସୁଇଜରଲାଣ୍ଡର ଷ୍ଟାନ ୱାୱରିଙ୍କାଙ୍କଠାରୁ ଆଗୁଆ ଥିଲେ। ହେଲେ ବାମ କାନ୍ଧରେ ଅତ୍ୟଧିକ ଯନ୍ତ୍ରଣା ଯୋଗୁ ମ୍ୟାଚ୍‌ରୁ ଓହରି ଯାଇଛନ୍ତି। ଫଳରେ ପୂର୍ବତନ ଚାମ୍ପିୟନ ୱାୱରିଙ୍କା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କୌଣସି ଖେଳାଳି ଏଭଳି ଭାବେ ମ୍ୟାଚ୍ ଶେଷ କରିବାକୁ ଚାହାନ୍ତି ନାହିଁ। ମୁଁ ଜୋକୋଭିଚ୍‌ଙ୍କ ପାଇଁ ଦୁଃଖିତ ବୋଲି ୱାୱରିଙ୍କା ମ୍ୟାଚ୍ ପରେ କହିଛନ୍ତି। ସେ ପରବର୍ତ୍ତୀ ମ୍ୟାଚ୍‌ରେ ୫ମ ସିଡ୍ ଡାନିଲ ମାଡଭେଡଭଙ୍କୁ ଭେଟିବେ। ୩୨ ବର୍ଷୀୟ ସର୍ବିୟାନ ଖେଳାଳି ଗତ ୩୭ ଗ୍ରାଣ୍ଡସ୍ଲାମ ମ୍ୟାଚ୍‌ରୁ ୩୬ ମ୍ୟାଚ୍ ଜିତିଛନ୍ତି। ଏଥିସହ ୫ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରୁ ୪ ଟାଇଟଲ ମଧ୍ୟ ହାସଲ କରିଛନ୍ତି। ଉଲ୍ଲେଖଥାଉ କି, ଜୋକୋଭିଚ୍ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଆହତ ହୋଇଥିଲେ।



ଏଲିନା ସ୍ୱେତୋଲିନା

# ଇତିହାସ ପୃଷ୍ଠାରେ କଶ୍ମୀର ବିବାଦ

ଜମ୍ମୁ-କଶ୍ମୀରକୁ ଦୀର୍ଘ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଆସୁଥିବା ଏକ ଅସ୍ଥାୟୀ ବ୍ୟବସ୍ଥା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଅଗଷ୍ଟ ୫ରେ ଉଚ୍ଛେଦ କରିଦେବା ସହ ଉକ୍ତ ରାଜ୍ୟକୁ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉତ୍ତେଜନା ଓ ହିଂସାକାଣ୍ଡ ସୃଷ୍ଟି ଆଶଙ୍କାରେ ସରକାର ସେଠାରେ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଜନସାଧାରଣଙ୍କ ଯାତାୟାତ ଉପରେ କଟକଣା ଲାଗୁ ହୋଇଥିଲା, ଯାହା ଏପର୍ଯ୍ୟନ୍ତ ମଧ୍ୟ କେତେକ ଅଞ୍ଚଳରେ ବଳବତ୍ତର ରହିଛି। ଖାଲି ସେତିକି ନୁହେଁ, ଜମ୍ମୁ-କଶ୍ମୀରରେ ଟେଲିଫୋନ, ମୋବାଇଲଠାରୁ ଆରମ୍ଭ କରି ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଥିଲା। ୩ ଜଣ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଚ୍ଛିନ୍ନତାବାଦୀ ଓ ଅନ୍ୟ ସ୍ଥାନୀୟ ନେତାମାନଙ୍କୁ ସରକାର ଗୃହବନ୍ଦୀ କରି ରଖିଛନ୍ତି। ଗଣମାଧ୍ୟମ ଉପରେ ଅଙ୍କୁଶ ଲଗାଯାଇ ସେଠାରେ ଗଣତନ୍ତ୍ରର କଣ୍ଠରୋଧ କରାଯାଇଛି ବୋଲି ବିରୋଧୀ ଅଭିଯୋଗ କରୁଛନ୍ତି। କଟକଣା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏଭଳି ଅବସ୍ଥା ଅଧିକ ଦିନ ଲାଗି ରହିଲେ ପରିସ୍ଥିତି ଜଟିଳ ହୋଇପଡିବ। କଟକଣା ହଟାଇ ଦିଆଯିବା ପରେ ହିଂସାକାଣ୍ଡ ଯେ ହେବନାହିଁ ତାହାକୁ ଏଡ଼ାଇଦିଆଯାଇ ନ ପାରେ। ତେବେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରର ଅର୍ଥନୀତିରେ ବିରାଟ ପରିବର୍ତ୍ତନ ଆସିବ, ସେଠାରେ ଦେଶ ବିଦେଶରୁ ବ୍ୟବସାୟୀମାନେ ଆସି ପୁଞ୍ଜିନିବେଶ କରିବେ, ସ୍ଥାନୀୟ ଯୁବତୀ ଯୁବକଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ଯେଉଁସବୁ ସ୍ୱପ୍ନ ସରକାର ଦେଖାଇଛନ୍ତି, ତାହା କେତେଦୂର ସାକାର ହେବ ତାହା ସମୟ କହିବ।

ଏଠାରେ ପ୍ରଶ୍ନ ଉଠୁଛି, ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ କ'ଣ କଶ୍ମୀରକୁ ନେଇ ଦୀର୍ଘଦିନ ଧରି ଲାଗିରହିଥିବା ବିବାଦ ଓ ସ୍ଥାନୀୟ ସମସ୍ୟାର ସମାଧାନ ହୋଇଯିବ ? ସେଠାରୁ ବିତାଡ଼ିତ କଶ୍ମୀରୀ ପଣ୍ଡିତମାନେ କ'ଣ ସେମାନଙ୍କ ଭିଟାମାଟିକୁ ନିରାପଦରେ ଫେରିପାରିବେ ଓ ଉପତ୍ୟକାରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ? ଏହା ଆଜିର ସମସ୍ୟା ନୁହେଁ। ଇତିହାସକୁ ଅବଲୋକନ କଲେ ୧୫୮୯ରେ ମୋଗଲ ଶାସନ କାଳରେ କଶ୍ମୀରବାସୀ ଅତ୍ୟାଚାରିତ ଓ ଶୋଷିତ ହେଉଥିଲେ। ଏହାପରେ ଆଫଗାନ୍, ଶିଖ୍‌ମାନେ ଉକ୍ତ ରାଜ୍ୟକୁ ଶାସନ କଲେ ଏବଂ ଦେଶ ସ୍ୱାଧୀନ ହୋଇ ଭାରତ ଓ ପାକିସ୍ତାନରେ ବିଭକ୍ତ ହେବା ପର୍ଯ୍ୟନ୍ତ ସେଠାରେ ଡୋଗ୍ରାମାନେ ଶାସନ କରୁଥିଲେ। ଆଫଗାନ୍ ଶାସକ କଶ୍ମୀରୀମାନଙ୍କୁ ଆଫଗାନିସ୍ତାନକୁ କ୍ରୀତଦାସ କରି ପଠାଇ ଦେଉଥିଲେ। ଶିଖ୍ ଶାସକମାନେ ସେମାନଙ୍କୁ ଗୋରୁ ଭଳି ବ୍ୟବହାର ଦେଖାଉଥିଲେ ବୋଲି ବ୍ରିଟିଶ ଆବିଷ୍କାରକ ୱିଲିୟମ ମୁରକ୍ରୋଫ୍ଟ ଲେଖିଛନ୍ତି।

୧୮୪୬ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଯୁଦ୍ଧରେ ବ୍ରିଟିଶ୍ ଶିଖ୍ ଶାସକଙ୍କୁ ପରାଜିତ କରି କଶ୍ମୀରକୁ ପଣ୍ୟ ସାମଗ୍ରୀ ଭଳି ଡୋଗ୍ରା ଶାସକ ଗୁଲାବ ସିଂଙ୍କୁ ୭୫ ଲକ୍ଷ ଟଙ୍କାରେ ବିକ୍ରି କରିଦେଇଥିଲା। ଗୁଲାବ ଓ ତାଙ୍କ ପରବର୍ତ୍ତୀ ଡୋଗ୍ରା ଶାସକମାନେ କଶ୍ମୀରୀମାନଙ୍କୁ ଆହୁରି ଶୋଷଣ କରିବାକୁ ଲାଗିଲେ। ସେମାନେ ୭୫ ଲକ୍ଷ ଟଙ୍କା ଅସୁଲ କରିବା ପାଇଁ ଲୋକଙ୍କ ଉପରେ ଅତିରିକ୍ତ ଟିକସ ବସାଇଲେ। କଶ୍ମୀରରେ ଅର୍ଥନୈତିକ ଶୋଷଣର ଏହା ସବୁଠୁ ଖରାପ ସମୟ ଥିଲା ବୋଲି କୁହାଯାଏ। କଶ୍ମୀରୀମାନଙ୍କ ଜମି ଆହରଣ ଉପରେ କଟକଣା ଲାଗୁ ହୋଇଥିବାରୁ ଅଧିକାଂଶ ଚାଷୀ ଭୂମିହୀନ ଥିଲେ। ୫୦ରୁ ୭୫ ପ୍ରତିଶତ ଫସଲ ଡୋଗ୍ରା ଶାସକଙ୍କ ପାଖକୁ ଚାଲିଯାଉଥିଲା। ଲୋକମାନଙ୍କୁ ବିନା ପାରିଶ୍ରମିକରେ ଗୋତି ଖଟାଇବା ବ୍ୟବସ୍ଥା ଡୋଗ୍ରା ଶାସକ ଆରମ୍ଭ କରିଥିଲେ। ଏପରି କି ସେଠାର ମୁସଲମାନ ବିବାହ କରିବାକୁ ଚାହିଁଲେ ଟିକସ ଦେବାକୁ ପଡୁଥିଲା।

ଡୋଗ୍ରା ଶାସନକାଳରେ ଉପତ୍ୟକାର ହିନ୍ଦୁ କଶ୍ମୀରୀ ପଣ୍ଡିତମାନଙ୍କ ଅବସ୍ଥା ମୁସଲମାନଙ୍କ ତୁଳନାରେ ସାମାନ୍ୟ ଭଲ ଥିଲା। ସେମାନେ ଶିକ୍ଷକତା ସମେତ ବିଭିନ୍ନ ଉଚ୍ଚଶ୍ରେଣୀର ସେବାରେ ନିଯୁକ୍ତି ପାଇପାରୁଥିଲେ। ସେଠାକାର କୋଶୁର ପରିବର୍ତ୍ତେ ଡୋଗ୍ରା ଶାସକ ଉର୍ଦ୍ଦୁକୁ ସରକାରୀ ଭାଷା ଭାବେ ପ୍ରଚଳନ କରିବାରୁ କଶ୍ମୀରୀ ମୁସଲମାନଙ୍କୁ ଦାରିଦ୍ର୍ୟରୁ ମୁକ୍ତି ମିଳିବା ଆହୁରି କଷ୍ଟକର ହୋଇପଡିଲା। ଡୋଗ୍ରା ଶାସକଙ୍କ ବିରୋଧରେ ପ୍ରଥମ ଶ୍ରମିକ ବିଦ୍ରୋହ ୧୮୬୫ରେ ଆରମ୍ଭ ହୋଇଥିଲା। କଶ୍ମୀର ଶାଲ୍ ବୁଣାକାରମାନେ ଆନ୍ଦୋଳନ କରିବାରୁ ତାହାକୁ ବଳ ପ୍ରୟୋଗ କରି ଚପାଇ ଦିଆଗଲା। ସେମାନଙ୍କ ଉପରେ ଅତ୍ୟାଚାର ଯୋଗୁ ୩ ଦଶନ୍ଧି ମଧ୍ୟରେ ବୁଣାକାରଙ୍କ ସଂଖ୍ୟା ୨୮ ହଜାରରୁ ହ୍ରାସପାଇ ୫ ହଜାରରେ ପହଞ୍ଚିଲା। ଏହା ସତ୍ତ୍ୱେ ଶ୍ରମିକମାନେ ଅଧିକାର ପାଇଁ ସେମାନଙ୍କ ଆନ୍ଦୋଳନ ଜାରି ରଖିଥିଲେ। ୧୯୨୪ରେ ଶ୍ରୀନଗର ସିଲ୍କ କାରଖାନାର ଶ୍ରମିକମାନେ ହରତାଳ କରିଥିଲେ। ୧୯୩୦ରେ କିଛି ବାମପନ୍ଥୀ ଚିନ୍ତାଧାରାର ମୁସଲମାନ ଶିକ୍ଷିତ ଯୁବକ ଅତ୍ୟାଚାରରୁ ମୁକ୍ତି ପାଇଁ ରିଡିଂ ରୁମ୍ ପାର୍ଟି ଗଠନ କଲେ, ଯାହା ପରବର୍ତ୍ତୀ ସମୟରେ ରାଜନୈତିକ ଦଳର ରୂପ ନେଇଥିଲା। ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ବିଦ୍ରୋହ ମନୋଭାବ ବଢୁଥିବା ଲକ୍ଷ୍ୟ କରି ୧୯୩୧ରେ ଡୋଗ୍ରା ଶାସକ ଉପତ୍ୟକାରେ ତିନୋଟି ରାଜନୈତିକ ଦଳ କଶ୍ମୀରୀ ପଣ୍ଡିତ କନ୍‌ଫରେନ୍ସ, ଜମ୍ମୁରେ ହିନ୍ଦୁ ସଭା ଏବଂ ଶିଖ୍‌ମାନଙ୍କ ଶିରୋମଣି ଖାଲ୍‌ସା ଦରବାର ଗଠନ ପାଇଁ ଅନୁମତି ଦେଇଥିଲେ। ଡୋଗ୍ରା ଶାସକଙ୍କ ଅତ୍ୟାଚାର ବିରୋଧରେ ମୁସଲମାନମାନଙ୍କ ଆନ୍ଦୋଳନ ସେହିବର୍ଷ ଜୁଲାଇ ୧୩ରେ ହିଂସାତ୍ମକ ରୂପ ନେଇଥିଲା। କୋର୍ଟରେ ଜଣେ ମୁସଲମାନ ଯୁବକ ଅବଦୁଲ କାଦିରଙ୍କ ମାମଲାର ବିଚାର ଚାଲିଥିବାବେଳେ ହଜାର ହଜାର ଆନ୍ଦୋଳନକାରୀ ଶ୍ରୀନଗର ଜେଲ୍ ଭିତରେ ଧସେଇ ପଶିଥିଲେ। ଫଳରେ ପୋଲିସ ଗୁଳିରେ ୨୨ ଆନ୍ଦୋଳନକାରୀ ନିହତ ହୋଇଥିଲେ। ଏହା ପରେ ଆରମ୍ଭ ହୋଇଥିଲା ଦଙ୍ଗା। ଉପତ୍ୟକାରେ ହିନ୍ଦୁମାନଙ୍କ ଦୋକାନ ଲୁଟ୍‌ପାଟ ହୋଇଥିଲା। ଏହା ଥିଲା ସଂଖ୍ୟାଗରିଷ୍ଠ ମୁସଲମାନଙ୍କ ପ୍ରତି ହିନ୍ଦୁମାନଙ୍କ ପକ୍ଷପାତ ମନୋଭାବର ପ୍ରତିଫଳନ। ସେହିଠାରୁ କଶ୍ମୀର ଇତିହାସରେ ସାମ୍ପ୍ରଦାୟିକତାର ସୂତ୍ରପାତ ହେଲା।

୧୯୪୭ରେ ଦେଶ ବିଭାଜନବେଳେ କଶ୍ମୀର ସ୍ୱାଧୀନ ଭାବେ ରହିବ ନା ଭାରତ କିମ୍ବା ପାକିସ୍ତାନ ସହ ମିଶିବ, ସେହି ନିଷ୍ପତ୍ତି ତତ୍କାଳୀନ ଡୋଗ୍ରା ଶାସକ ହରି ସିଂଙ୍କ ଉପରେ ଛାଡ଼ିଦିଆଯାଇଥିଲା। ହରି ସିଂ କଶ୍ମୀରକୁ ସ୍ୱାଧୀନ ରଖିବାକୁ ପ୍ରଥମେ



ଚାହିଁଥିଲେ। ତେବେ ପାକିସ୍ତାନୀ ଆଦିବାସୀମାନେ ଉକ୍ତ ଅଞ୍ଚଳ ଉପରେ ଆକ୍ରମଣ କରିବାରୁ ୧୯୪୭ ଅକ୍ଟୋବରରେ କଶ୍ମୀର ଭାରତରେ ମିଶିବାକୁ ରାଜି ହୋଇଥିଲା। କଶ୍ମୀରର ସୁରକ୍ଷା ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ସେନା ପଠାଇଥିଲେ। ସେତେବେଳେ କଶ୍ମୀରକୁ ସ୍ୱୟଂଶାସନ କ୍ଷମତା ଦେବା ପାଇଁ ହରି ସିଂଙ୍କ ସର୍ତ୍ତ ଅନୁଯାୟୀ ଭାରତୀୟ ସମ୍ବିଧାନରେ ଅନୁଚ୍ଛେଦ ୩୭୦ ସଂଯୋଗ କରାଯାଇଥିଲା।

ଦେଶ ବିଭାଜନ ପରେ ୧୯୪୭ ଅକ୍ଟୋବର-ନଭେମ୍ବରରେ ଜମ୍ମୁ ଅଞ୍ଚଳରେ କଠୋରପନ୍ଥୀ ହିନ୍ଦୁ ଓ ଶିଖ୍‌ମାନଙ୍କ ଦ୍ୱାରା ବହୁସଂଖ୍ୟାରେ ମୁସଲମାନ ଗଣହତ୍ୟାର ଶିକାର ହୋଇଥିଲେ ଓ ଅନ୍ୟମାନଙ୍କୁ ପଶ୍ଚିମ ପଞ୍ଜାବକୁ ତଡ଼ି ଦିଆଯାଇଥିଲା। ଏଥିରେ ମହାରାଜା ହରି ସିଂଙ୍କ ସେନା ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ସହାୟତା କରିଥିଲେ। ଏହି ଗଣହତ୍ୟାରେ ଲକ୍ଷାଧିକ ମୁସଲମାନ ପ୍ରାଣ ହରାଇଥିଲେ। ପାକିସ୍ତାନୀ ଆଦିବାସୀ ଓ ସୈନ୍ୟଙ୍କ ଦ୍ୱାରା ତତ୍କାଳୀନ ମିର୍‌ପୁର (ବର୍ତ୍ତମାନର ପିଓକେ)ରେ ୨୦ ହଜାରରୁ ଊର୍ଦ୍ଧ୍ୱ ଅଣମୁସଲିମ୍ ନିହତ ହୋଇଥିଲେ। ଏହାବ୍ୟତୀତ ଜମ୍ମୁ ଡିଭିଜନର ରାଜୌରୀରେ ମଧ୍ୟ ବହୁସଂଖ୍ୟାରେ ହିନ୍ଦୁ ଓ ଶିଖ୍ ପ୍ରାଣ ହରାଇଥିଲେ। ଦୁଇମାସରେ ମୋଟ ମୃତ୍ୟୁସଂଖ୍ୟା ୨ ଲକ୍ଷରୁ ଅଧିକ ଥିଲା ଏବଂ ୫ ଲକ୍ଷ ଲୋକ ଭିଟାମାଟି ଛାଡ଼ି ଅନ୍ୟତ୍ର ପଳାଇଯାଇଥିଲେ। ଏହା ପରେ ବିଭିନ୍ନ ସମୟରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ହିଂସାକାଣ୍ଡ ଲାଗି ରହିଥିଲା।

୧୯୯୦ ଜାନୁୟାରୀ ୧୯ ଥିଲା ଉପତ୍ୟକା ପାଇଁ କାଳରାତ୍ରି। ସେହି ରାତିରେ ଉପତ୍ୟକା ଛାଡ଼ି ଚାଲିଯିବା ପାଇଁ କଶ୍ମୀରୀ ପଣ୍ଡିତ ଓ ଶିଖ୍‌ମାନଙ୍କୁ ସଂଖ୍ୟାଗରିଷ୍ଠ ମୁସଲମାନମାନେ ଡାକବାଜି ଯନ୍ତ୍ରରେ ଚରମବାଣୀ ଶୁଣାଇଥିଲେ। ଏଥିସହିତ ସେମାନେ କେତୋଟି ସର୍ତ୍ତ ରଖିଥିଲେ। କଶ୍ମୀରରେ ରହିବାକୁ ହେଲେ ହିନ୍ଦୁ ଓ ଶିଖ୍‌ମାନଙ୍କୁ ଇସ୍‌ଲାମ ଧର୍ମ ଗ୍ରହଣ କରିବାକୁ ହେବ, ନଚେତ ଉପତ୍ୟକା ଛାଡ଼ିବାକୁ ପଡ଼ିବ, ନ ହେଲେ ସେମାନଙ୍କୁ ମରିବାକୁ ହେବ ବୋଲି କୁହାଯାଇଥିଲା। ଏଭଳି ଧମକ ସେମାନେ ବହୁ ଆଗରୁ ଦେଇଆସୁଥିଲେ ମଧ୍ୟ ଜାନୁୟାରୀ ୧୯ର ଚେତାବନୀ ଥିଲା ଅତ୍ୟନ୍ତ କଠୋର, ଯାହାକୁ ମନେପକାଇଲେ କଶ୍ମୀରୀ ପଣ୍ଡିତମାନଙ୍କ ଲୋମ ଟାଙ୍କୁରି ଉଠେ। ହଜାର ହଜାର କଶ୍ମୀରୀ ମୁସଲମାନ ରାସ୍ତାକୁ ଆସି ହିନ୍ଦୁ ବିରୋଧୀ ଧମକପୂର୍ଣ୍ଣ ସ୍ଲୋଗାନ ଦେଇଥିଲେ। ଫଳରେ ପଣ୍ଡିତମାନେ ଘରଦ୍ୱାର ଛାଡ଼ି ଜୀବନ ବଞ୍ଚାଇବାକୁ ପଳାୟନ କରିଥିଲେ। ଦେଢ଼ ଲକ୍ଷରୁ ୧ ଲକ୍ଷ ୯୦ ହଜାର ପର୍ଯ୍ୟନ୍ତ କଶ୍ମୀରୀ ପଣ୍ଡିତ ଉପତ୍ୟକା ଛାଡ଼ିଥିଲେ। ବହୁସଂଖ୍ୟାରେ କଶ୍ମୀରୀ ପଣ୍ଡିତଙ୍କୁ ନିର୍ଯାତନା ଦିଆଯିବା ସହ ମହିଳାଙ୍କୁ ବଳାତ୍କାର ଓ ହତ୍ୟା କରାଯାଇଥିଲା। ହେଲେ ୧୯୮୯ରୁ ୨୦୦୪ ମଧ୍ୟରେ ୨୧୯ ଜଣଙ୍କୁ ହତ୍ୟା କରାଯାଇଥିବା ସରକାରୀ ଭାବେ କୁହାଯାଇଛି। ୧୯୯୭ ମାର୍ଚ୍ଚରେ ଆତଙ୍କବାଦୀମାନେ ୭ ଜଣ କଶ୍ମୀରୀ ପଣ୍ଡିତଙ୍କୁ ଘରୁ ଟାଣିନେଇ ହତ୍ୟା କରିଥିଲେ। ୧୯୯୮ ଜାନୁୟାରୀରେ ୱାନ୍ଧମା ଗ୍ରାମରେ ମହିଳା ଓ ଶିଶୁଙ୍କ ସମେତ ୨୩ ଜଣଙ୍କୁ ମାରିଦିଆଯାଇଥିଲା। ସେହିପରି ୨୦୦୩ ମାର୍ଚ୍ଚରେ ନଦୀମାର୍ଗ ଗ୍ରାମରେ ୨୪ କଶ୍ମୀରୀ ପଣ୍ଡିତଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ଭିଟାମାଟି ଛାଡିଥିବା ହିନ୍ଦୁ ଓ ଶିଖ୍‌ମାନେ ୩ ଦଶନ୍ଧି ହେଲା ବାହାର ରାଜ୍ୟରେ ଶରଣ ନେଇଥିଲେ ମଧ୍ୟ ଜନ୍ମସ୍ଥାନକୁ ଫେରିପାରୁ ନାହାନ୍ତି। ଅନେକ ସରକାର ଆସିଛନ୍ତି, ହେଲେ ସେମାନଙ୍କ ଅବସ୍ଥାରେ କୌଣସି ପରିବର୍ତ୍ତନ ଘଟିନାହିଁ। ଅତଏବ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଯେ ସେମାନଙ୍କୁ ଫେରାଇ ଆଣିବ ଓ ଉପତ୍ୟକାର ଆର୍ଥିକ ଚିତ୍ର ବଦଳାଇଦେବ, ତାହା ସମୟ କହିବ।

## ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା, ସ୍ୱାମୀ ଗିରଫ

ଡାବୁଗାଁ,୨।୯(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ସରଗୁଡା ଗ୍ରାମରେ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ସ୍ୱାମୀ ଟାଙ୍ଗିଆରେ ହାଣି ରବିବାର ବିଳମ୍ବିତ ରାତିରେ ହତ୍ୟା କରିଛନ୍ତି। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ସ୍ୱାମୀ ମାହାଙ୍ଗୁ ଭତ୍ରା (୪୫)ଙ୍କୁ ଗିରଫ କରିଛି। ସରଗୁଡା ଗ୍ରାମର ମାହାଙ୍ଗୁ , ସ୍ତ୍ରୀ ମନାଇ ଭତ୍ରା (୪୦), ମା' ସାନୁ ଭତ୍ରା ଓ ପିଲାମାନେ ରବିବାର ରାତିରେ ଖାଇ ସାରି ଘରେ ଶୋଇଥିଲେ। ରାତି ପ୍ରାୟ ଗୋଟାଏରେ ମାହାଙ୍ଗୁ ଉଠି ଏକ ଟାଙ୍ଗିଆରେ ସ୍ତ୍ରୀ ମନାଇଙ୍କ ବେକକୁ ହାଣି ଦେବାରୁ ସେ ଚିତ୍କାର କରିଥିଲେ। ପାଖରେ ଶୋଇଥିବା ମାହାଙ୍ଗୁଙ୍କ ମା' ସାନୁ ଉଠି ଦେଖିବା ବେଳକୁ ମନାଇଙ୍କ ମୃତ୍ୟୁ ଘଟିସାରିଥିଲା। ସଙ୍ଗେ ସଙ୍ଗେ ସାନୁ ପିଲାମାନଙ୍କୁ ଧରି ବାହାରକୁ ଆସି ପାଟି କରିଥିଲେ। ପାଟି ଶୁଣି ପାଖ ଘରେ ଥିବା ମାହାଙ୍ଗୁଙ୍କ ଦାଦା ପୁଅ ତିଲ ଭତ୍ରା ପହଞ୍ଚିଥିଲେ। ମାହାଙ୍ଗୁଙ୍କ ଠାରୁ ରକ୍ତ ଲଗା ଟାଙ୍ଗିଆ ଛଡାଇ ରଖିବା ପରେ ଗ୍ରାମବାସୀଙ୍କୁ ଡାକିଥିଲେ। ଏହା ଦେଖି ମାହାଙ୍ଗୁ ଏକ ଘର ଭିତରେ ପଶି ଯାଇ ଭିତରୁ ଦ୍ୱାର ବନ୍ଦ କରି ରହିଥିଲେ। ସୋମବାର ଗ୍ରାମର ୱାର୍ଡ ସଭ୍ୟ ଚୈତନ ଭତ୍ରା ଡାବୁଗାଁ ଥାନାରେ ଏ ସମ୍ପର୍କରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଆଇଆଇସି ସୁରେନ୍ଦ୍ର କୁମାର ବେହୁରିଆ, ସବଇନ୍ସପେକ୍ଟର ରଙ୍କନିଧି ସାହୁ, ଏଏସଆଇ ସଲମନ ଭୂୟାଁ ପ୍ରମୁଖ ପହଞ୍ଚି ମାହାଙ୍ଗୁଙ୍କୁ ଉକ୍ତ ଘରୁ ଉଦ୍ଧାର କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରଯାଇଥିଲା।


**ଉତ୍କଳ ଗ୍ରାମୀଣ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ନି/ପୋ-ଧନୁପାଲି, ସମ୍ବଲପୁର- ୭୬୮୦୦୫

**ଭ୍ରମ ସଂଶୋଧନ**
ସ୍ଥାବର ସମ୍ପତ୍ତିର ଦଖଲ ନୋଟିସ
(ରୁଲ-୮(୧))

ଗତ ତା ୨.୦୯.୨୦୧୯ ରିଖ ଦୈନିକ ଧରିତ୍ରୀ ପୃଷ୍ଠା-୫ରେ ପ୍ରକାଶିତ ଦଖଲ ନୋଟିସରେ ଶାଖା **ବେଲପାହାଡ** ପରିବର୍ତ୍ତେ **ସମ୍ବଲପୁର ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା** ପଢ଼ିବା ପାଇଁ ଅନୁରୋଧ ।

ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଯୋଜନାରେ ବରଗଡ଼ କୃଷି ବିଭାଗ ତରଫରୁ ବେଟେରୀ ସ୍ପ୍ରେଏର ଏବଂ ହସ୍ତଚାଳିତ ସ୍ପ୍ରେଏର ଶତକଡ଼ା ୫୦ ଭାଗ ରିହାତି ମୂଲ୍ୟରେ ଯୋଗାଇ ଦିଆଯାଉଛି। ଏଣୁ ଆଗ୍ରହୀ ଚାଷୀମାନେ ଗ୍ରାମ୍ୟ କୃଷି କର୍ମଚାରୀଙ୍କଠାରୁ ପରମିଟ୍ ନେଇ ବ୍ଲକରେ ଥିବା ସରକାରୀ ବିକ୍ରୟ କେନ୍ଦ୍ରରୁ ଏହା ପାଇପାରିବେ।
**ସ୍ୱା./- ଶ୍ରୀ ଦୀନବନ୍ଧୁ ଗାନ୍ଧୀ**
**ସୌଜନ୍ୟ: କୃଷି ଉପନିର୍ଦ୍ଦେଶକ, ବରଗଡ଼**

**PARADIP PORT TRUST**
**e-Tendering Notice**
Online tenders in three bid system i.e. (1) EMD Bid (2) Technical Bid (2) Price Bid are invited from manufacturers / authorized dealers for **supply & installation of EPSON / SONY make LCD Projector**. The last date and time of submission of the tender is **17.15 Hours on Dt.16/09/2019**. For details, log on to website https://eprocure.gov.in/eprocure/app.
**Sr. Dy. Materials Manager, PPT**
PPT/PR/311/19-20 Dt. 31/08/2019

ବୌଦ୍ଧ ଜିଲ୍ଲାର ସମସ୍ତ ଜନସାଧାରଣ, ଚାଷୀଭାଇ ଓ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ସହିତ ନୂଆଖାଇ ଜୁହାର। ଏହି ଅବସରରେ ସମସ୍ତଙ୍କୁ ନିବେଦନ କରେ କି ମାଟି ଓ ବର୍ଷା ଜଳକୁ ସଂରକ୍ଷଣ କରି ବୈଜ୍ଞାନିକ ପଦ୍ଧତିରେ କୃଷିକାର୍ଯ୍ୟ କରି ନିଜର ଆର୍ଥିକ ମାନଦଣ୍ଡକୁ ସୁଦୃଢ କରିବା ସଙ୍ଗେ ସଙ୍ଗେ ଜିଲ୍ଲା, ରାଜ୍ୟ ଓ ଦେଶର ବିକାଶରେ ସହାୟକ ହୁଅନ୍ତୁ।
**ଶ୍ରୀ ରାଘବ ମଲ୍ଲିକ, ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜିକା ଏବଂ ଉପନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ, ବୌଦ୍ଧ**

**ନିୟନ୍ତ୍ରିତ ବଜାର କମିଟି, ବୌଦ୍ଧ** • ଜିଲ୍ଲାର ୪୨ଟି ପ୍ରାଥମିକ ସେବା ସମବାୟ ସମିତି ମାଧ୍ୟମରେ କୃଷକମାନଙ୍କଠାରୁ ଧାର୍ଯ୍ୟ ମୂଲ୍ୟରେ କ୍ରୟ କରାଯାଉଅଛି। ଚାଷୀଭାଇମାନେ ସେମାନଙ୍କ ସେବା ସମବାୟ ସମିତିରେ ତୁରନ୍ତ ନାମ ପଞ୍ଜୀକରଣ କରାନ୍ତୁ। • ଧାନର ଏଫ୍.ଏ.କ୍ୟୁ. ମାନ ନିରୂପଣ ନିମନ୍ତେ ସମସ୍ତ ବର୍ଗୀକରଣ ଯନ୍ତ୍ରପାତି ଯୋଗାଇ ଦିଆଯାଉଅଛି। • ଉତ୍ପାଦିତ ଶସ୍ୟର ସୁରକ୍ଷା ନିମନ୍ତେ ବିଭିନ୍ନ ଗୋଦାମ ଗୃହ ଓ ଅସ୍ଥାୟୀ ମଣ୍ଡିରେ ତାରପୋଲିନ ଯୋଗାଣ ହେଉଅଛି। • କୃଷକ ଓ ସମବାୟ କର୍ମଚାରୀଙ୍କୁ ବର୍ଗୀକରଣ ଉପରେ ତାଲିମ ପ୍ରଦାନ କରାଯାଉଅଛି। • ଆଗାମୀ ଦିନରେ କ୍ରେତା ବିକ୍ରେତା ସମନ୍ୱୟ ବୈଠକ ନିମନ୍ତେ ପଦକ୍ଷେପ ନିଆଯାଉଅଛି • ବୌଦ୍ଧ ସହରର କେନ୍ଦ୍ର ଭାଗରେ ଏକ ଆଦର୍ଶ ବଜାର ପ୍ରାଙ୍ଗଣ ନିର୍ମାଣ ଚାଲିଛି। • e-NAM ଦ୍ୱାରା ଚାଷୀମାନଙ୍କ ଉତ୍ପାଦିତ ଦ୍ରବ୍ୟ ବିକ୍ରୟର ସୁଯୋଗ ସୃଷ୍ଟି କରାଯାଉଅଛି। ସ୍ୱା./- (ଏନ୍.ସି. ଜ୍ୟୋତି ରଞ୍ଜନ ନାୟକ, ଓ.ଏ.ଏସ୍-୧ (ବ)), ଉପ-ଜିଲ୍ଲାପାଳ, ବୌଦ୍ଧ ତଥା ଅଧ୍ୟକ୍ଷ

**ନୂଆଁଖାଇ ଜୁହାର**
ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ୨୦୧୯-୨୦ ବର୍ଷର ଗଣପର୍ବ ନୂଆଁଖାଇ ଅବସରରେ କୃଷି ବିଭାଗ ତଥା ଆତ୍ମା ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଜୁହାର୍। ବର୍ତ୍ତମାନ ପରିପ୍ରେକ୍ଷୀରେ ସମସ୍ତ ଚାଷୀ ଭାଇ ଓ ଭଉଣୀମାନେ କୃଷି ବିଭାଗର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ ସ୍ଥାପନ କରି ନିର୍ଦ୍ଦିଷ୍ଟ ତଥା ଆବଶ୍ୟକୀୟ ମାତ୍ରାର ଔଷଧ ପ୍ରୟୋଗ କରି ରୋଗ ଓ ପୋକ ନିୟନ୍ତ୍ରଣ କରିବାରେ ସଫଳ ହୋଇ ନିଜର ଆୟକୁ ଦ୍ୱିଗୁଣିତ କରିବା ପୂର୍ବକ ସୁବର୍ଣ୍ଣପୁର ଜିଲ୍ଲାକୁ କୃଷିକ୍ଷେତ୍ରରେ ସମଗ୍ର ଓଡ଼ିଶାରେ ପୁନଶ୍ଚ ପ୍ରଥମ ସ୍ଥାନ ଅଧିକାର କରି ଆମ ଜିଲ୍ଲାର ମାନକୁ ସର୍ବାଗ୍ରେ ରଖିବାରେ ସହାୟକ ହୁଅନ୍ତୁ।
ଇ ବଛର୍ ସବୁ ବଛର୍ ନୁ ଅଧିକ ଅମଳ ହେଉ। ସୁଖ, ସମୃଦ୍ଧି ଓ ଶାନ୍ତିର ବର୍ଷ ହେଉ। ଇଟାହିଁ ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ସୁରେଶ୍ୱରୀଙ୍କ ପାଖରେ ପ୍ରାର୍ଥନା।
**ଶ୍ରୀଯୁକ୍ତ ସନ୍ତୋଷ କୁମାର ଜେନା** — ଉ.କୃ.ନି. ଓ ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ସୁବର୍ଣ୍ଣପୁର
**ଶ୍ରୀମତୀ ମୋନିଷା ବାନାର୍ଜୀ, ଭା.ପ୍ର.ସେ.** — ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଆତ୍ମା, ସୁବର୍ଣ୍ଣପୁର

**ସୁବର୍ଣ୍ଣପୁର ପୌର ପରିଷଦ, ସୁବର୍ଣ୍ଣପୁର**
ମହାନ୍ ଗଣପର୍ବ **ନୂଆଁଖାଇ/ ନବାନ୍ନ-୨୦୧୯** ଉପଲକ୍ଷେ ସମସ୍ତ ପରମ୍ପରା ଓ ସଂସ୍କୃତି ପ୍ରେମୀ ଓଡ଼ିଶାର ଜନସାଧାରଣଙ୍କୁ ସୁବର୍ଣ୍ଣପୁର ପୌର ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ।
**"ଜୟ ମାଁ ଇଷ୍ଟଦେବୀ ସୁରେଶ୍ୱରୀ"**
**ସ୍ୱା./- (ଶ୍ରୀମତୀ ମୋନିଷା ବାନାର୍ଜୀ, ଆଇ.ଏ.ଏସ୍.)** ପ୍ରଶାସିକା, ପୌର ପରିଷଦ, ସୁବର୍ଣ୍ଣପୁର
**ସ୍ୱା./- (ଶ୍ରୀଯୁକ୍ତ ଜଗଦିଶ ଚନ୍ଦ୍ର ମହାନନ୍ଦ)** ନିର୍ବାହୀ ଅଧିକାରୀ, ପୌର ରିଷଦ, ସୁବର୍ଣ୍ଣପୁର

**ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ 'ନୂଆଁଖାଇ'-୨୦୧୯ ଉପଲକ୍ଷେ**
"ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ-୨୦୧୯ର ଶୁଭ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଉଦ୍ୟାନ କୃଷି ବିଭାଗ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ନୂଆଁଖାଇ ଜୁହାର"। ଏହି ଅବସରରେ ଉଦ୍ୟାନ କୃଷି ପାଇଁ ଆଗ୍ରହୀ ଚାଷୀ, ଯୁବକ ଓ ଯୁବତୀମାନଙ୍କୁ ମୋର ଅନୁରୋଧ ଉଦ୍ୟାନ କୃଷି ବିଭାଗ ତରଫରୁ ଜାତୀୟ ଉଦ୍ୟାନ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ରାଜ୍ୟ ଯୋଜନା ଓ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଦିଆଯାଉଥିବା ସହାୟତାର ସଦୁପଯୋଗ କରି ଆତ୍ମନିର୍ଭରଶୀଳ ହେବା ସଙ୍ଗେସଙ୍ଗେ ଆର୍ଥିକ ମାନଦଣ୍ଡ ସୁଦୃଢ଼ କରନ୍ତୁ। ସବିଶେଷ ବିବରଣୀ ପାଇଁ ଉଦ୍ୟାନ ଅଧିକାରୀ ଓ କର୍ମଚାରୀଙ୍କୁ ଯୋଗାଯୋଗ କରନ୍ତୁ।
**ସ୍ୱା./- ଶ୍ରୀ ନରେନ୍ଦ୍ର କୁମାର ସାହୁ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ସୋନପୁର**

**ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଝାଁଳା, ଖୋର୍ଦ୍ଧା**
ଝାଁଳା ଗ୍ରାମପଞ୍ଚାୟତର ଗ୍ରାମଗୁଡିକରେ ୩୦ ୱାଟ୍, ୪୦ ୱାଟ୍ ଓ ୮୦ ୱାଟ୍ ଏଲ୍.ଇ.ଡି. ଷ୍ଟ୍ରିଟ୍‌ଲାଇଟ୍ ଲାଗିବା ପାଇଁ ବ୍ୟବସ୍ଥା ହୋଇଛି। ଇଚ୍ଛୁକ ବିତରକ କମ୍ପାନୀମାନେ ମୂଲ୍ୟାଙ୍କପତ୍ର ସହ ପଞ୍ଚାୟତ କାର୍ଯ୍ୟାଳୟରେ କିମ୍ବା ଡାକ ଯୋଗେ ସେପ୍ଟେମ୍ବର ୧୮।୦୯।୨୦୧୯ ଭିତରେ ଆବେଦନ କରିପାରିବେ। ପଞ୍ଚାୟତ କାର୍ଯ୍ୟାଳୟ କିଛି ଅସୁବିଧା ଜାଣିଲେ ଟେଣ୍ଡର ବାତିଲ୍ କରିପାରିବେ।
**ନିର୍ବାହୀ ଅଧିକାରୀ**
**ଝାଁଳା ଗ୍ରାମପଞ୍ଚାୟତ, ଖୋର୍ଦ୍ଧା**

**ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ପକ୍ଷରୁ ପଶ୍ଚିମ ଓଡ଼ିଶା ଗଣପର୍ବ ପବିତ୍ର ନୂଆଁଖାଇ ଉପଲକ୍ଷେ ଶୁଭେଚ୍ଛା ବାର୍ତ୍ତା:-**
ମୁଁ ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ପକ୍ଷରୁ ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ପବିତ୍ର ନୂଆଁଖାଇ ଉପଲକ୍ଷେ ସମ୍ବଲପୁର ପ୍ରାଧିକରଣ ଅଞ୍ଚଳର ଜନସାଧାରଣ ତଥା ସମଗ୍ର ପଶ୍ଚିମ ଓଡ଼ିଶା ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଉଛି। ଏହା ସହିତ ମୁଁ ଆମ ଅଞ୍ଚଳର ଜନସାଧାରଣଙ୍କ ସୁଖ ସମୃଦ୍ଧି ଓ ଶାନ୍ତି କାମନା କରୁଅଛି।
ଏହି ଅବସରରେ ଆମେ ପ୍ରାଧିକରଣ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ ତଥା ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବାକୁ ସମୀଚୀନ ମନେକରୁଅଛୁ।
ଗୌରୀଶଙ୍କର ସାହାଣୀ ପାର୍କକୁ ଆକର୍ଷଣୀୟ କରିବାକୁ ପୁନରାୟ ଆର୍ଥିକ ବ୍ୟବସ୍ଥା କରାଯାଇ କାର୍ଯ୍ୟାରମ୍ଭ ହେବାକୁ ଯାଉଛି। ସେହିପରି ଶିଳ୍ପାଞ୍ଚଳ ରେଙ୍ଗାଲିରେ ୫ ଏକରରୁ ଅଧିକ ଜାଗାରେ ଏକ ବଡ଼ ଧରଣର ପାର୍କ ନିର୍ମାଣ ଶେଷ ହେବାକୁ ଯାଉଅଛି। ବୁଢ଼ାରାଜା ପାହାଡ଼ ଉପରେ ସୌନ୍ଦର୍ଯ୍ୟକରଣ କରାଯାଇ ସବୁବେଳେ ଜାତୀୟ ପତାକା ଉଡ଼ାଇବାର ବ୍ୟବସ୍ଥା ହୋଇଛି।
ଏହା ସଙ୍ଗେ ସଙ୍ଗେ ପ୍ରାଧିକରଣର ଆର୍ଥିକ ଅବସ୍ଥାକୁ ସ୍ୱଚ୍ଛଳ କରିବାକୁ ଏବଂ ଗ୍ରାହକମାନଙ୍କୁ ସୁବିଧା ଯୋଗାଇଦେବାକୁ ବୁର୍ଲା କିର୍ବାରେ ୬୩ଟି ଦୋକାନଘର ବିଶିଷ୍ଟ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଶେଷ ଅବସ୍ଥାରେ ପହଞ୍ଚିଛି। ଅଇଁଠାପାଲି ବସଷ୍ଟାଣ୍ଡରେ ଫୁଡ୍‌ପ୍ଲାଜା ନିର୍ମାଣ କାର୍ଯ୍ୟ ମଧ୍ୟ ଶେଷ ହେବାକୁ ଯାଉଅଛି। ଏହା ବ୍ୟତୀତ ମୁଦିପଡାରେ ଥିବା ଏସ୍.ଡି.ଏ., ଜାଗାରେ ୧୦୦୦ ସିଟ୍ ବିଶିଷ୍ଟ ଟାଉନ ହଲ୍ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସହାୟତାରେ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ଏକ ଆଧୁନିକ ଧରଣର ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବା ପ୍ରସ୍ତାବ ରହିଛି। ଏହା ବ୍ୟତୀତ ହୀରାକୁଦ ନିକଟସ୍ଥ ଲରପଙ୍କରେ ଏକ କଲ୍ୟାଣ ମଣ୍ଡପ ସହିତ ବାଉଣ୍ଡ୍ରି ନିର୍ମାଣ ପାଇଁ ଓ ଗୋପାଳପାଲି ଦୁର୍ଗା ମନ୍ଦିର ପାହାଡ଼ ଉପରେ ମଧ୍ୟ କଲ୍ୟାଣ ମଣ୍ଡପ ପାଇଁ ଏବଂ ନିମ୍ନ ପାର୍ଶ୍ୱରେ ମଧ୍ୟ ପାର୍କ ନିର୍ମାଣ ସକାଶେ ପ୍ରଥମେ ବାଉଣ୍ଡ୍ରି ନିର୍ମାଣ ହେବ। ଏହା ସହିତ ବୁର୍ଲାରେ ଥିବା ଏକ ପୋଖରୀକୁ ସଂସ୍କାର କରାଯାଇ ସୌନ୍ଦର୍ଯ୍ୟକରଣ କରାଯିବ।
ସମ୍ବଲପୁର ପ୍ରାଧିକରଣ ଅଞ୍ଚଳକୁ ଯୋଜନାବଦ୍ଧ ଭାବରେ ଗଢ଼ିତୋଳିବା ପାଇଁ ସମନ୍ୱିତ ବିକାଶ ଯୋଜନାକୁ ସଂଶୋଧିତ ଆକାରରେ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଛି। ଏହି ଅଞ୍ଚଳକୁ ଯୋଜନାବଦ୍ଧ ଭାବରେ ଗଢ଼ିତୋଳିବାକୁ ଆପଣମାନେ ଗୃହର ପ୍ଲାନ ମଞ୍ଜୁରୀ ସହ ପ୍ଲାନ ଅନୁଯାୟୀ ଗୃହ ନିର୍ମାଣ କରିବା ଏବଂ ପରିବେଶକୁ ସର୍ବାଙ୍ଗ ସୁନ୍ଦର କରିବାରେ ସହଯୋଗ ପାଇଁ ଆମ୍ଭେ ନିବେଦନ କରୁଅଛୁ।
**ସ୍ୱା./- ବିଜୟ କୁମାର ମହାନ୍ତି, ଅଧ୍ୟକ୍ଷ ଏସ୍.ଡି.ଏ.**

**ନିୟନ୍ତ୍ରିତ ବଜାର କମିଟି, ସମ୍ବଲପୁର**
**ଶୁଭେଚ୍ଛା ବାର୍ତ୍ତା**
ପଶ୍ଚିମ ଓଡ଼ିଶାର ମହାନ୍ ଗଣ ପର୍ବ **"ନୂଆଁଖାଇ-୨୦୧୯"** ଅବସରରେ ସମଗ୍ର ଓଡ଼ିଶାର ଅଗଣିତ ଚାଷୀ ଭାଇ ଓ ଭଉଣୀ ତଥା ସମସ୍ତ ଜନସାଧାରଣଙ୍କୁ ନିୟନ୍ତ୍ରିତ ବଜାର କମିଟି, ସମ୍ବଲପୁର ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ଅପାର କରୁଣାରୁ ସମସ୍ତେ ସୁଖ ଶାନ୍ତିରେ ନିଜ ନିଜର ଜୀବିକା ନିର୍ବାହ କରି ଲାଭବାନ ହୁଅନ୍ତୁ, ଏହା ହିଁ ଆମର କାମନା।
**ଶ୍ରୀ ଅଶୋକ କୁମାର ସାହୁ, ସମ୍ପାଦକ** — **ଶ୍ରୀ ଅନିରୁଦ୍ଧ ପାଧାନ, ଉପ-ଜିଲ୍ଲାପାଳ ତଥା ଅଧ୍ୟକ୍ଷ**

**ପୌର ପରିଷଦ, ବେଲପାହାଡ଼**
**- ନୂଆଁଖାଇ ଜୁହାର -**
ତା୩୦।୦୯।୨୦୧୯ ରିଖ ଦିନ ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ପାଳନ ଅବସରରେ ବେଲପାହାଡ଼ ପୌର ପରିଷଦ ତରଫରୁ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଜଗତ୍ ଜନନୀ ମାଁ ସମଲେଇଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ସୁଖ ଶାନ୍ତିରେ ପରିପୂର୍ଣ୍ଣ ହେଉ ଏହା ହିଁ ମାଁଙ୍କ ନିକଟରେ ପ୍ରାର୍ଥନା।
**ଶ୍ରୀ ଲୋକନାଥ କୁମାର ତିୱାରି**, ନିର୍ବାହୀ ଅଧିକାରୀ, ପୌର ପରିଷଦ, ବେଲପାହାଡ଼
**ଶ୍ରୀମତୀ ଅନୁପମା ଭଏଁସା**, ଉପାଧ୍ୟକ୍ଷା, ଏବଂ ପରିଷଦର ସମସ୍ତ ସଭ୍ୟ/ସଭ୍ୟା ବୃନ୍ଦ
**ଶ୍ରୀ ପର୍ଶୁରାମ ସାହୁ**, ଅଧ୍ୟକ୍ଷ, ପୌର ପରିଷଦ, ବେଲପାହାଡ଼

**नालको NALCO**
**National Aluminium Company Limited**
(A Government of India Enterprise)
Captive Power Plant, Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY
**OPEN TENDER NOTICE FOR INVITATION OF BIDS ( DOMESTIC COMPETITIVE BIDDING)**
**1.ONLINE TENDER REFERENCE NO. CPP/MMP/324/3000005675 DT. 03.08.2019 AND TENDER ID NO. 2019_NALCO_492082_1 OF CENTRAL PUBLIC PROCUREMENT PORTAL (CPPP)** , Online bids in two-parts are invited for **'Revamping of One Cooling Tower out of Five Cooling Towers of unit #1 to #5 Captive Power Plant (CPP) of National Aluminium Company Ltd. (NALCO) at Angul, Odisha'**.The tender document can be downloaded from websites **www.nalcoindia.com** or **http://eprocure.gov.in/eprocure/app**. The due date for bid submission and opening the tenders are dt. 13.09.2019 at 10:00 AM and dt. 18.09.2019 at 10:00 AM respectively. For any addendum / corrigendum, bidders are requested to visit these websites regularly.
**DGM ( Materials), CPP**
**2.** Online bids in two-parts are invited for the followings for CPP, NALCO at angul. **NIT Ref No. MC-4799, Name of the work:** Major Overhauling of Boiler Feed Pump (FK6D30) Catridges for further details, please visit website **www.eprocure.gov.in & www.nalcoindia.com.**
**Manager (Mech), Contract Cell**

**HOUSING AND URBAN DEVELOPMENT DEPARTMENT**
**E-mail ID : conacrdl@gfmail.com**
**OFFICE OF THE NOTIFIED AREA COUNCIL, REDHAKHOL**
**E-PROCUREMENT NOTICE**
**No.1348 /NAC** **Date. 02.09.2019**
**BID Identification No. RDL NAC- 3/2019-20**
**Tender ID- 2019_ORULB_ 56054**

| Procurement officer | BID Identification No. | Availability of Tender online for bidding | | Last date of Tender | Date & Time of document submitted | Date & Time of opening of Tender |
|---|---|---|---|---|---|---|
| | | From | To | | | |
| Executive Officer NAC, Redhakhol | RDL NAC-3/2019-20 | 04.09.2019 from 10.00 hours | 13.09.2019 upto 17.00 hours | 13.09.2019 upto 17.00 hours | 16.09.2019 before 11.00 hours | 23.09.2019 11.00 hours |

Further details can be seen from the e-procurement portal- **www.tendersorissa.gov.in.**
**Sd./-**
**Executive Officer**
**NAC, Redhakhol**

See Career Appointment on every Wednesday & Saturday

**OFFICE OF THE REGULATED MARKET COMMITTEE, CHAMPUA**
**AT/PO-CHAMPUA, DIST-KEONJHAR, PIN-758041**
**Bid Identification No. -RMC- CHAMPUA 03/2018-19**
**E-Mail Address :-rmcchampua1@gmail.com**
**Tender Call Notice No.-308/RMC Dt : 27/08/2019**

| | | | |
|---|---|---|---|
| 1. | Name of the Work | : | Construction of Small Godown cum Shop Room At Champua Market under RMC Champua. |
| 2. | Number of Work | : | 01 |
| 3. | Estimated Cost | : | 70.48 Lakhs |
| 4. | Period of Completion | : | 06 (Six) Calendar Months |
| 5. | Date & Time of availability of Bid Documents in the portal | : | From 16.00 PM of Dt.31.08.2019 to 09.00 AM of Dt. 16.09.2019 |
| 6. | Last date & Time for receipt of Bids in the portal. | : | By 09.00 AM of 16.09.2019 |
| 7. | Date of opening of Bid | : | 11.00 AM of 16.09.2019 |
| 8. | Name & Address of the Officer Inviting Bid. | : | Sub-Collector, Champua-cum-Chairman RMC, Champua |

Further details can be seen from the e-procurement portal i.e. http:/tenderodisha.gov.in.
**Sd./-**
**Sub-Collector, Champua-cum-Chairman RMC, Champua**




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନାଲି କଇଁଚ ନାଲି କଇଁଚ**
**କଥାରେ କଥାରେ ରଖିବୁ ଟେକ ।**

ମଣିଷର ବ୍ୟବହାର ହିଁ ତା'ର ପ୍ରକୃତ ପରିଚୟ ହୋଇଥାଏ। ଆଚରଣ, ଉଚ୍ଚାରଣର ଶୁଦ୍ଧତା ମଣିଷକୁ ମହନୀୟ କରି ଗଢ଼ିତୋଳିଥାଏ। ବ୍ୟକ୍ତି ନିଜ ଆଭିଜାତ୍ୟ, ମାନ ସମ୍ମାନକୁ ତଳେ ପକେଇବା ଅନୁଚିତ। ମାନ ସମ୍ମାନ ଥରେ ଚାଲିଗଲେ ଆଉ ମିଳି ନ ଥାଏ। ସଚେତନ ବ୍ୟକ୍ତି ସର୍ବଦା ଏଥିପ୍ରତି ସଜାଗ ରହିବା ବିଧେୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନ ଜାଣି ପାରିଲି ବୁଢ଼ା ସେରନ୍ତା**
**ଲାଭ ଯାକ ନେଲା ପୂରିଆ ଓତା ।**

ଜଣେ କଷ୍ଟ କରି କାମ କରେ, ଆଉ ଜଣେ ସେ ଶ୍ରମର ଫଳ ଅନାୟାସରେ ଭୋଗ କରେ। ସମାଜରେ ଏଭଳି ଅନ୍ୟାୟର ଚିତ୍ର ଆଜି ଅନେକ ପରିମାଣରେ ଜୀବନକୁ ଗ୍ରାସ କରି ଚାଲିଛି। ଶାରୀରିକ ସ୍ତରରେ ଅକ୍ଷମ, ଦୁର୍ବଳ ତଥା ଦରିଦ୍ର, ନିଃସହାୟ ଲୋକଙ୍କୁ ପ୍ରୟୋଗକରି ସବଳ ଲୋକେ ଫାଇଦା ଉଠାଇଚାଲୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ପ୍ରଥମ ଟି୨୦ରେ ନ୍ୟୁଜିଲାଣ୍ଡ ବିଜୟୀ

କାଣ୍ଡି, ୨।୯: ସ୍ଥାନୀୟ ପାଲେକେଲ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ପ୍ରଥମ ଟି୨୦ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୫ ଉଇକେଟ୍‌ରେ ଘରୋଇ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଓପନର୍ କୁଶଳ ମେଣ୍ଡିସ (୭୯ ରନ୍, ୫୩ ବଲ) ଓ ନିରୋଶାନ ଡିକ୍‌ୱେଲା (୩୩ ରନ)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ୍ ହରାଇ ୧୭୪ ରନ୍ କରିଥିଲା। ଭ୍ରମଣକାରୀ ନ୍ୟୁଜିଲାଣ୍ଡ ପକ୍ଷରୁ ଅଧିନାୟକ ଟିମ୍ ସୌଦୀ ସର୍ବାଧିକ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ନ୍ୟୁଜିଲାଣ୍ଡ ଦୁଇ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ କଲିନ୍ ଡି ଗ୍ରାଣ୍ଡହୋମ୍ (୪୪ ରନ୍, ୨୮ ବଲ) ଓ ରସ୍ ଟେଲର (୪୮ ରନ, ୨୯ ବଲ)ଙ୍କ ଦ୍ରୁତ ବ୍ୟାଟିଂ ବଳରେ ୩ଟି ବଲ୍ ପୂର୍ବରୁ ୫ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡାର୍ଲି ମିଚେଲ ୨୫ ଓ ମିଚେଲ ସାଣ୍ଟନର ୧୪ ରନ୍ କରି ଅପରାଜିତ ରହିଥିଲେ। ଅଧିନାୟକ ଲସିଥ୍ ମାଲିଙ୍ଗା ଓ ୱାନିଡୁ ହସରଙ୍ଗା ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଛନ୍ତି। ମ୍ୟାଚ୍ ବିଜୟୀ ଦ୍ରୁତ ଇନିଂସ ଲାଗି ଟେଲରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ତିନି ମ୍ୟାଚ୍‌ବିଶିଷ୍ଟ ସିରିଜର ୨ୟ ମ୍ୟାଚ୍ ମଙ୍ଗଳବାର ଖେଳାଯିବ।



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ

## ସଂକ୍ଷେପରେ



ବରଗଡ ଜିଲାର ପ୍ରସିଦ୍ଧ ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିରରେ ପଥର ନିର୍ମିତ ବିରଳ ଅଷ୍ଟଭୁଜା ଗଣେଶଙ୍କୁ ସୋମବାର ପୂଜାର୍ଚ୍ଚନା କରାଯାଇଛି।

### ଦରମା ପାଇଲେ ନାହିଁ ଶିକ୍ଷକ

ପଦ୍ମପୁର, ୨।୯ (ଡି.ଏନ.ଏ,)
ମଙ୍ଗଳବାର ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ। ନୂଆଁଖାଇ ପୂର୍ବରୁ ଶିକ୍ଷକଙ୍କୁ ଦରମା, ପେନସନ ଆଦି ପ୍ରଦାନ କରାଯିବ ବୋଲି ସରକାର କହିଥିଲେ। ହେଲେ ବରଗଡ ଜିଲାରେ ଏହାର ବ୍ୟତିକ୍ରମ ଦେଖା ଯାଇଛି। ହାଇସ୍କୁଲ ଶିକ୍ଷକମାନେ ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି। ୬୨୦ ବର୍ଗ, ବ୍ଲକଗ୍ରାଣ୍ଟ, କଣ୍ଟ୍ରାକ୍ଟ ଶିକ୍ଷକମାନେ ଜୁନରୁ ଦରମା ପାଇ ନାହାନ୍ତି।

### ଶିକ୍ଷାନୁଷ୍ଠାନ, ଛକରେ ଗଣେଶପୂଜା

ଗାଇସିଲେଟ,୨।୯(ଡି.ଏନ.ଏ.)
ଗାଇସିଲେଟ ଅଞ୍ଚଳର ସ୍କୁଲ କଲେଜ ଗୁଡିକରେ ସୋମବାର ବିଘ୍ନବିନାଶକ, ବିଦ୍ୟାଦାତା ଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଛି। ପ୍ରତି ଗାଁ, ପଡା, ଗଳିରେ ମଧ୍ୟ ଗଜାନନଙ୍କ ପୂଜା କରାଯାଇଛି। ବ୍ରାହ୍ମଣପଡା, ବଜାର, ଗାନ୍ଧୀନଗରପଡା, ଆଦିବାସୀପଡା, ଷ୍ଟକଚର ପଡାରେ ଉତ୍ସାହ ଉଦ୍ଦୀପନା ସହିତ ଗଣେଶଙ୍କ ପୂଜା ପାଳନ କରାଯାଉଛି।

### ଟ୍ରକ୍ ଧକ୍କାରେ ବୃଦ୍ଧ ଗୁରୁତର

ମନମୁଣ୍ଡା, ୨।୯ (ଡି.ଏନ.ଏ.)
ବୌଦ୍ଧ ଜିଲା ମନମୁଣ୍ଡା ଥାନା ଚଉଁରିଆ ପଦରଠାରେ ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୩ଟା ସମୟରେ ଏକ ଟ୍ରକ୍ ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ସେ ମନମୁଣ୍ଡା ଥାନା ନୂଆପାଲିର ଦିଲୀପ ମହାପାତ୍ର (୬୪)। ତାଙ୍କ ଅଣ୍ଟା, ପଞ୍ଜରା, ଗୋଡ ହାଡ ଭାଙ୍ଗିଛି। ତାଙ୍କୁ ପ୍ରଥମେ ବାଉଁଶୁଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ସୋନପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ଗୁରୁତର ଏବଂ ସଂକଟାପନ୍ନ ହେବାରୁ ଶେଷର ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେ ସାଇକଲରେ ଗାଁରୁ ଦହ୍ୟାକୁ ଯାଉଥିବା ବେଳେ ପଛ ପଟରୁ ଏକ ଟ୍ରକ (ନଂ. ଏନଏଲ ୦୧ ଏସି- ୨୬୧୬) ଧକ୍କା ଦେଇ ଚାଲିଯାଇଥିଲା । ଉକ୍ତ ଟ୍ରକକୁ ବାଉଁଶୁଣି ପୋଲିସ ଅଟକ ରଖିଛି।

### ଶିଶୁ ମନ୍ଦିର ଗାଡ଼ି ଦୁର୍ଘଟଣାଗ୍ରସ୍ତ



ପଦ୍ମପୁର,୨।୯(ଡି.ଏନ.ଏ.)
ପଦ୍ମପୁର ଉପଖଣ୍ଡ ଲଖମରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗୋଟିଏ ଗାଡି ସୋମବାର ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଅବଶ୍ୟ କୌଣସି ଛାତ୍ରୀଛାତ୍ର ଆହତ ପାଇନାହାନ୍ତି। ଧୁମାଭଟା ଅଞ୍ଚଳରୁ ଛାତ୍ରୀଛାତ୍ର ଶିଶୁ ବିଦ୍ୟାମନ୍ଦିରକୁ ସ୍କୁଲ ଭ୍ୟାନରେ ଆସିଥିଲେ । ଗଣେଶ ପୂଜା ସାରି ଘରକୁ ଯାଉଥିବା ବେଳେ ଧୁମାଭଟା- ଲଖମରା ବାଇପାସ୍ ରାସ୍ତାରେ ସାମ୍ନା ପଟରୁ ଜଣେ ବ୍ୟକ୍ତି ହଠାତ୍ ଗାଡି ଆଗକୁ ଆସିଯିବାରୁ ଭ୍ୟାନକୁ ଡ୍ରାଇଭର ସାମାନ୍ୟ ସାଇଡ୍ କରି ନେଇଥିଲା। ଫଳରେ ଭାରସାମ୍ୟ ହରାଇ ଭ୍ୟାନଟି ଓଲଟି ପଡିଥିଲା । ୨୨ ଜଣ ଛାତ୍ରୀଛାତ୍ର ଥିବା ଭ୍ୟାନ ଓଲଟି ଯାଇଥିଲେ ସୁଦ୍ଧା କେହି ଗୁରୁତର ଆହତ ହୋଇ ନ ଥିଲେ। ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଭିଭାବକଙ୍କ ସହ ଘରକୁ ଛାଡି ଦିଆ ଯାଇଛି।

# ଗଣେଶପୂଜାରେ ପରିବେଶ ସୁରକ୍ଷାର ବାର୍ତ୍ତା

ଭଟଲି,୨।୯(ଡି.ଏନ.ଏ)

ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବାକୁ ଏବେ ସଚେତନ କରାଯାଉଛି। କେଉଁଠି ପଲିଥିନ ବର୍ଜନ କରାଯାଉଛି ତ ଆଉ କେଉଁଠି ସ୍ୱଚ୍ଛତା ଅଭିଯାନ କରାଯାଇ ଲୋକଙ୍କୁ ସଚେତନ କରାଯାଉଛି। ଜଙ୍ଗଲ ହ୍ରାସ ଯୋଗୁ ପୃଥିବୀର ତାପମାତ୍ରା ବଢୁଛି। ବିଶ୍ୱ ଉଷ୍ଣତା ସହିତ ପ୍ରଦୂଷିତ ପରିବେଶ ଯୋଗୁ ସ୍ୱଚ୍ଛ ବାୟୁ ମିଳିବା କଷ୍ଟକର ହୋଇପଡ଼ିଛି। ଏହିକ୍ରମରେ ବରଗଡ଼ ଜିଲା ଚଢ଼େଇଗାଁସ୍ଥିତ ଇମ୍ପେରିଆଲ କଲେଜ ପକ୍ଷରୁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଏହି ଅନୁଷ୍ଠାନ ପକ୍ଷରୁ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଚଳିତ ବର୍ଷ ଇକୋ ଫ୍ରେଣ୍ଡଲି ଗଣେଶ ମୂର୍ତ୍ତି ମାଗଣାରେ ବଣ୍ଟନ କରାଯାଇଛି। ଶାନ୍ତି ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବଡ଼ମାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଉଲସିଂହା ସରକାରୀ ପ୍ରାଥମିକ ବିଦ୍ୟାଳୟ ଏହି ଅଭିଯାନରେ ସାମିଲ ହୋଇଥିଲେ। ଏହି ଦ୍ୟାଳୟଗୁଡ଼ିକ ଇକୋ ଫ୍ରେଣ୍ଡଲି ଗଣେଶ ମୂର୍ତ୍ତି ପୂଜା କରି ଥିଲେ। ପୂଜାକୁ କୌଣସି ପ୍ରକାର ପ୍ଲାଷ୍ଟିକ ସାମଗ୍ରୀ କିମ୍ବା ପଲିଥିନରେ କୌଣସି ପୂଜା ସାମଗ୍ରୀ ନ ଆଣିବା ପାଇଁ ଛାତ୍ରୀଛାତ୍ରଙ୍କୁ ଅନୁରୋଧ କରାଯାଇଥିଲା। ସାଜସଜ୍ଜାରେ ମଧ୍ୟ ପଲିଥିନ କିମ୍ବା ପରିବେଶକୁ ପ୍ରଦୂଷିତ କରୁଥିବା ସାମଗ୍ରୀ ବ୍ୟବହାର କରା ଯାଇ ନ ଥିଲା।



ବରଗଡ଼ ଜିଲା ଚଢ଼େଇଗାଁସ୍ଥିତ ଇମ୍ପେରିଆଲ କଲେଜ ପକ୍ଷରୁ ତିଆରି କରାଯାଇଥିବା ଇକୋ ଫ୍ରେଣ୍ଡଲି ଗଣେଶ ମୂର୍ତ୍ତି।

### ଏମାନଙ୍କ ମୁଖରୁ...



"ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପରାମର୍ଶ ଯୋଗୁ ଆମ ଚତୁଃପାର୍ଶ୍ୱ ପରିବେଶକୁ ସୁସ୍ଥ ପରିବେଶରେ ପରିଣତ କରିବାରେ ସହାୟକ ହୋଇପାରିଛୁ। ଆମେ ପରିବେଶକୁ ପ୍ରଦୂଷିତ କରୁଥିବା ସାମଗ୍ରୀ ବର୍ଜନ କରିବା ପାଇଁ ଯଥାସାଧ ଚେଷ୍ଟା କରିବୁ । ନିଜ ପରିବାର ସମେତ ନିଜ ସାହିରେ ମଧ ପଲିଥିନ ବର୍ଜନ କରିବା ପାଇଁ ସଚେତନ କରିବୁ। -**ରଚନା ପାଣିଗ୍ରାହୀ**, ଛାତ୍ରୀ।



"ଆମେ ଅଜାଣତରେ ଅନେକ ଭୁଲ କରିଥାଉଁ ସତ, ମାତ୍ର ପରିବେଶକୁ ପ୍ରଦୂଷିତ କରିବାରେ ଆମେ ଜାଣତରେ ଅନେକ ଭୁଲ କରିଥାଉଁ। ତେବେ ଭବିଷ୍ୟତ ପିଢ଼ିକୁ ଏଥିପାଇଁ ଆମକୁ ଜବାବ ଦେବାକୁ ପଡ଼ିବ। ସେଥିପାଇଁ ଏବେଠୁ ପରିବେଶକୁ ସୁସ୍ଥ ରଖିବା ପାଇଁ ସଚେତନ ହେବାକୁ ପଡ଼ିବ।
-**ଅଶୋକ ଡନସନା**, ଶିକ୍ଷକ ସତିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ।



"ଆମେ ପ୍ରଥମ ଥର ପାଇଁ ଏଭଳି କାର୍ଯ୍ୟକ୍ରମ ଆରମ୍ଭ କରିଛୁ। ଆଜି ପୂଜା ପାଉଥିବା ଗଣେଶ ମୂର୍ତ୍ତିରେ ରାସାୟନିକ ରଙ୍ଗର ବ୍ୟବହାର ହୋଇ ନ ଥିଲା ସତ। ଅଳତା, ଚୂନ ଏବଂ କୋଇଲାରୁ ପ୍ରସ୍ତୁତ ରଙ୍ଗ ବ୍ୟବହାର କରାଯାଇଥିଲା। ଏଭଳି ଉଦ୍ୟମ ସ୍ୱାଗତ ଯୋଗ୍ୟ ।
-**ପାର୍ବତୀ ପ୍ରଧାନ**, ଶାନ୍ତି ସରକାରୀ ବାଳିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ



"ବର୍ତ୍ତମାନ ପରିବେଶ ଅତିମାତ୍ରାରେ ପ୍ରଦୂଷିତ ହେବାରେ ଲାଗିଛି । ଆମର ସଚେତନତାର ଅଭାବ ଏହାର ମୁଖ୍ୟ କାରଣ । ତେଣୁ ଆମେ ଆମ ଅନୁଷ୍ଠାନ ପକ୍ଷରୁ ପରିବେଶକୁ ସୁସ୍ଥ ରଖିବା ପାଇଁ ଏଭଳି ଏକ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଛୁ। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟ ସ୍ତରରୁ ହିଁ ଆରମ୍ଭ ହେଲେ ସୁଦୂର ବ୍ୟାପି ହୋଇପାରିବ ଏବଂ ସୁସ୍ଥ ପରିବେଶ ସୃଷ୍ଟି କରାଯାଇପାରିବ । ଏଥିପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା । -**ଦୀପକ ଗୋୟଲ**, ଇମ୍ପେରିଆଲ କଲେଜ।

## ଦୁର୍ଘଟଣାରେ ଛାତ୍ର ଗୁରୁତର

ଘଣ୍ଟାପଡା, ୨।୯ (ଡି.ଏନ.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ୍ ଖମନମୁଣ୍ଡା ପଞ୍ଚାୟତ ଲଣ୍ଡାବାହାଲ ଗ୍ରାମରେ ଏକ ଅଜଣା ବାଇକ୍ ଧକ୍କାରେ ଦିଗୁନମାଲ ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ର ଅଶୋକ କାଲସେ ଗୁରୁତର ହୋଇଛନ୍ତି । ତାଙ୍କୁ ବଲାଙ୍ଗୀର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଲଣ୍ଡାବାହାଲ ଗ୍ରାମର କିଛି ପିଲା ସନ୍ଧ୍ୟାରେ ଶୌଚ ପାଇଁ ସ୍ଥାନୀୟ ସମଲେଶ୍ୱରୀ ନାଳକୁ ଯାଇ ଫେରୁଥିବା ବେଳେ ଅଜଣା ବାଇକ ପଛପଟୁ ଜଣକୁ ଧକ୍କା ଦେଇ ଚାଲିଯାଇଥିଲା । ଏଥିରେ ଅଶୋକ କାଲସେଙ୍କ ମୁଣ୍ଡ, ବାମ ଗୋଡ ଏବଂ ବାମ ହାତରେ ଆଘାତ ଲାଗିଛି। ତାଙ୍କୁ ତୁରନ୍ତ ଖୁଣ୍ଟିଗୋରା ଡାକ୍ତରଖାନାକୁ ନିଆଯାଇଥିଲା। ପରେ ବଲାଙ୍ଗୀର ନିଆଯାଇଥିଲା।

## ଗଣେଶ ମେଳା ପାଇଁ ଅସ୍ଥାୟୀ ପୋଲିସ ଫାଣ୍ଡି ଉଦ୍‌ଘାଟିତ



ଏସ୍‌ପି ରାହୁଲ ଜୈନ ଅସ୍ଥାୟୀ ଫାଣ୍ଡିକୁ ଫିତାକାଟି ଉଦ୍‌ଘାଟନ କରୁଛନ୍ତି ।

ଦେବଗଡ,୨।୯(ଡି.ଏନ.ଏ.)

ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଦେବଗଡ ଗଣପର୍ବ ଗଣେଶ ମେଳା ଅବସରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ଏକ ଅସ୍ଥାୟୀ ଫାଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଏସ୍‌ପି ରାହୁଲ ଜୈନ ମୁଖ୍ୟଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗଣେଶ ମେଳା କମିଟି ସଭାପତି ଶମ୍ଭୁଲାଲ ଅଗ୍ରୱାଲା, ଉପସଭାପତି ସୁଶୀଲ କୁମାର ଭୋଇ, ସମ୍ପାଦକ ଶୁକଦେବ ଭଞ୍ଜ, ସହସମ୍ପାଦକ ଅରୁଣ କୁମାର ଗୋଏଲ, କୋଷାଧ୍ୟକ୍ଷ ଅଜୟ କୁମାର ମିଶ୍ର, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ କୈଳାସ ଅଗ୍ରୱାଲା, ଜଗନ୍ନାଜୟ ନାୟକ, ଆଇନ ପରାମର୍ଶଦାତା ସିଦ୍ଧେଶ୍ୱର ଗୁରୁ, ଆଲୋକ ସୌରଭ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅସ୍ଥାୟୀଫାଣ୍ଡି ଦାୟିତ୍ୱରେ ଥିବା ଇନ୍ସପେକ୍ଟର ସୁରେନ୍ଦ୍ର କୁମାର ନାୟକ, ଅତିରିକ୍ତ ଏସ୍‌ପି ରବି ନାରାୟଣ ସି, ଏସ୍‌ଡିପିଓ ସୁଲେମାନ ଏକ୍କା ଓ ଦେବଗଡ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସମ୍ମାନ ସମାରୋହ, ସାହିତ୍ୟ ପତ୍ରିକା ଉନ୍ମୋଚିତ

ଦେବଗଡ଼,୨।୯(ଡି.ଏନ୍.ଏ.)

ଦେବଗଡ ଜିଲା ବାରକୋଟ ବ୍ଲକ ଦଣ୍ଡାସିଂହା ପଞ୍ଚାୟତ ସଦର ମହକୁମାସ୍ଥିତ ଗଣେଶ ପୂଜା ମଣ୍ଡପରେ ପ୍ରେମ ସମ୍ରାଟ ପ୍ରକାଶନୀ ପକ୍ଷରୁ ସୋମବାର ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରେମ ସମ୍ରାଟ ପ୍ରକାଶନୀ ପକ୍ଷରୁ ରାଜ୍ୟର ବିଭିନ୍ନ ସାରସ୍ୱତ ପ୍ରତିଭାଙ୍କୁ ଶ୍ରୀଗଣେଶ ସମ୍ମାନ–୧୯ ଓ ପାରିଜାତ ସମ୍ମାନ–୧୯ରେ ସମ୍ମାନିତ କରାଯାଇଥିଲା । ପ୍ରେମ ସମ୍ରାଟ ପ୍ରକାଶନୀର ପ୍ରତିଷ୍ଠାତା ତଥା ମୁଖ୍ୟ ଲକ୍ଷ୍ମଣ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ମାନ ସମାରୋହରେ କଟକ ଜିଲାର ଡକ୍ଟର ଲକ୍ଷ୍ମଣ ସାହୁ, ମୟୂରଭଞ୍ଜ ଜିଲା ଲଲାଟେନ୍ଦୁ କବି, ଅନୁଗୋଳ ଜିଲାର ବୁଦ୍ଧଦେବ ସେଠୀ ଓ ଦେବଗଡ ଜିଲାର ଅରବିନ୍ଦ ନାୟକଙ୍କୁ ଶ୍ରୀଗଣେଶ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସେହିପରି କବୟିତ୍ରୀ ବି. ନିରୂପମାଙ୍କୁ ପାରିଜାତ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ପ୍ରକାଶନୀ ପକ୍ଷରୁ ପ୍ରକାଶିତ ତ୍ରୈମାସିକ ସାହିତ୍ୟ ପତ୍ରିକା ପ୍ରେମ, ଏକ ପରିବର୍ତ୍ତନର ସ୍ୱର ଡ. ଲକ୍ଷ୍ମଣ ସାହୁଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରକାଶନୀର ସଭାପତି ଗୁରୁଚରଣ ପ୍ରଧାନ,ସହ ସମ୍ପାଦକ ବେଣୁଧର ବେହେରା,ସତ୍ୟ ନାରାୟଣ ପ୍ରଧାନ, ଲୋକନାଥ ବେହେରା, କୈଳାଶ ବେହେରା ଓ ରାମ ପ୍ରଧାନ, ଝସକେତନ ସାହୁଙ୍କ ସମେତ କମିଟିର ସଦସ୍ୟାସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ତ୍ରୈମାସିକ ସାହିତ୍ୟ ପତ୍ରିକା 'ପ୍ରେମ, ଏକ ପରିବର୍ତ୍ତନର ସ୍ୱର' ଉନ୍ମୋଚନ କରାଯାଉଛି ।

# ଦେବଗଡ଼ର ପ୍ରସିଦ୍ଧ ଗଣେଶ ପୂଜା ଆରମ୍ଭ

ଦେବଗଡ଼,୨।୯(ଡି.ଏନ.ଏ.)

ଦେବଗଡ଼ ଜିଲାର ଗଣପର୍ବ ଭାବେ ପରିଚିତ ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଗଣେଶ ମେଳା ସୋମବାର ଉତ୍ସାହ ଓ ଉଦ୍ଦୀପନାର ସହ ଆରମ୍ଭ ହୋଇଛି । ଚଳିତ ବର୍ଷ ୭୦ ବର୍ଷରେ ପଦାର୍ପଣ କରିଥିବା ଏହି ପୂଜାରେ ଜାତି , ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତେ ସାମିଲ ହୁଅନ୍ତି । ପାରମ୍ପରିକ ରୀତିନୀତି, ବେଦପାଠ ଉଚ୍ଚାରଣ ଓ ଶଙ୍ଖ ଧ୍ୱନୀ ମଧ୍ୟରେ ଅଗ୍ରପୂଜ୍ୟଙ୍କ ପୂଜାର୍ଚ୍ଚନା ସୋମବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜକ ଶ୍ରୀ ଶ୍ରୀ ଗଣେଶ ମେଳା କମିଟିର ସଭାପତି ଶମ୍ଭୁନାଥ ଗୋଏଲ ଓ ତାଙ୍କ ସ୍ତ୍ରୀ ଉମା ଗୋଏଲ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ମନୋରଞ୍ଜନ ଶତପଥୀ ପୁରୋହିତ ଭାବେ ପୂଜା ଓ ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ । ଫକୀର ମୋହନ ଆଚାର୍ଯ୍ୟ ପୂଜା କାର୍ଯ୍ୟରେ ସହାୟତା କରିଥିଲେ । ଚଳିତ ବର୍ଷ କଟକରୁ ଆସିଥିବା କାରିଗରଙ୍କ ଦ୍ୱାରା ନିର୍ମିତ ମୃଣ୍ମୟୀ ପ୍ରତିମା ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି । ଏହାର ଚତୁଃପାର୍ଶ୍ୱରେ ପୌରାଣିକ ଓ ସାମାଜିକ କଥାବସ୍ତୁ ଆଧାରିତ କଳାକୁଞ୍ଜ, ସୁଉଚ୍ଚ ତୋରଣ ଓ ଆକର୍ଷଣୀୟ ଆଲୋକ ସାଜସଜ୍ଜା ଶ୍ରଦ୍ଧାଳୁମାନଙ୍କୁ ବେଶ ଆକର୍ଷିତ କରିଛି । ସହରର ସମସ୍ତ ମୂଖ୍ୟ ପ୍ରବେଶପଥ ଓ ବିଭିନ୍ନ ସ୍ଥାନକୁ ରଙ୍ଗବେରଙ୍ଗ ଆଲୋକମାଳାରେ ସଜା ଯାଇଛି ।
ଜିଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଏସ୍‌ପି ରବି ନାରାୟଣ ଶିଙ୍କ ନେତୃତ୍ୱରେ ୩ ଜଣ ଡିଏସ୍‌ପି, ୩ ଜଣ ଇନ୍ସପେକ୍ଟର, ୧୬ ଜଣ ସବ୍ ଇନ୍ସପେକ୍ଟର ଓ ୧୮ ଜଣ ଏଏସ୍‌ଆଇ, ୯ ଜଣ ଓଏପିଏଫ୍ ଜବାନ, ୭୨ ଜଣ ହୋମଗାର୍ଡ, ୪ ପ୍ଲାଟୁନ ପୋଲିସ ଫୋର୍ସ ଓ ୨୬ଜଣ କନଷ୍ଟେବଳଙ୍କୁ ମୁତୟନ କରାଯାଇଛି । ମୀନାବଜାର, ଦୋକି ଓ ଛୋଟବଡ ବ୍ୟବସାୟିକ ପ୍ରତିଷ୍ଠାନରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି । ସେହିପରି ସନ୍ଧ୍ୟାରେ ଗୋପବନ୍ଧୁ ଛକସ୍ଥିତ ଅସ୍ଥାୟୀ ସାଂସ୍କୃତିକ ମଣ୍ଡପରେ ଭଜନ ସନ୍ଧ୍ୟା ଓ ପ୍ରଧାନପାଟ ନିକଟସ୍ଥ ବଡବଗିଚା ପଡିଆରେ ଟିକେଟ୍ ଶୋ' ଅପେରା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଛି । ଗୋପବନ୍ଧୁ ଛକରେ ନିର୍ମିତ ସୁଦୃଶ୍ୟ ଅସ୍ଥାୟୀ ସାଂସ୍କୃତିକ ମଣ୍ଡପକୁ ଅତିରିକ୍ତ ଏସ୍‌ପି ଶି ଉଦଘାଟନ କରିଛନ୍ତି । ପୂଜାକାର୍ଯ୍ୟରେ କମିଟିର ଉପସଭାପତି ସୁଶୀଲ କୁମାର ଭୋଇ,ସମ୍ପାଦକ ଶୁକଦେବ ଭଞ୍ଜ, ଶଶାଙ୍କ ଶେଖର ନାଗ, ପତିତପାବନ ସାହୁ,ହରେକୃଷ୍ଣ ସାହୁ, ପ୍ରକାଶ ଅଗ୍ରୱାଲା, ପ୍ରଶାନ୍ତ କୁମାର ଭୁକ୍ତା ଓ ସୋନୁ ଗୋଏଲ, ଜଗନ୍ନାଜୟ ନାୟକଙ୍କ ସମେତ କମିଟିର ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ ।



ପୂଜା ମଣ୍ଡପରେ ଶ୍ରୀଗଣେଶ ।

# ଆଏଜ୍ ନୂଆଁଖାଇ, ପରିବା ଦର୍ ଆକଶ୍ ଛୁଆଁ

ଭଟଲି,୨।୯(ଡି.ଏନ.ଏ)

ଆଏଜ୍ ପଶ୍ଚିମ ଓଡ଼ିଶାର ଲୋକ୍ ପରବ୍ ନୂଆଁଖାଇ । ସେଥିର୍ ଲାଗି ସବୁଆଡେ ଗହଗହ ମହମହ । ବଜାର ନୁ ଧରିକରି କ୍ଷେତ ବାଡ଼ିତକ୍ ସବୁନୁ ଲୁକ୍‌କର ଭିଡ଼ଭାଡ଼ ଲାଗିଛେ । ଦୂରିଆର ଲୁକେ ବି ନୂଆଁ ଖାଏବାର୍ ଲାଗି ନିଜର ଘର୍ ମାନକୁ ଆସିଛନ୍ । ସଭେ ଉଷତ୍ ଆନନ୍ଦ ଥି ନିଜର ପରିବାର୍ ସାଙ୍ଗେ ମିଶିକରି ନୂଆଁ ଖାଏବେ । ହେତିର୍ ଲାଗି ସମ୍‌କିରର୍ ମନେ କେତେ ଖୁସି । ମଙ୍ଗଳବାର ନୂଆଁଖାଇ ପରବ୍ ହେବାର ଥିଲା ବେଲ୍‌କେ ଆଗର୍ ଦିନେ ସୋମବାର ଭଟଲିର ସାତଦିନିଆ ବଜାର ବସିଥିଲା । ସେ ବଜାର୍‌କେ ଲୁକ୍‌କର ଭିଡ଼ ଲାଗି ପଶି ନାଇଁ ହେଉଥାଇଁ । ସେ ସାଙ୍ଗେ କଁଚା ତୁନ୍ନାଗ୍‌ର ଦର୍ହାମ୍ ବି ଆକାଶକେ ଛିଉଥିଲା । ଅଲ୍‌ଗାଦିନେ ଚାଷୀ ସହିଲହି କରି ତୁନ୍ନାଗ୍ ବିକୁଥିଲା ବେଲ୍‌କେ ସମାର ବଜାରେ ଦୁଇ ପଏସା କମାବାର ଇଚ୍ଛା ରଖିଥିଲା । ସେଥିର ଲାଗି ମାଖନ କେଜି ୧୫ ଟଙ୍କା ଥିଲା ବେଲ୍‌କେ ଜହ୍ନି ୪୦ ଟଙ୍କା, ଝଲେର ୫୦ ଟଙ୍କା, ପୁଟଲ ୬୦ଟଙ୍କା, କୁବି ୮୦ ଟଙ୍କା, ପାତଲଘଂଟା ୪୦ ଟଙ୍କା, ମୁନ୍‌ଗା ୧୨୦ ଟଙ୍କା, ସାରୁ ୬୦ଟଙ୍କା ହଇଥିଲା । ତଥାପି ବି ଲୋକ ମିଶିକରି ନୂଆଁ ଟିକେ ସଭେ ମିଶି କରି ଖାଏମୁ ବଲି ଘିନି ନେଉଥିଲେ । ନୂଆଁ ଧାନ ବି ପୂଜା କର୍‌ବାର ଲାଗି ବିକ୍ରି ହେଉଥିଲା ବେଲ୍‌କେ ସେଟା ବି କେଁଡ଼ା ୨୦ ରୁ ୩୦ଟଙ୍କା ଥିଲା ।



### ଏମାନଙ୍କ ମୁଖରୁ...



"ଧାନ ଚାଷ କରସୁଁ, ପହେଲା ଧାନ କେଁଡ଼ା ଦେଖି କରି ବହୁତ ଉଷତ୍ ଲାଗ୍‌ସି । ଚାଷୀ ଯେତ୍‌କି ଚାଷ୍ କାମେ ଖଏର୍ଚ୍ଚା କର୍‌ସି ତାର କିଛି ମୁଲ୍ୟ ନାଇ ଥାଏ । ତୁନ୍ନାଗ୍ ଚାଷ କରିଥିଲେ ବି ଅଲ୍‌ଗା ଦିନେ ଦର୍ହାମ୍ ନାଇ ବଢ଼େଇ ହଏ । ହେଲେ ଏନ୍‌ତା ଦିନ ମାନକୁ ଆଶା ଟିକେ ଥିସି ବଲି ଦୁଇ ପଏସା କମେଇ ପାର୍‌ସୁଁ । ଇଟା ଖାଲି ଚାଷୀର ପରବ୍ ନୁହେଁ ସବୁ ଲୁକ୍‌କର ଭାଇଚାରାର୍ ପରବ୍ ଆଏ । -**ପ୍ରତାପ ଖମାରୀ**, ଚାଷୀ, କର୍ଲାଜୋରୀ।



"ପ୍ରତି ବର୍ଷ ଆମେ ନୂଆଁଖାଇ ପାଳନ କରିଆସୁଛୁଁ। ମାତ୍ର ଚଳିତ ବର୍ଷ ନୂଆଁଖାଇ ପାଳନ ଚାଷୀ ଠାରୁ ଆରମ୍ଭ କରି ସାଧାରଣ ଲୋକ ପର୍ଯ୍ୟନ୍ତ ସମସ୍ତେ ଖୁସି ଅଛୁ। କାରଣ ଚଳିତ ବର୍ଷ ଅଗଷ୍ଟ ମାସରେ ଆଶା ଠାରୁ ଢ଼େର ବର୍ଷା ହୋଇଛି। ପତ୍ୟେକ ଜମିରେ ଭଲ ଚାଷ ହୋଇପାରିଛି । ଚାଷୀ ଅଧିକ ଉପାର୍ଜନ ଆଶରେ ଥିବାବେଳେ ଆମେ ସାଧାରଣ ଜନତା ମଧ ଚାଷୀର ଖୁସିରେ ଖୁସି ଅଛୁ । ଆଜି ପରିବା ଦର ଆକାଶ ଛୁଆଁ ହୋଇଥିଲେ ମଧ ନୂଆଁଖାଇ ପର୍ବ ପାଳନ ପାଇଁ ତାହା କିଛି ନୁହଁ।
-ଅର୍ଜୁନ ସାହୁ, ସାମାଜିକ କର୍ମୀ, ଭଟଲି।



"କାଏଲ ଆମର ଅଂଚଲ୍‌ର ମହାନ୍ ପରବ୍ ନୂଆଁଖାଇ ଆଏ । ଇ ଦିନ୍‌କେ ସଭେ ଜୁଟିକରି ବିସଥିସୁଁ। ତୁନ୍ନାଗ୍ ଯେତେ ଟଙ୍କା ହେଲେ ବି ନୂଆଁଖାଇ ଗୁଟେ ଉଷତ୍ ଆନନ୍ଦ୍‌ର ପରବ୍ ଆଏ ଯେହେତୁ ଘିନ୍‌ବାର୍ କେ ପଡ଼ସି । ଚାଷୀ ସବୁଦିନ ସହୁଛେ, ଏନ୍‌ତା ଦିନେ ନାଇଁ କମାବା ବେଲେ କେଭେ ଆଉ କମାବା । -**ବିଷ୍ଣୁ କୁମାର ରଥ**, ଭଟଲି।

## ବୌଦ୍ଧରେ ଗଣେଶପୂଜା ଧୁମଧାମରେ ପାଳିତ

ବୌଦ୍ଧ,୨।୯(ସ୍ୱ.ପ୍ର.)

ବୌଦ୍ଧ ସହର ସୋମବାର ଗଣେଶ ପୂଜାରେ ଚଳଚଞ୍ଚଳ ହେବା ସହ ବିଭିନ୍ନ ଅନୁଷ୍ଠାନରେ ଧୁମଧାମରେ ପୂଜା ଉତ୍ସବ ପାଳିତ ହୋଇଛି। ଗଣେଶ ବଜାର, ପୋଡାପଡାଛକ, ବନବିଭାଗ, ବୁଟୁପାଲି, ରାଜନପାଲି, ବାବୁସାହି ଓ ନୂଆସାହିର ଗଣେଶ ପୂଜା ପାଳିତ ହୋଇଛି । ସହରର ଅନେକ ଯୁବକ ସଂଘ ଓ କ୍ଲବ ପକ୍ଷରୁ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ କରାଯାଉଛି। ବିଭିନ୍ନ ପୂଜା ମଣ୍ଡପ ଗୁଡିକରେ ସୁସଜ୍ଜିତ ଆଲୋକ ମାଳା ଝଲୁଛି। ଆକର୍ଷଣୀୟ ସାଜସଜ୍ଜା ହୋଇଥିବା ବେଳେ ପାଗ ଅନୁକୂଳ ହୋଇଥିବାରୁ ଦର୍ଶନ ପାଇଁ ସନ୍ଧ୍ୟାରେ ପୂଜା ମଣ୍ଡପ ଗୁଡିକରେ ଭିଡ ଲାଗି ରହିଥିଲା।



ବୌଦ୍ଧରେ ପୂଜା ପାଉଥିବା ବିଘ୍ନ ବିନାଶକ ଗଣେଶ।

ଧରିତ୍ରୀ
DHARITRI
ମଙ୍ଗଳବାର, ୩ ସେପ୍ଟେମ୍ବର, ୨୦୧୯



"ମନମୋହନ ସିଂ ଜଣେ ଅର୍ଥନୀତିଜ୍ଞ ହୋଇଥିଲେ ହେଁ କେତେକ ବ୍ୟକ୍ତି ତାଙ୍କୁ କାଠକଣ୍ଢେଇ ଭଳି ବ୍ୟବହାର କରୁଛନ୍ତି।
- ସମ୍ବିତ ପାତ୍ର, ଭାଜପା ମୁଖପାତ୍ର



## ସଂକ୍ଷେପରେ

### ଛୁରି ଧରି ପାର୍ଲାମେଣ୍ଟରେ ପଶୁଥିବା ଯୁବକ ଅଟକ

**ନୂଆଦିଲ୍ଲୀ,୨।୯(ପି.ଟି.):**ହାତରେ ଛୁରି ଧରି ପାର୍ଲାମେଣ୍ଟ ଭବନ ଭିତରକୁ ପ୍ରବେଶ କରିବା ଲାଗି ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ଦିଲ୍ଲୀ ପୋଲିସ ଅଟକ ରଖିଛି। ତାଙ୍କୁ ପାର୍ଲାମେଣ୍ଟ ପୋଲିସ ଷ୍ଟେଶନରେ ଜେରା କରାଯାଉଛି। ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି ରାଜଧାନୀରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ଏଭଳି ଘଟଣା ଘଟିଛି। ଜେରା କରିବା ପରେ ତାଙ୍କର ପ୍ରକୃତ ଉଦ୍ଦେଶ୍ୟ ଜଣାପଡ଼ିବ ବୋଲି ପୋଲିସ ଅଧିକାରୀ କହିଛନ୍ତି।

### ସ୍ୱଚ୍ଛ ଭାରତ ଅଭିଯାନ ଆମେରିକାରେ ପୁରସ୍କୃତ ହେବେ ମୋଦି



**ନୂଆଦିଲ୍ଲୀ,୨।୯(ପି.ଟି.)**-ସ୍ୱଚ୍ଛ ଭାରତ ଅଭିଯାନ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମେରିକାରେ ପୁରସ୍କୃତ କରାଯିବ। ଆସନ୍ତା ମାସରେ ମୋଦି ଆମେରିକା ଗସ୍ତ କରିବାକୁ ଥିବାବେଳେ ବିଲ୍ ଓ ମେଲିଣ୍ଡା ଗେଟ୍ସ ଫାଉଣ୍ଡେଶନ ପକ୍ଷରୁ ତାଙ୍କୁ ସେଠାରେ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି। ପିଏମ୍ଓ ବ୍ୟାପାର ମନ୍ତ୍ରୀ ଜିତେନ୍ଦ୍ର ସିଂ ସୋମବାର ଏନେଇ ପ୍ରକାଶ କରିବା ସହ ମୋଦିଙ୍କ ଅଭିନବ ପ୍ରୟାସ ବିଶ୍ୱକୁ ପ୍ରଭାବିତ କରିଥିବା କହିଛନ୍ତି। ପ୍ରକାଶଥାଉ କି, ୨୦୧୪ରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକାରୀ ହୋଇଥିଲା। ଏଥିରେ ଘରୋଇ ପାଇଖାନା ନିର୍ମାଣ, ସର୍ବସାଧାରଣ ପାଇଖାନା ଓ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା। ମୋଦିଙ୍କ ଏଭଳି ପ୍ରୟାସକୁ ବିଲ୍ ଓ ମେଲିଣ୍ଡା ଫାଉଣ୍ଡେଶନ ପକ୍ଷରୁ ପ୍ରଶଂସା କରାଯାଇଛି।

### ଉନ୍ନାଓ ପୀଡ଼ିତାଙ୍କ ବୟାନ ରେକର୍ଡ କଲା ସିବିଆଇ

**ନୂଆଦିଲ୍ଲୀ,୨।୯(ପି.ଟି.):**ସିବିଆଇ ପକ୍ଷରୁ ଉନ୍ନାଓ ପୀଡ଼ିତାଙ୍କ ସଡ଼କ ଦୁର୍ଘଟଣା ସମ୍ପର୍କିତ ବୟାନ ସୋମବାର ରେକର୍ଡ କରାଯାଇଛି। ଏହି ଦୁର୍ଘଟଣାରେ ପୀଡ଼ିତାଙ୍କ ମାଈଁଙ୍କ ପ୍ରାଣ ହରାଇଥିବାବେଳେ ସେ ଓ ତାଙ୍କ ଓକିଲ ଗୁରୁତର ହୋଇଥିଲେ। ଦିଲ୍ଲୀର ଏମ୍ସରେ ଚିକିତ୍ସିତ ହେବା ପରେ ସେ କ୍ରମଶଃ ସୁସ୍ଥହୋଇ ୱାର୍ଡକୁ ଫେରିଛନ୍ତି। ପୀଡ଼ିତା ବୟାନରେ କହିଥିଲେ ଯେ, ୨୦୧୭ରେ ନାବାଳିକା ଥିବାବେଳେ ଉତ୍ତରପ୍ରଦେଶ ବିଧାୟକ କୁଲଦୀପ ସିଂ ସେନ୍‌ଗାର ତାଙ୍କୁ ବଳାତ୍କାର କରିଥିଲେ। ଦୁର୍ଘଟଣା ପଛରେ ସେନ୍‌ଗାରଙ୍କ ପାଖଲୋକ ଥିବା ପୀଡ଼ିତାଙ୍କ ମାମୁ ଅଭିଯୋଗ କରିଥିଲେ। ପୀଡ଼ିତାଙ୍କ ଓକିଲ ଏବେ ବି ଆଇସିୟୁରେ ଥିବାରୁ ତାଙ୍କ ବୟାନ୍ ରେକର୍ଡ କରାଯାଇ ପାରି ନାହିଁ। ପୀଡ଼ିତାଙ୍କ ସହ ତାଙ୍କ ଓକିଲ କାର୍‌ରେ ଯାଉଥିବାବେଳେ ଏକ ଟ୍ରକ୍ ଦ୍ରୁତ ଗତିରେ ଆସି ରାଏବରେଲିର ଗୁରୁବକ୍ଷଗଞ୍ଜ ନିକଟରେ ସେମାନଙ୍କୁ ଧକ୍କା ଦେଇଥିଲା। ପୀଡ଼ିତାଙ୍କୁ ଜୀବନରେ ମାରିଦେବା ଲାଗି ସେନ୍‌ଗାରଙ୍କ ଏହା ଏକ ଷଡ଼ଯନ୍ତ୍ର ଥିଲା ବୋଲି ଅଭିଯୋଗ କରାଯାଇଛି।

# ପାକ୍‌ର ମିଛ ଦୋହରାଇବାକୁ କୁଲଭୂଷଣଙ୍କ ଉପରେ ଚାପ

**ନୂଆଦିଲ୍ଲୀ,୨।୯**

କୁଲଭୂଷଣଙ୍କୁ ଦୂତାବାସ ମାଧ୍ୟମରେ ଆଇନଗତ ସହାୟତା ଯୋଗାଇଦେବା ପାଇଁ ସୁଯୋଗ ମିଳିଥିଲେ ହେଁ ତାଙ୍କୁ ପାକିସ୍ତାନର ମିଛ ଦୋହରାଇବା ପାଇଁ ଅତ୍ୟଧିକ ଚାପ ପକାଯାଇଥିବା ଜଣାପଡ଼ିଛି। ତାଙ୍କୁ ସୋମବାର ଭାରତୀୟ ଉପଉଚ୍ଚାୟୁକ୍ତ ଗୌରବ ଆହଲୁୱାଲିଆ ଭେଟିଥିବାବେଳେ ଚାପ ପକାଯାଇଥିବା ଲକ୍ଷଣ ସ୍ପଷ୍ଟ ହୋଇଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ୍ କୁମାର କହିଛନ୍ତି। ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ସବିଶେଷ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ଆଇସିଜେ)ଙ୍କ ନିର୍ଦ୍ଦେଶକ୍ରମେ ପାକିସ୍ତାନ କୁଲଭୂଷଣଙ୍କୁ ଦୂତାବାସ ସହାୟତା ଯୋଗାଇବାକୁ ବାଧ୍ୟ ହୋଇଛି। ମିଥ୍ୟା ଅଭିଯୋଗ ଆଣି ତାଙ୍କୁ ଦୋଷୀସାବ୍ୟସ୍ତ



ରବୀଶ୍ କୁମାର

କରାଯିବା ସହ ମୃତ୍ୟୁଦଣ୍ଡାଦେଶ ଦିଆଯାଇଛି। ଏହାର ସମୀକ୍ଷା ଓ ପୁନର୍ବିଚାର କରିବାକୁ ମଧ୍ୟ ଆଇସିଜେ ପାକିସ୍ତାନକୁ କହିଥିଲେ। ଗତ ଅଗଷ୍ଟରେ ପାକିସ୍ତାନ ଦେଇଥିବା ଦୂତାବାସ ସହାୟତା ପ୍ରସ୍ତାବରେ ପାକ୍ ସୁରକ୍ଷା କର୍ମୀ ଉପସ୍ଥିତ ରହିବେ ଓ ପ୍ରକୋଷ୍ଠରେ ସିସିଟିଭି କ୍ୟାମେରା ଲାଗିବା ସର୍ତ୍ତ ଥିଲା, ଯାହାକୁ ଭାରତ ପ୍ରତ୍ୟାଖ୍ୟାନ କରିଥିଲା। ସୋମବାର କୁଲଭୂଷଣଙ୍କୁ ଉପଉଚ୍ଚାୟୁକ୍ତ ଭେଟିବା ବେଳେ ଉପରୋକ୍ତ ସର୍ତ୍ତକୁ ହଟାଯାଇଥିଲା କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ତେବେ କୁଲଭୂଷଣଙ୍କୁ ଯଥାଶୀଘ୍ର ସମ୍ଭବ ନ୍ୟାୟ ମିଳିବା ଓ ସେ ସୁରକ୍ଷିତ ଭାବେ ଭାରତ ଫେରିବା ପର୍ଯ୍ୟନ୍ତ ସରକାର ଲଢ଼େଇ ଜାରି ରଖିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି।

କନ୍‌ସୁଲାର ସମ୍ପର୍କିତ ୧୯୬୩ର ଭିଏନା ଚୁକ୍ତିନାମା ଅନୁଯାୟୀ କୁଲଭୂଷଣଙ୍କୁ ଦୂତାବାସ ସହାୟତା ଯୋଗାଇଦେବାକୁ ଆଇସିଜେ ନିର୍ଦ୍ଦେଶ ଦେବାର ଦୁଇମାସ ପରେ ସୋମବାର ତାଙ୍କୁ ଉପଉଚ୍ଚାୟୁକ୍ତ ଭେଟିବା ସୁଯୋଗ ପାଇଛନ୍ତି। ୨୦୧୭ ଡିସେମ୍ବରରେ କୁଲଭୂଷଣଙ୍କୁ ମାଆ ଅବନ୍ତୀ ଓ ସ୍ତ୍ରୀ ଚେତାଙ୍କୁଲ ଭେଟିବା ପରେ ସେ ଚାପରେ ଥିବା ଖବରଦାତାମାନଙ୍କୁ ସୂଚନା ଦେଇଥିଲେ। ଏହି ସାକ୍ଷାତ ପୂର୍ବରୁ କୁଲଭୂଷଣଙ୍କୁ ନିର୍ଯାତନା ଦିଆଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଅଭିଯୋଗ ହୋଇଥିଲା।

## ମାମଲାର ଘଟଣାକ୍ରମ

**୨୦୧୬ ମାର୍ଚ୍ଚ ୩:** କୁଲଭୂଷଣଙ୍କୁ ପାକିସ୍ତାନ ଗିରଫ କରିଥିଲା।
**୨୦୧୭ ଏପ୍ରିଲ ୧୦:** ଗୁପ୍ତଚର ବୃତ୍ତି ଓ ଆତଙ୍କବାଦ ସହ ସମ୍ପୃକ୍ତି ଅଭିଯୋଗରେ ପାକ୍ ସେନା ଅଦାଲତ କୁଲଭୂଷଣଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ମୃତ୍ୟୁଦଣ୍ଡାଦେଶ ଦେଇଥିଲା।
**୨୦୧୭ ଏପ୍ରିଲ ୨୭:** କୁଲଭୂଷଣଙ୍କ ପରିବାର ତାଙ୍କୁ ଭେଟିବା ପାଇଁ ଭିଜା ଯୋଗାଇଦେବାକୁ ସୁଷମା ସ୍ୱରାଜ ପାକ୍ ବହିର୍ବ୍ୟାପାର ଉପଦେଷ୍ଟା ସର୍ତାଜ ଅଜିଜଙ୍କୁ ଅନୁରୋଧ କରିଥିଲେ।
**୨୦୧୭ ମେ ୮:** ପାକ୍ ସାମରିକ ଅଦାଲତ ରାୟ ବିରୋଧରେ ଆଇସିଜେରେ ଆବେଦନ କରିଥିଲା ଭାରତ। ତା' ପରଦିନ ଆଇସିଜେ କୁଲଭୂଷଣଙ୍କ ଦଣ୍ଡ ଉପରେ ରହିତାଦେଶ ଜାରି କରିଥିଲେ।
**୨୦୧୭ ଡିସେମ୍ବର ୨୬:** କୁଲଭୂଷଣଙ୍କୁ ଜେଲରେ ଭେଟିଥିଲେ ତାଙ୍କ ମା' ଓ ସ୍ତ୍ରୀ।
**୨୦୧୯ ଫେବୃୟାରୀ ୧୮:** ଆଇସିଜେରେ କୁଲଭୂଷଣ ମାମଲା ଉପରେ ୪ ଦିନ ଶୁଣାଣି ହୋଇଥିଲା।
**୨୦୧୯ ଜୁଲାଇ ୧୭:** କୁଲଭୂଷଣଙ୍କ ମୃତ୍ୟୁଦଣ୍ଡାଦେଶର ପୁନର୍ବିଚାର କରିବା ସହ ତାଙ୍କୁ ଦୂତାବାସ ସହାୟତା ଯୋଗାଇଦେବା ପାଇଁ ଆଇସିଜେ ପାକିସ୍ତାନକୁ ନିର୍ଦ୍ଦେଶ ଦେଇଥିଲେ।
**୨୦୧୯ ଅଗଷ୍ଟ ୨:** ପାକିସ୍ତାନର ସର୍ତ୍ତମୂଳକ ଦୂତାବାସ ସହାୟତା ପ୍ରସ୍ତାବକୁ ଭାରତୀୟ ଅଧିକାରୀ ପ୍ରତ୍ୟାଖ୍ୟାନ କରିଥିଲେ।
**୨୦୧୯ ସେପ୍ଟେମ୍ବର ୨:** ଦୂତାବାସ ସହାୟତା ମିଳିବା ପରେ ଭାରତୀୟ ଉପଉଚ୍ଚାୟୁକ୍ତ ଗୌରବ ଆହଲୁୱାଲିଆ ତାଙ୍କୁ ଭେଟିଛନ୍ତି।

### ଚିଦାମ୍ବରମଙ୍କ ସିବିଆଇ ରିମାଣ୍ଡ ଦିନେ ବଢ଼ିଲା

**ନୂଆଦିଲ୍ଲୀ,୨।୯**

ଆଇଏନ୍‌ଏକ୍ସ ମିଡିଆ ମାମଲାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମଙ୍କ ସିବିଆଇ ରିମାଣ୍ଡ ମିଆଦକୁ ସୁପ୍ରିମକୋର୍ଟ ମଙ୍ଗଳବାର ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଫଳରେ ତାଙ୍କର ତିହାର ଜେଲ୍ ଯିବା ସମ୍ଭାବନାକୁ ଏଡାଇଦିଆଯାଇପାରିଛି। ଚିଦାମ୍ବରମଙ୍କୁ ୭୪ ବର୍ଷ ହେଲାଣି। ଅଗଷ୍ଟ ୨୧ରେ ଗିରଫ ହେବା ପରେ ସେ ୧୧ ଦିନ ସିବିଆଇ ହାଜତରେ ରହିଲେଣି। ତେଣୁ ତାଙ୍କୁ ସୁରକ୍ଷା ଦିଆଯିବା ଆବଶ୍ୟକ ବୋଲି କପିଲ ସିବଲ ଯୁକ୍ତି ଦର୍ଶାଇଥିଲେ। ସେ ନିୟମିତ ଜାମିନ ପାଇଁ ଉପଯୁକ୍ତ କୋର୍ଟରେ ଆବେଦନ କରିପାରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଚିଦାମ୍ବରମ କ'ଣ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ଜାମିନ ଆବେଦନ କରୁନାହାନ୍ତି ବୋଲି ବିଚାରପତି ଆର୍. ବାନୁମତି ଏବଂ ଏ.ଏସ୍. ବୋପାନ୍ନାଙ୍କ ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ସିବିଆଇ କୋର୍ଟରେ ଯଦି ଚିଦାମ୍ବରମଙ୍କ ଜାମିନ ଆବେଦନ ଖାରଜ ହୁଏ ତେବେ ସେ ଗୁରୁବାର ପର୍ଯ୍ୟନ୍ତ ହାଜତରେ ରହିବେ।

# ବାୟୁସେନା ମୁଖ୍ୟଙ୍କ ସହ ମିଗ୍ ଉଡ଼ାଇଲେ ଅଭିନନ୍ଦନ

**ପଠାନ୍‌କୋଟ,୨।୯(ପି.ଟି.)**

ଗତ ଫେବୃୟାରୀରେ ଭାରତ-ପାକିସ୍ତାନ ମୁହାଁମୁହିଁ ହେବା ସ୍ଥିତିରେ ଥିବାବେଳେ ବାଲାକୋଟ୍ ହିରୋ ୱିଙ୍ଗ୍ କମାଣ୍ଡର ବର୍ଥମାନ ଅଭିନନ୍ଦନ ବୀରତ୍ୱର ପରିଚୟ ଦେଇ ଏଫ୍-୧୬ ପାକ୍ ବିମାନକୁ ଉଡ଼ାଇ ଦେଇଥିଲେ। ସୋମବାର ସେ ବାୟୁସେନା ମୁଖ୍ୟ ଏୟାର ମାର୍ଶାଲ ବି.ଏସ୍. ଧନୋଆଙ୍କ ସହ ମିଗ୍-୨୧ ବିମାନ ଉଡ଼ାଇଛନ୍ତି। ଧନୋଆ ଦୀର୍ଘ ୨୦ ବର୍ଷ ପରେ ମିଗ୍ ବିମାନ ଉଡ଼ାଇଥିଲେ। ୧୯୮୮ରେ ପାକିସ୍ତାନ ବିରୋଧରେ ଧନୋଆ ପରାକ୍ରମ ଦେଖାଇଥିଲେ। କାର୍‌ଗିଲ ଯୁଦ୍ଧବେଳେ ସେ ଅଦମ୍ୟ ସାହସ ଦେଖାଇ ପାକ୍ ସେନାକୁ ଫେରିଯିବାକୁ ବାଧ୍ୟ କରିଥିଲେ। ଅଭିନନ୍ଦନଙ୍କ ବାପାଙ୍କ ସହ ସେ କାର୍ଯ୍ୟ କରିଥିବା ପ୍ରକାଶ କରିଛନ୍ତି। ସୋମବାର ଅଭିନନ୍ଦନଙ୍କ



ସହ ଧନୋଆଙ୍କ ୩୦ ମିନିଟ୍ ବିମାନ ଉଡ଼ାଣ ବେଳେ ଫଟୋ ଖବରଦାତା ଓ ଭିଡିଓ କ୍ରିଉଙ୍କୁ ପଠାନ୍‌କୋଟ୍ ଏୟାର ବେସ୍‌କୁ ନିଆଯାଇଥିଲା। ଉଡ଼ାଣ ପରେ ବିମାନର କକ୍‌ପିଟ୍‌ରେ ଫଟୋ ଶୁଟ୍ କରିଥିଲେ। ସେପ୍ଟେମ୍ବର ୩୦ରେ ଅବସରଗ୍ରହଣ କରିବାକୁ ଥିବା ଧନୋଆ ଅଭିନନ୍ଦନଙ୍କ ସହ ଉଡ଼ାଣ କରିବା ଗର୍ବର କଥା ବୋଲି କହିଛନ୍ତି। ପ୍ରକାଶଥାଉ କି, ବୀରତ୍ୱ ଓ ସାହସିକତା ଲାଗି ଅଭିନନ୍ଦନଙ୍କୁ ବୀରଚକ୍ରରେ ଭାରତ ସରକାର ସମ୍ମାନିତ କରିଛନ୍ତି।

## ମଧ୍ୟାହ୍ନଭୋଜନରେ ରୁଟି, ଲୁଣ
### ଖବରଦାତାଙ୍କ ବିରୋଧରେ ମାମଲା

**ଲକ୍ଷ୍ନୌ, ୨।୯(ପି.ଟି.)**

ଉତ୍ତରପ୍ରଦେଶର ମିର୍ଜାପୁର ଜିଲା ଜମାଲପୁର ବ୍ଲକ ଅନ୍ତର୍ଗତ ସିୟୁର ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କୁ ମଧ୍ୟାହ୍ନଭୋଜନରେ ରୁଟି ଓ ଲୁଣ ଦିଆଯିବା ଘଟଣା ଗତ ଅଗଷ୍ଟ ୨୨ରେ ସୋସିଆଲ ମିଡିଆ ଓ ବିଭିନ୍ନ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏହି ଘଟଣାକୁ ନେଇ ପ୍ରିଣ୍ଟ ମିଡ଼ିଆରେ କାମ କରୁଥିବା ଖବରଦାତା ପୱନ୍ କୁମାର ଜୟସ୍ୱାଲ୍ ଓ ଗ୍ରାମ ପ୍ରତିନିଧି ରାଜକୁମାର ପାଲ୍‌ଙ୍କ ବିରୋଧରେ ଶନିବାର ମିର୍ଜାପୁର ବିଇଓ ପ୍ରେମ ଶଙ୍କର ରାମ ମାମଲା ରୁଜୁ କରିଛନ୍ତି। ଲୁଚି ଛପି ସ୍କୁଲ ପିଲା ଖାଇବାବେଳର ଭିଡିଓ ସୁଟ୍‌କରିବା ଭଳି ହୀନ କାର୍ଯ୍ୟକରି ସେମାନେ ଉତ୍ତରପ୍ରଦେଶ ସରକାରକୁ ବଦ୍‌ନାମ କରିବାକୁ ଚେଷ୍ଟା କରିଥିବା ଅହିରୌରା ପୋଲିସ ଷ୍ଟେଶନରେ ଅଭିଯୋଗ କରାଯାଇଛି। ପ୍ରକାଶଥାଉ କି, ପାଲ୍‌ଙ୍କ ଆମନ୍ତ୍ରଣ କ୍ରମେ ଖବରଦାତା ନିଜ ମୋବାଇଲରେ ଭିଡିଓ ଉଠାଇ ଗଣମାଧ୍ୟମକୁ ଛାଡ଼ିଥିଲେ।

■ ସୁପ୍ରିମ୍‌କୋର୍ଟରେ ଚିନ୍ମୟାନନ୍ଦ ମାମଲା
# ଏସ୍‌ଆଇଟି ଗଠନ ଲାଗି ନିର୍ଦ୍ଦେଶ





**ନୂଆଦିଲ୍ଲୀ, ୨।୯(ପି.ଟି.)**

ଉତ୍ତରପ୍ରଦେଶର ଶାହ୍‌ଜାହାନ୍‌ପୁରରେ ଆଇନ ଛାତ୍ରୀ ନିଖୋଜ ହେବା ଓ ଏନେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ସ୍ୱାମୀ ଚିନ୍ମୟାନନ୍ଦଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଅଣାଯିବା ଘଟଣାରେ ଏସ୍‌ଆଇଟି (ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍) ଗଠନ କରିବାକୁ ସୁପ୍ରିମକୋର୍ଟ ସୋମବାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଇଜି ପାହ୍ୟାର ଜଣେ ଅଧିକାରୀ ଏହାର ନେତୃତ୍ୱ ନେବାକୁ ନିର୍ଦ୍ଦେଶ ରହିଛି।

ରାଜସ୍ଥାନରୁ ଛାତ୍ରୀ ଉଦ୍ଧାର ହେବା ପରେ ତାଙ୍କୁ ଶୁକ୍ରବାର ସୁପ୍ରିମକୋର୍ଟରେ ହାଜର କରାଯାଇଥିଲା। ପୋଲିସ ହେପାଜତରେ ତାଙ୍କୁ ଦିଲ୍ଲୀରେ ରହିବା ଲାଗି ଅନୁମତି ଦିଆଯିବା ସହ ପୋଲିସ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଯୋଗାଇ ଦିଆଯାଇଥିଲା। ସୋମବାର ବିଚାରପତି ଜଷ୍ଟିସ ଆର୍ ବାନୁମତୀ ଓ ଜଷ୍ଟିସ ଏ. ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଲ୍ଲାହାବାଦ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଏକ ଖଣ୍ଡପୀଠ ଗଠନ କରି ତଦନ୍ତର ତଦାରଖ କରିବା ଲାଗି ଅନୁରୋଧ କରିଛନ୍ତି। ଏସ୍‌ଆଇଟି ଛାତ୍ରୀଙ୍କ ଅଭିଯୋଗର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶଥାଉ କି, ଶାହ୍‌ଜାହାନ୍‌ପୁର ପୋଲିସ ନିକଟରେ ଗତ ଅଗଷ୍ଟ ୨୭ରେ ଛାତ୍ରୀ ନିଖୋଜ ଅଭିଯୋଗ ଅଣାଯାଇ ଚିନ୍ମୟାନନ୍ଦଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ଛାତ୍ରୀଙ୍କ ବାପା ଚିନ୍ମୟାନନ୍ଦଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆଣିଥିଲେ।

# ଡାକ୍ତରଙ୍କୁ ପିଟି ହତ୍ୟା: ୨୧ ଗିରଫ

**ଗୁଆହାଟୀ,୨।୯**

■ ଆସାମ ଚା' ବଗିଚାରେ ଭିଡ଼ହିଂସା
■ ପ୍ରତିବାଦରେ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଦେଶରେ ଗତ କିଛି ବର୍ଷ ମଧ୍ୟରେ ଭିଡ଼ ହିଂସା ବୃଦ୍ଧି ପାଇଛି। ଆସାମର ଜୋର୍‌ହାଟରେ ଥିବା ଏକ ଚା' ବଗିଚାରେ ଜଣେ ଡାକ୍ତରଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ପିଟି ହତ୍ୟା କରିଛନ୍ତି। ଏହି ଘଟଣାରେ ପୋଲିସ ୨୧ ଜଣଙ୍କୁ ଗିରଫ କରିଥିବାବେଳେ ଉକ୍ତ ଇଷ୍ଟେଟ୍‌କୁ ବନ୍ଦ କରିଦିଆଯାଇଛି। ଭିଡ଼ହିଂସା ପ୍ରତିବାଦରେ ଜୋର୍‌ହାଟର ଡାକ୍ତରମାନେ ସୋମବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବାବେଳେ ଭାରତୀୟ ମେଡିକାଲ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଧର୍ମଘଟ ପାଇଁ ଡାକରା ଦିଆଯାଇଛି।

ଗତ ଶନିବାର ଇଷ୍ଟେଟ୍ ପରିସରରେ ଅସ୍ଥାୟୀ କର୍ମଚାରୀ ସୋମ୍ରା ମାଝିଙ୍କ ମୃତ୍ୟୁ ହୋଇଥିଲା। ଡାକ୍ତର ଦେବେନ ଦତ୍ତ (୭୩)ଙ୍କ ଅନୁପସ୍ଥିତି ଯୋଗୁ କର୍ମଚାରୀଙ୍କ ମୃତ୍ୟୁ ହେଲା ବୋଲି ଅଭିଯୋଗ କରି ଇଷ୍ଟେଟ୍‌ର ୨୫୦ ଜଣ କର୍ମଚାରୀ ତାଙ୍କୁ ଆକ୍ରମଣ କରିଥିଲେ।



ଡାକ୍ତର ଦେବେନ ଦତ୍ତ

ଗୁରୁତର ଆହତ ଡାକ୍ତରଙ୍କର ରବିବାର ମୃତ୍ୟୁ ଘଟିଥିଲା। ଜୋର୍‌ହାଟ ଡେପୁଟି କମିଶନରଙ୍କ କହିବା ଅନୁଯାୟୀ ଶନିବାର ମଧ୍ୟାହ୍ନରେ ସୋମ୍ରାଙ୍କୁ ଗୁରୁତର ଅବସ୍ଥାରେ ଇଷ୍ଟେଟ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେତେବେଳେ ଡାକ୍ତର ଦତ୍ତ ଅନୁପସ୍ଥିତ ଥିବାବେଳେ ଫାର୍ମାସିଷ୍ଟ ମଧ୍ୟ ଛୁଟିରେ ଥିଲେ। ଡ୍ୟୁଟିରେ ଥିବା ନର୍ସ ସାଲାଇନ ଲଗାଇବାର କିଛି ସମୟ ପରେ ସୋମ୍ରାଙ୍କ ମୃତ୍ୟୁ ଘଟିଥିଲା। ଅପରାହ୍ନରେ ଡାକ୍ତର ଦତ୍ତ ପହଞ୍ଚିବା ପରେ ଉତ୍ତ୍ୟକ୍ତ କର୍ମଚାରୀମାନେ ତାଙ୍କୁ ମାଡ଼ ମାରିବା ସହ ଏକ ଘରେ ତାଲା ପକାଇ ରଖିଥିଲେ। ପୋଲିସ ତାଙ୍କୁ ଉଦ୍ଧାରକରି ହସ୍ପିଟାଲ ନେଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅବସରପ୍ରାପ୍ତ ଡାକ୍ତର ଦତ୍ତ ଚା' ବଗିଚାରେ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରୁଥିଲେ। ଟାଟା ଟି ଲିମିଟେଡ୍‌ରୁ ଅଲଗା ହୋଇଥିବା ଅମଲଗାମେଟେଡ ପ୍ଲାଣ୍ଟେଶନ୍ସ ପ୍ରା.ଲିଃ ଅଧୀନରେ ଏହି ଟି ଇଷ୍ଟେଟ୍ ରହିଛି। ଡାକ୍ତରଙ୍କୁ ହତ୍ୟା ଘଟଣାର ତୀବ୍ର ନିନ୍ଦା କରିଛି ପଶ୍ଚିମବଙ୍ଗ ଡାକ୍ତର ସଂଘ। ସେ ଯେଉଁମାନଙ୍କୁ ସ୍ୱେଚ୍ଛାକୃତ ଭାବେ ସେବା ଯୋଗାଉଥିଲେ ସେମାନେ ତାଙ୍କୁ ମାଡ଼ ମାରିବାବେଳେ ଟିକିଏ ବି ଭାବିଲେ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି।



ଶିଖ୍ ଯୁବତୀ ଧର୍ମାନ୍ତରୀକରଣ ପ୍ରତିବାଦରେ ନୂଆଦିଲ୍ଲୀସ୍ଥିତ ପାକ୍ ଦୂତାବାସ ଆଗରେ ଇମ୍ରାନ୍ ଖାନ୍‌ଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

### ପାକିସ୍ତାନ ସହ ଆଲୋଚନାକୁ ଜୟଶଙ୍କରଙ୍କ ଖଣ୍ଡନ

**ଲଣ୍ଡନ,୨।୯(ପି.ଟି.)**-ପାକିସ୍ତାନ ଖୋଲାଖୋଲି ଭାବେ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିଛି। ଆତଙ୍କବାଦୀଙ୍କୁ ନିଯୁକ୍ତି, ପ୍ରଶିକ୍ଷଣ ଓ ଆର୍ଥିକ ସହାୟତା ଯୋଗାଇ ଆସୁଛି। ଏଥିରୁ ବିରତ ନ ହେବା ପର୍ଯ୍ୟନ୍ତ ଦ୍ୱିପାକ୍ଷିକ ଆଲୋଚନା ଆରମ୍ଭ ହେବାର ପ୍ରଶ୍ନ ଉଠୁନାହିଁ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପ୍ରକାଶ କରିଛନ୍ତି। ନ୍ୟୁୟର୍କ ଟାଇମ୍ସରେ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ତୁରନ୍ତ କଶ୍ମୀର ନେଇ ଦ୍ୱିପାକ୍ଷିକ ଆଲୋଚନା ଆରମ୍ଭ ନ ହେଲେ ଦକ୍ଷିଣ ଏସିଆ ଉପରେ ପରମାଣୁ ଯୁଦ୍ଧର କଳାବାଦଲ ଦେଖାଦେବ ବୋଲି ଉଲ୍ଲେଖ କରିଥିଲେ। ଏହାର ଉତ୍ତର ଦେଇ ବ୍ରସେଲ୍ସରେ ଏକ ସାକ୍ଷାତକାରରେ ଜୟଶଙ୍କର ଏଭଳି ମତ ରଖିଛନ୍ତି। ଆତଙ୍କବାଦୀ ଗୋଷ୍ଠୀଙ୍କୁ ଅର୍ଥ ଓ ସହାୟତା ଯୋଗାଯାଉଥିବା ପର୍ଯ୍ୟନ୍ତ ପାକିସ୍ତାନ ସହ ଆଲୋଚନା ସମ୍ଭବ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି।

## ଇତିହାସର ଆଇନାରେ
### ସେପ୍ଟେମ୍ବର ୩ର ପ୍ରମୁଖ ଘଟଣା

#### କାତାର ହେଲା ସ୍ୱାଧୀନ ରାଷ୍ଟ୍ର

୧୯୭୧ ସେପ୍ଟେମ୍ବର ୩ରେ କାତାର ଏକ ସ୍ୱାଧୀନ ରାଷ୍ଟ୍ର ମାନ୍ୟତା ପାଇଥିଲା। କାତାର ହେଉଛି ପଶ୍ଚିମ ଏସିଆର ଏକ ରାଷ୍ଟ୍ର। ଆରବୀୟ ଉପଦ୍ୱୀପର ଉତ୍ତର-ପୂର୍ବ ଉପକୂଳରେ ଏହା ଅବସ୍ଥିତ। ଏହାର ଦକ୍ଷିଣରେ ସାଉଦି ଆରବ ଏବଂ ଅନ୍ୟ ଭୂଖଣ୍ଡ ପର୍ସିଆନ ଉପସାଗର ଦ୍ୱାରା ପରିବେଷ୍ଟିତ।

#### ବିମାନ ଦୁର୍ଘଟଣା

୧୯୯୭ ସେପ୍ଟେମ୍ବର ୩ରେ ଭିଏତନାମ ଏୟାରଲାଇନ୍ସ ଫ୍ଲାଇଟ ୮୧୫ ନମ୍‌ପେନ୍ ବିମାନ ବନ୍ଦର ନିକଟବର୍ତ୍ତୀ ହେବାକ୍ଷଣି ଦୁର୍ଘଟଣାଗ୍ରସ୍ତ ହେବାରୁ ୬୪ ବିମାନଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ନମ୍‌ପେନ୍ ହେଉଛି ଏକ ଜନବହୁଳ ନଗରୀ ତଥା କାମ୍ବୋଡିଆର ରାଜଧାନୀ। ଏହା କାମ୍ବୋଡିଆର ଅର୍ଥନୈତିକ, ଶିଳ୍ପ ଓ ସାଂସ୍କୃତିକ କେନ୍ଦ୍ର।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ବର୍ଷା ହେବାର ସମ୍ଭାବନା ଅଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୦ | ୨୫.୪ |
| ଚାନ୍ଦବାଲି | ୨୯.୮ | ୨୭.୪ |
| କଟକ | ୩୨.୦ | ୨୪.୨ |
| ପାରାଦ୍ୱୀପ | ୩୧.୦ | ୨୭.୨ |
| ଭୁବନେଶ୍ୱର | ୩୨.୦ | ୨୫.୬ |
| ଗୋପାଳପୁର | ୩୨.୧ | ୨୪.୯ |
| ପୁରୀ | ୩୨.୨ | ୨୫.୫ |
| ଅନୁଗୋଳ | ୩୧.୧ | ୨୨.୦ |
| ବାରିପଦା | ୩୪.୦ | --- |
| ଝାରସୁଗୁଡ଼ା | ୩୩.୨ | ୨୪.୨ |
| କେନ୍ଦୁଝର | ୩୦.୯ | ୨୪.୪ |
| ସମ୍ବଲପୁର | ୩୩.୬ | ୨୫.୦ |
| ସୁନ୍ଦରଗଡ଼ | ୩୧.୦ | ୨୧.୦ |
| ହୀରାକୁଦ | ୩୨.୯ | ୨୫.୬ |
| ତାଳଚେର | --- | ୨୫.୦ |
| ଭବାନୀପାଟଣା | ୩୦.୦ | ୨୪.୨ |
| ବଲାଙ୍ଗୀର | --- | ୨୪.୦ |
| କୋରାପୁଟ | ୨୬.୦ | ୧୯.୬ |
| ଫୁଲବାଣୀ | ୨୯.୫ | --- |
| ଟିଟିଲାଗଡ଼ | ୩୦.୦ | ୨୧.୦ |
| ମାଲକାନଗିରି | ୨୭.୦ | ୨୧.୦ |
| ସୋନପୁର | ୩୦.୮ | ୨୦.୪ |
| ଦାରିଙ୍ଗିବାଡ଼ି | ୨୭.୭ | ୧୭.୫ |

ଡିଗ୍ରୀ ସେଲ୍‌ସିୟସ୍

# ଫିଲ୍ମ ପାଇଁ ଅଫର ପ୍ରେରଣାଦାୟୀ: ତବୁ

**ମୁମ୍ବାଇ:**

ଫିଲ୍ମ ପାଇଁ ଅଫର ମିଳିବା ପ୍ରେରଣାଦାୟକ ବୋଲି ବଲିଉଡ୍ ଅଭିନେତ୍ରୀ ତବୁ ପ୍ରକାଶ କରିଛନ୍ତି। ସେ ଅଧିକ ଆଶା କରୁ ନ ଥିଲେ ମଧ୍ୟ ବର୍ତ୍ତମାନ ଯେଉଁ କାର୍ଯ୍ୟ ମିଳିଛି ସେଥିରେ ସେ ଖୁସି ଥିବା କହିଛନ୍ତି। ଭବିଷ୍ୟତ ପାଇଁ ତାଙ୍କର କୌଣସି ଯୋଜନା ନାହିଁ। ବର୍ତ୍ତମାନ କାର୍ଯ୍ୟରେ ସେ ସନ୍ତୁଷ୍ଟ। ଏହା ହିଁ ତାଙ୍କୁ ଉତ୍ସାହିତ କରେ ବୋଲି ସେ କହିଛନ୍ତି।

ଫିଲ୍ମ ପାଇଁ କୌଣସି ଅଫର ମିଳିଲେ ଉତ୍ସାହିତ ହେବା ସ୍ୱାଭାବିକ କଥା। ୪୭ ବର୍ଷୀୟା ଏହି ଅଭିନେତ୍ରୀଙ୍କୁ 'ଜୱାନି ଜାନେମନ୍'ରେ ଦେଖିବାକୁ ମିଳିବ। ହାସ୍ୟରସାତ୍ମକ ଏହି ଫିଲ୍ମରେ ତବୁଙ୍କ ସହ ଅଭିନୟ କରିଛନ୍ତି ସୈଫ ଅଲି ଖାନ୍। ଏଥିରେ ଅଭିନେତ୍ରୀ ପୂଜା ବେଦୀଙ୍କ କନ୍ୟା ଆଲାଇଆ ଏଫ୍. ପ୍ରଥମକରି ଅଭିନୟ କରୁଥିବାବେଳେ ଏହାର ନିର୍ଦ୍ଦେଶନା ଦେଉଛନ୍ତି ନୀତିନ କାକ୍କର। ଏହାର ସହ-ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ସୈଫ, ଜ୍ୟାକି ଭଗନାନି ଏବଂ ଜୟ ଶେଓ୍ୱକ୍ରମାନି।

ତବୁ ପ୍ରଥମକରି ସାଗର ସରଦେଶାଇଙ୍କ ୧୯୮୨ ଫିଲ୍ମ 'ବଜାର'ରେ ଅଭିନୟ କରିଥିଲେ। କିନ୍ତୁ ଦେବ ଆନନ୍ଦଙ୍କ



ସ୍କୁଲପଢ଼ୁଆ ଝିଅ ଚରିତ୍ରରେ 'ହମ୍ ନଉଜୱାନ'ରେ ଅଭିନୟ କରିବାପରେ ସେ ଦର୍ଶକଙ୍କ ନଜରକୁ ଆସିଥିଲେ। ୧୯୯୪ରେ ରିଷି କପୁରଙ୍କ ସହ 'ପେହେଲା ପେହେଲା ପ୍ୟାର'ରେ ଅଭିନୟ କରିବା ପରେ ବଲିଉଡ୍ ଅଭିନେତ୍ରୀର ମାନ୍ୟତା ପାଇଥିଲେ।



ସୌନ୍ଦର୍ଯ୍ୟ

# କେଶ କଳା କରିବାର ଘରୋଇ ଉପାୟ

**ଆଜିକାଲି କେଶ ପାଚିବା ଏକ ସାଧାରଣ ସମସ୍ୟା ହୋଇଗଲାଣି ଅସମୟରେ ବି କେଶ ପାଚି ଯାଉଛି। ତେବେ ଆପଣ ଚାହିଁଲେ ଏହି ସମସ୍ୟାକୁ ଘରୋଇ ଉପଚାର ଦ୍ୱାରା ଦୂରେଇ ପାରିବେ। ଜାଣନ୍ତୁ ସେ ନେଇ କିଛି ଟିପ୍ସ...**

❖ଅଁଳା ଖଣ୍ଡକୁ ନଡ଼ିଆ ତେଲରେ ପକାଇ କଳା ହେବା ପର୍ଯ୍ୟନ୍ତ ଫୁଟାନ୍ତୁ। ଏହି ତେଲକୁ କେଶରେ ଲଗାଇଲେ କେଶ କଳା ହେବା ସହ ଗହନ ହୋଇଥାଏ।

❖ନଡ଼ିଆ ତେଲରେ ଭୃଙ୍ଗରାଜପତ୍ର ପକାଇ ଫୁଟାନ୍ତୁ। ଏହି ତେଲ କେଶରେ ଲଗାଇ ମାଲିସ କଲେ କେଶ କଳା ହେବା ସହ ସେଥିରେ ଚମକ ଆସିଥାଏ।

❖କେଶ କଳା କରିବା ପାଇଁ ଭିଟାମିନ୍ ଇ, ଓମେଗା ୩, ଫ୍ୟାଟି ଏସିଡ୍‌ର ଆବଶ୍ୟକତା ରହିଛି। ବିଶେଷ କରି ଆର୍ଗନ ଅଏଲ୍‌ରେ ଏସବୁ ତତ୍ତ୍ୱ ରହିଛି। ପ୍ରତିଦିନ ଆପଣ ଏହି ତେଲକୁ କେଶରେ ମସାଜ୍ କରିପାରିବେ।

❖ଆପଣଙ୍କ ଖାଦ୍ୟ ତାଲିକାରେ ଅଁଳାକୁ ସାମିଲ କରନ୍ତୁ। ଏହାକୁ ଆପଣ କଞ୍ଚା ଖାଇପାରିବେ। ଏହାର ଜୁସ୍ ମଧ୍ୟ ପିଇ ପାରିବେ।

❖ ଅଁଳା ପାଉଡରରେ ପାଣି ଏବଂ ଲେମ୍ବୁ ରସ ମିଶାଇ କେଶରେ ଲଗାନ୍ତୁ।

❖ ଭୃଙ୍ଗରାଜ ପତ୍ରକୁ ଶୁଖାଇ ପାଉଡର କରି ଏଥିରେ ଦହି ମିଶାଇ କେଶରେ ଲଗାନ୍ତୁ।

❖ଅଶ୍ୱଗନ୍ଧା ଏବଂ ଭୃଙ୍ଗରାଜର ପେଷ୍ଟରେ ନଡ଼ିଆ ତେଲ ମିଶାଇ କେଶରେ ଲଗାନ୍ତୁ। ଏକ ଘଣ୍ଟା ପରେ କେଶକୁ ହାଲ୍‌କା ଉଷୁମ ପାଣିରେ ଧୋଇ ଦିଅନ୍ତୁ।

❖ରାତିରେ କେଶର ମୂଳରେ ପିଆଜ ରସ ଲଗାନ୍ତୁ। ସକାଳେ ଧୋଇ ଦିଅନ୍ତୁ।

❖ପ୍ରତିଦିନ କେଶରେ ରାଶିତେଲ ଲଗାନ୍ତୁ ଏବଂ ରାଶି ଖାଆନ୍ତୁ। ଦେଖିବେ କେଶ କଳା ହୋଇଯିବ।

❖ଅଧାକପ୍ ଦହିରେ ଏକ ଚାମଚ ଲେମ୍ବୁରସ ଏବଂ ଅଳ୍ପ ପରିମାଣରେ ଗୋଲମରିଚ ଗୁଣ୍ଡ ମିଶାଇ କେଶରେ ଲଗାନ୍ତୁ।



# ସଫଳତା ପଛରେ..

**ପ୍ରତ୍ୟେକଙ୍କ ଜୀବନରେ ଗୁରୁ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାଆନ୍ତି। ସେମାନଙ୍କର ପ୍ରେରଣା ଆମକୁ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ଯଥେଷ୍ଟ ସାହାଯ୍ୟ କରିଥାଏ। ସେହିପରି ବିଭିନ୍ନ କ୍ଷେତ୍ରରେ ପରିଚୟ ସୃଷ୍ଟି କରିଥିବା କେତେଜଣ ମହିଳା ନିଜ ଗୁରୁଙ୍କ ସ୍ମୃତିକୁ ମନେ ପକାଇ ଯାହା କହନ୍ତି....**



ଛନ୍ଦା



ତମନ୍ନା



ଜ୍ୟୋତ୍ସ୍ନା



ପ୍ରଜ୍ଞା



ଶୈଳଭାମା



ଶ୍ରଦ୍ଧାଞ୍ଜଳି

**ଅନୁପ୍ରାଣିତ କରିଥିଲା ଗୁରୁଙ୍କ ଅନୁଚିନ୍ତା : (ଛନ୍ଦା ମିଶ୍ର, ଲେଖିକା)**

ଢେଙ୍କାନାଳ ଜିଲାର ସୁନାମଧନ୍ୟ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବାର ସୁଯୋଗ ପାଇଥିଲି। ସୌଭାଗ୍ୟକ୍ରମେ ଆମର ପ୍ରଧାନ ଶିକ୍ଷକ ଥିଲେ ସ୍ୱର୍ଗତ ରୁଦ୍ର ନାରାୟଣ ମିଶ୍ର। ଧୋବ ଫରଫର ଧୋତି ଓ କୁର୍ତ୍ତାରେ ସେ ଉଜ୍ଜ୍ୱଳମଣ୍ଡଳ ଓ ବଳିଷ୍ଠ ବ୍ୟକ୍ତିତ୍ୱଙ୍କ ସାନ୍ନିଧ୍ୟ ଲାଭ କରିବା ସତେ ଯେପରି ମୋ ପାଇଁ ଏକ ଈଶ୍ୱରୀୟ ଆଶୀର୍ବାଦ ଥିଲା। ଶୃଙ୍ଖଳା ଓ ନୀତିଗତ ଆଦର୍ଶର ସେ ଥିଲେ ମୂର୍ତ୍ତିମନ୍ତ ପ୍ରତୀକ। ସାର୍‌ଙ୍କୁ ଦେଖିଲେ କେବଳ ଆମେ ଛାତ୍ରୀଛାତ୍ର ନୁହେଁ, ଶିକ୍ଷକଙ୍କ ମଥା ବି ଭକ୍ତିରେ ନଇଁ ଯାଉଥିଲା। ସେତେବେଳେ ପ୍ରାର୍ଥନା ସଭା ପରେ ସେ ଅନୁଚିନ୍ତାଟିଏ ଉଦାହରଣ ସହ ଆମକୁ ବୁଝାଉଥିଲେ । ଅନେକ ଅନୁଚିନ୍ତା ମଧ୍ୟରେ ଦୁଇଟି ଅନୁଚିନ୍ତା ଆଜି ବି ମୋ ପାଇଁ ଗୁରୁମନ୍ତ୍ର ହୋଇ ରହିଛି, ଯାହାକି ମୋ ଜୀବନ ଜିଇଁବାର ମାଧ୍ୟମ ପାଲଟିଛି। ଥରେ ସେ କହିଥିଲେ – ପିଲାଏ, ଯେତେବେଳେ ଈଶ୍ୱରଙ୍କ ପାଖେ କୌଣସି ଅଳି କରୁଛ, କେବଳ ନିଜ ପାଇଁ ନ କରି ସମଗ୍ର ବିଶ୍ୱ ପାଇଁ କରିବ। ତା' ଦ୍ୱାରା ତୁମେ ମଧ୍ୟ ସେହି ବିଶ୍ୱ ମଧ୍ୟରେ ରହି ଈଶ୍ୱରଙ୍କ ଆଶିଷ ପ୍ରାପ୍ତ କରିବ। ଆଉ ଦ୍ୱିତୀୟଟି ହେଲା – ନିଜକୁ ଏପରି ଗଢି ତୋଳ ଯେପରି , ଅର୍ଥ ପଛରେ ତୁମେ ନୁହେଁ ବରଂ ଅର୍ଥ ତୁମ ପଛରେ ଧାଇଁବ। ପ୍ରଭୁ ସମସ୍ତଙ୍କୁ ଭଲରେ ରଖନ୍ତୁ କହି ସେ ହାତ ମୁଣ୍ଡରେ ଛୁଆଁଇଲା ବେଳେ ଅନ୍ତର ଏକ ଦିବ୍ୟ ପୁଲକରେ ଉଲ୍ଲସିତ ହୋଇଉଠେ। ଆଜି ବି ଠାକୁରଙ୍କୁ କିଛି ମାଗିବା ବେଳେ ସାର୍‌ଙ୍କର ସୌମ୍ୟ ଚେହେରାଟି ଆଖି ଆଗରେ ଭାସିଉଠେ।

**ସଚ୍ଚା ଗୁରୁଙ୍କ ଆଶ୍ରିତ ହୋଇଥିଲି : (ଶୈଳଭାମା ମହାପାତ୍ର, ଗାୟିକା)**

ସ୍କୁଲ ହେଉ ଅବା ସଙ୍ଗୀତ ଜୀବନ, ପିଲାବେଳୁ ମୁଁ ଗୁରୁଙ୍କ ଆଶ୍ରିତ ହୋଇଛି। ଅନେକ ଜଣଙ୍କ ପାଖରେ ସଙ୍ଗୀତ ଶିଖାଇବାର କଳା ଅଛି, କିନ୍ତୁ ବାସ୍ତବ ସାଧକ ବହୁତ କମ୍ ଥାଆନ୍ତି। ଜଣେ ଭଲ ଗୁରୁ ସବୁବେଳେ ଚାହେଁ ତାର ଶିଷ୍ୟକୁ ସବୁବେଳେ ଉଚିତ୍ ଜାଗାକୁ ନେବ। ଭଲ ରାସ୍ତା ଦେଖାଇବ। ମୋ ଜୀବନରେ ତିନି ଜଣ ଗୁରୁ ଅଛନ୍ତି, ସେ ହେଉଛନ୍ତି ସ୍କୁଲ ଜୀବନର ଶାନ୍ତନୁ ଦାସ, ଦ୍ୱିତୀୟ ଗୁରୁ କଲେଜ ଜୀବନର ପ୍ରିନ୍ସିପାଲ ଅନନ୍ତ ନାରାୟଣ ମିଶ୍ର, ଯାହାଙ୍କଠାରୁ ମୁଁ କ୍ଲାସିକାଲ ଗୀତ ଆରମ୍ଭରୁ ଶିଖିଥିଲି। ତୃତୀୟ ଗୁରୁ ହେଉଛନ୍ତି ପ୍ରଦୀପ ପାତ୍ର ଯାହାଙ୍କଠାରୁ ମୁଁ ସଙ୍ଗୀତର ଫଣ୍ଡାମେଣ୍ଟାଲ, ଗ୍ରାମାର, ମ୍ୟାଥ୍,କାଉଣ୍ଟିଂ ସବୁକିଛି ଶିଖିଛି। ମୁଁ ଯେତେବେଳେ ଚାଇଲ୍ଡ ଆର୍ଟିଷ୍ଟ ହୋଇ ରେଡିଓକୁ ଯାଉଥିଲି, ସେଠାରେ ମୋର କମ୍ପୋଜର ଥିଲେ ସ୍ୱର୍ଗତ ପ୍ରଦୀପ ପାତ୍ର। ଗତବର୍ଷ ସେ ଇହଧାମ ତ୍ୟାଗ କରିଛନ୍ତି। ଯେମିତି କି କଥାରେ ଅଛି, ବ୍ରହ୍ମା ବିଳିବିଳେଇଲେ ବେଦ। ସେ ଥିଲେ ସେଭଳି ଜଣେ ଗୁରୁ। ମୁଁ ଗୁରୁ ଅନନ୍ତ ନାରାୟଣ ମିଶ୍ରଙ୍କଠାରୁ କ୍ଲାସିକାଲ ସଙ୍ଗୀତ ଶିଖିଥିଲି ସତ, କିନ୍ତୁ ମୋତେ ପ୍ରକୃତରେ ଗ୍ରୁମିଂ କରିଛନ୍ତି ପ୍ରଦୀପ ପାତ୍ର। ମୋ ଘର ସୁନାବେଡ଼ା। ସେତେବେଳେ ଜୟପୁରରେ ଥିବା ଆକାଶ ବାଣୀକୁ ରେଡିଓ ରେକର୍ଡିଂ ପାଇଁ ୧/୨ ମାସରେ ଥରେ ଦିନବେଳା ମୁଁ ସେଠାକୁ ଯାଏ। ସେଠାରୁ ରେକର୍ଡିଂ ସାରି ପ୍ରଦୀପ ସାର୍‌ଙ୍କ ଘରକୁ ଯାଏ। ସେଠାରେ ତାଙ୍କ ପରିବାର ସହ ରାତ୍ରଭୋଜନ ସାରି ସାର୍‌ଙ୍କଠାରୁ ଗୀତ ଶିଖେ ରାତି ୧୦ ଟାରୁ ଭୋର୍ ୪ଟା ପର୍ଯ୍ୟନ୍ତ। ଭଏସ୍‌ର ଇମ୍ପ୍ରୁଭ୍‌ମେଣ୍ଟ୍ କିପରି ହେବ ସେଥିପ୍ରତି ସାର୍ ଯଥେଷ୍ଟ ଗୁରୁତ୍ୱ ଦିଅନ୍ତି। ସାଧାରଣତଃ ସମସ୍ତେ କୁହନ୍ତି, ସଙ୍ଗୀତ ସନ୍ଧ୍ୟାବେଳେ ଶିଖାଯାଏ। କିନ୍ତୁ ମୋ ଗୁରୁ କୁହନ୍ତି ସଙ୍ଗୀତ ଶିଖିବାର ଗୋଟିଏ ମୁଡ୍ ଥାଏ। ସଙ୍ଗୀତ ହେଉଛି ଏକ ଧ୍ୟାନ। ଶାନ୍ତ ପରିବେଶ ମିଳିଲେ ହିଁ ସଙ୍ଗୀତ ପରିବେଷଣ କରାଯାଇପାରିବ। ରାତି ଅନିଦ୍ରା ହେଉଥିବାରୁ ପତ୍ନୀ ତାଙ୍କୁ ଚା' ପିଇବାକୁ ଦେଉଥାନ୍ତି। ଆଉ ମୋତେ ବି। ସେ ସମୟ ଆଜି ବିଗତ ହୋଇଯାଇଛି ସତ, କିନ୍ତୁ ଆଜି ମୁଁ ଅନୁଭବ କରୁଛି ଯେ, ଜଣେ ସଚ୍ଚା ଗୁରୁ ଥିଲେ ସେ। ଦେଖାଇ ହେବା କି ଆତ୍ମଗର୍ବ ତାଙ୍କର ନ ଥିଲା। ସଙ୍ଗୀତ ଦୁନିଆଁରେ ମୁଁ ଆଜି ସମଗ୍ର ଲୋକଙ୍କ ମନ ଜିଣିପାରିଛି କେବଳ ତାଙ୍କ ପ୍ରେରଣା ପାଇଁ। ଭଗବାନ୍ ଓ ବାପାମାଆଙ୍କ ଆଶୀର୍ବାଦକୁ ବି ଏହାର ଶ୍ରେୟ ଦେବି।

**ଜୀବନର ମୋଡ଼ ବଦଳାଇ ଦେଇଥିଲା ଦିଦିଙ୍କ ଗାଳି : (ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଫୁଟବଲ ଖେଳାଳି)**

ସ୍କୁଲରେ ପାଠ ପଢ଼ିବାବେଳେ ଖେଳ ପିରିୟଡ୍‌ରେ ମୁଁ ଆଦୌ ଖେଳିବାକୁ ଯାଏନି। କିନ୍ତୁ ମୋ ବଡ଼ ଭଉଣୀ ଗୀତାଞ୍ଜଳି ଖୋକେ ଖେଳେ। ସେ ମୋତେ ଖୋକୋ ଖେଳିବା ପାଇଁ କହିଲେ ବି ମୁଁ ତା କଥାକୁ ଏତେ ଗୁରୁତ୍ୱ ଦିଏନି। ଦିନେ ସ୍କୁଲର ଲତିକା ଦିଦି ପଚାରିଲେ ତୋ ବଡ଼ ଭଉଣୀ ତ ଭଲ ଖୋକେ ଖେଳୁଛି, ତୁ କାହିଁକି ଖେଳୁନୁ। କାଲି ଯଦି ଖେଳ ପିରିୟଡରେ ତୁ ଫିଲ୍ଡକୁ ନ ଆସିଥିବୁ, ତା' ହେଲେ ମୁଁ ତୋତେ ପିଟିପିଟି ଖେଳ ପଡ଼ିଆକୁ ଆଣିବି। ଦିଦିଙ୍କର ଏହି ଗାଳି ଶୁଣି ମୁଁ ଡରିଯାଇଥିଲି। ତା ପରଦିନ ଦିଦି ଆସିବା ପୂର୍ବରୁ ମୁଁ ଖେଳ ପିରିୟଡରେ ଯାଇ ପଡ଼ିଆରେ ପହଞ୍ଚିଯାଇଥିଲି। ଦିଦି ବି ମୋତେ ଦେଖି ଖୁବ୍ ଖୁସି ହେଲେ। ତା' ପରେ ଧୀରେ ଧୀରେ ଖେଳ ପ୍ରତି ଆଗ୍ରହ ଆସିଲା। ସେଠାରେ ଫୁଟ୍‌ବଲ୍ କୋଚ୍ ଚନ୍ଦନ ଚନ୍ଦା ଫୁଟ୍‌ବଲ୍ ଖେଳିବା ପାଇଁ ମୋତେ ଉତ୍ସାହିତ କଲେ। ଭଲ ଖେଳିଲେ ମୁଁ ରାଜ୍ୟ ତ ଥ । ଦେଶ ପାଇଁ ବି ଖେଳି ପାରିବି ବୋଲି କହିଲେ। ସେବେଠାରୁ ଖେଳ ମୋର ନିଶା ପାଲଟିଯାଇଥିଲା। ପରେ କଳିଙ୍ଗ ଷ୍ଟାଡିୟମ୍‌ରେ କୋଚ୍ ନନ୍ଦକିଶୋର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଫୁଟ୍‌ବଲ୍ ଖେଳିଲି। ସେ ସବୁବେଳେ କୁହନ୍ତି, ପରିଶ୍ରମର ବିକଳ୍ପ ନାହିଁ। ଖେଳିବାବେଳେ ପ୍ରତିଟି ଭୁଲ୍‌ରେ ସେ ସୁଧାର ଆଣନ୍ତି। ମୋ ଜୀବନରେ ପ୍ରତିଟି ଗୁରୁଙ୍କର ଉତ୍ସାହ ଓ ପ୍ରେରଣା ବାସ୍ତବରେ ମୋ ପାଇଁ ସଫଳତାର ଅସ୍ତ୍ର ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

**ବିଶ୍ୱ ଦରବାରରେ ମୋତେ ପହଞ୍ଚାଇ ଛନ୍ତି ଗୁରୁ : (ଜ୍ୟୋତ୍ସ୍ନା ସାହୁ, ଓଡ଼ିଶୀ ନୃତ୍ୟାଙ୍ଗନା)**

ଶାସ୍ତ୍ର କହେ, ବିଦ୍ୟାରମ୍ଭେ ଗୁରୁ ଶ୍ରେଷ୍ଠ। କିନ୍ତୁ ବେଳେ ବେଳେ ମନରେ ଆସିଥାଏ ପୁସ୍ତକଗତ ବିଦ୍ୟାକୁ ଆହରଣ କରିଦେଲେ ଆମର ଜ୍ଞାନ ଆହରଣ ହୋଇଯିବ। ବାସ୍ତବରେ ପୁସ୍ତକରେ ଲେଖାଥିବା ବାକ୍ୟ ଏବଂ ଶିକ୍ଷାର ପଛରେ ଯେଉଁ ତତ୍ତ୍ୱ ସନ୍ନିହିତ ଥାଏ ତାକୁ କେବଳ ଜଣେ ଅନୁଭୂତିସମ୍ପନ୍ନ ଗୁରୁ ହିଁ ଆମକୁ ଶିଖାଇଥାନ୍ତି। ଆଜି ଯଦି ମୁଁ ରାଜ୍ୟ, ଦେଶ ତଥା ଦେଶ ବାହାରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିବାକୁ ସମର୍ଥ ହୋଇଛି, ତାହା କେବଳ ମୋ ଗୁରୁଙ୍କ ପାଇଁ। ମୋ ଜୀବନରେ ପ୍ରତିଟି ଗୁରୁ ମୋ ପାଇଁ ମାର୍ଗଦର୍ଶକ ହୋଇଛନ୍ତି। ଗୁରୁ ଆଭାନଳିନୀ କୁମାର ମୋ ପାଦକୁ ଧରି ପ୍ରଥମେ ପାଦ ବାଡେଇବାକୁ ଶିଖାଇଥିଲେ। ଆଉ ଆଜି ଯଦି ସେହି ପାଦରେ ମୁଁ ନାଚି ପାରୁଛି କେବଳ ତାଙ୍କରି ପାଇଁ। ଗୁରୁ ସ୍ୱର୍ଗତ ରଘୁନାଥ ଦତ୍ତ ମୋ ଉପରକୁ ବାଡି ଫୋପାଡିଥିଲେ, ଯେଉଁଥିପାଇଁ ମୋର ଡାହାଣ ହାତ ଫାଟି ରକ୍ତ ବାହାରିଥିଲା। କିନ୍ତୁ ସେତେବେଳେ ବାପାମା'ଙ୍କର ସହଯୋଗ ଏବଂ ମୋର ଇଚ୍ଛାଶକ୍ତି ପାଇଁ ମାଡ଼ ଖାଇବାକୁ ଆକ୍ଷେପ ନ କରି ଲକ୍ଷ୍ୟସ୍ଥଳରେ ମୁଁ ଆଗେଇ ଚାଲୁଥିଲି। ତାଙ୍କ ଆଶୀର୍ବାଦରୁ ଆଜି ମୁଁ ତାଙ୍କରି ସ୍ମରଣେ ପ୍ରତିବର୍ଷ ଆୟୋଜିତ କରିପାରୁଛି 'ଗୁରୁ ସ୍ମରଣେ' ଓଡ଼ିଶୀ ନୃତ୍ୟ ଉତ୍ସବ। ଗୁରୁ ମାୟାଧର ରାଉତ, ଗୁରୁ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି ଏବଂ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଠାରୁ ଓଡ଼ିଶୀ ନୃତ୍ୟ ଅଭିନୟର କଳା, କାରୁକାର୍ଯ୍ୟ ଏବଂ ନୃତ୍ୟରେ ଖୁନ୍ଦି ହୋଇ ରହିଥିବା ଅଳଙ୍କାରର ଅଧିକ ଜ୍ଞାନ ଆହରଣ କରି ମୁଁ ଆଜି ବିଶ୍ୱ ଦରବାରରେ ନିଜକୁ ପହଞ୍ଚାଇ ପାରିଛି। ବାସ୍ତବରେ ଗୁରୁଙ୍କ ବିନା ସଫଳତା ହିଁ ଅସମ୍ଭବ।

**ସବୁ ଗୁରୁଙ୍କ ପାଖରୁ କିଛି ନା କିଛି ଶିଖିଥାଏ (ତମନ୍ନା, ଅଭିନେତ୍ରୀ)**

ମୋ ଜୀବନରେ ଅନେକଙ୍କ ନିକଟରୁ ମୁଁ ଅନେକ କଥା ଶିଖିଛି। ସେମାନଙ୍କର ସହଯୋଗ, ଶୁଭେଚ୍ଛା ମୋତେ ଆଜି ଏହି ସ୍ଥାନରେ ପହଞ୍ଚାଇଛି। ବୟସ ଏବଂ ଅଭିଜ୍ଞତା ତୁଳନାରେ ଗୁରୁଙ୍କର ସ୍ଥାନ ସବୁବେଳେ ଊର୍ଦ୍ଧ୍ୱରେ। କେବଳ ବଡ଼ ଲୋକ ନୁହନ୍ତି ଛୋଟ ପିଲାଙ୍କ ନିକଟରୁ ଅନେକ କିଛି ଶିଖିବା କଥାକୁ ମୁଁ କେବେ ଏଡ଼ାଇ ଦିଏନା। ତମେ କାହା ପାଖରୁ କ'ଣ ଶିଖୁଛ ତାହା ନିଜ ଉପରେ ହିଁ ନିର୍ଭର କରିଥାଏ। ମୋର ପ୍ରଥମ ଗୁରୁ ହେଲେ ଓଡ଼ିଆ ସିନେମା ଜଗତର ଗିମିକ ମାଷ୍ଟର ଭାବରେ ପରିଚିତ ନିର୍ଦ୍ଦେଶକ ସଞ୍ଜୟ ନାୟକ। ସେ ମୋତେ ଓଲିଉଡ୍‌ରେ ଏଣ୍ଟ୍ରି କରିବାର ସୁଯୋଗ ଦେଇଥିଲେ। କେବଳ ଅଭିନୟ ନୁହେଁ, ମୁଁ ମଡେଲିଂ ସହ ଜଡିତ। ଗତ ଦୁଇ ବର୍ଷ ଧରି ମୁଁ ବିଭିନ୍ନ ସୁନ୍ଦରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛି। ଏ କ୍ଷେତ୍ରରେ ମୋ ଗୁରୁ ସବ୍ୟସାଚୀ ଶତପଥୀଙ୍କ ଅବଦାନକୁ ମୁଁ କେବେ ଭୁଲିପାରିବି ନାହିଁ। ତାଙ୍କର ଟିପ୍ସ ମୋତେ ମିସ୍ ଓଡ଼ିଶା–୨୦୧୮ର ଟପ୍–୫ ଭିତରେ ସ୍ଥାନ ଦେଇଥିଲା। ଏହାବ୍ୟତୀତ ୨୦୧୯ ଫେମିନା ମିସ୍ ଇଣ୍ଡିଆରେ ଟପ୍ ଟେନ୍ ଫାଇନାଲିଷ୍ଟରେ ରହିବାର ସୁଯୋଗ ପାଇଥିଲି। ଏ କ୍ଷେତ୍ରରେ ସବୁଠାରୁ ଉପରେ ରହିବେ ମୋ ବାପା ବାସୁଦେବ ବ୍ୟାସ। ପ୍ରତିଟି କ୍ଷେତ୍ରରେ ସେ ମୋ ପଛରେ ଛାଇ ପରି ଠିଆ ହୋଇଛନ୍ତି। ତାଙ୍କର ପ୍ରତିଟି କଥାକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିଥାଏ।

**ପ୍ରଭାବିତ କରିଥିଲା ତାଙ୍କର ସଚ୍ଚୋଟପଣିଆ : (ପ୍ରଜ୍ଞା ପ୍ରବର୍ତ୍ତିକା ଦାସ, ଅଧ୍ୟାପିକା)**

ଆଜି ଯେଉଁଠି ବି ପହଞ୍ଚିଛି ଭଗବାନଙ୍କ ଆଶୀର୍ବାଦ ସହ ଗୁରୁଙ୍କର ଯଥେଷ୍ଟ ରହିଛି ଅବଦାନ। ଶିଷ୍ୟର ଜ୍ଞାନରେ ପାରଦର୍ଶିତା ହିଁ ଜଣେ ଗୁରୁଙ୍କ ପାଇଁ ଉପଯୁକ୍ତ ଦକ୍ଷିଣା। ଆଉ ମୋ ଗୁରୁ ଠିକ୍ ସେହିପରି ଥିଲେ। ମୋର ଗ୍ରାଜୁଏଶନ୍ ଏବଂ ପିଏଚ୍‌ଡି ସମୟରେ ଗୋକୁଳି ସାର୍‌ଙ୍କ ଅବଦାନ ମୁଁ ବର୍ଣ୍ଣନା କରିପାରିବି ନାହିଁ। ମୋ ଦ୍ୱାରା ପ୍ରସ୍ତୁତ ବହିକୁ ମୁଁ ତାଙ୍କୁ ହିଁ ସମର୍ପିବାକୁ ଚାହୁଁଥିଲି କିନ୍ତୁ ଦୁର୍ଭାଗ୍ୟବଶତଃ ସେ ସୁଯୋଗ ହାତଛଡା ହୋଇଥିଲା। ଏହି ପୁସ୍ତକକୁ ତାଙ୍କ ଦ୍ୱାରା ଉନ୍ମୋଚନ କରିବାକୁ ଚାହୁଁଥିଲି। କିନ୍ତୁ ଠିକ୍ ଏହାର ଦିନକ ପୂର୍ବରୁ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଜଣେ ନାଟ୍ୟକାର ଥିଲେ। ନାଟକରେ ଅଭିନୟ କଲାବେଳେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ସେ ସବୁବେଳେ କହୁଥିଲେ ପରିଶ୍ରମ କର, ନିଶ୍ଚୟ ଦିନେ ଫଳ ପାଇବ। ନିଷ୍ଠାପରତା ଏବଂ ପରିଶ୍ରମ କ'ଣ ମୁଁ ତାଙ୍କ ଠାରୁ ହିଁ ଶିଖିବାକୁ ପାଇଛି। ପ୍ରତିଟି କାର୍ଯ୍ୟରେ ତାଙ୍କର ସଚ୍ଚୋଟପଣିଆ ମୋତେ ବେଶ୍ ପ୍ରଭାବିତ କରିଥିଲା।

– ଦେବସ୍ମିତା ମହାନ୍ତି

# ପିଲାଙ୍କୁ କରନ୍ତୁ ସଂସ୍କାରୀ

**ଛୋଟ ପିଲା ମାଟି ପିଣ୍ଡୁଳା। ଏହି ସମୟରୁ ସେମାନଙ୍କୁ ଆଚାର ବ୍ୟବହାର ଶିଖାଇଲେ ସେମାନେ ଭବିଷ୍ୟତରେ ନିଜକୁ ଜଣେ ଆଦର୍ଶ ପିଲା ଭାବରେ ଗଢ଼ିପାରିବେ। ତେବେ ଏ ନେଇ ଯେଉଁ କେତୋଟି ବିଷୟ ପ୍ରତି ନଜର ଦେବାକୁ ପଡିଥାଏ ଜାଣନ୍ତୁ ସେ ସମ୍ପର୍କରେ...**

■ ଘରର ମାହୋଲ ଏପରି ରଖନ୍ତୁ ଯେପରିକି ସେ ବଡ଼ମାନଙ୍କ ଆଦର ଓ ସମ୍ମାନ କରିବ।

■ ସାନମାନଙ୍କ ପ୍ରତି ଭଲପାଇବା ଓ ତ୍ୟାଗ ଭାବନା ମଧ୍ୟ ଶିଖାନ୍ତୁ।

■ ବଡ଼ମାନଙ୍କ ବ୍ୟବହାର ଦେଖି ପିଲାମାନେ ନକଲ କରିଥାନ୍ତି। ତେଣୁ ସେମାନଙ୍କ ସାମ୍ନାରେ ଆପଣ ଭଲ ବ୍ୟବହାର କରନ୍ତୁ।

■ ଯଦି ସେ କିଛି ଭୁଲ୍ କରୁଛି ତେବେ ଗାଳି କିମ୍ବା ମାଡ଼ ନ ଦେଇ ଆଦରରେ ବୁଝାନ୍ତୁ।

■ ସତ କହିବାର ମହତ୍ତ୍ୱ ପିଲାକୁ ବୁଝାନ୍ତୁ। ଯଦି ତାକୁ କୌଣସି ପ୍ରତିଶ୍ରୁତି ଦେଉଛନ୍ତି ତେବେ ତାହାକୁ ପୂରଣ କରନ୍ତୁ। ଏପରି ନ କଲେ ସେମାନଙ୍କ





ମନରେ ମଧ୍ୟ ସେଭଳି ଭାବନା ରହିଯିବ।

■ ଯଦି ଆପଣଙ୍କ ପିଲା କିଛି ଭଲ କାମ କରୁଛି ତେବେ ତାକୁ ଖୁସି କରିବା ପାଇଁ ପୁରସ୍କାର ସ୍ୱରୂପ ସାଙ୍ଗସାଥୀଙ୍କ ସହ ଖେଳିବାକୁ ଦିଅନ୍ତୁ ବା ମନ ପସନ୍ଦର ଟିଭି ଚ୍ୟାନେଲ ଦେଖିବାକୁ ଦିଅନ୍ତୁ।

■ ଏପରି ଅନୁଶାସନରେ ବଢ଼ାନ୍ତୁ ଯେପରି ସ୍କୁଲ ଆସିବା ପରେ ସେ ସ୍କୁଲ ବ୍ୟାଗ୍,ଡ୍ରେସ୍ ନିଜ ଜାଗାରେ ରଖିପାରୁଥିବ।

■ ଘରେ ବଡ଼ମାନଙ୍କ ସହ କିପରି କଥାବାର୍ତ୍ତା କରିବ ଶିଖାଇବା ସହ ବାହାର ଲୋକଙ୍କ ସହିତ କିପରି କଥାବାର୍ତ୍ତା ଓ ବ୍ୟବହାର କରିବ ବି ଶିଖାନ୍ତୁ।

■ ପିଲାଙ୍କ ସହ ଉତ୍ତମ ସାଙ୍ଗ ଭଳି ବ୍ୟବହାର କରନ୍ତୁ ଯେପରି କୌଣସି କଥା ଆପଣଙ୍କୁ କହିବାକୁ ସେ ସଙ୍କୋଚ କରିବ ନାହିଁ।

■ ପିଲାକୁ ସରି ବା ଥ୍ୟାଙ୍କ୍ ୟୁ କହିବାର ଅଭ୍ୟାସ କରାନ୍ତୁ।



# ଚେହେରା ଅନୁସାରେ ଇୟରିଂ

ଫ୍ୟାଶନ୍



**ବଜାରରେ ବିଭିନ୍ନ ପ୍ରକାରର ଇୟରିଂ ମିଳିଥାଏ। ହେଲେ କେଉଁ ଇୟରିଂ କିଭଳି ଚେହେରାକୁ ମାନିବ ଏନେଇ ଅନେକେ ଦ୍ୱନ୍ଦ୍ୱରେ ପଡିଯାଆନ୍ତି। ଏହି ଦ୍ୱନ୍ଦ୍ୱକୁ ଦୂରେଇବା ପାଇଁ ଆପଣାନ୍ତୁ ନିମ୍ନୋକ୍ତ କିଛି ଟିପ୍ସ..**

**ଲମ୍ବା ଚେହେରା** – ଯଦି ଆପଣଙ୍କ ଚେହେରାର ଆକାର ଲମ୍ବା ତେବେ ଲମ୍ବା ଇୟର ରିଙ୍ଗ୍‌ସ ପିନ୍ଧନ୍ତୁ ନାହିଁ। ଏହା ବଦଳରେ ଛୋଟ ଛୋଟ ଷ୍ଟଡ୍ ବା ଡ୍ରାପ୍ ଇୟର ରିଙ୍ଗ୍‌ସ ପିନ୍ଧିପାରିବେ। ଏହା ଆପଣଙ୍କ ଚେହେରାକୁ ଚଉଡା ଦେଖାଇବା ସହ ଏକ ଅଲଗା ଲୁକ୍ ଦେଇଥାଏ।

**ଓଭାଲ୍ ଚେହେରା** – ଯଦି ଆପଣଙ୍କ ଚେହେରା ଚଉଡା, ତେବେ ଯେକୌଣସି ଇୟର ରିଙ୍ଗ୍‌ସ ଆପଣଙ୍କୁ ମାନିବ। କିନ୍ତୁ ଧ୍ୟାନ ରଖନ୍ତୁ ଯେପରିକି ବହୁତ ଲମ୍ବା ଇୟର ରିଙ୍ଗ୍‌ସ ପିନ୍ଧିବେ ନାହିଁ। କାରଣ ଏହା ଆପଣଙ୍କ ଚେହେରାକୁ ମାନିବ ନାହିଁ।

**ଗୋଲ୍ ଚେହେରା** – ଯଦି ଆପଣଙ୍କ ଚେହେରା ଗୋଲ୍ ଆକାରର, ତେବେ ଏପରି ଇୟର ରିଙ୍ଗ୍‌ସ ପିନ୍ଧନ୍ତୁ ଯାହାଦ୍ୱାରା ଚେହେରା ଫୁଲ୍ ଫୁଲ୍ ଲାଗିବ। କମ୍ ଲମ୍ବା ଥିବା ଏବଂ ଜ୍ୟୋମେଟ୍ରିକାଲ୍ ସେପ୍‌ର ଇୟର ରିଙ୍ଗ୍‌ସ ପିନ୍ଧିପାରିବେ। ଏହା ଆପଣଙ୍କୁ ବେଶ୍ ମାନିବ।

**ଡାଇମଣ୍ଡ ଆକାର ଚେହେରା** – ଯଦି ଆପଣଙ୍କ ଚେହେରା ଡାଇମଣ୍ଡ୍ ଆକାରର ତେବେ ଲମ୍ବା ଏବଂ କଭର୍ସ(ସମ୍ପୂର୍ଣ୍ଣ କାନକୁ କଭର କରୁଥିବା) ଇୟର ରିଙ୍ଗ୍‌ସ ପିନ୍ଧନ୍ତୁ। ଏହା ଆପଣଙ୍କୁ ଭଲ ଲାଗିବ। ଆପଣ ଚାହିଁଲେ ଅଧିକ ଷ୍ଟୋନ୍ ଥିବା ବା ହୁପ୍‌ର ଇୟର ରିଙ୍ଗ୍‌ସ ପିନ୍ଧିପାରିବେ।

“ଶନିବାର ଫର୍ମୁଲା ଟୁ ରେସ୍‌ରେ ଆନ୍ଥୋନୀ ହବର୍ଟଙ୍କ ମୃତ୍ୟୁ ଘଟଣା ରବିବାର ବେଲଜିଆନ ଗ୍ରାଁ ପ୍ରିରେ ଦାୟିତ୍ୱ ତୁଲାଇବା ମୋ ପାଇଁ କଷ୍ଟକର ଥିଲା ।

–ଲୁଇସ ହାମିଲଟନ, ମର୍ସିଡିଜ ଡ୍ରାଇଭର



“ଆସନ୍ତା ବିଶ୍ୱକପ୍ କ୍ୱାଲିଫାଇଙ୍ଗ ମ୍ୟାଚଗୁଡ଼ିକ ଭାରତୀୟ ଫୁଟ୍‌ବଲ ଦଳ ପାଇଁ ପ୍ରକୃତ ପରୀକ୍ଷା ହେବ। ଆମେ ଭଲ କରିବା ନେଇ ଆଶାବାଦୀ ।

–ଉଦାନ୍ତ ସିଂ, ଭାରତୀୟ ଫୁଟ୍‌ବଲର



## ସଂକ୍ଷେପରେ

### ଟେଷ୍ଟରେ ପଦାର୍ପଣ କରିବେ ଭାରତୀୟ ଅମ୍ପାୟର ମେନନ



**ମୁମ୍ବାଇ,୨।୯(ପିଟି):** ଭାରତୀୟ ଅମ୍ପାୟର ନିତୀନ ମେନନ ଟେଷ୍ଟ ମ୍ୟାଚ୍‌ରେ ପଦାର୍ପଣ କରିବାକୁ ଯାଉଛନ୍ତି। ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଡେରାଡୁନଠାରେ ନଭେମ୍ବର ୨୭ ତାରିଖଠାରୁ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ସେ ଅନ୍ତର୍ଜାତୀୟ ଟେଷ୍ଟ ପଦାର୍ପଣ କରିବେ। ବିସିସିଆଇ ଅନୁଯାୟୀ, ନିତୀନ ପୂର୍ବତନ ଅନ୍ତର୍ଜାତୀୟ ଅମ୍ପାୟର ନରେନ୍ଦ୍ର ମେନନଙ୍କ ପୁଅ। ସେ ବାପାଙ୍କ ପଥରେ ଚାଲି ରାଜ୍ୟ ପାନେଲ ଅମ୍ପାୟର ହୋଇଥିଲେ। ୨୦୦୬ରେ ସର୍ବଭାରତୀୟ ଅମ୍ପାୟର ପରୀକ୍ଷାରେ ସେ ଉତ୍ତୀର୍ଣ୍ଣ ହୋଇଥିଲେ। ୨୦୦୭-୦୮ ସିଜନରୁ ଘରୋଇ କ୍ରିକେଟ ମ୍ୟାଚ୍ ପରିଚାଳାନ କରିବା ଆରମ୍ଭ କରିଛନ୍ତି। ୫୭ ପ୍ରଥମ ଶ୍ରେଣୀ ବ୍ୟତୀତ ନିତୀନ ୨୨ ଅନ୍ତର୍ଜାତୀୟ ଦିନିକିଆ, ୯ ଟି୨୦ ଓ ୪୦ ଆଇପିଏଲ ମ୍ୟାଚ୍‌ରେ ଅମ୍ପାୟର ଦାୟିତ୍ୱ ତୁଲାଉଛନ୍ତି। ଆଇସିସି ପ୍ୟାନେଲରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଥିବା ନିତୀନ ବିସିସିଆଇକୁ ସାହାଯ୍ୟ ପାଇଁ ଧନ୍ୟବାଦ୍ ଜଣାଇଛନ୍ତି।

### ମିଆଁଦାଦଙ୍କ ଧମକ




**ନୂଆଦିଲ୍ଲୀ,୨।୯:** ଜମ୍ମୁ-କଶ୍ମୀର ଯେଉଁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଥିଲା ତାହା ଉଠାଇ ନିଆଯିବାରୁ ପ୍ରତିବାଦ ସ୍ୱରୂପ ପାକିସ୍ତାନର ପୂର୍ବତନ କ୍ରିକେଟ ଅଧିନାୟକ ଜାଭେଦ ମିଆଁଦାଦଙ୍କ ନେତୃତ୍ୱରେ ଏକ ଗୋଷ୍ଠୀ ଲାଇନ ଅଫ୍ କଣ୍ଟ୍ରୋଲ (ଏଲଓସି) ଆଡ଼କୁ ଏକ ଶୋଭାଯାତ୍ରାରେ ବାହାରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବିକ୍ଷୋଭ ବେଳେ ମିଆଁଦାଦ ଭାରତୀୟଙ୍କୁ ଖଣ୍ଡାରେ ନିପାତ କରିବାକୁ ଧମକ ଦେଇଛନ୍ତି। ସେ କହିଛନ୍ତି, କଶ୍ମୀର ଭାଇମାନେ ଚିନ୍ତା କରନ୍ତୁ ନାହିଁ। ଆମେ ତୁମ ସାଥିରେ ଅଛୁ। ମୋ ପାଖରେ ପୂର୍ବରୁ ବ୍ୟାଟ ଥିଲା ଛକା ଲଗାଉଥିଲି। ଏବେ ଖଣ୍ଡା ଅଛି। ଯଦି ମୁଁ ବ୍ୟାଟରେ ଛକା ମାରିପାରେ, ଖଣ୍ଡାରେ ଲୋକମାନଙ୍କୁ କାହିଁକି ହତ୍ୟା କରିପାରିବି ନାହିଁ। ଅଗଷ୍ଟ ୫ ତାରିଖରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀର ରାଜ୍ୟକୁ ମିଳିଥିବା ସ୍ୱତନ୍ତ୍ର ମାନ୍ୟତା ଉଠାଇ ଦେଇଛନ୍ତି। ଏହାପରେ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ପାକିସ୍ତାନ ପକ୍ଷରୁ ହେଉଥିବା ବିକ୍ଷୋଭରେ ମିଆଁଦାଦଙ୍କ ବ୍ୟତୀତ ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦୀ ମଧ ସାମିଲ ହୋଇଥିଲେ।

## ବିଶ୍ୱ ମାର୍ଶାଲ ଆର୍ଟ ମାଷ୍ଟରଶିପ୍ ପ୍ରତିଯୋଗିତା

# ଜୁଜୁଟ୍‌ସୁ କଣ୍ଟାକ୍ଟରେ ଅନୁପମାଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୨।୯(କ୍ରୀଡ଼ା ପ୍ରତିନିଧି)**

ଦକ୍ଷିଣ କୋରିଆର ଚୁଙ୍ଗଜୁଠାରେ ଚାଲିଥିବା ବିଶ୍ୱ ମାର୍ଶାଲ ଆର୍ଟ ମାଷ୍ଟରଶିପ୍ ପ୍ରତିଯୋଗିତାରେ ଭାରତରୁ ଏକମାତ୍ର ଏଲାଇଟ ଖେଳାଳିଭାବେ ଅଂଶଗ୍ରହଣ କରିଥିବା ଉତ୍କଳ କରାଟେ ସ୍କୁଲର ଅନୁପମା ସ୍ୱାଇଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ପ୍ରତିଯୋଗିତାର ଜୁଜୁଟ୍‌ସୁ କଣ୍ଟାକ୍ଟ ବିଭାଗରେ ଏହି ସଫଳତା ପାଇଛନ୍ତି। ଅନୁପମା ଜୁଜୁଟ୍‌ସୁ ନେୱାଜା ବିଭାଗରେ ମଧ ଚମତ୍କାର ପ୍ରଦର୍ଶନ କରିଥିଲେ। ତେବେ ପଦକ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ବିଶ୍ୱ ସଂଘ ଦ୍ୱାରା ଅନୁପମାଙ୍କୁ ବିଶ୍ୱର ଜଣେ ଏଲାଇଟ ଖେଳାଳିଭାବେ ସ୍ୱୀକୃତି ମିଳିଥିବାରୁ ତାଙ୍କର ସମସ୍ତ ଖର୍ଚ୍ଚ ୱାର୍ଲ୍ଡ ମାର୍ଶାଲ ଆର୍ଟ ମାଷ୍ଟରଶିପ୍ ଆୟୋଜକ କମିଟି ବହନ କରୁଛି। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ଜଣେ ଅନ୍ତର୍ଜାତୀୟ କରାଟେ ଖେଳାଳି ହେବା ସହ ଶକ୍ତି ଉତ୍ତୋଳନରେ ଏସିଆ ଚାମ୍ପିୟନ, ଜୁଜୁଟ୍‌ସୁରେ ବିଶ୍ୱମାନ୍ୟତାପ୍ରାପ୍ତ ଥାଇଲାଣ୍ଡ ଓପନରେ ସ୍ୱର୍ଣ୍ଣ ପଦକ ବିଜୟିନୀ। ବହୁମୁଖୀ ପ୍ରତିଭାର ଅଧିକାରିଣୀ ଅନୁପମା ଉତ୍କଳ କରାଟେ ସ୍କୁଲରେ ଡ. ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ ଜାରି ରଖିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଉତ୍କଳ କରାଟେ ସ୍କୁଲ ମୁଖ୍ୟ ହରିପ୍ରସାଦ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି।



ବ୍ରୋଞ୍ଜ ପଦକ ସହ ପୋଡିୟମରେ ଅନୁପମା ସ୍ୱାଇଁ (ଡାହାଣରୁ ଦ୍ୱିତୀୟ)।

ଅନୁପମା ଏକସଙ୍ଗରେ ମିକ୍ସଡ ମାର୍ଶାଲ ଆର୍ଟ, କରାଟେ, ଶକ୍ତି ଉତ୍ତୋଳନ, ସ୍ପୋର୍ଟ୍ସ କ୍ଲାଇମ୍ବିଂ, ରେସଲିଂ ଓ ଶୁଟିଂରେ ନିଜ ଦକ୍ଷତା ପ୍ରତିପାଦନ କରିବାରେ ସକ୍ଷମ ହୋଇଛନ୍ତି। କରାଟେରେ ସେ ଜଣେ ଅନ୍ତର୍ଜାତୀୟ ପଦକଧାରୀ। ୨୦୧୯ ଜୁଲାଇ ୨୬ରୁ ୨୮ ପର୍ଯ୍ୟନ୍ତ କଲିକତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଆମନ୍ତ୍ରଣୀୟ କରାଟେ ଚାମ୍ପିୟନଶିପ୍‌ରେ ସେ ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ହାସଲ କରିଥିଲେ। ୨୦୧୬ ଏପ୍ରିଲ ୭ରୁ ୧୦ ପର୍ଯ୍ୟନ୍ତ ଦୁବାଇରେ ଅନୁଷ୍ଠିତ ପ୍ରଥମ ବିଶ୍ୱ କରାଟେ ପ୍ରିମିୟର ଲିଗ୍‌ରେ ସେ ଭାଗ ନେଇଥିଲେ ଏବଂ ୧ ପଏଣ୍ଟ ଅର୍ଜନ କରିଥିଲେ। ୨୦୧୫ ସେପ୍ଟେମ୍ବର ୧୮ରୁ ୨୦ ପର୍ଯ୍ୟନ୍ତ ନୂଆଦିଲ୍ଲୀର ତାଲକୋଟ୍ରା ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୮ମ ରାଜ୍ୟଗୋଷ୍ଠୀ କରାଟେ ଚାମ୍ପିୟନଶିପ୍‌ର ମହିଳା ୫୫ କେଜିରେ ଭାଗନେଇ ସେ ୫ମ ସ୍ଥାନ ଅଧିକାର କରିଥିଲେ। ୨୦୧୮ ସେପ୍ଟେମ୍ବର ୨୬ରୁ ୩୦ ପର୍ଯ୍ୟନ୍ତ ଲକ୍ଷ୍ନୌରେ ଆୟୋଜିତ ନ୍ୟାଶନାଲ କ୍ଲାସିକ ଶକ୍ତି ଉତ୍ତୋଳନ ଚାମ୍ପିୟନଶିପ୍‌ର ସିନିୟର ମହିଳା ୫୨ କେଜି କାଟେଗୋରିରେ ସେ ବ୍ରୋଞ୍ଜ ପଦକ ପାଇଥିଲେ। ୨୦୧୭ ଡିସେମ୍ବର ୪ରୁ ୯ ପର୍ଯ୍ୟନ୍ତ କେରଳର ଆଲାପୁଝାଠାରେ ଅନୁଷ୍ଠିତ ଏସିଆନ କ୍ଲାସିକ ପାୱାରଲିଫ୍ଟିଂ ଚାମ୍ପିୟନଶିପ୍‌ର ମହିଳା ୫୨ କେଜି ଅନ୍‌ଇକ୍ୟୁପଡ୍ କାଟେଗୋରିରେ ସେ ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ଜିତି ନିଜ ଦକ୍ଷତା ପ୍ରତିପାଦନ କରିଥିଲେ। ସେ ସ୍କ୍ୱାଟ୍‌ରେ ୧୩୨, ବେଞ୍ଚପ୍ରେସ୍‌ରେ ୬୫ ଏବଂ ଡେଡ୍‌ଲିଫ୍ଟରେ ୧୨୭.୫ ଏହିପରି ମୋଟ ୩୨୫ କେଜି ଶକ୍ତି ଉତ୍ତୋଳନ କରିଥିଲେ। ୨୦୧୬ରେ ଭୁବନେଶ୍ୱରରେ ଅନୁଷ୍ଠିତ ଯୋଦ୍ଧା ଫାଇଟିଂ ଚାମ୍ପିୟନଶିପ୍‌ରେ ମଧ ତାଙ୍କ କଳାକୌଶଳ ସମସ୍ତଙ୍କୁ ବିସ୍ମିତ କରିଥିଲା। ମା ପ୍ରେମଲତା ଓ ପିତା ପ୍ରସନ୍ନ କୁମାର ସ୍ୱାଇଁଙ୍କ ସୁକନ୍ୟା ଅନୁପମାଙ୍କ ଘର କେନ୍ଦୁଝର ଜିଲା ସାରସ ଗ୍ରାମରେ। ୨୦୧୦ରେ ଉତ୍କଳ କରାଟେ ସ୍କୁଲରେ ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରଶିକ୍ଷଣରେ ନିଜ କ୍ରୀଡ଼ା କ୍ୟାରିୟର ଆରମ୍ଭ କରିଥିବା ଏହି ପ୍ରତିଭାଧାରୀ ଖେଳାଳି ଏବେ ଓଡ଼ିଶା ପୋଲିସରେ କାର୍ଯ୍ୟରତ।




ଅନୁପମାଙ୍କୁ ମିଳିଥିବା ମାନପତ୍ର।

### ଅଷ୍ଟ୍ରେଲିଆ କ୍ୟାମ୍ପରେ ପୁଣି ଷ୍ଟିଭ୍ ୱ

**ମାଞ୍ଚେଷ୍ଟର, ୨।୯ (ପି.ଟି.):** ଇଂଲଣ୍ଡ ବିପକ୍ଷ ଚଳିତ ଆଶେସ ସିରିଜର ଶେଷ ଦୁଇଟି ମ୍ୟାଚ ପାଇଁ ପୂର୍ବତନ ଅଧିନାୟକ ଷ୍ଟିଭ ୱ ମେଣ୍ଟର ଭାବେ ପୁନର୍ବାର ଅଷ୍ଟ୍ରେଲିଆ କ୍ରିକେଟ ଦଳରେ ଯୋଗଦେଇଛନ୍ତି। ଏହାଦ୍ୱାରା ହେଡିଙ୍ଗଲେରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଅଷ୍ଟ୍ରେଲିଆ ଦଳର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଲିଡ୍ସଠାରେ ଗତ ଅଗଷ୍ଟ ୨୫ରେ ତୃତୀୟ ଟେଷ୍ଟର ଚତୁର୍ଥ ଦିବସ ଖେଳରେ ଅଷ୍ଟ୍ରେଲିଆ ବିଜୟ ଆଡ଼କୁ ଅଗ୍ରସର ହେଉଥିବାବେଳେ ବେନ ଷ୍ଟୋକ୍ସ (୧୩୫) ଏବଂ ଜ୍ୟାକ ଲିଚ୍ ଅନ୍ତିମ ଉଇକେଟରେ ଲଢୁଆ ୭୬ ରନ ଯୋଗ କରି ଇଂଲଣ୍ଡକୁ ଜିତାଇ ଦେଇଥିଲେ। ଓଲ୍ଡ ଟ୍ରାଫୋର୍ଡଠାରେ ଚତୁର୍ଥ ଟେଷ୍ଟ ବୁଧବାର ଆରମ୍ଭ ହେବ। ୱ ଏହା ପୂର୍ବରୁ ରବିବାର ରାତିରେ ମାଞ୍ଚେଷ୍ଟରରେ ପହଞ୍ଚିଛନ୍ତି। ପୂର୍ବରୁ ସେ ବର୍ମିଂହାମ୍ ଏବଂ ଲଣ୍ଡନଠାରେ ଅନୁଷ୍ଠିତ ପ୍ରଥମ ଦୁଇ ଟେଷ୍ଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଦଳର ମେଣ୍ଟର (ଉପଦେଷ୍ଟା)ଭାବେ କାର୍ଯ୍ୟ କରିସାରିଛନ୍ତି। ତୃତୀୟ ଟେଷ୍ଟ ବେଳେ ତାଙ୍କୁ ଦଳ ସହିତ ରହିବା ଲାଗି କୁହାଯାଇଥିଲା। ମାତ୍ର ଏକ ଘରୋଇ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ସେ ସ୍ୱଦେଶ ଚାଲିଯାଇଥିଲେ। ପଣ୍ଟିଂ ଓ ଷ୍ଟିଭ ୱ କେବଳ ଅଭିଜ୍ଞ ଉପଦେଷ୍ଟା ଭଳି କାର୍ଯ୍ୟ କରି ନ ଥାନ୍ତି, ଉଭୟେ ଜଣେ ଜଣେ ମନସ୍ତତ୍ତ୍ୱବିତ୍ ମଧ୍ୟ। ବେଜିଂରେ ୨୦୦୮ ଏବଂ ୨୦୧୨ରେ ଲଣ୍ଡନ ଗେମ୍ସ ବେଳେ ୱ ଅଷ୍ଟ୍ରେଲିଆ ଅଲିମ୍ପିକ ଦଳର ମେଣ୍ଟର ଭାବେ ସଫଳତାର ସହିତ ଦାୟିତ୍ୱ ତୁଲାଇଛନ୍ତି।

## ସିରିଜ କବ୍‌ଜା କଲା ଭାରତ-ଏ

**ଥିରୁଭାନନ୍ତପୁରମ, ୨।୯ (ପି.ଟି.):** ଭ୍ରମଣକାରୀ ୱେଷ୍ଟଇଣ୍ଡିଜ-ଏ ବିପକ୍ଷରେ ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ୩ୟ ଅନ୍‌ଅଫିସିଆଲ୍ ଦିନିକିଆ ମ୍ୟାଚ୍‌କୁ ଭାରତ-ଏ ୪ ଉଇକେଟ୍‌ରେ ଜିତିନେଇଛି। ପୂର୍ବରୁ ପ୍ରଥମ ଓ ୨ୟ ଦିନିକିଆ ଜିତିଥିବା ଭାରତ-ଏ ଏଥିସହ ସିରିଜକୁ ୩-୦ରେ ଆଗୁଆ କବ୍‌ଜା କରିନେଇଛି। ସିରିଜର ୪ର୍ଥ ମ୍ୟାଚ୍ ବୁଧବାର ଏହି ଗ୍ରାଉଣ୍ଡରେ ଖେଳାଯିବ।

ବର୍ଷା ବାଧାପ୍ରାପ୍ତ ଯୋଗୁ ସୋମବାର ଖେଳାଯାଇଥିବା ଏହି ମ୍ୟାଚ୍‌କୁ ୩୦ ଓଭର ବିଶିଷ୍ଟ କରାଯାଇଥିଲା। ଦକ୍ଷିଣ ଆଫ୍ରିକା-ଏ ଅଧିନାୟକ ତେମ୍ବା ବାଭୁମା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଉଇକେଟ୍‌କିପର ହେନରୀ କ୍ଲାସେନ (୪୪ ରନ୍, ୨୧ ବଲ୍)ଙ୍କ ଦ୍ରୁତ ବ୍ୟାଟିଂ ସାଙ୍ଗକୁ ଓପନର୍ ଜାନେମନ୍ ମଲାନ (୩୭ ରନ), ମାଥ୍ୟୁ ବ୍ରିଟଜକେ (୩୬) ଓ ବାଭୁମା (୨୭)ଙ୍କ ଉପଯୋଗୀ ଇନିଂସ ବଳରେ ଦଳ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ୍ ହରାଇ ୨୦୭ ରନ୍ ସଂଗ୍ରହ କରିଥିଲା। ଭାରତ-ଏ ପକ୍ଷରୁ ଦୀପକ ଚହର ଓ କ୍ରୁନାଲ ପାଣ୍ଡ୍ୟା ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଭାରତ-ଏ ପ୍ରାରମ୍ଭରୁ ଓପନର୍ ଋତୁରାଜ ଗାଏକ୍ୱାଡ (୧) ଓ ରିକି ଭୁଇ (୦)ଙ୍କ ଉଇକେଟ୍ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ମନୀଷ ପାଣ୍ଡେ (୮୧ ରନ୍, ୫୯ ବଲ୍, ୩ ଚୌକା, ୫ ଛକା)ଙ୍କ ଅଧିନାୟକତ୍ୱ ଇନିଂସ ବଳରେ ଦଳ ୨୭.୫ ଓଭରରେ ୬ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉଇକେଟ୍‌କିପର ଇଶାନ କିଶାନ ୪୦, ଶିଭମ ଦୁବେ ୪୫* ଏବଂ କ୍ରୁନାଲ ପାଣ୍ଡ୍ୟା ଓ ନୀତୀଶ ରାଣା ୧୩ ରନ ଲେଖାଏ କରିଥିଲେ। ଏନ୍‌ରିଚ୍ ନର୍ଟେଜ ଓ ଜର୍ଜ ଲିଣ୍ଡେଙ୍କୁ ୨ଟି ଲେଖାଏ ଉଇକେଟ୍ ମିଳିଥିଲା। ମ୍ୟାଚ୍ ବିଜୟୀ ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ ଲାଗି ମନୀଷ ପାଣ୍ଡେଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ଏ'- ୨୦୭/୮, ୩୦ ଓଭର (କ୍ଲାସେନ ୪୪, ମଲାନ ୩୭, ଖୟା ଜୋଣ୍ଡୋ ୨୧, କ୍ରୁନାଲ ୨/୨୩, ଦୀପକ ୨/୪୨)। ଭାରତ ଏ'- ୨୦୮/୬, ୨୭.୫ ଓଭର (ପାଣ୍ଡେ ୮୧, ଦୁବେ ୪୫*, ଇଶାନ ୪୦, ଅକ୍ଷର ପଟେଲ ୭*, ନର୍ଟେଜ ୨/୪୧)।

## ଫିଫା ପୁରସ୍କାର

# ଦୌଡ଼ରେ ଭାନ୍ ଡିକ୍, ରୋନାଲ୍ଡୋ, ମେସି

**ରୋମ୍, ୨।୯ (ଏଏଫ୍‌ପି)**

ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଆସୋସିଏଶନ୍ସ(ଫିଫା)ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଁ କରାଯାଇଥିବା ସଂକ୍ଷିପ୍ତ ତାଲିକାରେ ଲିଭରପୁଲ୍ ସେଣ୍ଟର ବ୍ୟାକ୍ ଭର୍ଜିଲ ଭାନ୍ ଡିକ୍ ସ୍ଥାନ ପାଇଛନ୍ତି। ଏହି ଖେଳାଳି ଜଣକ ନିକଟରେ ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ୍ସ (ୟୁଫା)ର ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ହାସଲ କରିସାରିଛନ୍ତି। ନେଦରଲାଣ୍ଡ୍ସର ଏହି ଅନ୍ତର୍ଜାତୀୟ ଖେଳାଳି ଗତ ସପ୍ତାହରେ କ୍ରିଷ୍ଟିଆନୋ ରୋନାଲ୍‌ଡୋ ଏବଂ ଲିଓନେଲ ମେସିଙ୍କୁ ପଛରେ ପକାଇ ୟୁରୋପିଆନ ଟାଇଟଲ ଜିତିଥିଲେ। ବର୍ତ୍ତମାନ ଏହି ୩ଜଣ ପୁଣି ସମ୍ମାନଜନକ ଫିଫା ପୁରସ୍କାର ଦୌଡ଼ରେ ଅଛନ୍ତି। ଲିଭରପୁଲ୍‌ର ଚାମ୍ପିୟନ୍ସ ଲିଗ୍ ଅଭିଯାନରେ ଭାନ୍ ଡିକ୍ ବିଶେଷ ଭୂମିକା ଗ୍ରହଣ କରିଥିଲେ। ସେହିପରି ବର୍ଷର ଶ୍ରେଷ୍ଠ ମହିଳା ଖେଳାଳି ପୁରସ୍କାର ସଂକ୍ଷିପ୍ତ ତାଲିକାରେ ଇଂଲଣ୍ଡର ଫୁଲ୍-ବ୍ୟାକ୍ ଲୁସି ବ୍ରୋଞ୍ଜ୍ ରହିଛନ୍ତି, ଯିଏକି ୟୁଫାର ମହିଳା ପୁରସ୍କାର ଜିତିସାରିଛନ୍ତି। ତାଲିକାରେ ବିଶ୍ୱକପ୍ ବିଜୟୀ ଆମେରିକା ଦଳର ଦୁଇ ଖେଳାଳି ମେଗାନ୍ ରାପିନୋ ଏବଂ ଆଲେକ୍ସ ମୋର୍ଗାନ ଅଛନ୍ତି। ସେହିପରି ଶ୍ରେଷ୍ଠ ପୁରୁଷ କୋଚ୍ ଦୌଡ଼ରେ ମାଞ୍ଚେଷ୍ଟର ସିଟି ମୁଖ୍ୟ ପେପ୍ ଗର୍ଡିଓଲା, ଲିଭରପୁଲ୍‌ର ଜର୍ଜେନ କ୍ଲୋପ୍ ଏବଂ ମୌରିକୋ ପୋଚେଟିନୋ ରହିଛନ୍ତି। ସେହିପରି ମହିଳା କୋଚ୍ ସଂକ୍ଷିପ୍ତ ତାଲିକାରେ ଇଂଲଣ୍ଡକୁ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରାଇଥିବା ଫିଲ୍ ନେଭିଲ୍, ଆମେରିକାର ଜିଲ୍ ଏଲିସ୍ ଏବଂ ୟୁରୋପିଆନ ଚାମ୍ପିୟନ ନେଦରଲାଣ୍ଡ୍ସକୁ ବିଶ୍ୱକପ୍ ଫାଇନାଲରେ ପହଞ୍ଚାଇଥିବା ସାରିନା ୱେମ୍ୟାନ।




ଲିଓନେଲ ମେସି, ଭାନ୍ ଡିକ୍ ଓ କ୍ରିଷ୍ଟିଆନୋ ରୋନାଲ୍‌ଡୋ।



ସୋମବାର ଦ୍ୱିତୀୟ ଦିବସରେ ଚେସ୍ ଖେଳରେ ନିମଗ୍ନ ପ୍ରତିଯୋଗୀ।

## କୁଳମଣି ତ୍ରିପାଠୀ ସ୍ମାରକୀ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଟ୍ରଫି ଉନ୍ମୋଚିତ

# ୫ମ ରାଉଣ୍ଡ ଶେଷ ସୁଦ୍ଧା ୫ ଅଗ୍ରଣୀ

**କଟକ ଅଫିସ,୨।୯**

ଷ୍ଟେଶନବଜାରସ୍ଥିତ ପୂର୍ବତଟ ରେଲୱେ ପ୍ରତିଷ୍ଠାନରେ ଏସ୍.ଆର୍. ଚେସ୍ ସେଣ୍ଟର ଦ୍ୱାରା ଚାଲିଥିବା ଦ୍ୱିତୀୟ କୁଳମଣି ତ୍ରିପାଠୀ ସ୍ମାରକୀ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତାରେ ସୋମବାର ସୁଦ୍ଧା ୫ ରାଉଣ୍ଡ ଖେଳ ଶେଷ ହୋଇଛି। ହର୍ଷିତ ରଞ୍ଜନ ସାହୁ, ଶ୍ରୀୟଂଶ ଦାସ, ପ୍ରିୟଂଶ ଦାସ, ପି. ସାଇରୂପା, ପ୍ରତ୍ୟୁଷ ମହାପାତ୍ର ୫ ପଏଣ୍ଟ ଲେଖାଏ ପାଇ ଅଗ୍ରଣୀ ରହିଛନ୍ତି। ଜଗଦୀଶ ବାରିକ, ସୂର୍ଯ୍ୟ ପ୍ରାଞ୍ଜଳ ଇନ୍ଦ୍ରଜିତ ଏବଂ ସ୍ୱପ୍ନିଲ ପ୍ରିୟଦର୍ଶୀ ୪.୫ ପଏଣ୍ଟ ସହ ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସୋମବାର ଅନୁଷ୍ଠିତ ପଞ୍ଚମ ରାଉଣ୍ଡରେ ହର୍ଷିତ-ଓମ୍ ଆଦିତ୍ୟ ଖାଡାଙ୍ଗାଙ୍କୁ, ଶ୍ରୀୟଂଶ-ପ୍ରକୃତି ରାଉତଙ୍କୁ, ପ୍ରୀୟଂଶ-ପ୍ରତ୍ୟୁଷ ନାୟକଙ୍କୁ, ପି.ସାଇରୂପା-ନିଖିଲ ସାହୁଙ୍କୁ, ପ୍ରତ୍ୟୁଷ-ବିଶ୍ୱପ୍ରୀତ ରାୟଙ୍କୁ ପରାସ୍ତ କରିଥିବା ବେଳେ ଜଗଦୀଶ ବାରିକ ଏବଂ ଏସ୍.ପି. ସୂର୍ଯ୍ୟ ପ୍ରାଞ୍ଜଳ ଇନ୍ଦ୍ରଜିତଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ରହିଥିଲା। ପଲକ ମହାପାତ୍ର, ଆୟୁଷ ଆର୍ଯ୍ୟନ ମହାପାତ୍ର, ସାଇସ୍ୱରୂପ ମିଶ୍ର, ବିକାଶ କୁମାର ଲେଙ୍କା, ଅନିରୁଦ୍ଧ ସାହୁ, ଶ୍ରେୟାଂଶ ହୋତା, ଶ୍ରୀୟଂଶ ଦେ, ସିଦ୍ଧାର୍ଥ ଭୂୟାଁ, ରିତୁପର୍ଣ୍ଣା ତ୍ରିପାଠୀ, ସୌରଭ କର, ଅନୁଜ ସୁବୁଦ୍ଧି, ଅଞ୍ଜଳି ମିଶ୍ର, ତୁଷାର ଦାସ, ପିୟୁଷ କୁମାର ସାହୁ, ଅଭିଷେକ କର, ଦିବ୍ୟସିଂ ରାୟ, ଓମ୍ ଆଦିତ୍ୟ ରାଉତ, ଶିବାଶିଷ ସିଂ, ଗୁଡ଼ି ସ୍ନେହି, ସ୍ୱସ୍ତିକ ସୁଭମ ପଟ୍ଟନାୟକ, ସିଦ୍ଧାର୍ଥ ମିଶ୍ର, ଆଦିତ୍ୟ ବିକ୍ରମ ମିଶ୍ର, ଶୁଭ ସୁନ୍ଦର ବେହେରା ପ୍ରମୁଖ ଖେଳାଳି ୪ ପଏଣ୍ଟ ସହ ମିଳିତ ଭାବେ ତୃତୀୟ ସ୍ଥାନରେ ଅଛନ୍ତି।

କଟକ ଜିଲା ଚେସ୍ ସଂଘର ସଭାପତି ବିବେକ କୁମାର ତିବ୍ରେୱାଲ, ବରିଷ୍ଠ ଉପସଭାପତି ସନ୍ତୋଷ କୁମାର ପୃଷ୍ଟି, ସାମାଜିକକର୍ମୀ କୃଷ୍ଣଚନ୍ଦ୍ର ଆଇଚି ଅତିଥି ଭାବେ ଯୋଗଦେଇ ଟ୍ରଫିଗୁଡ଼ିକୁ ଉନ୍ମୋଚିତ କରିଥିଲେ। ଆସନ୍ତାକାଲି ଅବଶିଷ୍ଟ ୩ ରାଉଣ୍ଡ ଖେଳ ଅନୁଷ୍ଠିତ ହେବା ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ଏସ୍.ଆର୍. ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ଅବସରରେ କୁଳମଣି ତ୍ରିପାଠୀ ସ୍ମାରକୀ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଆମନ୍ତ୍ରଣୀୟ ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ଖେଳାଳିଙ୍କ ମଧ୍ୟରେ ଏକ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ଖେଳାଳିଙ୍କୁ ୫ ମିନିଟ ଲେଖାଏ ସମୟ ପ୍ରଦାନ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ୭ ରାଉଣ୍ଡ ଖେଳ ହୋଇଥିଲା। ପ୍ରଥମରୁ ପଞ୍ଚମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।

> ବିଭିନ୍ନ ପ୍ରସଙ୍ଗରେ ଜାଣିବା ଲାଗି ଭାରତୀୟ ୟୁଜର ୟୁଟ୍ୟୁବର ସହାୟତା ନେଉଛନ୍ତି।
> – ଡନ୍ ଆଣ୍ଡରସନ, ୟୁଟ୍ୟୁବ ଲର୍ନିଂ ପାର୍ଟନରଶିପ ମୁଖ୍ୟ



> ଚାହିଦା କମିବାରୁ ଅଟୋମୋବାଇଲ ଶିଳ୍ପରେ ମାନ୍ଦାବସ୍ଥା ଦେଖିବାକୁ ମିଳିଛି।
> – ଦେବାଶିଷ ହାଣ୍ଡା, ଉପସଭାପତି, ସୁଜୁକି ମୋଟର ସାଇକେଲ



## ସଂକ୍ଷେପରେ

### ବିଦେଶୀ ନିବେଶକ ପ୍ରତ୍ୟାହାର କରିଛନ୍ତି ୩୮,୯୩୦ କୋଟି

**ନୂଆଦିଲ୍ଲୀ, ୨-୯:** ଘରୋଇ ବଜାରର ଆର୍ଥିକ ସ୍ଥିତି ଭଲ ନଥିବାରୁ ଏହାର ପ୍ରଭାବ ବିଦେଶୀ ପୁଞ୍ଜି ନିବେଶକଙ୍କ ଉପରେ ପଡିଛି। ଏଥି ଲାଗି ନିବେଶକଙ୍କ ମନୋଭାବ ପ୍ରଭାବିତ ହୋଇଛି। ଫଳରେ ୨୦୧୮-୧୯ ଆର୍ଥିକ ବର୍ଷରେ ଫରେନ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ)ମାନେ ବଜାରରୁ ୩୮,୯୩୦ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଥିବା ବଜାର ନିୟନ୍ତ୍ରକ ସେବି ଏହାର ବାର୍ଷିକ ରିପୋର୍ଟରେ ଉଲ୍ଲେଖ କରିଛି। ନିବେଶକଙ୍କ ମନୋଭାବରେ ପରିବର୍ତ୍ତନ ଆଣିବା ଲାଗି ପୁଞ୍ଜି ଉଠାଣ, ଏଫ୍‌ପିଆଙ୍କ ଲାଗି ରହିଥିବା ନିୟମ, ଡାଟା ପ୍ରାଇଭେସି ଭଳି ବିଭିନ୍ନ ପ୍ରସଙ୍ଗକୁ ଧ୍ୟାନରେ ରଖାଯାଇଥିବା ବାର୍ଷିକ ରିପୋର୍ଟରେ ପ୍ରକାଶ ପାଇଛି।

### ଧୀରେ ଧୀରେ ଫେରିବ ଅଭିବୃଦ୍ଧି: ୟୁବିଏସ୍

**ନୂଆଦିଲ୍ଲୀ, ୨-୯:** ଦେଶର ଜିଡିପି ଅଭିବୃଦ୍ଧି ଧାରାରେ ହ୍ରାସ ଜାରି ରହିଥିବା ବେଳେ ଏହା ଆଗାମୀ ଦିନରେ ଆଉ ଦେଖାଯିବ ନାହିଁ ବୋଲି ଆର୍ଥିକ ସଂସ୍ଥା ୟୁବିଏସ୍ କହିଛି। ଭାରତ ଏହାର ନିମ୍ନତମ ଅଭିବୃଦ୍ଧିକୁ ଜୁନ ତ୍ରୈମାସରେ ଦେଖି ସାରିଛି। ଏବେଠାରୁ ବଜାରରେ ସୁଧାର ଧାରା ଫେରିବାର ସମ୍ଭାବନା ରହିଛି। ମାତ୍ର ଅଭିବୃଦ୍ଧି ତ୍ୱରିତ ନ ହୋଇ ଧୀରେ ଧୀରେ ଫେରିବ ବୋଲି ଏହା ସ୍ପଷ୍ଟ କରିଛି। ବଜାରର ଆର୍ଥିକ ଅଭିବୃଦ୍ଧି କମିବା ଯୋଗୁ ଦେଶରେ ଚାହିଦା ଏବଂ ପୁଞ୍ଜି ନିବେଶ କମିଛି। କମ୍ପାନୀଗୁଡିକର ଉତ୍ପାଦନ ମଧ୍ୟ କମିଛି। କମ୍ପାନୀ ପକ୍ଷରୁ ହୋଇଥିବା ଏକ ସର୍ବେକ୍ଷଣ ଅନୁସାରେ ଅଭିବୃଦ୍ଧି ଗୋଟିଏ ବର୍ଷ ମଧ୍ୟରେ ଫେରିବ ବୋଲି ୫୦% କମ୍ପାନୀ ମତ ରଖିଛନ୍ତି।

### ଅଭିବୃଦ୍ଧି ଅନୁମାନ କମାଇଲା ଡିବିଏସ୍

**ନୂଆଦିଲ୍ଲୀ, ୨-୯:** ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ଅଭିବୃଦ୍ଧି ଅନୁମାନକୁ ବ୍ୟାଙ୍କିଂ ସେବା ପ୍ରଦାନକାରୀ ଡିବିଏସ୍ ହ୍ରାସ କରିଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ୬.୮% ରହିବ ବୋଲି ଏହା ପୂର୍ବରୁ କହିଥିଲା। ମାତ୍ର ବର୍ତ୍ତମାନ ଏହା ଅନୁମାନ ୬.୨%କୁ ହ୍ରାସ କରିଛି। ୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ ଘରୋଇ ବଜାରରେ ମାନ୍ଦାବସ୍ଥା ରହିଥିବା ଡିବିଏସ୍ ଏହାର ରିପୋର୍ଟରେ ପ୍ରକାଶ କରିଛି। ଦ୍ୱିତୀୟ ତ୍ରୈମାସରେ ଏହା ସୁଧୁରିବାର ଅବସର ରହିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଆର୍ଥିକ ବର୍ଷ ଶେଷ ସୁଦ୍ଧା ତ୍ରୈମାସ ଅଭିବୃଦ୍ଧି ହାର ୬.୫% ଛୁଇଁପାରେ। ୨୦୨୦-୨୧ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ହାର ସୁଧାର ନେଇ ଏହା ଆଶା ପ୍ରକଟ କରିଛି। ଅଭିବୃଦ୍ଧି ହାର ୭% ନିକଟତର ହେବ ବୋଲି ଏହା ପ୍ରକାଶ କରିଛି। ଅର୍ଥନୀତି ୬.୮% ହାରରେ ତ୍ୱରାନ୍ୱିତ ହେବା ନେଇ ଏହା ଅନୁମାନ କରିଛି। ଅକ୍ଟୋବରରେ ସୁଧହାର ୦.୧୫%ରୁ ୦.୨୫% ପର୍ଯ୍ୟନ୍ତ କମିପାରେ ବୋଲି ଡିବିଏସ୍‌ର ଅର୍ଥନୀତିଜ୍ଞ ରାଧିକା ରାଓ କହିଛନ୍ତି।

### ଏସ୍‌ବିଆଇ କାର୍ଡରେ ଅତ୍ୟାଧୁନିକ ସୁବିଧା

**ମୁମ୍ବାଇ, ୨-୯:** ଏସ୍‌ବିଆଇ କାର୍ଡ ପକ୍ଷରୁ ଏହାର ଗ୍ରାହକଙ୍କ ଲାଗି ନୂଆ ଅତ୍ୟାଧୁନିକ ସୁବିଧା ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ଏହାର ମୋବାଇଲ ଆପ୍ଲିକେଶନରେ ଇଣ୍ଟରାକ୍ଟିଭ ଲାଇଭ ଆସିଷ୍ଟାନ୍ସ ନାମକ ସେବା ଆରମ୍ଭ କରିଛି। ଏହା ଗ୍ରାହକଙ୍କ ଅଭିଜ୍ଞତାକୁ ବଢାଇବାରେ ସହାୟକ ହେବ ବୋଲି ଜଣାପଡିଛି। ନୂଆ ସୁବିଧା ଦ୍ୱାରା ୪୦ରୁ ଊର୍ଦ୍ଧ୍ୱ ଅଭିନବ ଫିଚର ସଂଯୋଗ ହୋଇଛି। ଏହା ଦ୍ୱାରା ଇଏମ୍‌ଆଇ କନଭର୍ସନ, ବାଲାନ୍ସ ପଠାଇବା, କ୍ରେଡିଟ କାର୍ଡ ଋଣ, ଆକାଉଣ୍ଟ ପରି ଚାଳନା ଭଳି ଅନ୍ୟ ସୁବିଧା ଲାଭ କରିହେବ। ଏହା ଇଣ୍ଡଷ୍ଟ୍ରିର ଫାଷ୍ଟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଗ୍ରାହକଙ୍କୁ ସେବା ଯୋଗାଣ କ୍ଷେତ୍ରରେ ବିଭିନ୍ନ ସୁବିଧା ଯୋଗାଣ ନେଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଏସ୍‌ବିଆଇ କାର୍ଡର ଏମ୍‌ଡି ତଥା ସିଇଓ ହରଦୟାଲ ଶର୍ମା କହିଛନ୍ତି।

# ଖସିଲା ମାନୁଫାକଚରିଂ କ୍ଷେତ୍ର ଅଭିବୃଦ୍ଧି

**ନୂଆଦିଲ୍ଲୀ, ୨-୯**

ଘରୋଇ ବଜାରର ବିଭିନ୍ନ କ୍ଷେତ୍ର ଉପରେ ମାନ୍ଦାବସ୍ଥା ପ୍ରଭାବ ପଡିଛି। ଏବେ ବିନିର୍ମାଣ କ୍ଷେତ୍ରରେ ଏଭଳି ସ୍ଥିତି ଦେଖାଯାଇଛି। ଏଥି ଯୋଗୁ ଦେଶର ମାନୁଫାକଚରିଂ ଅଭିବୃଦ୍ଧି ୧୫ ମାସର ସର୍ବନିମ୍ନ ସ୍ତରକୁ ଖସି ଆସିଛି। ଆଇଏଚ୍‌ଏସ୍ ମାର୍କିଟ ଇଣ୍ଡିଆ ପକ୍ଷରୁ ପ୍ରକାଶିତ ମାନୁଫାକଚରିଂ ପରଚେଜିଂ ମ୍ୟାନେଜର୍ସ ଇଣ୍ଡେକ୍ସ (ପିଏମ୍‌ଆଇ) ଜୁଲାଇରେ ୫୨.୫%ରୁ ହ୍ରାସ ଘଟି ଅଗଷ୍ଟରେ ୫୧.୪% ରହିଛି। ଏହା ୨୦୧୮ ମେ ପରଠାରୁ ସର୍ବନିମ୍ନ ସ୍ତର। ୪୦୦ ଉତ୍ପାଦନକାରୀଙ୍କୁ ନେଇ ଏହି ସର୍ଭେ କରାଯାଇଥିବା ବେଳେ ଏଥିରେ ନୂଆ ଅର୍ଡର, ଉତ୍ପାଦନ, ନିଯୁକ୍ତି, ଯୋଗାଣକାରୀଙ୍କ ସାମଗ୍ରୀ ଡେଲିଭରି ଅବଧି, କ୍ରୟ ଷ୍ଟକ ଭଳି ପ୍ରମୁଖ ବିଷୟଗୁଡିକୁ ବିଚାର କରାଯାଇଛି। ଏହି ସମୟରେ ବିକ୍ରି ଅଭିବୃଦ୍ଧି ୧୫ ମାସର ସର୍ବନିମ୍ନ ସ୍ତରରେ ରହିଛି। ଏହାବାଦ ଉତ୍ପାଦନ ଏବଂ ନିଯୁକ୍ତି ସୃଷ୍ଟି ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ସେହିଭଳି ଉତ୍ପାଦନ ୟୁନିଟ୍‌ଗୁଡିକର ଇନ୍‌ପୁଟ କ୍ରୟ ନିମ୍ନସ୍ତରକୁ ଖସିଆସିଥିବା ରିପୋର୍ଟରେ ପ୍ରକାଶ ପାଇଛି। ସର୍ଭେରେ କୁହାଯାଇଛି ଯେ, ଆଲୋଚ୍ୟ ସମୟରେ ଇନ୍‌ପୁଟ ଖର୍ଚ୍ଚ ବୃଦ୍ଧି ଏବଂ ବାଣିଜ୍ୟ ପାଇଁ ଆତ୍ମବିଶ୍ୱାସରେ ଉନ୍ନତି ପରିଲକ୍ଷିତ ହୋଇଛି। ଯାହା ୧୬ ମାସର ସବୁଠାରୁ ସର୍ବୋଚ୍ଚ ସ୍ତର। ଏହାବାଦ ଶିଳ୍ପ ସଂସ୍ଥାଗୁଡିକ ଉପରେ ପ୍ରତିଯୋଗିତା ଚାପ ଏବଂ ବଜାରରେ ସ୍ଥିତି ଆହ୍ୱାନପୂର୍ଣ୍ଣ ରହିବା ଯୋଗୁ ମାନୁଫାକଚରିଂ ଅଭିବୃଦ୍ଧିକୁ ଏହା ପ୍ରଭାବିତ କରିଛି। ବିଦେଶରୁ ଅର୍ଡର ଅଭିବୃଦ୍ଧି ଏହି ସମୟରେ କମିଛି। ୨୦୧୮ ଏପ୍ରିଲ ପରଠାରୁ ଉକ୍ତ କ୍ଷେତ୍ରରେ ଏହା ସର୍ବନିମ୍ନ ସ୍ତର।

ଜୁନ ତ୍ରୈମାସରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତର ୫%କୁ ଖସି ଆସିଛି। ଏହି ସମୟରେ ମାନୁଫାକଚରିଂ କ୍ଷେତ୍ର ଧିମା ରହିଥିବା ରିପୋର୍ଟ ବଜାରର ପ୍ରକୃତ ସ୍ଥିତିକୁ ଦେଖାଉଛି। ଅର୍ଥନୈତିକ ମାନ୍ଦାବସ୍ଥା ବିରୋଧରେ ଲଢିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ନେଉଥିବା କହୁଛନ୍ତି। ଏହି ସମୟରେ ସରକାରୀ ନିବେଶରେ ବୃଦ୍ଧି, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ନୂଆ ପୁଞ୍ଜି ଯୋଗାଣ, ଏଫ୍‌ଡିଆଇ ନିୟମ, ବିଦେଶୀ ଓନରଶିପ ନିୟମରେ ସଂଶୋଧନ ଏବଂ ଭିତ୍ତିଭୂମି ନିବେଶକୁ ବଢାଇବା ଦିଗରେ ସରକାର ପଦକ୍ଷେପ ନେଉଛନ୍ତି। ଇତିମଧ୍ୟରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଏହାର ସୁଧହାରକୁ ୪ଥର ହ୍ରାସ କରିବା ସହ ଏହା ଅଗଷ୍ଟରେ ୫.୪%କୁ ଖସିଛି।

**ମାନ୍ଦାବସ୍ଥା ପ୍ରଭାବ**

- ୧୫ ମାସର ସର୍ବନିମ୍ନ ସ୍ତରକୁ ଆସିଲା
- ୫୧.୪% ସ୍ତରରେ ପିଏମ୍‌ଆଇ
- ବଜାର ସ୍ଥିତି ଆହ୍ୱାନପୂର୍ଣ୍ଣ
- ଉତ୍ପାଦନ, ନିଯୁକ୍ତି ସୃଷ୍ଟି ପ୍ରଭାବିତ



### ୮ ପ୍ରମୁଖ କ୍ଷେତ୍ର ଅଭିବୃଦ୍ଧି ୨.୧%କୁ ହ୍ରାସ

ଦେଶର ୮ ପ୍ରମୁଖ କ୍ଷେତ୍ର ଶିଳ୍ପ କ୍ଷେତ୍ର ଅଭିବୃଦ୍ଧି ଜୁଲାଇରେ ୨.୧%କୁ ଖସିଛି। କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ ଏବଂ ରିଫାଇନେରୀ ପ୍ରଡକ୍ଟ କ୍ଷେତ୍ରରେ କାର୍ଯ୍ୟଧାରା ହ୍ରାସ ହେବା ଯୋଗୁ ଏଭଳି ସ୍ଥିତି ଆସିଥିବା ସରକାରୀ ତଥ୍ୟରୁ ସାମ୍ନାକୁ ଆସିଛି। କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ରିଫାଇନେରୀ ପ୍ରଡକ୍ଟ, ସାର, ଇସ୍ପାତ,ସିମେଣ୍ଟ ଏବଂ ଇଲେକ୍ଟ୍ରିସିଟି ଭଳି କ୍ଷେତ୍ର ଗତ ବର୍ଷ ଜୁଲାଇରେ ଭଲ ପ୍ରଦର୍ଶନ କରିବା ସହ ଅଭିବୃଦ୍ଧି ୭.୩% ରହିଥିଲା। ସୋମବାର ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ମୁତାବକ ଜୁଲାଇରେ କୋଇଲା, ପ୍ରାକୃତିକ ବାଷ୍ପ, ଅଶୋଧିତ ତୈଳ କ୍ଷେତ୍ରରେ ଅଭିବୃଦ୍ଧି ନକାରାତ୍ମକ ରହିଛି। ଏପ୍ରିଲ-ଜୁଲାଇ ସମୟରେ ଦେଶର ୮ ପ୍ରମୁଖ କ୍ଷେତ୍ର ଅଭିବୃଦ୍ଧି ୩% ରହିଛି। ଏହା ଗତ ବର୍ଷ ସମାନ ସମୟରେ ୫.୯% ରହିଥିଲା।

# ଆଧାରରେ ରିଟର୍ନ ଫାଇଲ କଲେ ସିଧାସଳଖ ମିଳିବ ପାନ୍

**ନୂଆଦିଲ୍ଲୀ, ୨-୯**




ଆଧାରରେ ଆୟକର ରିଟର୍ନ ପୈଠ କଲେ ଟିକସଦାତାଙ୍କୁ ସିଧାସଳଖ ପାନ୍ ଜାରି କରାଯିବ। ଆୟକର ବିଭାଗ ଏଭଳି ଟିକସଦାତାଙ୍କ ଲାଗି ନୂଆ ପଦକ୍ଷେପ ଗ୍ରହଣ କରିଛି। ଆଧାର ଏବଂ ପାନ୍ ଡାଟାବେସ ସଂଯୋଗ ଦ୍ୱାରା ବିଭାଗ ଏଭଳି ସୁବିଧା କରିବ ବୋଲି ଜଣାପଡିଛି। ଅଗଷ୍ଟ ୩୦ରେ ଆୟକର ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ମୁତାବକ, ପାନ୍ ନ ଥାଇ ଯେଉଁ ବ୍ୟକ୍ତିଙ୍କର ଆଧାର ରହିଛି ଏବଂ ସେଥିରେ ସେ ରିଟର୍ନ ଫାଇଲ କରିଥିଲେ ପାନ୍ ପାଇବାକୁ ତାଙ୍କୁ ଦର୍ଶାଇବାକୁ ହେବ। ଏଥି ଲାଗି କୌଣସି ଅଲଗା ଦସ୍ତାବିଜ ଦେବାକୁ ପଡିବ ନାହିଁ। ସେପ୍ଟେମ୍ବର ପହିଲାରୁ ନୂଆ ନିୟମ କାର୍ଯ୍ୟକାରୀ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ)ର ସୂଚନା ବ୍ୟବହାରରେ ବ୍ୟକ୍ତି ବିଶେଷଙ୍କ ଲାଗି ଆୟକର ବିଭାଗ ପାନ୍ ଜାରି କରିବ। ଆଧାର ପାନ୍ ଡାଟାବେସ ସଂଯୋଗ ହେବା ପରେ ଲୋକଙ୍କୁ ଏହି ସୁବିଧା ଦେବା ସହଜ ହେବ ବୋଲି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି)ର ଅଧ୍ୟକ୍ଷ ପି.ସି. ମୋଦି ଜୁଲାଇରେ ଗଣମାଧ୍ୟମକୁ ଏକ ସାକ୍ଷାତକାରରେ ସୂଚନା ଦେଇଥିଲେ। ପାନ୍ ନ ଥିବା କ୍ଷେତ୍ରରେ ଏହା ହେବ ବୋଲି ସେ କହିଥିଲେ। ଏଭଳି କ୍ଷେତ୍ରରେ ଆସେସିଂ ଅଫିସର ପ୍ରତ୍ୟକ୍ଷ ଭାବେ ପାନ୍ ଜାରି କରି ପାରିବେ ବୋଲି ଆଇନରେ ଉଲ୍ଲେଖ ରହିଛି।

# ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଲା ଅଟୋମୋବାଇଲ ଶିଳ୍ପ

**ନୂଆଦିଲ୍ଲୀ, ୨-୯**

ଘରୋଇ ବଜାରରେ ଅଟୋମୋବାଇଲ ଶିଳ୍ପ ବର୍ତ୍ତମାନ ମାନ୍ଦାବସ୍ଥା ଦେଇ ଗତି କରୁଛି। ଯାନ ବିକ୍ରି କ୍ରମାଗତ ଭାବେ ହ୍ରାସ ହେଉଥିବା ବେଳେ ଏହାକୁ ନେଇ ଶିଳ୍ପ ଚିନ୍ତାରେ ରହିଛି। ସମସ୍ୟା ସମାଧାନ ଲାଗି ଅଟୋ ଉଦ୍ୟୋଗ ପକ୍ଷରୁ ସରକାରଙ୍କ ହସ୍ତକ୍ଷେପ ଲୋଡା ଯାଇଛି। ସରକାର ତୁରନ୍ତ ଭିତ୍ତିରେ ଜିଏସ୍‌ଟି ହ୍ରାସ, ସ୍କ୍ରାପେଜ ନୀତି କାର୍ଯ୍ୟକାରୀ କରାଇବା ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ଅଟୋ ଶିଳ୍ପ ପକ୍ଷରୁ ନିବେଦନ କରାଯାଇଛି। ପାସେଞ୍ଜର ଯାନ ବ୍ୟତୀତ ୨ ଚକିଆ ଯାନ ବିକ୍ରି ନକରାତ୍ମକ ରହିଥିବାରୁ ବଜାର ଏବେ ମଧ୍ୟ ପ୍ରଭାବିତ ରହିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଗତ ମାସର ଘୋଷଣା ସତ୍ତ୍ୱେ ବଜାରରେ ବିଶେଷ ପ୍ରଭାବ ପରିଲକ୍ଷିତ ହେଉ ନ ଥିବା ଅଟୋ ଶିଳ୍ପ ସଂଘ ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକଚରର୍ସ (ସିଆମ୍) ସୋମବାର କହିଛି।

ଏପରି ସ୍ଥିତିରେ ଗ୍ରାହକଙ୍କୁ ରିହାତି ପ୍ରଦାନ କରିବା କମ୍ପାନୀ ଗୁଡିକ ପାଇଁ କଷ୍ଟକର ବ୍ୟାପାର ହୋଇ ପଡୁଛି। ସରକାର ଜିଏସ୍‌ଟିକୁ ୨୮%ରୁ ୧୮%କୁ ହ୍ରାସ କଲେ ଯାନ ମୂଲ୍ୟ କମିବ ବୋଲି ସିଆମ୍ ସଭାପତି ରାଜନ ୱାଧେରା କହିଛନ୍ତି। ଏହାବାଦ ଅଟୋ ଶିଳ୍ପର ସବୁ ବର୍ଗ ପାଇଁ ସ୍କ୍ରାପେଜ ନୀତିରେ ପ୍ରୋତ୍ସାହନ ବ୍ୟବସ୍ଥା କଲେ ଶିଳ୍ପ ଲାଭବାନ ହେବ ବୋଲି କୁହାଯାଇଛି। ପାର୍ବଣ ଆସୁଥିବାରୁ ଏଭଳି ନୀତି ଘୋଷଣା ହେଲେ ପ୍ରଭାବିତ ଶିଳ୍ପ ଏହାର ଫାଇଦା ପାଇବ ବୋଲି ୱାଧେରା କହିଛନ୍ତି। ଅଗଷ୍ଟରେ କମ୍ପାନୀଗୁଡିକର ବିକ୍ରି ଅଭିବୃଦ୍ଧିରେ ଦୁଇ ଅଙ୍କ ବିଶିଷ୍ଟ ହ୍ରାସ ଘଟିଥିବା ଶିଳ୍ପ ପକ୍ଷରୁ କୁହାଯାଇଛି।

**କ୍ରମାଗତ କମୁଛି ଯାନ ବିକ୍ରି**



### ଉତ୍ପାଦନ କମାଇଲା ମାରୁତି ସୁଜୁକି

ମାନ୍ଦାବସ୍ଥାକୁ ଧ୍ୟାନରେ ରଖି ଦେଶର ପ୍ରମୁଖ ପାସେଞ୍ଜର ଯାନ ନିର୍ମାତା ମାରୁତି ସୁଜୁକି ଲଗାତାର ୭ ମାସ ପାଇଁ ଏହାର ଉତ୍ପାଦନକୁ ହ୍ରାସ କରିଛି। କମ୍ପାନୀ ଅଗଷ୍ଟ ମାସରେ ୩୩.୯୯% ଉତ୍ପାଦନ କମାଇଛି। ଏହି ସମୟରେ କମ୍ପାନୀ ୧.୧୧ ଲକ୍ଷ ଯାନ ଉତ୍ପାଦନ କରିଛି। ଏହା ଗତ ବର୍ଷ ସମାନ ସମୟରେ ୧.୬୮ ଲକ୍ଷ ୟୁନିଟ ରହିଥିବା ସୋମବାର ବିଏସ୍‌ଇକୁ ଦିଆଯାଇଥିବା ଫାଇଲିଂରେ ଉଲ୍ଲେଖ କରାଯାଇଛି।

# ବିଜିୟୁରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ ସଂକ୍ରାନ୍ତ ସେମିନାର

**ଭୁବନେଶ୍ୱର, ୨-୯**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ର ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଇଣ୍ଡିଆନ ଷ୍ଟାର୍ଟ ଅପ୍ ଇକୋସିଷ୍ଟମ: ସୁଯୋଗ ଏବଂ ଆହ୍ୱାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରକୁ କୁଳପତି ଡ.ସୁଧାକର ପଣ୍ଡା ଉଦ୍‌ଘାଟନ କରିଥିଲେ। ମିଟସ୍ ଫୁଡ୍ ପାର୍କର ପରିଚାଳନା ନିର୍ଦ୍ଦେଶକ ଶ୍ରୀରାମ ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଉଦ୍ୟୋଗୀଙ୍କୁ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ଉପଯୋଗ କରି ଏକ ପରିବର୍ତ୍ତନଶୀଳ ସମାଜର ସ୍ୱପ୍ନ ଦେଖିବା ଆବଶ୍ୟକ ବୋଲି ପଣ୍ଡା ଏଥିରେ ଗୁରୁତ୍ୱାରୋପ କରିଛନ୍ତି। ନୂତନ ପିଢିର ଉଦ୍ୟୋଗୀମାନଙ୍କର ଚିନ୍ତାଧାରା ବ୍ୟବହାରିକ ସମସ୍ୟାର ସମାଧାନ ଦିଗରେ ବିନିଯୋଗ ହେବା ଉଚିତ ବୋଲି ସ୍କିଲ୍‌ପ୍ରୋର ଜୟଦୀପ ରକ୍ଷିତ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜିୟୁର ଡିନ୍ ଡ.ପରମେଶ୍ୱର ନାୟକ, ଟେଟ୍ରାହେଡ୍ରୋନ ମାନୁଫାକଚରିଂ ସର୍ଭିସେସ୍‌ର ଆଲୋକ ସାହୁ, ଟ୍ରିନିଟି ସ୍କୋଡାର ଶ୍ରୀଲୋକ ମହାପାତ୍ର, ଭିଲ୍ଲା ମାର୍ଟର ନରେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

# ଆକାଶ ଇନ୍‌ଷ୍ଟିଚ୍ୟୁଟ ସହଯୋଗରେ ଶିକ୍ଷକ, ଛାତ୍ରୀଛାତ୍ର ସମ୍ମିଳନୀ



**ଭୁବନେଶ୍ୱର, ୨-୯**

ଆକାଶ ଇନ୍‌ଷ୍ଟିଚ୍ୟୁଟ ସହଯୋଗରେ ନୟାଗଡଠାରେ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କେ.ସି. ଅଡିଟୋରିୟମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ଅଭିଭାବକ ଯୋଗ ଦେଇଥିଲେ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ପାଇଁ ନୂତନ ଆଶାର ସଞ୍ଚାର ହୋଇଛି। ଛାତ୍ରୀଛାତ୍ରମାନେ ଏନ୍‌ଟିଏସ୍‌ଇ, ଅଲିମ୍ପିଆଡ ଏବଂ ଅନ୍ୟ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ଲାଗି ନିଜକୁ ପ୍ରସ୍ତୁତ କରିପାରିବେ ବୋଲି ଆକାଶ ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି। ଏଥିରେ ଆକାଶର ଉପସଭାପତି କେ.ଲକ୍ଷ୍ମଣ ରାଓ କହିଛନ୍ତି, ଏନ୍‌ଟିଏସ୍‌ଇ, ଅଲିମ୍ପିଆଡ ଭଳି ଅନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି କରିବାକୁ ଚାହୁଁଥିବା ଗରିବ, ମେଧାବୀ ଏବଂ ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କୁ ଆକାଶ ଭୁବନେଶ୍ୱର ଶାଖା ପକ୍ଷରୁ ସମସ୍ତ ପ୍ରକାରର ସହଯୋଗ ଯୋଗାଇ ଦିଆଯିବ। ଛାତ୍ରୀଛାତ୍ର ନୟାଗଡ଼ଠାରେ ପରୀକ୍ଷା ଦେବା ସହ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ। କାର୍ଯ୍ୟକ୍ରମ ଅବସରରେ ଶିକ୍ଷକ ଜିତେନ୍ଦ୍ର କୁମାର ସ୍ୱାଇଁ, ସତ୍ୟରଞ୍ଜନ ଏବଂ ଅମରେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଇ-ସ୍କୁଟର ଆଣିବ କିଆ

**ଭୁବନେଶ୍ୱର, ୨-୯**

ହ୍ୟୁଣ୍ଡାଇ ମୋଟର୍ସ କର୍ପୋରେଶନର ଏକ ଅଂଶ କିଆ ଫ୍ୟୁଚର ଭେଇକିଲ ପକ୍ଷରୁ ଆଗାମୀ ଦିନରେ ଇ-ସ୍କୁଟର ବଜାରରେ ପ୍ରବେଶ କରିବ। ଏହା ଅନବୋର୍ଡ ସ୍କୁଟର ଭାବେ ପରିଗଣିତ ହେବ। ହ୍ୟୁଣ୍ଡାଇ ମୋଟରର ଯାନଗୁଡିକରେ ଏହାକୁ ସ୍ଥାନିତ କରାଯିବାର ଯୋଜନା ରହିଛି। ଏହି ମଡେଲଟି ହାଲକା ଏବଂ ଏହାକୁ ଫୋଲ୍ଡ କରାଯାଇପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ନିକଟରେ କମ୍ପାନୀ ଏହାର ପ୍ରୋଟୋଟାଇପକୁ ପ୍ରସ୍ତୁତ କରିଛି। ସିଇଏସ୍-୨୦୧୭ରେ କମ୍ପାନୀ ଏହି ସ୍କୁଟରକୁ ପ୍ରଦର୍ଶନ କରିଥିଲା। ଏଥିରେ ଉଚ୍ଚ କ୍ଷମତାଯୁକ୍ତ ଲିଥିୟମ ଆୟନ ବ୍ୟାଟେରି, ଷ୍ଟାଇଲିଶ ଫ୍ରଣ୍ଟ ଏବଂ ରିୟର ଲାଇଟ ରହିବ। ଯାନଟି ଚାଲିବା ବେଳେ ଏଥିରେ ଉତ୍ପାଦିତ ଇଲେକ୍‌ଟ୍ରିସିଟି ଦ୍ୱାରା ଏହା ଚାର୍ଜ ହେବାର କ୍ଷମତା ରଖୁଛି। ମଡେଲଟିର ଓଜନ ୭.୭ କିଲୋ ରହିବ ବୋଲି ଗ୍ରୁପର ରବଟିକ୍ସ ଟିମ୍ ମୁଖ୍ୟ ଡଙ୍ଗଜିନ ହ୍ୟୁନ୍ କହିଛନ୍ତି।

# ପିସିଏରୁ ବାହାରିବେ ୪ ବ୍ୟାଙ୍କ

**ନୂଆଦିଲ୍ଲୀ, ୨-୯**

ଆର୍‌ବିଆଇର ପ୍ରମ୍ପଟ କରେକ୍ଟିଭ ଆକ୍ସନ (ପିସିଏ) କାର୍ଯ୍ୟାନୁଷ୍ଠାନ ପରିସରରୁ ଅବଶିଷ୍ଟ ୪ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବାହାରିବେ। ସରକାର ବ୍ୟାଙ୍କଗୁଡିକୁ ସଦ୍ୟତମ ପୁଞ୍ଜି ପ୍ରଦାନ କରିବାକୁ ନିକଟରେ ଘୋଷଣା କରିଛନ୍ତି। ଏହା ଦ୍ୱାରା ବ୍ୟାଙ୍କଗୁଡିକ ପିସିଏରୁ ବାହାରିବେ ବୋଲି ଅର୍ଥ ମନ୍ତ୍ରଣାଳୟ ଆଶା ରଖିଛି। ବର୍ତ୍ତମାନ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ( ଆଇଓବି), ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁକୋ ବ୍ୟାଙ୍କ ଏବଂ ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ପିସିଏ ପରିସରରେ ରହିଛନ୍ତି। ଏହା ଦ୍ୱାରା ସେମାନଙ୍କ ଉପରେ ଋଣ ଯୋଗାଣ, ପରିଚାଳନା କ୍ଷତିପୂରଣ ଏବଂ ନିର୍ଦ୍ଦେଶକଙ୍କ ଫି ଭଳି ବିଭିନ୍ନ କଟକଣା ଜାରି କରାଯାଇଛି। ଏହି ୪ ବ୍ୟାଙ୍କକୁ ସରକାର ଶୁକ୍ରବାର ୧୦,୮୦୦ କୋଟି ଟଙ୍କାର ପୁଞ୍ଜି ସହାୟତା ପ୍ରଦାନ କରିଛନ୍ତି। ୪ ବ୍ୟାଙ୍କ ମଧ୍ୟରୁ ଆଇଓବି ସର୍ବାଧିକ ୩,୮୦୦ କୋଟି ଟଙ୍କା ପାଇଛି।

ସେହିଭଳି ସେଣ୍ଟ୍ରାଲ ବ୍ୟାଙ୍କ ଇଣ୍ଡିଆ ୩,୩୦୦ କୋଟି, ୟୁକୋ ବ୍ୟାଙ୍କ ୨,୧୦୦ କୋଟି ଏବଂ ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ୧୬୦୦ କୋଟି ଟଙ୍କା ପାଇଛି। ଏହି ପୁଞ୍ଜି ସହାୟତା ଦ୍ୱାରା ବ୍ୟାଙ୍କଗୁଡିକ ପିସିଏରୁ ବାହାରିବାକୁ ସକ୍ଷମ ହେବେ ବୋଲି ଅର୍ଥ ସଚିବ ରାଜୀବ କୁମାର କହିଛନ୍ତି। ୟୁନାଇଟେଡ ବ୍ୟାଙ୍କ ମିଶ୍ରଣ ଯୋଗୁ ପିସିଏରୁ ବାହାରିବାକୁ ଥିବା ବେଳେ ଆଇଓବି, ସେଣ୍ଟ୍ରାଲ ବ୍ୟାଙ୍କ ଏବଂ ୟୁକୋ ବ୍ୟାଙ୍କକୁ ସରକାର ପ୍ରଦାନ କରିଥିବା ପୁଞ୍ଜି ସହାୟତା ଦ୍ୱାରା ପିସିଏରୁ ମୁକୁଳିବାକୁ ସହାୟତା କରିବ ବୋଲି କୁମାର ସ୍ପଷ୍ଟ କରିଛନ୍ତି। ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ମିଶାଇ ୪ ବଡ ବ୍ୟାଙ୍କ ଗଠନ ନେଇ ସରକାର ଗତ ସପ୍ତାହରେ ଘୋଷଣା କରିଛନ୍ତି। ଏହା ଦ୍ୱାରା ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସହ ମିଶ୍ରଣ ଘଟିବ। ପୂର୍ବରୁ ପିସିଏ ପରିସରରୁ ୫ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବାହାରିଛନ୍ତି। ଏହା ମଧ୍ୟରେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ, ଆଲ୍ଲାହାବାଦ ବ୍ୟାଙ୍କ, କର୍ପୋରେଶନ ବ୍ୟାଙ୍କ ରହିଛନ୍ତି। ସରକାରଙ୍କ ୨ଟି ପର୍ଯ୍ୟାୟରେ ପୁଞ୍ଜି ଯୋଗାଣ ଦ୍ୱାରା ଏଭଳି ସ୍ଥିତିକୁ ବ୍ୟାଙ୍କଗୁଡିକ ଆସିଛନ୍ତି।

ପୁଞ୍ଜି ଯୋଗାଣ ଦ୍ୱାରା ବ୍ୟାଙ୍କଗୁଡିକ ସେମାନଙ୍କ ପୁଞ୍ଜି ଆବଶ୍ୟକତା ସୀମା ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ଅପରପକ୍ଷରେ ନେଟ୍ ଏନ୍‌ପିଏ ସ୍ତର ୬%ରୁ ତଳକୁ ବ୍ୟାଙ୍କଗୁଡିକ ଖସାଇ ପାରିଛନ୍ତି। ଗତ ବର୍ଷ ଏପ୍ରିଲରେ ରିଜର୍ଭ ବ୍ୟାଙ୍କ ୧୧ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ପିସିଏ କଟକଣା ଜାରି କରିଥିଲା। ବ୍ୟାଙ୍କ ଅଫ ବରୋଦା ସହ ଦେନା ବ୍ୟାଙ୍କ ମିଶ୍ରଣ ହେବା ପରେ ଏହା ଅଲଗା ନାମରେ ପରିଚିତ ହୋଇଛି। ସେହିଭଳି ଆଇଡିବିଆଇ ବ୍ୟାଙ୍କକୁ ଏଲ୍‌ଆଇସି ଅଧିଗ୍ରହଣ କରିଛି। ବ୍ୟାଙ୍କ କେବେ ପିସିଏରୁ ବାହାରିବ ତାହା ସମ୍ପୃକ୍ତ ବ୍ୟାଙ୍କଗୁଡିକର କାର୍ଯ୍ୟଧାରାର ବିଚାରକୁ ନେଇ ରିଜର୍ଭ ବ୍ୟାଙ୍କ ନିଷ୍ପତ୍ତି ନେଇଥାଏ ବୋଲି କୁମାର କହିଛନ୍ତି। ଏନ୍‌ପିଏ ସମସ୍ୟା ସମାଧାନ ଲାଗି ଅର୍ଥମନ୍ତ୍ରଣାଳୟ ବିଭିନ୍ନ ପଦକ୍ଷେପ ନେଉଛି। ଏହା ଫଳରେ ୨୦୧୮-୧୯ ଆର୍ଥିକ ବର୍ଷରେ ୧.୦୬ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ହ୍ରାସ ଏବଂ ୧.୨୧ ଲକ୍ଷ କୋଟି ଟଙ୍କାର ଋଣ ଅସୁଲ ହୋଇଛି, ଯାହା ଏକ ରେକର୍ଡ।

- ପିସିଏରେ ଆଇଓବି, ସେଣ୍ଟ୍ରାଲ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ୟୁନାଇଟେଡ ବ୍ୟାଙ୍କ
- ୪ ବ୍ୟାଙ୍କକୁ ମିଳିଛି ୧୦,୮୦୦ କୋଟି
- ଆଇଓବି ପାଇଛି ସର୍ବାଧିକ ୩,୮୦୦ କୋଟି




# ଆନ୍ଧ୍ର ବ୍ୟାଙ୍କ ପକ୍ଷରୁ ହିନ୍ଦୀ ଦିବସ




**ଭୁବନେଶ୍ୱର, ୨-୯**

ଆନ୍ଧ୍ର ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ହିନ୍ଦୀ ଦିବସ ପାଳନ କରାଯାଇଛି। ଆଞ୍ଚଳିକ ପ୍ରବନ୍ଧକ କେ.ବି.ବି.ଏନ୍.ଏସ୍. ରାମମୂର୍ତ୍ତି ଏହାର ଉଦ୍‌ଘାଟନ କରିଥିଲେ। ରାଜଭାଷା ଅଧିକାରୀ ବିଜୟ କୁମାର ଚୌଧୁରୀ ଏଥିରେ ରାଜଭାଷା ହିନ୍ଦୀର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ସଫଳ କର୍ମଚାରୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗୋଟିଏ ବର୍ଷ ଯାଏ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ପାଳନ କରିବାକୁ ବ୍ୟାଙ୍କ ପକ୍ଷରୁ ଯୋଜନା ରଖାଯାଇଥିବା ସୂଚନା ରହିଛି।

## ସଂକ୍ଷେପରେ

### ମାଲିଙ୍ଗାଙ୍କ ବିଶ୍ୱ ରେକର୍ଡ



**କାଣ୍ଡି,୨।୯(ଏଏଫ୍‌ପି):** ଶ୍ରୀଲଙ୍କା ପେସର ଲସିଥ ମାଲିଙ୍ଗା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ଇତିହାସର ସର୍ବାଧିକ ଉଇକେଟ ନେଇଥିବା ବୋଲର ହେବାର ରେକର୍ଡ ଅଧିକାରୀ ହୋଇଛନ୍ତି। ଏଠାରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ କଲିନ ଡି' ଗ୍ରାଣ୍ଡହୋମଙ୍କୁ କ୍ଲିନ ବୋଲ୍ଡ କରି ସେ ଏହି ସଫଳତା ପାଇଛନ୍ତି। ଏଥିସହ ସେ ପୂର୍ବତନ ପାକିସ୍ତାନ ଅଧିନାୟକ ଶାହିଦ ଆଫ୍ରିଦୀ(୯୮)ଙ୍କୁ ପଛରେ ପକାଇ ଦେଇଛନ୍ତି। ୨୦୧୧ରେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିବା ୟର୍କର କିଙ୍ଗ୍ ଭାବେ ପରିଚିତ ମାଲିଙ୍ଗା ଗତ ଜୁଲାଇରେ କ୍ୟାରିୟରର ଅନ୍ତିମ ଦିନିକିଆ ଖେଳିଥିଲେ। ସେ ପ୍ରଥମ ଓଭରରେ କଲିନ ମୁନ୍‌ରୋଙ୍କୁ କ୍ଲିନ ବୋଲ୍ଡ ଆଉଟ୍ କରି ଆଫ୍ରିଦୀଙ୍କ ସମକକ୍ଷ ହୋଇଥିଲେ। ପୂର୍ବତନ ପାକିସ୍ତାନ ଲେଗ୍ ସ୍ପିନର ୯୯ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳି ୯୮ ଉଇକେଟ ନେଇଥିଲେ। ୨୦୦୬ରେ ଇଂଲଣ୍ଡ ବିପକ୍ଷରେ ଅନ୍ତର୍ଜାତୀୟ ଟି୨୦ ପଦାର୍ପଣ କରିଥିବା ୟର୍କର କିଙ୍ଗ୍ ୭୪ତମ ମ୍ୟାଚ୍‌ରେ ବିଶ୍ୱର ସର୍ବାଧିକ ଉଇକେଟ ନେଇଥିବା ବୋଲର ହୋଇପାରିଛନ୍ତି।

> ହେଡିଂଲେଠାରେ ଇଂଲଣ୍ଡ ବିପକ୍ଷ ତୃତୀୟ ଆଶେସ ଟେଷ୍ଟରେ ଆମ ଦଳର ପରାଜୟ ଏତେ ବାଧିଥିଲା ଯେ, ମୁଁ ଅସୁସ୍ଥ ଅନୁଭବ କରିଥିଲି।
> —ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କ୍ରିକେଟ କୋଚ୍



> ଭାରତର ଶକ୍ତିଶାଳୀ ବ୍ୟାଟିଂ ଲାଇନ୍‌ଅପ୍ ବିପକ୍ଷରେ ଦୁର୍ଭାଗ୍ୟଜନକ ଭାବେ ଏକ ହ୍ୟାଟ୍ରିକରୁ ଅଳ୍ପକେ ବଞ୍ଚିତ ହୋଇଥିଲେ ହେଁ ମୁଁ ଖୁସୀ।
> —କେମର ରୋଚ୍, ୱେଷ୍ଟଇଣ୍ଡିଜ ପେସ୍ ବୋଲର



# ଟେଷ୍ଟ ସିରିଜ: ଭାରତର କ୍ଲିନ୍ ସୁଇପ୍

### ୱେଷ୍ଟଇଣ୍ଡିଜର ଦ୍ୱିତୀୟ ଇନିଂସ ୨୧୦ରେ ସୀମିତ

**କିଙ୍ଗଷ୍ଟନ(ଜାମାଇକା), ୨।୯**

ସାବିନା ପାର୍କରେ ଅନୁଷ୍ଠିତ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଭାରତ ୨୫୭ ରନରେ ବିଜୟୀ ହୋଇଛି। ୪୬୮ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସରେ ୨୧୦ ରନକରି ଅଲଆଉଟ ହୋଇ ଯାଇଥିଲା। ଫଳରେ ୨ ମ୍ୟାଚ ବିଶିଷ୍ଟ ସିରିଜକୁ ଭାରତ କ୍ଲିନ୍ ସୁଇପ୍ କରିଛି। ପ୍ରଥମ ଟେଷ୍ଟରେ ମଧ ଭାରତ ବିଜୟ ହାସଲ କରିଥିଲା। ଏହାକୁ ମିଶାଇ ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତ ୨୮ଟି ଟେଷ୍ଟରେ ବିଜୟୀ ହୋଇଛି। ଏ କ୍ଷେତ୍ରରେ କୋହଲି ମହେନ୍ଦ୍ର ସିଂ ଧୋନି(୨୭ ବିଜୟ)ଙ୍କୁ ପଛରେ ପକାଇ ଦେଇଛନ୍ତି। ଉଭୟ ଇନିଂସରେ ଚମତ୍କାର ବ୍ୟାଟିଂ ପାଇଁ ହନୁମା ବିହାରୀ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ତୃତୀୟ ଦିବସରେ ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସରେ ୧୩ ଓଭର ଖେଳି ୪୫ ରନ ମଧରେ ୨ଟି ଉଇକେଟ ହରାଇଥିଲା। କ୍ରେଗ୍ ବ୍ରାଥୱେଟ ମାତ୍ର ୩ ରନ କରି ଈଶାନ୍ତ ଶର୍ମାଙ୍କ ଶିକାର ହୋଇଥିବାବେଳେ ଜନ କ୍ୟାମ୍ପବେଲ ୧୬ ରନ କରି ମହମ୍ମଦ ଶାମିଙ୍କ ବଲ୍‌ରେ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ୪ର୍ଥ ଦିବସ ଆରମ୍ଭରେ ଡାରେନ ବ୍ରାଭୋ ଓ ରଷ୍ଟନ ଚେଜ୍ ସତର୍କତାର ସହିତ ବ୍ୟାଟିଂକରି ଇନିଂସକୁ ଆଗେଇ ନେଇଥିଲେ। ତେବେ ଦଳୀୟ ସ୍କୋର ୫୫ ହୋଇଥିବାବେଳେ ଯଶପ୍ରୀତ ବୁମ୍ରାଙ୍କ ବୋଲିଂରେ ୧୭ତମ ଓଭରର ପ୍ରଥମ ବଲ୍ ଖେଳିବାପରେ ବ୍ରାଭୋ ରିଟାୟର୍ଡ ହର୍ଟ ହୋଇ କ୍ରିଜ୍ ଛାଡ଼ିଥିଲେ। ପୂର୍ବଦିନ ବୁମ୍ରାଙ୍କ ବାଉନ୍ସରରେ ବ୍ରାଭୋ ଆହତ ହୋଇଥିଲେ। ତେଣୁ ଯନ୍ତ୍ରଣା ବଢ଼ିବାରୁ ବ୍ରାଭୋ ସମ୍ଭବତଃ ରିଟାୟର୍ଡ ହେବାକୁ ପସନ୍ଦ କରିଥିଲେ। ସେ ୪୧ ବଲ୍‌ରୁ ୨୩ ରନ କରିଥିଲେ। ଏହାପରେ ରଷ୍ଟନ ଚେଜ୍ ୧୨ ଓ ଶିମରନ ହେଟମେର ୧ ରନ କରି ଆଉଟ ହୋଇଥିଲେ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ନିୟମ ଅନୁସାରେ ଆହତ ବ୍ରାଭୋଙ୍କ ସ୍ଥାନରେ ଜେର୍ମେନ ବ୍ଲାକ୍‌ଉଡ୍ ବ୍ୟାଟିଂ ପାଇଁ ଆସିଥିଲେ। ସୋମବାର ମଧାହ୍ନ ଭୋଜନ ବିରତି ଶେଷସୁଦ୍ଧା ୱେଷ୍ଟଇଣ୍ଡିଜ ୪ ଉଇକେଟ ହରାଇ ୧୪୫ ରନ କରିଥିଲା। ଦ୍ୱିତୀୟ ସେସନରେ ମିଡଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ଦଳ ଶୀଘ୍ର ୪ଟି ଉଇକେଟ ହରାଇ ପରାଜୟ ଆଡ଼କୁ ମୁହାଁଇଥିଲା। ବ୍ଲାକ୍‌ଉଡ୍ ୩୮ ରନ କରିଥିବାବେଳେ ବୁମ୍ରାଙ୍କ ବଲ୍‌ରେ ଉଇକେଟ କିପର ରିଷଭ ପନ୍ତଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଶାମରା ବ୍ରୁକ୍ସ ୫୦ ରନ କରି ବିରାଟ କୋହଲିଙ୍କ ଡାଇରେକ୍ଟ ଥ୍ରୋରେ ରନଆଉଟ ହୋଇଥିବାବେଳେ ଜାମର ହାମିଲଟନ ଖାତା ଖୋଲିବା ପୂର୍ବରୁ ରବୀନ୍ଦ୍ର ଜାଡେଜାଙ୍କ ବଲ୍‌ରେ ଆଉଟ ହୋଇଥିଲେ। ରାନକିମ୍ କର୍ନୱାଲ ମାତ୍ର ୧ ରନ କରି ମହମ୍ମଦ ଶାମିଙ୍କ ଶିକାର ହୋଇଥିଲେ। କେମର ରୋଚ୍‌ଙ୍କୁ ଶାମି ୫ ରନରେ ଆଉଟ କରିଥିବାବେଳେ ଜାସନ ହୋଲ୍ଡରଙ୍କୁ ୩୯ ରନରେ ପ୍ୟାଭିଲିୟନ ପଠାଇ ରବୀନ୍ଦ୍ର ଜାଡେଜା ଭାରତ ବିଜୟରେ ମୁଣ୍ଡି ମାରିଥିଲେ। ଶାମି ଓ ଜାଡେଜା ୩ଟି ଲେଖାଏ, ଈଶାନ୍ତ ଶର୍ମା ୨ଟି ଓ ବୁମ୍ରା ଗୋଟିଏ ଉଇକେଟ ନେଇଥିଲେ। ୧୬୮/୪ରେ ଭାରତର ଇନିଂସ ଘୋଷଣା ଭାରତ ଏହାର ଦ୍ୱିତୀୟ ଇନିଂସକୁ ୧୬୮/୪ରେ ଘୋଷଣା କରିଥିଲା। ଫଳରେ ୱେଷ୍ଟଇଣ୍ଡିଜ ସମ୍ମୁଖରେ ୪୬୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ୫୭ ରନରେ ଭାରତର ୪ଟି ଉଇକେଟ ପଡ଼ିଥିବାବେଳେ ଅସମାପ୍ତ ୫ମ ଉଇକେଟରେ ୧୧୧ ରନର ଭାଗୀଦାରି ହେବାପରେ ଅଧିନାୟକ ବିରାଟ କୋହଲି ଇନିଂସ ଘୋଷଣା କରିଥିଲେ। ସେତେବେଳକୁ ଅଜିଙ୍କ୍ୟ ରାହାନେ ୧୦୯ ବଲ୍‌ରୁ ୮ ଚୌକା ଓ ୧ ଛକା ସହାୟତାରେ ୬୪ ଓ ହନୁମା ବିହାରୀ ୭୬ ବଲ୍‌ରୁ ୮ ଚୌକା ସହ ୫୩ ରନ କରି ଅପରାଜିତ ରହିଥିଲେ। ବିଦେଶମାଟିରେକୌଣସିଟେଷ୍ଟର୪ର୍ଥଇନିଂସରେ ୪୬୮ ରନ ଭାରତ ପକ୍ଷରୁ ୬ଷ୍ଠ ବଡ଼ ଟାର୍ଗେଟ।

#### ସଂକ୍ଷିପ୍ତ ସ୍କୋର

■ ଭାରତ ପ୍ରଥମ ଇନିଂସ: ୪୧୬। ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୧୧୭/ଅଲଆଉଟ। ଭାରତ ଦ୍ୱିତୀୟ ଇନିଂସ: ୧୬୮/୪/ଘୋଷଣା(ଅଜିଙ୍କ୍ୟ ରାହାନେ-୬୪*, ହନୁମା ବିହାରୀ-୫୩*, ଚେତେଶ୍ୱର ପୂଜାରା-୨୭, କେମର ରୋଚ୍-୩/୨୮, ଜାସନ ହୋଲ୍ଡର-୧/୨୦)



ଯଶପ୍ରୀତ୍ ବୁମ୍ରାଙ୍କ ଏକ ବାଉନ୍ସର ବଲ୍‌ରେ ଆହତ ହୋଇଥିବା ଡାରେନ୍ ବ୍ରାଭୋ।

#### ପନ୍ତଙ୍କ ୫୦ ଡିସ୍‌ମିଶାଲ

ୱେଷ୍ଟଇଣ୍ଡିଜର ଦ୍ୱିତୀୟ ଇନିଂସରେ ଈଶାନ୍ତ ଶର୍ମାଙ୍କ ବଲ୍‌ରେ କ୍ରେଗ୍ ବ୍ରାଥୱେଟଙ୍କୁ କ୍ୟାଚ କରି ରିଷଭ ପନ୍ତ ଟେଷ୍ଟ କ୍ରିକେଟରେ ଜଣେ ଉଇକେଟ କିପର ଭାବେ ୫୦ ଡିସମିଶାଲ ପୂରଣ କରିଛନ୍ତି। ୧୧ ଟେଷ୍ଟରୁ ସେ ଏହି ସଫଳତା ପାଇଛନ୍ତି। କମ୍ ଟେଷ୍ଟରେ ୫୦ ଡିସମିଶାଲ କରିବାରେ ସେ ପୂର୍ବତନ ଅଷ୍ଟ୍ରେଲୀୟ ଉଇକେଟ କିପର ଆଡାମ ଗିଲକ୍ରିଷ୍ଟଙ୍କ ସମକକ୍ଷ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର ମାର୍କ ବାଉଚର, ଇଂଲଣ୍ଡର ଜନି ବେୟାରଷ୍ଟୋ ଓ ଅଷ୍ଟ୍ରେଲିଆର ଟିମ୍ ପେନ୍ ୧୦ ଟେଷ୍ଟରୁ ଏହି ସଫଳତା ସହ ଆଗରେ ରହିଛନ୍ତି।

# ଶାମିଙ୍କ ନାମରେ ଗିରଫ ପରୱାନା



ସ୍ତ୍ରୀ ହସିନା ଜହାନଙ୍କ ସହ ମହମ୍ମଦ ଶାମି।

**କୋଲକାତା, ୨।୯**

ୱେଷ୍ଟଇଣ୍ଡିଜ ଗସ୍ତରେ ଥିବା ଭାରତୀୟ କ୍ରିକେଟ୍ ଦଳର ଦ୍ରୁତ ବୋଲର ମହମ୍ମଦ ଶାମିଙ୍କ ନାମରେ ସୋମବାର ଗିରଫ ପରୱାନା ଜାରି ହୋଇଛି। ସ୍ତ୍ରୀ ହସିନ ଜହାନଙ୍କ ଦ୍ୱାରା ଫାଇଲ୍ ହୋଇଥିବା ଘରୋଇ ହିଂସା ମାମଲାରେ ଶାମିଙ୍କ ସମେତ ତାଙ୍କ ଭାଇ ହସିଦ୍ ଅହମ୍ମଦଙ୍କ ନାମରେ ମଧ ଗିରଫ ପରୱାନା ଜାରି ହୋଇଥିବା ଜଣାପଡ଼ିଛି। ଆଗାମୀ ୧୫ ଦିନ ମଧରେ ଆତ୍ମସମର୍ପଣ ପାଇଁ ପଶ୍ଚିମବଙ୍ଗର ଆଲିପୁରସ୍ଥିତ କୋର୍ଟ ଶାମିଙ୍କୁ ନିର୍ଦ୍ଦେଶ ଦେଇଥିବା ବିଭିନ୍ନ ଜାତୀୟ ଗଣମାଧମରେ ରିପୋର୍ଟ ପ୍ରକାଶ ପାଇଛି। ପୂର୍ବରୁ ୨୦୧୮ରେ ହସିନ ବେଙ୍ଗଲ ଦ୍ରୁତ ବୋଲର ଶାମିଙ୍କ ନାମରେ ଘରୋଇ ହିଂସା ଅଭିଯୋଗ ଆଣିଥିଲେ। ସେହି ସମୟରେ ଶାମି ଓ ତାଙ୍କ ଭାଇ ହସିଦ୍‌ଙ୍କ ନାମରେ ଆଇପିସି ଧାରା ୪୯୮ଏ'ରେ ମାମଲା ରୁଜୁ ହୋଇଥିଲା। ହାସିନାଙ୍କ ଏହି ଅଭିଯୋଗ ପରେ ଶାମି କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ ଆଲିପୁର କୋର୍ଟରେ ହାଜର ହେବାକୁ ଶାମିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିକଟରେ ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ କ୍ରିକେଟ୍ ଦଳର ଆମେରିକା ଗସ୍ତ ସମୟରେ ମଧ ଶାମିଙ୍କୁ ଏହି କାରଣରୁ ଭିଜା ମିଳିବାରେ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପରେ କିନ୍ତୁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ହସ୍ତକ୍ଷେପ ଫଳରେ ଶାମିଙ୍କୁ ଭିଜା ମିଳିଥିଲା। ପ୍ରକାଶଯୋଗ୍ୟ, ଗତବର୍ଷ ପ୍ରାରମ୍ଭରେ ଶାମିଙ୍କ ନାମରେ ଯୌତୁକଜନିତ ହିଂସା ସମେତ ଯୌନ ଉତ୍ପୀଡନ ଓ ମ୍ୟାଚ୍ ଫିକ୍ସିଂ ଭଳି ଅଭିଯୋଗ ହସିନା ଆଣିଥିଲେ।

#### ଚାର୍ଜଶିଟ୍ ନ ମିଳିବା ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବନି

ଘରୋଇ ହିଂସା ମାମଲାରେ କ୍ରିକେଟର୍ ମହମ୍ମଦ ଶାମିଙ୍କ ନାମରେ ଗିରଫ ପର୍‌ୱାନା ଜାରି ହୋଇଛି। ଆଗାମୀ ୧୫ ଦିନ ମଧରେ କୋର୍ଟରେ ହାଜର ହେବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଚାର୍ଜଶିଟ୍ ନ ଦେଖିଲା ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଶାମିଙ୍କ ବିରୋଧରେ ନିଆଯିବ ନାହିଁ ବୋଲି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ସୋମବାର ସ୍ପଷ୍ଟ କରାଯାଇଛି। 'ଗିରଫ ପରୱାନା ଜାରି ହୋଇଥିବା ଆମେ ଜାଣିଛୁ। ଚାର୍ଜଶିଟ୍ ପାଇବା ପରେ ବିସିସିଆଇ ସମ୍ବିଧାନ ଅନୁଯାୟୀ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ସେ ନେଇ ନିଷ୍ପତ୍ତି ନେବୁ' ବୋଲି ବିସିସିଆଇର ଜନୈକ ଅଧିକାରୀ କହିଛନ୍ତି।

# ବେସ୍ ପରିବର୍ତ୍ତନ ନିଷ୍ପତ୍ତି ସହଜ ନ ଥିଲା

**ନୂଆଦିଲ୍ଲୀ, ୨।୯(ପି.ଟି.):** ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ)ର ଅନ୍ୟତମ ଦଳ ଦିଲ୍ଲୀ ଡାଇନାମସ ଏବେ ଓଡ଼ିଶା ଏଫସିରେ ପରିଣତ ହୋଇଛି। ଅଗଷ୍ଟ ୩୧ରେ ଓଡ଼ିଶା ସରକାରଙ୍କ ସହ ଏମଓୟୁ ସ୍ୱାକ୍ଷର ପରେ ଏହା ସ୍ପଷ୍ଟ ହୋଇଯାଇଛି। ତେଣୁ ଏହି ଫ୍ରାଞ୍ଚାଇଜ୍ ଏବେ ଦିଲ୍ଲୀରୁ ଭୁବନେଶ୍ୱରକୁ ନିଜର ବେସ୍ ପରିବର୍ତ୍ତନ କରିଛି। ଡାଇନାମସ ଗତ ୫ ବର୍ଷ ଧରି ଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଘରୋଇ ମ୍ୟାଚ ଖେଳି ଆସୁଥିଲା। ଦିଲ୍ଲୀରୁ ଭୁବନେଶ୍ୱର ବେସ୍ ପରିବର୍ତ୍ତନ ନିଷ୍ପତ୍ତି ସହଜ ନ ଥିଲା ବୋଲି ଫ୍ରାଞ୍ଚାଇଜ୍ ମାଲିକ ଅନିଲ ଶର୍ମା ପ୍ରକାଶ କରିଛନ୍ତି। ମାତ୍ର ଅନେକ ସମୟରେ ଏପରି କଠୋର ନିଷ୍ପତ୍ତି ନେବାକୁ ପଡ଼ିଥାଏ ବୋଲି ସେ କହିଛନ୍ତି। ଦେଶରେ ଫୁଟବଲର ବିକାଶ ମୋର ମୁଖ୍ୟ ଲକ୍ଷ୍ୟ। ଏହି ଲକ୍ଷ୍ୟରେ ମୁଁ ଅଧିକରୁ ଅଧିକ ଉନ୍ନତି ପାଇଁ ପ୍ରୟାସ କରୁଛି। ଲକ୍ଷ୍ୟ ପଥରେ ଅଗ୍ରସର ହେବାରେ ଓଡ଼ିଶା ସରକାର ସମସ୍ତ ସହଯୋଗ କରିବା ମୁଁ ଅନୁଭବ କରୁଛି। ଓଡ଼ିଶା ସରକାର ରାଜ୍ୟରେ ଏକ ସୁସ୍ଥ କ୍ରୀଡ଼ା ବାତାବରଣ ସୃଷ୍ଟିପାଇଁ ଉଦ୍ୟମ କରୁଛନ୍ତି ବୋଲି ଅନିଲ ପ୍ରକାଶ କରିଛନ୍ତି। ଗତ କିଛି ବର୍ଷ ମଧରେ ଅଲିମ୍ପିକ୍ କ୍ରୀଡ଼ାର ଅନେକ ଟପ୍ ଇଭେଣ୍ଟ ଆୟୋଜନ କରି ଓଡ଼ିଶା ସ୍ପୋର୍ଟ୍ସ ହବ୍‌ରେ ପରିଣତ ହୋଇଛି। ଭୁବନେଶ୍ୱରରେ ସଫଳତାର ସହ ୨୦୧୮ ପୁରୁଷ ହକି ବିଶ୍ୱକପ ଆୟୋଜିତ ହୋଇଥିଲା। ହିରୋ ସୁପର କପ୍ ଫୁଟବଲର ପ୍ରଥମ ଦୁଇ ସଂସ୍କରଣ ମଧ ଏଠାରେ ଆୟୋଜନ ହୋଇଥିଲା। ଅଲ୍‌ଇଣ୍ଡିଆ ଫୁଟବଲ ଫେଡେରେଶନ(ଏଆଇଏଫଏଫ) ଡେଭଲପ୍‌ମେଣ୍ଟାଲ ସାଇଡ୍ ଇଣ୍ଡିଆନ ଆରୋଜ ଦଳର ମଧ ଏହା ହୋମ୍ ଗ୍ରାଉଣ୍ଡ। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ(୨୦୨୦) ଆୟୋଜନ ପାଇଁ ମଧ କଳିଙ୍ଗ ଷ୍ଟାଡିୟମକୁ ପ୍ରାରମ୍ଭିକ ଅନୁମତି ମିଳି ସାରିଛି। ଏବେ ଏହି ଗ୍ରାଉଣ୍ଡ ଓଡ଼ିଶା ଏଫସିର ଘରୋଇ ଗ୍ରାଉଣ୍ଡଭାବେ ବ୍ୟବହାର ହେବ। ପ୍ରକାଶ ଯୋଗ୍ୟ ଯେ, ଆର୍ଥିକ ସମସ୍ୟା ଯୋଗୁ ଏଫସି ପୁଣେ ସିଟି ଏହାର କାର୍ଯ୍ୟକଳାପ ବନ୍ଦ କରିବାଯୋଗୁ ହାଇଦ୍ରାବାଦ୍ ଏଫସି ନୂଆ ଫ୍ରାଞ୍ଚାଇଜ୍‌ଭାବେ ଉଭା ହୋଇଛି।


**ଜନ୍ମଦିନ ଶୁଭେଚ୍ଛା**



Yashodhan Moharana (Omm)

ପ୍ରଭୁ ପିଙ୍ଗଳେଶ୍ୱର ମହାପ୍ରଭୁ ତୋତେ ଦୀର୍ଘାୟୁ କରନ୍ତୁ, ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।

ଶୁଭେଚ୍ଛା ସହ
ଅଜା, ଆଈ, ବାବା, ମମି ଓ ପରିବାରବର୍ଗ।

ଧ-୧୪୧୫୮

**୨ୟ ଜନ୍ମଦିନ ଶୁଭେଚ୍ଛା**



ଆୟୁଷ୍ମାନ ମିଶ୍ର (ସିପୁନ)
ଜନ୍ମ ତା. ୨୬।୦୮।୨୦୧୭

ଆଜି ତୋର ଦ୍ୱିତୀୟ ଜନ୍ମବାର୍ଷିକ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ପ୍ରାର୍ଥନା କରୁଛି ତୋର ଚଲାପଥ ଚିର କୁସୁମିତ ହେବା ସହିତ ଉଜ୍ଜ୍ୱଳ ଭବିଷ୍ୟତ ଓ ଦୀର୍ଘ ନିରାମୟ ଜୀବନ କାମନା କରୁଛୁ।

ଶୁଭେଚ୍ଛାସହ:
ଜେଜେବାପା, ଜେଜେମା, ଅଜା, ଆଈ, ମାମୁ, ବାପା, ମା, ଦଦେଇ, ଦେଠେଇ, ସିଟୁନ୍, ବନ୍ଧୁ ଓ ପରିବାରବର୍ଗ।

ଧ-୬୭୭୦୨

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



(ପିହୁ)
ସାନଭି ପ୍ରିୟଦର୍ଶିନୀ
ଦେଓକୋରି, ବାଲିସାହି, ପଣ୍ଡୁଆ, ଜଗତସିଂହପୁର

ଆଜି ତୋର ପ୍ରଥମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ଶାରଳାଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଚଲାପଥ ସବୁଦିନ କୁସୁମିତ ହେଉ।

ଶୁଭେଚ୍ଛା ସହ
ବଡ଼ମାମା, ବାବା, ମାମା, ସୌମ୍ୟାଦିଦି, ଗୁଡୁଭାଇ, ଜଗା ମାମୁ, ଅପୁ ମାମୁ, ବସନ୍ତ ମା, ମୀନା ମା, ଶ୍ରୀମତୀ ମା, ପ୍ରଫୁଲ୍ଲ ଜେଜେ, ଓଷିଦିଦି, ସୁମନ୍ତ ପିଇସା, ବନ୍ଧୁ ଓ ପରିବାରବର୍ଗ।

ଧ-୧୪୧୯୮

**ଜନ୍ମଦିନ ଶୁଭେଚ୍ଛା**



ରୁଦ୍ରପ୍ରସାଦ ପାତ୍ର

ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୃପା, ଗୁରୁଦେବ ସ୍ୱାମୀ ଶିବାନନ୍ଦ ଓ ଗୁରୁଦେବ ସ୍ୱାମୀ ଚିଦାନନ୍ଦଙ୍କ ଆଶୀର୍ବାଦରୁ ତୁମର ଚଲାପଥ କୁସୁମିତ ହେଉ। ତୁମେ ଦୀର୍ଘାୟୁ ହୁଅ ଓ ତୁମର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ତୁମେ ଭଲମଣିଷ ହୁଅ।

ଶୁଭେଚ୍ଛା ସହ
ଜେଜେ,ମା, ବାବା, ମାମା, ଦାଦା, ଖୁଡ଼ୀ, ମାମନ ଓ ଓଁ।

ଧ-୧୪୧୯୭

**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**



ଆରିୟନ୍ ଦାଶ
(ସୋହାନ)

ଭାଦ୍ରବ ମାସ, ଶୁକ୍ଳପକ୍ଷ, ପଞ୍ଚମୀ ତିଥିରେ ତୁମର ପବିତ୍ର ପଞ୍ଚମ ବାର୍ଷିକ ଜନ୍ମଉତ୍ସବରେ ପ୍ରଭୁ ଶ୍ରୀ ଜଗନ୍ନାଥ, ମା ତାରିଣୀଙ୍କ କରୁଣାର ଆଶୀର୍ବାଦ ତୁମ ଉପରେ ସର୍ବଦା ରହୁ। ତୁମ ଚଲାପଥରେ ପୁଷ୍ପବୃଷ୍ଟି ହେଉଥାଉ ଏତିକି କାମନା।

ଶୁଭେଚ୍ଛା ସହ
ଡ଼ାଡ଼ି, ମା, ବଡ଼ମାମା, ବଡ଼ପାପା, ମାମା, ପାପା, ଜିନି, ଗୁଡୁ ସହିତ ବନ୍ଧୁ ଓ ପରିବାରବର୍ଗ।

ଧ-୧୪୧୯୩



**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ କାଳନ୍ଦୀ କ୍ଷେତ୍ର
ସା: ଇଚ୍ଛା ନଗର ପାଟଣା, ପୋ: ଛତିଆ, ବଡ଼ଚଣା, ଯାଜପୁର
ତିରୋଧାନ: ୨୪।୦୮।୨୦୧୯

ଜଗତରେ କେହି କିବା ରହିଛି ଅମର,
ଦେବ, ଦାନବ, ମାନବ ଅବା ଚକ୍ରଧର।
ମରଣ କି ନ ଆସଇ ପାତାଳେ ଲୁଚିଲେ,
କେ ବଞ୍ଚିବ କର୍ମଫଳ ଯେତେ ଖଞ୍ଜ କଲେ।
ଜନ୍ମିଥିଲେ ଚକ୍ରଧର ରାମ ଅବତାରେ,
ଲୀଳା ଖେଳା ସାରି ପ୍ରଭୁ ବାହୁଡ଼ିଲେ ଖରେ।

ଆଜି ଏହି ପବିତ୍ର ଏକାଦଶାହ ଅବସରରେ ପ୍ରଭୁ ଜଗନ୍ନାଥଙ୍କ ପାଦ ପଦ୍ମରେ ଆପଣଙ୍କର ସଦ୍‌ଗତି ନିମନ୍ତେ ଜଣାଣ କରୁଅଛୁ।

ଶୋକସନ୍ତପ୍ତ:
ପୁଅ: କାମଦେବ କ୍ଷେତ୍ର, ବାଦଲ କ୍ଷେତ୍ର, ଦୀପକ କ୍ଷେତ୍ର, ନାତି ନାତୁଣୀ, ଝିଅ, ଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ।

ଧ-୬୭୩୭୮

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



୰ କିଶୋର ଚନ୍ଦ୍ର ଦାସ
(ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ)
ପ୍ଲଟ୍ ନଂ.୯୫, ନୂଆସାହି, ରସୁଲଗଡ଼
ଆବିର୍ଭାବ : ତା.୦୬.୦୩.୧୯୨୦
ତିରୋଧାନ : ତା.୩୦.୦୮.୨୦୧୪

ଆପଣଙ୍କର ସ୍ନେହ, ପ୍ରେରଣା, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ଶୁଭାଶୀର୍ବାଦ ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ।
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୧୪୧୯୬


### ■ ରାଜ୍ୟ ଓପନ ଜୁଡୋ ଚାମ୍ପିୟନଶିପ୍

# ଭୁବନେଶ୍ୱର, କିସ୍ ଚାମ୍ପିୟନ

**ଭୁବନେଶ୍ୱର, ୨।୯(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ଓପନ ଜୁଡୋ (ସବ୍‌ଜୁନିୟର, କ୍ୟାଡେଟ, ଜୁନିୟର, ସିନିୟର) ଚାମ୍ପିୟନଶିପ୍ ଓ ଚୟନ ଟ୍ରାଏଲ ପାରାଦୀପର ମ୍ୟୁନିସପାଲ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅଗଷ୍ଟ ୩୧ରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ସେପ୍ଟେମ୍ବର ୧ରେ ଶେଷ ହୋଇଥିଲା। ଉଭୟ ଜୁନିୟର ଓ ସିନିୟର କାଟେଗୋରିରେ ଭୁବନେଶ୍ୱର (ଖୋର୍ଦ୍ଧା) ଏବଂ ସବ୍‌ଜୁନିୟର ଓ କ୍ୟାଡେଟ କାଟେଗୋରିରେ କିସ୍ ଚାମ୍ପିୟନ ହୋଇଛି। ଏହି ପ୍ରତିଯୋଗିତାରେ କିସ୍ ଓ ଓଡ଼ିଶା ପୋଲିସକୁ ମିଶାଇ ୨୨ ଜିଲା/ୟୁନିଟରୁ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଓ ଅଫିସିଆଲ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ରାଜ୍ୟ ଜୁଡୋ ଆସୋସିଏଶନ(ଓଏସଜିଏ) ମୁଖ୍ୟ କାର୍ଯ୍ୟନିର୍ବାହୀ ଗୀତାଞ୍ଜଳି ପଣ୍ଡା, ଟେକ୍ନିକାଲ ସମ୍ପାଦକ କନ୍ଦନ ମୁର୍ମୁ ଓ ଜଗତସିଂହପୁର ଜୁଡୋ ଆସୋସିଏଶନ ସମ୍ପାଦକ ଲୋପାମୁଦ୍ରା ପତି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବାଳିକା ବିଭାଗରେ ମାଲକାନଗିରିର ଲକ୍ଷ୍ମୀ ସୋଦି ଏବଂ ବାଳକ ବିଭାଗରେ ଭୁବନେଶ୍ୱରର ରାଜେଶ କୁମାର ସାହୁ ଓ ରାଜେଶ ନାୟକ ଶ୍ରେଷ୍ଠ ଜୁଡୋକା ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଏମ୍‌ପି ବିଭୂ ପ୍ରସାଦ ତରାଇ ମୁଖ୍ୟ ଅତିଥି, ପାରାଦୀପ ଫସଫେଟ ଲିମିଟେଡ(ପିପିଏଲ) ଏଚ୍‌ଆର ଜଗନ୍ନାଥ ଖୁଣ୍ଟିଆ, ପାରାଦୀପ ପୋର୍ଟ ପିଆରଓ ପ୍ରକାଶ ମିଶ୍ର, ପିପିଏଲ ଲେଡିଜ୍ କ୍ଲବ ସଭାପତି ଜ୍ୟୋତି ଖୁଣ୍ଟିଆ, ଗୋପବନ୍ଧୁ ଷ୍ଟାଡିୟମର ଭଲିବଲ କୋଚ୍ ସଞ୍ଜୟ କୁମାର ଦାସ ଓ କ୍ରିକେଟ କୋଚ୍ ରବି ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।


## CLASSIFIED DISPLAY

**LEARN CCTV** ପ୍ରଶିକ୍ଷଣ କେନ୍ଦ୍ର
Become a CCTV Engineer
Start your own Business in Low Investment
INSTALLATION & NETWORKING
CCTV Training Centre. Become a CCTV Engineer in Just 25 days
- CCTV, Biometric & EPABX Marketing, Installation & Technical Training.
- Onsite Practice
- Internship
- 100% Job Placement
- Class Detailing
- 100% Practical Training
- Hostel Facility available

ଅଳ୍ପ ପାଠୁଆ ବି ଯୋଗ୍ୟ ଇଞ୍ଜିନିୟର ହୋଇପାରିବେ।
SECURE TECHNICAL INSTITUTE Patia Square Bhubaneswar
7064320000, 9583171111

**ଶ୍ରବଣ ସମସ୍ୟା?**
Free Hearing Check-up Camp (Going on at all Audizone Centres)
■ Exchange Offer ■ EMI Facility ■ Attractive Discount
ଶ୍ରବଣ ଯନ୍ତ୍ର DIGITAL HEARING AID
signia Life sounds brilliant. SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

**MORE SPACE • SAME PRICE**
**CLASSIFIED DISPLAY**
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

ଏମିତ ପାଠ ପଢ଼ନ୍ତୁ ଯେଉଁ ପାଠ ଆପଣଙ୍କୁ ରୋଜଗାରକ୍ଷମ କରିପାରିବ
**Bhava Institute Of Medical Science & Research**
ରେ ଖୋଲିଛି ସମ୍ପୂର୍ଣ୍ଣ ରୋଜଗାରକ୍ଷମ ପାଠ୍ୟକ୍ରମ
DIPLOMA PROGRAMME: GNM (Nursing), ANM (Nursing), DMRT (X-Ray), DMLT (Pathology) — ELIGIBILITY : +2 PASS
CERTIFICATE PROGRAMME: MEDICAL LAB TECH., X-RAY TECH, O.T TECH, WARD TECH, DIALYSIS TECH — ELIGIBILITY : MATRIC PASS
ପାରା ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୨୯ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15,
Phone : 0674 - 2553122, 9040009727, 8456845313 (M)

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ସେପ୍ଟେମ୍ବର ୩/୨୦୧୯ Sambalpur, Tuesday, September 3 / 2019

# ସବୁଠି ନୂଆଁଖାଇ ପ୍ରସ୍ତୁତି




ସୋମବାର ସମ୍ବଲପୁର ସମଲେଇ ମନ୍ଦିରସ୍ଥିତ ଅଷ୍ଟଧାତୁ ନିର୍ମିତ ସିଂହ ଓ ପାର୍ଶ୍ୱ ଦେବଦେବୀଙ୍କୁ ସଫା କରାଯାଉଛି ।



ସମ୍ବଲପୁର ସମଲେଇ ମନ୍ଦିର ସାନଗୁଡ଼ିଠାରେ ଆଭୂଷଣ ସଫେଇ କରାଯାଉଛି ।




ସୁନ୍ଦରଗଡ଼ର ମୟୂରୀ ନୃତ୍ୟ ଅନୁଷ୍ଠାନର କଳାକାରମାନେ ନୂଆଁଖାଇ ପାଇଁ ରିହର୍ସଲ୍ କରୁଛନ୍ତି ।





ଭବାନୀପାଟଣା ସାପ୍ତାହିକ ହାଟରେ ନୂଆଧାନ, କୁରେଇଁ ପତ୍ର ଓ ଲୁଗାପଟା କିଣିବା ପାଇଁ ଭିଡ଼ ।

## ରାଉରକେଲାରେ ସେକ୍ସ ର୍ୟାକେଟ୍

### 'ବି'ଟେକ୍ ଛାତ୍ର, ଶିକ୍ଷକଙ୍କ ସମେତ ୫ ଗିରଫ

**ରାଉରକେଲା ଅଫିସ,୨।୯**

ଷ୍ଟିଲସିଟି ରାଉରକେଲାର ସେକ୍ଟର ୧୫ ଥାନା ଅନ୍ତର୍ଗତ ସେକ୍ଟର ୧୭ ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ ଏକ ସେକ୍ସ ର୍ୟାକେଟକୁ ପୋଲିସ ଠାବ କରିଛି। ଆର୍‌ଏସ୍‌ପି କ୍ୱାର୍ଟର୍ସରେ ଏହି ସେକ୍ସ ର୍ୟାକେଟ୍ ଚାଲିଥିବା ସୂଚନା ମିଳିବା ପରେ ରାତିଅଧିଆ ପୋଲିସ ଚଢ଼ାଉ କରିଥିଲା । ସେଠାରୁ ୨ ଜଣ ବଙ୍ଗୀୟ ମହିଳା, ଘର ମାଲିକାଣୀ ଓ ୨ ଗ୍ରାହକଙ୍କୁ ପୋଲିସ ଗିରଫ କରିଛି। ଏନେଇ ପୋଲିସ ଏକ ମାମଲା (ନଂ.୫୨/ ୨୦୧୯) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଗ୍ରାହକଙ୍କ ମଧ୍ୟରେ ଜଣେ ରାଜ୍ୟ ବାହାର 'ବି'ଟେକ୍ ଛାତ୍ର ରହିଥିବା ବେଳେ ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଅଞ୍ଚଳର ଜଣେ ଶିକ୍ଷକ ଅଛନ୍ତି। ଡିଏସ୍‌ପି ଜ୍ୟୋତିର୍ମୟ ଭୁକ୍ତା ସୋମବାର ସକାଳେ ଗିରଫ ୫ଜଣଙ୍କୁ ପଚରାଉଚରା କରିଥିବା ସୂଚନା ମିଳିଛି।

ସ୍ୱାମୀ ପରିତ୍ୟକ୍ତା ୨ ବଙ୍ଗୀୟ ମହିଳା ଓ ଘର ମାଲିକାଣୀ ମିଶି ବହୁଦିନ ଧରି ଷ୍ଟିଲସିଟିରେ ସେକ୍ସ ର୍ୟାକେଟ ଚଳାଉଥିଲେ। ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଓ କେତେ ଦିନ ଧରି ଏହି ସେକ୍ସ ର୍ୟାକେଟ ଚାଲୁଥିଲା ସେନେଇ ପୋଲିସ ପକ୍ଷରୁ ଅଧିକ ତନାଘନା ଜାରି ରହିଛି। ଉକ୍ତ ଆର୍‌ଏସ୍‌ପି କର୍ମଚାରୀ ପାଖାପାଖି ଦୁଇଟି ଘର ନେଇ ଶୀତତାପ ନିୟନ୍ତ୍ରିତ କରି ଏହି ବ୍ୟବସାୟ ଚଳାଇଥିଲେ। ର୍ୟାକେଟରେ ସମ୍ପୃକ୍ତ ମହିଳାଙ୍କୁ ହୋଟେଲ, ଘର କିମ୍ବା ପୁରୀ, ଭୁବନେଶ୍ୱରକୁ ନେଲେ ଅଲଗା ଅଲଗା ରେଟ ରହିଥିଲା ବୋଲି ପୋଲିସ କହିଛି। ଡିଏସ୍‌ପି ଭୁକ୍ତାଙ୍କୁ ଏନେଇ ପଚରାଯିବାରୁ ସେ କହିଥିଲେ, ଘଟଣାର ତଦନ୍ତ ଜାରି ରହିଛି। ତଦନ୍ତ ପରେ ସବୁ ସାମ୍ନାକୁ ଆସିବ।

## ବାଙ୍ଗାଲୋର ଫେରନ୍ତା ଯୁବକଙ୍କୁ ହତ୍ୟା

**ଫୁଲବାଣୀ ଅଫିସ/ଫିରିଙ୍ଗିଆ,୨।୯**

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅଞ୍ଚଳରେ ବାଙ୍ଗାଲୋରରୁ ଫେରିଥିବା ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ କାଶିନିପଦର ପଞ୍ଚାୟତ ତଳପଡା ଗ୍ରାମର ବିମଳ କହଁର (୨୨) । ଫିରିଙ୍ଗିଆ ପଞ୍ଚାୟତ ତଣ୍ଡିଗାଁ ନାଳ ପାଖ ବିଲରୁ ସୋମବାର ତାଙ୍କ ମୃତଦେହ ମିଳିଛି। ବିମଳଙ୍କ ବେକକୁ ହଣାଯାଇଥିବା ବେଳେ ମୁହଁ ଛେଚି ଦିଆଯାଇଛି। ତେବେ କେଉଁ ପରିସ୍ଥିତିରେ ତାଙ୍କୁ ହତ୍ୟା କରାଯାଇଛି, ସେ ନେଇ ପୋଲିସ ଖୋଳତାଡ ଆରମ୍ଭ କରିଛି । ମୃତଦେହ ଜବତ କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଛି। ଏ ନେଇ ଫିରିଙ୍ଗିଆ ଥାନାରେ ନଂ. ୭୬/୧୯ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

ତଳପଡା ଗ୍ରାମର କିତି କହଁରଙ୍କ ପୁଅ ବିମଳ ୫/୬ ବର୍ଷ ହେଲା ବାଙ୍ଗାଲୋରରେ ରହି ଶ୍ରମିକ କାର୍ଯ୍ୟ କରୁଥିଲେ। ଶୁକ୍ରବାର ବିମଳଙ୍କ ସହ ତାଙ୍କ ବାପା ଫୋନ ଯୋଗେ କଥା ହୋଇ ଘରକୁ ଆସିବାକୁ କହିଥିଲେ । ଆଧାର କାର୍ଡ ଆଣି ଆସିଲେ ବ୍ଲକରେ କାମ ଅଛି ବୋଲି କହିଥିଲେ। ହେଲେ ବିମଳ ଗାଁକୁ ନ ଆସି ଫୋନ ହ୍ୱାଟ୍ସ ଆପ୍‌ରେ ଆଧାର ଫଟୋ ପଠାଇ ଦେବେ ବୋଲି କହିଥିଲେ। ସୋମବାର ତଣ୍ଡିଗାଁ ନାଳ ପାଖରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଖବର ପ୍ରଚାରିତ ହୋଇଥିଲା । ପୋଲିସ ଘଟଣାସ୍ଥଳରେ ପହଞ୍ଚି ପଚରାଉଚରା କରିବାରୁ ଯୁବକ ଜଣକ ତଳପଡା ଗ୍ରାମର ବିମଳ ବୋଲି ଜଣାପଡିଥିଲା । ପୋଲିସ ତାଙ୍କ ଘରକୁ ଖବର ଦେବାରୁ ବାପା ଆସି ମୃତଦେହ ଚିହ୍ନଟ କରିଥିଲେ । ବାପା କିତି କହିଛନ୍ତି, ବିମଳ ଘରକୁ ଆସିବାକୁ ମନା କରିଥିଲା । ବାଙ୍ଗାଲୋରରୁ ଫେରୁଥିବା ସମ୍ପର୍କରେ କିଛି ଜଣାଇନି। ପୂର୍ବରୁ କାହା ସହିତ ସେପରି ଶତ୍ରୁତା ନ ଥିଲେ ମଧ୍ୟ ପୁଅକୁ କିଏ ଏଭଳି ବୀଭତ୍ସ ଭାବେ ହତ୍ୟା କରିଛନ୍ତି, ତାହାର ତଦନ୍ତ କରାଯାଉ ବୋଲି କିତି କହିଛନ୍ତି। ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ କହିଛନ୍ତି, ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡୁଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଛି।

## ସାଡ଼ିଙ୍ଗିଆ, ପାଙ୍ଗା ପଞ୍ଚାୟତରେ ମାଓବାଦୀ ପୋଷ୍ଟର

**ଫିରିଙ୍ଗିଆ, ୨।୯:** କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ସାଡିଙ୍ଗିଆ ଓ ପାଙ୍ଗା ପଞ୍ଚାୟତର ବିଭିନ୍ନ ସ୍ଥାନରେ ମାଓବାଦୀମାନେ ପୋଷ୍ଟର ଲଗାଇଛନ୍ତି। କେକେବିଏନ ଡିଭିଜନର କାନ୍ଥ ପତ୍ରିକା (ୱାଲ ମାଗାଜିନ) ବିପ୍ଳବୀ ଡେଙ୍ଗୁରା ନାମରେ ରବିବାର ରାତିରେ ଏସବୁ ପୋଷ୍ଟର ଲଗାଯାଇଛି । ଏଥିରେ ସରକାର ଚାଷୀମାନଙ୍କୁ ଅଣଦେଖା କରୁଥିବା ଅଭିଯୋଗ କରାଯାଇଛି। ସେହିପରି କେନ୍ଦ୍ର ସରକାର କନ୍ଧମାଳରେ ଆହୁରି ୪ଟି ସିଆର୍‌ପିଏଫ୍ କ୍ୟାମ୍ପ ସ୍ଥାପନ କରୁଥିବାରୁ ତାହାକୁ ମଧ୍ୟ ବିରୋଧ କରାଯାଇଛି। ଏଥିସହ ଗଣମାଧ୍ୟମକୁ ବି ଉକ୍ତ ପୋଷ୍ଟରରେ ସମାଲୋଚନା କରାଯାଇଛି। ଏବେ ଯେଉଁସବୁ ଯୋଜନା ପ୍ରଣୟନ ହେଉଛି ଅବା ଉନ୍ନତି ହେଉଛି ତାହା କେବଳ ମାଓବାଦୀଙ୍କ ଆନ୍ଦୋଳନ ପାଇଁ ହେଉଛି ବୋଲି ଉକ୍ତ ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ମାଓବାଦୀଙ୍କ ବାହାନା ଦେଖାଇ ନିଜ ଦାୟିତ୍ୱ ତୁଲାଉ ନ ଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସିଆର୍‌ପିଏଫ କ୍ୟାମ୍ପ ବଦଳରେ ଜିଲାରେ ଖାଲିଥିବା ଅଧ୍ୟାପକ ଓ ଶିକ୍ଷକ ପଦବୀ ପୂରଣ କରିବା, ଅପହଞ୍ଚ ଇଲାକାରେ ମେଡିକାଲ କ୍ୟାମ୍ପ କରିବାକୁ ପୋଷ୍ଟରରେ ମାଓବାଦୀଙ୍କ ପକ୍ଷରୁ ଦାବି କରାଯାଇଛି।




ସତ୍ୟମେବ ଜୟତେ
'ନୂଆଖାଇ' –୨୦୧୯
ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ; ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)



ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଖାଇ ଜୁହାର୍

ପଶ୍ଚିମ୍ ଓଡ଼ିଶାର୍ ଭାଏ ବହେନ୍ ମାନ୍‌କୁ ମୋର୍ ନୂଆଖାଇ ଜୁହାର୍ । ମା ସମ୍ଲେଶ୍ୱରୀଙ୍କ ଦୟାରୁ ଆପଣ ମାନ୍‌ଙ୍କର୍ କୁଟୁମ୍ବ, ପିଲାଛୁଆ ସଭେ ଭଲ୍‌ରେ ରହୁନ୍ । ଚାଷ୍‌ବାସ୍, ବେପାର୍ ବାଡି ସବୁ ଭଲ୍‌ରେ ହଉ । ଇଟା ମୋର୍ କାମନା ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



'ନୂଆଖାଇ' – ୨୦୧୯ ଅବସରରେ
ବାର୍ତ୍ତା

କୃଷିଭିତ୍ତିକ ଗଣପର୍ବ ନୂଆଖାଇ ଉପଲକ୍ଷେ ମୁଁ ପଶ୍ଚିମ ଓଡ଼ିଶାର ସମସ୍ତ ଭାଇଭଉଣୀ ତଥା ରାଜ୍ୟବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସଂପ୍ରୀତି ଓ ସମୃଦ୍ଧିର ଏହି ଲୋକପର୍ବରେ ଆରାଧ୍ୟା ଦେବୀ ମା' ସମଲେଇ ସମସ୍ତଙ୍କୁ କୃପା କରନ୍ତୁ, ଧରିତ୍ରୀ ମା' ଶସ୍ୟ ଶ୍ୟାମଳା ହେଉ, କୃଷକମାନେ ସଶକ୍ତ ହୁଅନ୍ତୁ ଏବଂ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଉଲ୍ଲାସ ଭରିଯାଉ, ଏହାହିଁ କାମନା କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-22
15001/13/0033/1920


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।

- ଶ୍ରୀ ଚୈତନ୍ୟଦେବ

## ସଂକ୍ଷେପରେ



ବରଗଡ ଜିଲାର ପ୍ରସିଦ୍ଧ ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିରରେ ପଥର ନିର୍ମିତ ବିରଳ ଅଷ୍ଟଭୁଜା ଗଣେଶଙ୍କୁ ସୋମବାର ପୂଜାର୍ଚ୍ଚନା କରାଯାଇଛି।

### ଦରମା ପାଇଲେ ନାହିଁ ଶିକ୍ଷକ

ପଦ୍ମପୁର, ୨।୯ (ଡି.ଏନ.ଏ,)

ମଙ୍ଗଳବାର ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ। ନୂଆଁଖାଇ ପୂର୍ବରୁ ଶିକ୍ଷକଙ୍କୁ ଦରମା, ପେନସନ ଆଦି ପ୍ରଦାନ କରାଯିବ ବୋଲି ସରକାର କହିଥିଲେ। ହେଲେ ବରଗଡ ଜିଲାରେ ଏହାର ବ୍ୟତିକ୍ରମ ଦେଖା ଯାଇଛି। ହାଇସ୍କୁଲ ଶିକ୍ଷକମାନେ ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି। ୬୧୦ ବର୍ଗ, ବ୍ଲକଗ୍ରାଣ୍ଟ, କଣ୍ଟ୍ରାକ୍ଟ ଶିକ୍ଷକମାନେ ଜୁନରୁ ଦରମା ପାଇ ନାହାନ୍ତି।

### ଶିକ୍ଷାନୁଷ୍ଠାନ, ଛକରେ ଗଣେଶପୂଜା

ଗାଇସିଲେଟ,୨।୯(ଡି.ଏନ.ଏ.)

ଗାଇସିଲେଟ ଅଞ୍ଚଳର ସ୍କୁଲ କଲେଜ ଗୁଡିକରେ ସୋମବାର ବିଘ୍ନବିନାଶକ, ବିଦ୍ୟାଦାତା ଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଛି। ପ୍ରତି ଗାଁ, ପଡା, ଗଳିରେ ମଧ ଗଜାନନଙ୍କ ପୂଜା କରାଯାଇଛି। ବ୍ରାହ୍ମଣପଡା, ବଜାର, ଗାନ୍ଧୀନଗରପଡା, ଆଦିବାସୀପଡା, ଷ୍ଟକଚର ପଡାରେ ଉତ୍ସାହ ଉଦ୍ଦୀପନା ସହିତ ଗଣେଶଙ୍କ ପୂଜା ପାଳନ କରାଯାଉଛି।

### ଟ୍ରକ୍ ଧକ୍କାରେ ବୃଦ୍ଧ ଗୁରୁତର

ମନମୁଣ୍ଡା, ୨।୯ (ଡି.ଏନ.ଏ.)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଚଉଁରିଆ ପଦରଠାରେ ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୩ଟା ସମୟରେ ଏକ ଟ୍ରକ୍ ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ସେ ମନମୁଣ୍ଡା ଥାନା ନୂଆପାଲିର ଦିଲୀପ ମହାପାତ୍ର (୬୪)। ତାଙ୍କ ଅଣ୍ଟା, ପଞ୍ଜରା, ଗୋଡ ହାତ ଭାଙ୍ଗିଛି। ତାଙ୍କୁ ପ୍ରଥମେ ବାଉଁଶୁଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ସୋନପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ଗୁରୁତର ଏବଂ ସଂକଟାପନ୍ନ ହେବାରୁ ଶେଷରେ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେ ସାଇକଲରେ ଗାଁରୁ ଦହ୍ୟାକୁ ଯାଉଥିବା ବେଳେ ପଛ ପଟରୁ ଏକ ଟ୍ରକ (ନଂ. ଏନଏଲ ୦୧ ଏସି- ୨୬୧୬) ଧକ୍କା ଦେଇ ଚାଲିଯାଇଥିଲା । ଉକ୍ତ ଟ୍ରକକୁ ବାଉଁଶୁଣି ପୋଲିସ ଅଟକ ରଖିଛି।

### ଶିଶୁ ମନ୍ଦିର ଗାଡ଼ି ଦୁର୍ଘଟଣାଗ୍ରସ୍ତ



ପଦ୍ମପୁର,୨।୯(ଡି.ଏନ.ଏ.)

ପଦ୍ମପୁର ଉପଖଣ୍ଡ ଲଖମରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗୋଟିଏ ଗାଡି ସୋମବାର ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଅବଶ୍ୟ କୌଣସି ଛାତ୍ରୀଛାତ୍ର ଆହତ ପାଇନାହାନ୍ତି। ଧୁମାଭଟା ଅଞ୍ଚଳରୁ ଛାତ୍ରୀଛାତ୍ର ଶିଶୁ ବିଦ୍ୟାମନ୍ଦିରକୁ ସ୍କୁଲ ଭ୍ୟାନରେ ଆସିଥିଲେ । ଗଣେଶ ପୂଜା ସାରି ଘରକୁ ଯାଉଥିବା ବେଳେ ଧୁମାଭଟା- ଲଖମରା ବାଇପାସ୍ ରାସ୍ତାରେ ସାମ୍ନା ପଟରୁ ଜଣେ ବ୍ୟକ୍ତି ହଠାତ୍ ଗାଡି ଆଗକୁ ଆସିଯିବାରୁ ଭ୍ୟାନକୁ ଡ୍ରାଇଭର ସାମାନ୍ୟ ସାଇଡ୍ କରି ନେଇଥିଲା। ଫଳରେ ଭାରସାମ୍ୟ ହରାଇ ଭ୍ୟାନଟି ଓଲଟି ପଡିଥିଲା । ୨୨ ଜଣ ଛାତ୍ରୀଛାତ୍ର ଥିବା ଭ୍ୟାନ ଓଲଟି ଯାଇଥିଲେ ସୁଦ୍ଧା କେହି ଗୁରୁତର ଆହତ ହୋଇ ନ ଥିଲେ। ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଭିଭାବକଙ୍କ ସହ ଘରକୁ ଛାଡି ଦିଆ ଯାଇଛି।

# ଗଣେଶପୂଜାରେ ପରିବେଶ ସୁରକ୍ଷାର ବାର୍ତ୍ତା

ଭଟଲି,୨।୯(ଡି.ଏନ.ଏ)

ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବାକୁ ଏବେ ସଚେତନ କରାଯାଉଛି। କେଉଁଠି ପଲିଥିନ ବର୍ଜନ କରାଯାଉଛି ତ ଆଉ କେଉଁଠି ସ୍ୱଚ୍ଛତା ଅଭିଯାନ କରାଯାଇ ଲୋକଙ୍କୁ ସଚେତନ କରାଯାଉଛି। ଜଙ୍ଗଲ ହ୍ରାସ ଯୋଗୁ ପୃଥିବୀର ତାପମାତ୍ରା ବଢୁଛି। ବିଶ୍ୱ ଉଷ୍ମତା ସହିତ ପ୍ରଦୂଷିତ ପରିବେଶ ଯୋଗୁ ସ୍ୱଚ୍ଛ ବାୟୁ ମିଳିବା କଷ୍ଟକର ହୋଇପଡ଼ିଛି। ଏହିକ୍ରମରେ ବରଗଡ଼ ଜିଲା ଚଢ଼େଇଗାଁସ୍ଥିତ ଇମ୍ପେରିଆଲ କଲେଜ ପକ୍ଷରୁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଏହି ଅନୁଷ୍ଠାନ ପକ୍ଷରୁ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଚଳିତ ବର୍ଷ ଇକୋ ଫ୍ରେଣ୍ଡଲି ଗଣେଶ ମୂର୍ତ୍ତି ମାଗଣାରେ ବଣ୍ଟନ କରାଯାଇଛି। ଶାନ୍ତି ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବଡ଼ମାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଉଲସିଂହା ସରକାରୀ ପ୍ରାଥମିକ ବିଦ୍ୟାଳୟ ଏହି ଅଭିଯାନରେ ସାମିଲ ହୋଇଥିଲେ। ଏହି ଦ୍ୟାଳୟଗୁଡ଼ିକ ଇକୋ ଫ୍ରେଣ୍ଡଲି ଗଣେଶ ମୂର୍ତ୍ତି ପୂଜା କରି ଥିଲେ। ପୂଜାକୁ କୌଣସି ପ୍ରକାର ପ୍ଲାଷ୍ଟିକ ସାମଗ୍ରୀ କିମ୍ବା ପଲିଥିନରେ କୌଣସି ପୂଜା ସାମଗ୍ରୀ ନ ଆଣିବା ପାଇଁ ଛାତ୍ରୀଛାତ୍ରଙ୍କୁ ଅନୁରୋଧ କରାଯାଇଥିଲା। ସାଜସଜ୍ଜାରେ ମଧ ପଲିଥିନ କିମ୍ବା ପରିବେଶକୁ ପ୍ରଦୂଷିତ କରୁଥିବା ସାମଗ୍ରୀ ବ୍ୟବହାର କରା ଯାଇ ନ ଥିଲା।



ବରଗଡ଼ ଜିଲା ଚଢ଼େଇଗାଁସ୍ଥିତ ଇମ୍ପେରିଆଲ କଲେଜ ପକ୍ଷରୁ ତିଆରି କରାଯାଇଥିବା ଇକୋ ଫ୍ରେଣ୍ଡଲି ଗଣେଶ ମୂର୍ତ୍ତି।

## ଏମାନଙ୍କ ମୁଖରୁ...



“ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପରାମର୍ଶ ଯୋଗୁ ଆମ ଚତୁଃପାର୍ଶ୍ୱ ପରିବେଶକୁ ସୁସ୍ଥ ପରିବେଶରେ ପରିଣତ କରିବାରେ ସହାୟକ ହୋଇପାରିଛୁ । ଆମେ ପରିବେଶକୁ ପ୍ରଦୂଷିତ କରୁଥିବା ସାମଗ୍ରୀ ବର୍ଜନ କରିବା ପାଇଁ ଯଥାସାଧ ଚେଷ୍ଟା କରିବୁ । ନିଜ ପରିବାର ସମେତ ନିଜ ସାହିରେ ମଧ ପଲିଥିନ ବର୍ଜନ କରିବା ପାଇଁ ସଚେତନ କରିବୁ। -**ରଚନା ପାଣିଗ୍ରାହୀ**, ଛାତ୍ରୀ।



“ ଆମେ ଅଜାଣତରେ ଅନେକ ଭୁଲ କରିଥାଉଁ ସତ, ମାତ୍ର ପରିବେଶକୁ ପ୍ରଦୂଷିତ କରିବାରେ ଆମେ ଜାଣତରେ ଅନେକ ଭୁଲ କରିଥାଉଁ । ତେବେ ଭବିଷ୍ୟତ ପିଢ଼ିକୁ ଏଥିପାଇଁ ଆମକୁ ଜବାବ ଦେବାକୁ ପଡ଼ିବ । ସେଥିପାଇଁ ଏବେଠୁ ପରିବେଶକୁ ସୁସ୍ଥ ରଖିବା ପାଇଁ ସଚେତନ ହେବାକୁ ପଡ଼ିବ ।

-**ଅଶୋକ ଡନସନା**, ଶିକ୍ଷକ ସତିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ।



“ ଆମେ ପ୍ରଥମ ଥର ପାଇଁ ଏଭଳି କାର୍ଯ୍ୟକ୍ରମ ଆରମ୍ଭ କରିଛୁ। ଆଜି ପୂଜା ପାଉଥିବା ଗଣେଶ ମୂର୍ତ୍ତିରେ ରାସାୟନିକ ରଙ୍ଗର ବ୍ୟବହାର ହୋଇ ନ ଥିଲା ସତା ଅଳତା, ଚୂନ ଏବଂ କୋଇଲାରୁ ପ୍ରସ୍ତୁତ ରଙ୍ଗ ବ୍ୟବହାର କରାଯାଇଥିଲା। ଏଭଳି ଉଦ୍ୟମ ସ୍ୱାଗତ ଯୋଗ୍ୟ ।

-**ପାର୍ବତୀ ପ୍ରଧାନ**, ଶାନ୍ତି ସରକାରୀ ବାଳିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ



“ ବର୍ତ୍ତମାନ ପରିବେଶ ଅତିମାତ୍ରାରେ ପ୍ରଦୂଷିତ ହେବାରେ ଲାଗିଛି । ଆମର ସଚେତନତାର ଅଭାବ ଏହାର ମୁଖ୍ୟ କାରଣ । ତେଣୁ ଆମେ ଆମ ଅନୁଷ୍ଠାନ ପକ୍ଷରୁ ପରିବେଶକୁ ସୁସ୍ଥ ରଖିବା ପାଇଁ ଏଭଳି ଏକ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଛୁ। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟ ସ୍ତରରୁ ହିଁ ଆରମ୍ଭ ହେଲେ ସୁଦୂର ବ୍ୟାପି ହୋଇପାରିବ ଏବଂ ସୁସ୍ଥ ପରିବେଶ ସୃଷ୍ଟି କରାଯାଇପାରିବ । ଏଥିପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା । -**ଦୀପକ ଗୋୟଲ**, ଇମ୍ପେରିଆଲ କଲେଜ।

# ଦୁର୍ଘଟଣାରେ ଛାତ୍ର ଗୁରୁତର

ଘଣ୍ଟାପଡା, ୨।୯ (ଡି.ଏନ.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ୍ ଖମନମୁଣ୍ଡା ପଞ୍ଚାୟତ ଲଣ୍ଡାବାହାଲ ଗ୍ରାମରେ ଏକ ଅଜଣା ବାଇକ୍ ଧକ୍କାରେ ଦିଗୁନମାଲ ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ର ଅଶୋକ କାଲସେ ଗୁରୁତର ହୋଇଛନ୍ତି । ତାଙ୍କୁ ବଲାଙ୍ଗୀର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଲଣ୍ଡାବାହାଲ ଗ୍ରାମର କିଛି ପିଲା ସନ୍ଧ୍ୟାରେ ଶୌଚ ପାଇଁ ସ୍ଥାନୀୟ ସମଲେଶ୍ୱରୀ ନାଳକୁ ଯାଇ ଫେରୁଥିବା ବେଳେ ଅଜଣା ବାଇକ ପଛପଟୁ ଜଣକୁ ଧକ୍କା ଦେଇ ଚାଲିଯାଇଥିଲା । ଏଥିରେ ଅଶୋକ କାଲସେଙ୍କ ମୁଣ୍ଡା, ବାମ ଗୋଡ ଏବଂ ବାମ ହାତରେ ଆଘାତ ଲାଗିଛି। ତାଙ୍କୁ ତୁରନ୍ତ ଖୁଣ୍ଟିଗୋରା ଡାକ୍ତରଖାନାକୁ ନିଆଯାଇଥିଲା। ପରେ ବଲାଙ୍ଗୀର ନିଆଯାଇଥିଲା।

# ପୁରୁଣାକଟକ ବସ୍‌ଷ୍ଟାଣ୍ଡରେ ପରିସ୍ରାଗାର ଉଦ୍‌ଘାଟିତ

ପୁରୁଣାକଟକ, ୨।୯(ଡି.ଏନ.ଏ.)

ବୌଦ୍ଧ ଜିଲା ପୁରୁଣାକଟକ ବ୍ୟବସାୟୀ ସଂଘ ତରଫରୁ ପୁରୁଣାକଟକ ବଜାରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇଛି। ବଜାର ସଫା ରଖିବା ପାଇଁ ସଂଘ ନିଷ୍ପତ୍ତି ନେଇଛି। ଏହି ଅବସରରେ ବସ୍‌ଷ୍ଟାଣ୍ଡରେ ଏକ ପରିଶ୍ରାଗାର ଉଦ୍‌ଘାଟନ କରାଯାଇଛି। ସ୍ଥାନୀୟ ଯୁବ ଶିଳ୍ପପତି ଅଶୋକ ଅଗ୍ରୱାଲା ଏହାକୁ ଉଦ୍‌ଘାଟନ କରିଥିଲେ। ସଂଘ ସଭାପତି ସମରେନ୍ଦ୍ର ବେହେରା, ସଂପାଦକ ଅଜିତ କୁମାର ଦେହୁରୀ, ଟୁନା ଭାଇଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।




ପୁରୁଣାକଟକ ବସ୍‌ଷ୍ଟାଣ୍ଡରେ ପରିସ୍ରାଗାର ଉଦ୍‌ଘାଟନ କରାଯାଉଛି।

# ଘଣ୍ଟାପଡ଼ା ଅଞ୍ଚଳରେ ଗଣପତି ପୂଜନ

ଘଣ୍ଟାପଡା, ୨।୯ (ଡି.ଏନ.ଏ.)

କଣ୍ଟାମାଳ ବ୍ଲକ ଉମା ପଞ୍ଚାୟତର ଫଟାମୁଣ୍ଡା (କଲୋନୀ)ଠାରେ ଯୁବଦୋୟ ୟୁଥ କ୍ଲବ ପକ୍ଷରୁ ବିଘ୍ନ ବିନାଶକ ଶ୍ରୀ ଗଣପତିଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବଳରାମ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ପରମାନନ୍ଦ ଠେଲା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବଂଶୀଧର ମାଝି, ସମ୍ପାଦକ ଯୁବରାଜ ମଲାକ, କୋଷାଧକ୍ଷ ମଧୁମଙ୍ଗଳ ଭୋଇ ଏବଂ ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ । ଗ୍ରାମର ବିଦ୍ୟାଳୟ ଏବଂ ପାତ୍ରପଡା, ହରିଜନ ପଡା, ମଠପଡାରେ ମଧ ଗଣପତି ପୂଜା ହୋଇଥିଲା । ସେହିପରି ପୋଡାପଦର ପାଟଖଣ୍ଡା ଯୁବକ ସଂଘ, ରେଗଡୋଲର କନ୍ଧେନବୁଢ଼ୀ ଯୁବକ ସଂଘ, ଘଣ୍ଟାପଡା ଡିଗ୍ରୀ କଲେଜ, ସମଲେଶ୍ୱରୀ ହାଇସ୍କୁଲ ସମେତ ଖୁଣ୍ଟିଗୋରା ହାଇସ୍କୁଲ, ଖଇମାଳ ଏମଇ ସ୍କୁଲ, ମସିଣାଗୋରା ଶିଶୁ ମନ୍ଦିର ଏବଂ ଘଣ୍ଟାପଡା ଶିଶୁ ମନ୍ଦିରରେ ଗଣେଷ ପୂଜା ପାଳିତ ହୋଇଛି ।



.ଘଣ୍ଟାପଡ଼ା ଅଞ୍ଚଳରେ ଗଣେଶ ପୂଜା ଚାଲିଛି।

# ପିଲାଙ୍କ ତୂଳୀରେ ନୂଆଁଖାଇ



ଶିଶୁ ଚିତ୍ରଶିଳ୍ପୀମାନେ ନୂଆଁଖାଇ ଉପରେ ଆଙ୍କିଥିବା ଏକ ଛବି ।

ବରଗଡ଼ ଅଫିସ, ୨।୯:

ସମୟ ବଦଳୁଛି। ବଦଳୁଛି ପରମ୍ପରା। ଏଥିରୁ ପଶ୍ଚିମଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ମଧ୍ୟ ବାଦ୍ ପଡ଼ି ନାହିଁ । ନୂଆଁଖାଇ ପାଳନରେ ଦିନକୁ ଦିନ ନୂତନତା ଦେଖିବାକୁ ମିଳୁଛି । ଆଉ ଏହା ଭିତରେ ସେଦିନ ନୂଆଁଖାଇ ପର୍ବ ପାଳନ ଅବସରରେ ହେଉଥିବା ଲୋକନୃତ୍ୟ ଡାଲଖାଇ, ରସରକେଲୀ, କଁସାଡ଼ି, କବାଡ଼ି(ଗୁଡୁ), ଚାନ୍ଦଟିପା ଆଦି ଖେଳ, କୁସ୍ତି କସରତ ହଜି ବସିଛି। ସେହିଭଳି ପୂର୍ବକାଳର ଢେଙ୍କିକୁଟା ନୂଆଁଧାନର ଚାଉଳ, ଚୂଡ଼ା ମଧ୍ୟ ଆଉ ଦେଖିବାକୁ ମିଳୁ ନାହିଁ । ଗ୍ରାମାଞ୍ଚଳର କାଁ ଭାଁ କେତେକ ସ୍ଥାନରେ ଏହି ପରମ୍ପରା ଏବେ ମଧ୍ୟ ରହିଛି। ହେଲେ ଅନେକ ସ୍ଥାନରେ ଏହା ଏବେ ଲୁପ୍ତପ୍ରାୟ। ତେବେ ନୂଆଁଖାଇର ଏହି ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ବରଗଡ଼ର କିଛି ଶିଶୁ ଚିତ୍ରଶିଳ୍ପୀ ସେମାନଙ୍କ ତୂଳୀମୁନରେ ନିଜ ଉଦ୍ୟମ ଆରମ୍ଭ କରିଛନ୍ତି। ନୂଆଁଖାଇ ଅବ୍ୟବହିତ ପୂର୍ବରୁ ବରଗଡ଼ ସହର ବିଶିପଡ଼ାସ୍ଥିତ ସ୍କୁଲ ଅଫ୍ ଫାଇନ ଆର୍ଟ(ସୋଫା)ର ଶିଶୁ ଚିତ୍ରଶିଳ୍ପୀମାନେ ସେହି ପରମ୍ପରାକୁ ନେଇ ଚିତ୍ର ଆଙ୍କୁଥିବାବେଳେ ଆମେ ସେମାନଙ୍କୁ ଭେଟିଥିଲୁ । ସେମାନେ ଯାହା କହିଲେ, ତାକୁ ନେଇ ଏକ ଉପସ୍ଥାପନା.....

## ଶିଶୁ ଚିତ୍ରଶିଳ୍ପୀଙ୍କ ମୁହଁରୁ...



“ ନୂଆଁଖାଇ ଆମର ମୁଖ୍ୟପର୍ବ। ଲୋକକଳା, ଲୋକନୃତ୍ୟ, ପୁରୁଣା ଖେଳକୁଦ ଏହି ପର୍ବର ପରମ୍ପରାର ଅନ୍ୟତମ ଆକର୍ଷଣ ଥିଲା ବୋଲି ଶୁଣିବାକୁ ପାଇଛୁ । ହେଲେ ତାହା ଆଉ ଆମେ ଦେଖିବାକୁ ପାଉ ନାହୁଁ । ଫଳରେ ସେହି ପରମ୍ପରାକୁ ଚିତ୍ର ମାଧ୍ୟମରେ ଆଣିବାକୁ ଉଦ୍ୟମ କରିଛି ।

-ସିଦ୍ଧାନ୍ତ ପଣ୍ଡା, ଦଶମ ଶ୍ରେଣୀ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବରଗଡ଼।



“ ମୋ ଚିତ୍ରରେ ସମ୍ବଲପୁରୀ ଲୋକନୃତ୍ୟ, ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ ଆଦିକୁ ଗୁରୁତ୍ୱ ଦେଇଛି । କାରଣ ସମଲେଶ୍ୱରୀ ଦେବୀଙ୍କ ପୂଜାର୍ଚ୍ଚନାରୁ ହିଁ ନୂଆଁଖାଇ ପର୍ବର ଆରମ୍ଭ ହୋଇଥାଏ । ଏହା ସହିତ ନୂଆଁପତ୍ରରେ ନୂଆଁଧାନ ଖାଇବା, ବରିଷ୍ଠ ଲୋକଙ୍କୁ ସମ୍ମାନ ପ୍ରଦର୍ଶନ ଆଦି ମୋ ଚିତ୍ରରେ ରହିଛି ।

-ଶୁଭମ ପ୍ରଧାନ,ସପ୍ତମ ଶ୍ରେଣୀ,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବରଗଡ଼।



“ ଆଗକାଳେ ଘରେ ଘରେ ଢେ଼ଙ୍କି ଥିଲା ଏବଂ ନୂଆଁଖାଇ ଦିନ ଯେଉଁ ନୂଆଁ ଚାଉଳ ଖୁଆଯାଏ, ତାହା ଢେ଼ଙ୍କିରେ କୁଟାଯାଉଥିବା ଚାଉଳ ଥିଲା ବୋଲି ଶୁଣିଛି । ହେଲେ ଆଉ ଢେ଼ଙ୍କି ନାହିଁ, ମେଶିନରେ ଚାଉଳ ବାହାର କରାଯାଉଛି । ଫଳରେ ମୋ ଚିତ୍ରରେ ଢେ଼ଙ୍କକୁଟା ଚାଉଳ ଦୃଶ୍ୟକୁ ରଖିଛି ।- ସାତ୍ତ୍ୱିକ ପଣ୍ଡା, ଦଶମ ଶ୍ରେଣୀ, ରେନବୋ ପବ୍ଲିକ ସ୍କୁଲ।



“ ନୂଆଁଖାଇ ଏକ ନିଆରା ପରମ୍ପରା । ଏହା ଭାଇଚାରାର ପର୍ବ । ମାଁ ସମଲେଶ୍ୱରୀଙ୍କ ଆଶିର୍ବାଦ କାମନା କରିଥାଉ । ଯିଏ ଯେଉଁଠି ଥିଲେ ମଧ୍ୟ ପରିବାରର ସମସ୍ତେ ଘରକୁ ଆସି ଏକାଠି ନବାନ୍ନ ଭକ୍ଷଣ କରିଥାନ୍ତି । ଫଳରେ ତାକୁ ମୋର ଚିତ୍ରରେ ଉପସ୍ଥାପନ ପାଇଁ ଉଦ୍ୟମ କରିଛି ।

- ମଞ୍ଜିଲ କୁମାର ଗିରି,ସପ୍ତମ ଶ୍ରେଣୀ,ବିକାଶ ରେସିଡେନ୍ସିଆଲ ସ୍କୁଲ

# ଆଏଜ୍ ନୂଆଁଖାଇ, ପରିବା ଦର୍ ଆକଶ୍ ଛୁଆଁ

ଭଟଲି,୨।୯(ଡି.ଏନ.ଏ)

ଆଏଜ୍ ପଶ୍ଚିମ ଓଡ଼ିଶାର ଲୋକ୍ ପରବ୍ ନୂଆଁଖାଇ । ସେଥିର୍ ଲାଗି ସବୁଫାଲେ ଗହଗହ ମହମହ । ବଜାର ନୁ ଧରିକରି କ୍ଷେତ ବାଡ଼ିତକ୍ ସବୁନୁ ଲୁକ୍‌କର ଭିଡ଼ଭାଡ଼ ଲାଗିଛେ । ଦୂରିଆର ଲୁକେ ବି ନୂଆଁ ଖାଏବାର୍ ଲାଗି ନିଜର ଘର୍ ମାନକୁ ଆସିଛନ୍ । ସଭେ ଉଷତ୍ ଆନନ୍ଦ ଥି ନିଜର ପରିବାର୍ ସାଙ୍ଗେ ମିଶିକରି ନୂଆଁ ଖାଏବେ । ହେତିର୍ ଲାଗି ସମ୍‌କିରର୍ ମନେ କେତେ ଖୁସି । ମଙ୍ଗଳବାର ନୂଆଁଖାଇ ପରବ୍ ହେବାର ଥିଲା ବେଲ୍‌କେ ଆଗର୍ ଦିନେ ସୋମବାର ଭଟଲିର ସାତଦିନିଆ ବଜାର ବସିଥିଲା । ସେ ବଜାର୍‌କେ ଲୁକ୍‌କର ଭିଡ଼ ଲାଗି ପଶି ନାଇଁ ହେଉଥାଇଁ । ସେ ସାଙ୍ଗେ କଁଚା ତୁନ୍ନାଗ୍‌ର ଦର୍‌ଦାମ୍ ବି ଆକାଶକେ ଛିଉଥିଲା । ଅଲ୍‌ଗାଦିନେ ଚାଷୀ ସହିଲହି କରି ତୁନ୍ନାଗ୍ ବିକୁଥିଲା ବେଲ୍‌କେ ସମାର ବଜାରେ ଦୁଇ ପଏସା କମାବାର ଇଚ୍ଛା ରଖିଥିଲା । ସେଥିର ଲାଗି ମାଖନ କେଜି ୧୫ ଟଙ୍କା ଥିଲା ବେଲ୍‌କେ ଜହ୍ନି ୪୦ ଟଙ୍କା, ଝଲେର ୫୦ ଟଙ୍କା, ପୁଟଲ ୬୦ଟଙ୍କା, କୁବି ୮୦ ଟଙ୍କା, ପାତଲଘଂଟା ୪୦ ଟଙ୍କା, ମୁନ୍‌ଗା ୧୨୦ ଟଙ୍କା, ସାରୁ ୬୦ଟଙ୍କା ହଇଥିଲା । ତଥାପି ବି ଲୋକ ମିଶିକରି ନୂଆଁ ଟିକେ ସଭେ ମିଶି କରି ଖାଏମୁ ବଲି ଘିନି ନେଉଥିଲେ । ନୂଆଁ ଧାନ ବି ପୂଜା କର୍‌ବାର ଲାଗି ବିକ୍ରି ହେଉଥିଲା ବେଲ୍‌କେ ସେଟା ବି କେଁଡ଼ା ୨୦ ରୁ ୩୦ଟଙ୍କା ଥିଲା ।



## ଏମାନଙ୍କ ମୁଖରୁ...



“ ଧାନ ଚାଷ କରସୁଁ, ପହେଲା ଧାନ କେଁଡ଼ା ଦେଖି କରି ବହୁତ ଉଷତ୍ ଲାଗ୍‌ସି । ଚାଷୀ ଯେତ୍‌କି ଚାଷ୍ କାମେ ଖଏର୍ଚ୍ଚା କର୍‌ସି ତାର କିଛି ମୁଲ୍ୟ ନାଇ ଥାଏ । ତୁନ୍ନାଗ୍ ଚାଷ କରିଥିଲେ ବି ଅଲ୍‌ଗା ଦିନେ ଦର୍‌ଦାମ୍ ନାଇ ବଢ଼େଇ ହଏ । ହେଲେ ଏନ୍‌ତା ଦିନ ମାନକୁ ଆଶା ଟିକେ ଥିସି ବଲି ଦୁଇ ପଏସା କମେଇ ପାର୍‌ସୁଁ । ଇଟା ଖାଲି ଚାଷୀର ପରବ୍ ନୁହେଁ ସବୁ ଲୁକ୍‌କର ଭାଇଚାରାର୍ ପରବ୍ ଆଏ । -**ପ୍ରତାପ ଖମାରୀ**, ଚାଷୀ, କର୍ଲାଜୋରୀ।



“ ପ୍ରତି ବର୍ଷ ଆମେ ନୂଆଁଖାଇ ପାଳନ କରିଆସୁଛୁଁ। ମାତ୍ର ଚଳିତ ବର୍ଷ ନୂଆଁଖାଇ ପାଳନ ଚାଷୀ ଠାରୁ ଆରମ୍ଭ କରି ସାଧାରଣ ଲୋକ ପର୍ଯ୍ୟନ୍ତ ସମସ୍ତେ ଖୁସି ଅଛୁ । କାରଣ ଚଳିତ ବର୍ଷ ଅଗଷ୍ଟ ମାସରେ ଆଶା ଠାରୁ ଢ଼େର ବର୍ଷା ହୋଇଛି । ପତ୍ୟେକ ଜମିରେ ଭଲ ଚାଷ ହୋଇପାରିଛି । ଚାଷୀ ଅଧିକ ଉପାର୍ଜନ ଆଶରେ ଥିବାବେଳେ ଆମେ ସାଧାରଣ ଜନତା ମଧ ଚାଷୀର ଖୁସିରେ ଖୁସି ଅଛୁ । ଆଜି ପରିବା ଦର ଆକାଶ ଛୁଆଁ ହୋଇଥିଲେ ମଧ ନୂଆଁଖାଇ ପର୍ବ ପାଳନ ପାଇଁ ତାହା କିଛି ନୁହଁ।

-ଅର୍ଜୁନ ସାହୁ, ସାମାଜିକ କର୍ମୀ, ଭଟଲି।



“ କାଏଲ ଆମର ଅଂଚଲ୍‌ର ମହାନ୍ ପରବ୍ ନୂଆଁଖାଇ ଆଏ । ଇ ଦିନ୍‌କେ ସଭେ ଜୁଗିକରି ବିସଥିସୁଁ । ତୁନ୍ନାଗ୍ ଯେତେ ଟଙ୍କା ହେଲେ ବି ନୂଆଁଖାଇ ଗୁଟେ ଉଷତ୍ ଆନନ୍ଦ୍‌ର ପରବ୍ ଆଏ ଯେହେତୁ ଘିନ୍‌ବାର୍ କେ ପଡ଼ସି । ଚାଷୀ ସବୁଦିନ ସହୁଛେ, ଏନ୍‌ତା ଦିନେ ନାଇଁ କମାବା ବେଲେ କେଭେ ଆଉ କମାବା । -**ବିଷ୍ଣୁ କୁମାର ରଥ**, ଭଟଲି।

# ବୌଦ୍ଧରେ ଗଣେଶପୂଜା ଧୁମଧାମରେ ପାଳିତ

ବୌଦ୍ଧ,୨।୯(ସ୍ୱ.ପ୍ର.)

ବୌଦ୍ଧ ସହର ସୋମବାର ଗଣେଶ ପୂଜାରେ ଚଳଚଞ୍ଚଳ ହେବା ସହ ବିଭିନ୍ନ ଅନୁଷ୍ଠାନରେ ଧୁମଧାମରେ ପୂଜା ଉତ୍ସବ ପାଳିତ ହୋଇଛି। ଗଣେଶ ବଜାର, ପୋଡାପଡାଛକ, ବନବିଭାଗ, ବୁଢୁପାଲି, ରାଜନପାଲି, ବାବୁସାହି ଓ ନୂଆସାହିର ଗଣେଶ ପୂଜା ପାଳିତ ହୋଇଛି । ସହରର ଅନେକ ଯୁବକ ସଂଘ ଓ କ୍ଲବ ପକ୍ଷରୁ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ କରାଯାଉଛି। ବିଭିନ୍ନ ପୂଜା ମଣ୍ଡପ ଗୁଡ଼ିକରେ ସୁସଜ୍ଜିତ ଆଲୋକ ମାଳା ଝଲୁଛି। ଆକର୍ଷଣୀୟ ସାଜସଜ୍ଜା ହୋଇଥିବା ବେଳେ ପାଗ ଅନୁକୂଳ ହୋଇଥିବାରୁ ଦର୍ଶନ ପାଇଁ ସନ୍ଧ୍ୟାରେ ପୂଜା ମଣ୍ଡପ ଗୁଡିକରେ ଭିଡ ଲାଗି ରହିଥିଲା।



ବୌଦ୍ଧରେ ପୂଜା ପାଉଥିବା ବିଘ୍ନ ବିନାଶକ ଗଣେଶ।



ଯିଏ ମତେ ସର୍ବଦା ଚାହାନ୍ତି ଓ ଶ୍ରଦ୍ଧା ପୂର୍ବକ ମୋର ପୂଜା କରନ୍ତି, ମୁଁ ତାଙ୍କୁ ସେହି ବିବେକ ବୁଦ୍ଧି ପ୍ରଦାନ କରେ, ଯଦ୍ଦ୍ୱାରା ସେ ମୋତେ ସମ୍ପୂର୍ଣ୍ଣ ରୂପେ ପ୍ରାପ୍ତ ହୁଅନ୍ତି। -ଶ୍ରୀକୃଷ୍ଣ

## ସଂକ୍ଷେପରେ

### ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

**ବେତନଟୀ,୨।୯(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଦହିକୋଟୀ ଗ୍ରାମର ଜଣେ ଚାଷୀ ବିଲରେ କାମ କରୁଥିବା ବେଳେ ବଜ୍ରପାତ ଯୋଗୁ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଧନଞ୍ଜୟ ସିଂ (୪୨)। ସୋମବାର ଅପରାହ୍ଣରେ ସେ ତାଙ୍କ ସ୍ତ୍ରୀଙ୍କ ସହ ବିଲରେ ଥିବା ବେଳେ ବଜ୍ରପାତରେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ବେତନଟୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ପାଣିରେ ବୁଡ଼ି ଶିଶୁଙ୍କ ଜୀବନ ଗଲା

**ଖୁଣ୍ଟା,୨।୯(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଭଲିଆଡିହା ଗ୍ରାମର ଜଣେ ୬ ବର୍ଷର ଶିଶୁ ଚୁଆରେ ପଡ଼ି ଯିବାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ଶିଶୁ ଏହି ଥାନା ଅଧୀନ ଗୟଳମରାର ସାଗରାମ ବାସ୍କେଙ୍କ ପୁଅ ଚମ୍ପାଇ। ସୋମବାର ଚମ୍ପାଇ ପରିବାର ଲୋକଙ୍କ ସହ ଭାଲିଆଡିହା ଗ୍ରାମସ୍ଥିତ ମାମୁଁ ଘରକୁ ଯାଇଥିଲେ। ସେଠାରେ ଅନ୍ୟ ପିଲାଙ୍କ ସହିତ ଖେଳିବାକୁ ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପରେ ତାଙ୍କ ମୃତଦେହ ନିକଟସ୍ଥ ଏକ ଚୁଆରେ ଭାସୁଥିବା ଦେଖିବାକୁ ମିଳିଥିଲା।

# ଆଜି ନୂଆଁଖାଇ: ସବୁଠି ଚଳଚଞ୍ଚଳ

**ସୋନପୁର,୨।୯(ନି.ପ୍ର.)**



ବିଜୁ ପଟ୍ଟନାୟକ ଛକରେ ଆଦିବାସୀ ମହିଳାମାନେ କୁରେଇ ପତ୍ର ବିକ୍ରି କରୁଛନ୍ତି ।

ପଶ୍ଚିମ ଓଡିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ମଙ୍ଗଳବାର ପାଳନ ହେବ। ଏଥିପାଇଁ ସଜେଇ ହୋଇଛି ଗାଁ ଦାଣ୍ଡ, ସାହିପଡିଶା, ଦିଅଁ ଦେଉଳ, ଦେବଦେବୀ ଓ ଘରଦ୍ୱାର। ଗାଁ ଠୁ ସହର ଉତ୍ସବର ମାହୋଲ। ବାହାରେ ରହୁଥିବା ଲୋକେ ନିଜ ନିଜ ଘରକୁ ଫେରି ଆସିଛନ୍ତି। ସ୍ୱକୁଟୁମ୍ବ ଓ ସାହି ପଡିଶାଙ୍କ ସହିତ ମିଶି ନୂଆଁଖାଇ(ନବାନ୍ନ ଭକ୍ଷଣ) ପାଇଁ ଜୋରସୋରରେ ଚାଲିଛି ପ୍ରସ୍ତୁତି। ଅନ୍ୟବର୍ଷ ଅପେକ୍ଷା ଚଳିତ ବର୍ଷ କିପରି ଅଧିକ ଜାକଜମକରେ ପର୍ବ ପାଳନ ହେବ ସେ ଦିଗରେ ସମସ୍ତେ ଲାଗି ପଡିଛନ୍ତି। ନୂଆଁଖାଇରେ ନୂଆ ଚାଉଳ, ନୂଆ ବସ୍ତ୍ର ସାଙ୍ଗକୁ ନୂଆ ପାତ୍ରର ବ୍ୟବହାର କରାଯାଇଥାଏ । ଘରେ ଘରେ ନୂଆଁ ଚାଉଳରେ ପ୍ରସ୍ତୁତ ନୈବେଦ୍ୟକୁ ନୂଆଁ ପାତ୍ରରେ ଇଷ୍ଟଦେବାଦେବୀଙ୍କ ଅର୍ପଣର ବିଧି ରହିଛି। ଗଣପର୍ବ ଅବସରରେ ପ୍ରଚଳିତ ନୂଆଁ ସରିଆ ଧାନରୁ ପ୍ରସ୍ତୁତ ହୁଏ ଚୂଡା। ଏହାକୁ ଇଷ୍ଟଦେବୀଙ୍କଠାରେ ସମସ୍ତେ ନୂଆଁ ଭୋଗ ଅର୍ପଣ କରିଥାନ୍ତି। ସୋମବାର ସୋନପୁରର ମଙ୍ଗଳବାର ବଜାର, ବିଜୁ ପଟ୍ଟନାୟକ ଛକ ଓ ମଝିପଡାରେ ଖାସ ଏଥିପାଇଁ ହାଟ ବସିଥିଲା। ପନିପରିବା ସହ ଫଳମୂଳ ଓ ଅନ୍ୟାନ୍ୟ ସାମଗ୍ରୀ ଦର ଆକାଶଛୁଆଁ ରହିଥିଲେ ମଧ୍ୟ ଲୋକେ ବଜାରରୁ ଜିନିଷପତ୍ର କିଣାକିଣି କରିଥିଲେ। ଜିଲା ବାହାର ଅଞ୍ଚଳର ଚାଷୀ ବଜାରରେ ସରିଆ ଧାନକୁ ବିଡା ପ୍ରତି ୧୦ଟଙ୍କା ଓ ୫ଟଙ୍କା ମୂଲ୍ୟରେ ବିକ୍ରି କରିଥିଲେ। ସେହିଭଳି ସରିଆ ଧାନରୁ ପ୍ରସ୍ତୁତ ଚୁଡା, ଖଲିପତ୍ର, କୁରେପତ୍ର, ମାଟିପାତ୍ର ଓ ବାଉଁଶ ପାତିଆର ମଧ୍ୟ ଭାଉ ଥିଲା। ମାଟିପାତ୍ର ଓ ବାଉଁଶ ପାତିଆରେ ପ୍ରସ୍ତୁତ ଭୁଗା ଓ ଟାଙ୍ଗୁଡିର ଚାହିଦା ଅଧିକ ରହିଥିଲା। କାରଣ ନୂଆ ଚାଉଳକୁ ନବାନ୍ନ ଭାବରେ ମାଟିପାତ୍ରରେ ଭଗବାନଙ୍କୁ ସମର୍ପଣ କରାଯାଇଥାଏ। ସହରାଞ୍ଚଳରେ ଷ୍ଟେନ୍‌ଲେସ୍ ଷ୍ଟିଲ୍, ପିତଳ, କଂସା ପାତ୍ରର ବ୍ୟବହାରର ବ୍ୟାପକତା ରହିଛି। କିନ୍ତୁ ନୂଆଁଖାଇ ଭଳି ପର୍ବଦିନ ପବିତ୍ରତା ପାଇଁ ମାଟିପାତ୍ର ବ୍ୟବହାର କରାଯାଇଥାଏ। ମାଟି ପାତ୍ରର ଚାହିଦା ପାଇଁ ଏକ ମାସ ପୂର୍ବରୁ ମାଟି ହାଣ୍ଡି, ସରେଇ ଓ ପାତଳି ପ୍ରସ୍ତୁତ କରୁଥିବା ଲୋକ ସପରିବାରେ ଏହି ସମଗ୍ରୀ ତିଆରିରେ ଲାଗିଥିଲେ। ବଜାରରେ ଏବେ ମାଟି ପାତ୍ର ୨୦ ରୁ ୧୦୦ଟଙ୍କା ଦରରେ ବିକ୍ରି ହୋଇଛି। ସେହିପରି ଡ୍ରେସ, ଶାଢି ଓ କସମେଟିକ୍ସ ଶୋରୁମରେ ପ୍ରବଳ ଭିଡ ଲାଗି ରହିଛି। ମଙ୍ଗଳବାର ସମଲେଇ ମନ୍ଦିରରୁ ସ୍ୱତନ୍ତ୍ରଭାବେ ପାହୁର ଶୋଭାଯାତ୍ରା ସକାଳ ୮ଟା ୪୬ ମିନିଟ୍‌ରୁ ୯ଟା ୨୮ ମିନିଟ୍ ମଧ୍ୟରେ ବାହାରିବ। ନୂଆଁଖାଇ ପାହୁର ସର୍ବପୁରାତନ ଗଡଜାତ ରାଜ୍ୟର ପ୍ରଚଳିତ ପ୍ରଥା, ପରମ୍ପରା ଓ ଧାର୍ମିକ ନୀତିନିୟମ ଅନୁସାରେ ନବାନ୍ନଭୋଗ ଓ ପୂଜା ସାମଗ୍ରୀ ଅର୍ପଣ ପାଇଁ ଏହା ଅଷ୍ଟଚଣ୍ଡୀ ଓ ମଝିପଡା ସ୍ଥିତ ଅନୁମାନଙ୍କ ପୀଠକୁ ଯିବ। ପୂର୍ବାହ୍ଣ ଘ୯.୫୭ମିନିଟ୍‌ରୁ ଘ୧୦.୧୧ମିନିଟ୍ ମଧ୍ୟେ ବିଶୁଦ୍ଧ ତୁଳା ନକ୍ଷତ୍ର ଲଗ୍ନ ଅମୃତ ସମୟରେ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା’ ସୁରେଶ୍ୱରୀଙ୍କଠାରେ ନବାହ୍ନ ଭୋଗ ଲାଗିବ । ଏହାପରେ ଜିଲାବାସୀ ନବାହ୍ନ ଭକ୍ଷଣ କରିବେ।

### ସେରେନା, ସ୍ୱିତୋଲିନା କ୍ୱାର୍ଟରରେ

**ନ୍ୟୁୟର୍କ, ୨।୯:** ଆମେରିକାର ସେରେନା। ୱିଲିୟମ୍ସ ଓ ୟୁକ୍ରେନର ଏଲିନା ସ୍ୱେତୋଲିନା ୟୁଏସ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆହତ ସମସ୍ୟାରୁ ମୁକୁଳି ସେରେନା ପ୍ରି-କ୍ୱାର୍ଟର ଫାଇନାଲରେ ୬-୩, ୬-୪ ସେଟ୍‌ରେ କ୍ରୋଏସିଆର ପେଟ୍ରା ମାର୍ଟିକଙ୍କୁ ପରାସ୍ତ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସେ ଚାଇନାର ୱାଙ୍ଗ କ୍ୱିଆଙ୍ଗଙ୍କୁ ଭେଟିବେ। ସେହିପରି ସ୍ୱିତୋଲିନା ପ୍ରି କ୍ୱାର୍ଟରରେ ଆମେରିକାର ମାଡିସନ କିଜ୍‌ଙ୍କୁ ୭-୫, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସରୁ ରୋଲାଣ୍ଡ ଗାରୋସ ଚାମ୍ପିୟନ ଆଶ୍‌ଲେ ବାର୍ଟି ଓ କାରୋଲିନା ପ୍ଲିସ୍‌କୋଭା ପ୍ରି-କ୍ୱାର୍ଟରରୁ ବିଦାୟ ନେଇଛନ୍ତି। ବାର୍ଟି ପ୍ରି-କ୍ୱାର୍ଟରରେ ଚାଇନାର ୱାଙ୍ଗଙ୍କ ନିକଟରୁ ୨-୬, ୪-୬ ସେଟ୍‌ରେ ପରାସ୍ତ ହୋଇଥିଲେ। ପ୍ଲିସ୍‌କୋଭାଙ୍କୁ ୬-୭(୧-୭), ୬-୩, ୭-୫ ସେଟ୍‌ରେ ହରାଇ ବ୍ରିଟେନର ଜୋହାନା କୋଣ୍ଟା କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି।

## ଜମି ଅଡୁଆ: ଆଗେଇ ପାରୁନି ମେଗା ତୈଳବୀଜ ବିହନ ହବ୍

**ଭୁବନେଶ୍ୱର, ୨।୯ (ବ୍ୟୁରୋ)**

ଡାଲିଜାତୀୟ ଫସଲ ଉତ୍ପାଦନ ବୃଦ୍ଧି ପାଇଁ ଓଡ଼ିଶାରେ ଏକ ମେଗା ତୈଳବୀଜ ବିହନ ହବ୍ ସ୍ଥାପନ କରିବାକୁ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଦାବି କରିଆସୁଥିଲେ। ତେବେ ଏଥିପାଇଁ ଆବଶ୍ୟକ ଜମି ମିଳୁ ନ ଥିବାରୁ ତାହା ଏବେ ଅନିଶ୍ଚିତତା ଭିତରକୁ ଚାଲିଯାଇଛି। ଏଥିପାଇଁ ରାଜ୍ୟ ସରକାର ବହୁ ପୂର୍ବରୁ ଭାରତୀୟ କୃଷି ଗବେଷଣା ପରିଷଦ(ଆଇସିଏଆର)କୁ ଅନୁରୋଧ କରିଥିଲେ। ଏହି ହବ୍ ସ୍ଥାପନ କରିବାକୁ ଭାରତୀୟ ତୈଳବୀଜ ଗବେଷଣା ପ୍ରତିଷ୍ଠାନ (ଆଇଆଇଓଆର) ରାଜି ହୋଇଥିଲା। ପ୍ରଥମେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପରିସରରେ ଏହି ହବ୍ କରିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଏଥିପାଇଁ ଜମି ନ ମିଳିବାରୁ ବିହନ ହବ୍ ଦୀର୍ଘ ବର୍ଷ ହେବ କାର୍ଯ୍ୟକାରୀ ହୋଇ ପାରୁ ନାହିଁ। ରାଜ୍ୟ ସରକାରୀ ଅଧିକାରୀଙ୍କ ଉଦାସୀନତା ଯୋଗୁ ଏହା ଆଗେଇ ପାରୁ ନାହିଁ। ରାଜ୍ୟର ୭ଟି ଜିଲାରେ ଓୟୁଏଟିର ବିହନ ହବ୍ ରହିଛି। ଏହି ହବ୍‌ଗୁଡିକ ଚାଷୀଙ୍କ ପାଇଁ ବିଶେଷ ଉପଯୋଗୀ ହୋଇ ପାରୁ ନାହିଁ। ଆଇଆଇଓଆର ଉନ୍ନତ ଜ୍ଞାନକୌଶଳରେ ଏହି ହବ୍ ସ୍ଥାପନ କରିବାକୁ ଯାଉଥିବାରୁ ରାଜ୍ୟର କୃଷକଙ୍କ ପାଇଁ ଏହା ଯଥେଷ୍ଟ ସହାୟକ ହେବ ବୋଲି କୁହାଯାଉଛି । ଆଇସିଏଆର ଏହି ହବ୍ ସ୍ଥାପନ କରିବାକୁ ଜୋରଦାର ଉଦ୍ୟମ କରୁଥିବା ବେଳେ ଜମି ଯୋଗାଇବା ବାଧକ ସୃଷ୍ଟି କରିଛି। ତୈଳବୀଜ ବିହନ ହବ୍ ପାଇଁ କେନ୍ଦ୍ର ସରକାର ୬ କୋଟି ଟଙ୍କା ପ୍ରଦାନ କରି ସାରିଛନ୍ତି। ଏଥିପାଇଁ ୧୦ ଏକର ଜମିର ଆବଶ୍ୟକତା ରହିଛି। ରାଜ୍ୟ ସରକାର ଜମି ଯୋଗାଇ ଦେବାକୁ ରାଜି ହୋଇଥିଲେ। ଗତ ଫେବୃୟାରୀରେ ଏ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣା ହୋଇଥିଲା। ରାଜ୍ୟ ସରକାର ଯେଉଁ ଜମି ଯୋଗାଇ ଦେଇଥିଲେ ତାହା ଜଙ୍ଗଲ କିସମ ହୋଇଥିବାରୁ ବିହନ ହବ୍ ସ୍ଥାପନ କରିବା ନେଇ ବିଳମ୍ବ ହେଉଛି। ଏଥିପାଇଁ ପରିବେଶ ଅନୁମତି ନେବାକୁ ପଡୁଥିବାରୁ ଏହି ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେଉଛି। ଅନ୍ୟ ପକ୍ଷରେ ପ୍ରକଳ୍ପ ଖର୍ଚ୍ଚ ମଧ୍ୟ ବଢି ଚାଲିଛି। ଜମି ଅଡୁଆ ନ ତୁଟିବା ଯାଏ ଏହି ପ୍ରକଳ୍ପ ନିର୍ମାଣକାର୍ଯ୍ୟ ଆଗେଇ ପାରିବ ନାହିଁ ବୋଲି ଆଇସିଏଆରର ଜଣେ ଅଧିକାରୀ କହିଛନ୍ତି।

ବିଶ୍ୱ ନାରିକେଳ ଦିବସ ପାଳିତ

## ଫନୀ କ୍ଷତିଗ୍ରସ୍ତ ନଡ଼ିଆ ଚାଷୀଙ୍କୁ କେନ୍ଦ୍ର ଦେବ ସହାୟତା

**ଭୁବନେଶ୍ୱର, ୨।୯(ବ୍ୟୁରୋ)**



ବିଶ୍ୱ ନାରିକେଳ ଦିବସ କାର୍ଯ୍ୟକ୍ରମରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର୍ ଓ ଅନ୍ୟମାନେ।

ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ନଡ଼ିଆ ଚାଷୀଙ୍କୁ କେନ୍ଦ୍ର ସରକାର ସହାୟତା ପ୍ରଦାନ କରିବେ। ଏଥିପାଇଁ ବିସ୍ତୃତ ରିପୋର୍ଟ ପ୍ରଦାନ ଲାଗି ରାଜ୍ୟ ସରକାରଙ୍କୁ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି। ସୋମବାର ବିଶ୍ୱ ନାରିକେଳ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ତୋମାର କହିଛନ୍ତି ଯେ, ନଡ଼ିଆ ଉତ୍ପାଦନରେ ଓଡ଼ିଶା ଦେଶରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିଥିବାବେଳେ ଭାରତ ସରକାରଙ୍କ ପକ୍ଷରୁ ନଡ଼ିଆ ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦିଆଯିବ। ଆସନ୍ତା ୧୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଞ୍ଚିଠାରେ ପ୍ରଧାନମନ୍ତ୍ରୀ କିଷାନ ମାନ ଧନ ଯୋଜନାର ଆନୁଷ୍ଠାନିକ ଶୁଭାରମ୍ଭ କରିବେ। ଏହି ଅବସରରେ ପ୍ରାୟ ୧୦ ଲକ୍ଷ କୃଷକଙ୍କୁ ସହାୟତାରାଶି ପ୍ରଦାନ କରାଯିବ। ଏହି ଯୋଜନା ଅନ୍ତର୍ଗତ ଓଡ଼ିଶାରୁ ବର୍ତ୍ତମାନ ସୁଦ୍ଧା ୫୨ ହଜାର ଚାଷୀ ପଞ୍ଜିକରଣ କରିଥିବା କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି। ବିଶ୍ୱ ବଜାରରେ ଭାରତର ନଡ଼ିଆ ଓ ଆନୁସଙ୍ଗିକ ପଦାର୍ଥର ଚାହିଦା ବୃଦ୍ଧି ପାଉଛି। ତେଣୁ ଆଗାମୀ ଦିନରେ ଦେଶବ୍ୟାପୀ ୧୦ ହଜାର ଫାର୍ମର୍ସ ପ୍ରଡ୍ୟୁସର ଅର୍ଗାନାଇଜେଶନ(ଏଫ୍‌ପିଓ) ସ୍ଥାପନ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ଏହି ଏଫ୍‌ପିଓ କେନ୍ଦ୍ର ଦ୍ୱାରା ଚାଷୀଙ୍କୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସୂଚନା ଓ ସହାୟତା ପ୍ରଦାନ କରାଯିବ। ଏହି କେନ୍ଦ୍ରଗୁଡ଼ିକ ନଡ଼ିଆ ଚାଷୀଙ୍କ ଦକ୍ଷତା ବିକାଶରେ ମଧ୍ୟ ସହାୟକ ହେବ। ବର୍ତ୍ତମାନ ଦେଶରେ ସରକାରୀ ସହାୟତାରେ ୪୮୪ଟି ନଡ଼ିଆ ଉଦ୍ୟୋଗ ଚାଲୁଛି। ୨୦୨୨ ସୁଦ୍ଧା ଏହି ସଂଖ୍ୟାକୁ ଦ୍ୱିଗୁଣିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ନଡ଼ିଆ ଚାଷୀମାନଙ୍କୁ ଷ୍ଟାର୍ଟଅପ୍ ଆରମ୍ଭ କରିବା ପାଇଁ କେନ୍ଦ୍ର ସରକାର ପୋତ୍ସାହିତ କରିବେ ବୋଲି ମନ୍ତ୍ରୀ କହିଛନ୍ତି।

ନାରିକେଳ ବିକାଶ ବୋର୍ଡ ପକ୍ଷରୁ କିଟ୍ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ ଅଧ୍ୟକ୍ଷତା କରି କହିଲେ, ଫନୀରେ ଉପକୂଳବର୍ତ୍ତୀ ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ଯାଜପୁର ଏବଂ କେନ୍ଦ୍ରାପଡ଼ା ଜିଲାର ୭୯୩୦ ହେକ୍ଟର ଜମିରେ ନଡ଼ିଆ ଗଛ କ୍ଷତିଗ୍ରସ୍ତ ହୋଇଛି। ନାରିକେଳ ବିକାଶ ବୋର୍ଡ ଦ୍ୱାରା ଓଡ଼ିଶାରେ ନଡ଼ିଆ ଉତ୍ପାଦନ ବୃଦ୍ଧି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି। ନାରିକେଳ ଉନ୍ନୟନ ବୋର୍ଡ ଅଧ୍ୟକ୍ଷ ଉଷାରାଣୀ ନାରିକେଳ ଦିବସ ପାଳନ ସମ୍ପର୍କରେ କହିଥିଲେ। ଭୁବନେଶ୍ୱର-ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭାରତ ସରକାରଙ୍କ କୃଷି ସଚିବ ସଞ୍ଜୟ ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନାରିକେଳ ବିକାଶ ବୋର୍ଡ ଉପାଧ୍ୟକ୍ଷ ବିଶ୍ୱନାଥ ରଥ ଧନ୍ୟବାଦ ଦେଇଥିଲେ। ଏଥିରେ ଓଡ଼ିଶା ସମେତ ଆନ୍ଧ୍ର ପ୍ରଦେଶ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ, ଆସାମ ଭଳି ବିଭିନ୍ନ ରାଜ୍ୟର ୫୦୦ରୁ ଉର୍ଦ୍ଧ୍ୱ ନଡ଼ିଆ ଚାଷୀ ଯୋଗ ଦେଇଥିଲେ। ନଡ଼ିଆ ଉତ୍ପାଦକ ସମିତି, ନଡ଼ିଆ ଚାଷୀ ଏବଂ ନଡ଼ିଆ ଉତ୍ପାଦକ ଫେଡେରେଶନ ଓ କମ୍ପାନୀର ପ୍ରତିନିଧିମାନେ ନଡ଼ିଆ ଚାଷ ସମ୍ପର୍କିତ ଅଭିଜ୍ଞତା ଓ ଅନୁଭୂତି ବର୍ଣ୍ଣନା କରିଥିଲେ। ନଡ଼ିଆ ଚାଷ ସମ୍ବନ୍ଧୀୟ ଓଡ଼ିଆ, ଇଂଲିଶ ଓ ହିନ୍ଦୀରେ ଲିଖିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଏକ ପ୍ରଦର୍ଶନୀକୁ କେନ୍ଦ୍ର ମନ୍ତ୍ରୀ ତୋମାର ଉଦ୍‌ଘାଟନ କରିଥିଲେ। ଏଥିରେ ୧୫ ଉଦ୍ୟୋଗ ପକ୍ଷରୁ ନଡ଼ିଆ ଏବଂ ଏଥିରୁ ଉତ୍ପାଦିତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଆୟୋଜିତ ବୈଷୟିକ କର୍ମଶାଳାରେ ଓୟୁଏଟି ପ୍ରଫେସର ଡ. ଏସ୍. ସି. ସାହୁ ଏବଂ ଏମ୍‌ସର ଆସୋସିଏଟ୍ ପ୍ରଫେସର ଡ. ଅମିତ ଘୋଷ ପ୍ରମୁଖ ଯୋଗଦେଇ ‘ନଡ଼ିଆ ଚାଷର ପଦ୍ଧତି ଏବଂ ସ୍ୱାସ୍ଥ୍ୟ ପାଇଁ ଏହାର ଉପଯୋଗିତା’ ସମ୍ପର୍କରେ ଆଲୋଚନା କରିଥିଲେ।

### ଇତିହାସ, ବିଜ୍ଞାନ ପଢ଼ାଉଛି ରୋବୋ

**ବେଙ୍ଗାଲୁରୁ:** ବେଙ୍ଗାଲୁରୁର ଏକ ବେସରକାରୀ ସ୍କୁଲରେ ଆର୍ଟିଫିସିଆଲ ଟେକ୍‌ନୋଲୋଜି ଆଧାରରେ ପିଲାଙ୍କୁ ପଢାଉଛି ରୋବୋ। ଏହା ମଣିଷ ଭଳି ପୂରା ଦେଖିବାକୁ ଏହି ରୋବୋଟର ପଢାଇବା ସମୟରେ ହାବଭାବ ପୂରା ମଣିଷ ଭଳି ରହୁଛି। ୭ମରୁ ୯ମ ଶ୍ରେଣୀ ଯାଏ ଏହା ପଢ଼ାଇପାରିବ ବୋଲି କହନ୍ତି ଏହାର ମୁଖ୍ୟ ଡିଜାଇନର ଅଧିକାରୀ ବିଗ୍ନେଶ ରାଓ। ଏହା ସ୍କୁଲର ୩୦୦ ପିଲାଙ୍କୁ ପଞ୍ଚଟି ଭିନ୍ନ ଭିନ୍ନ ବିଷୟରେ ଶିକ୍ଷାଦାନ କରିପାରୁଛି। ପିଲାମାନଙ୍କୁ ଇତିହାସ, ଜୀବବିଜ୍ଞାନ, ରସାୟନ ବିଜ୍ଞାନ , ପଦାର୍ଥବିଜ୍ଞାନ ଓ ଭୂଗୋଳ ପଢାଇପାରୁଛି। ରାଓ ଓ ତାଙ୍କ ଟିମ୍‌ର ୧୭ ଜଣ ସଦସ୍ୟ ଏଭଳି ତିନୋଟି ରୋବୋ ବିକାଶ କରିଛନ୍ତି। ସେଗୁଡିକୁ ଶିକ୍ଷୟିତ୍ରୀ ଭାବେ ସଜାଯାଇଛି। ରାଓଙ୍କ ଟିମ୍‌ରେ ଶିକ୍ଷକ,ପ୍ରୋଗ୍ରାମର,କଣ୍ଟେଟ ଡେଭେଲପ୍‌ର ଓ ଗ୍ରାଫିକ୍ସ ଡିଜାଇନର ରହିଛନ୍ତି। ଗୋଟିଏ ରୋବୋର ଦାମ୍ ୮ ଲକ୍ଷ ଟଙ୍କା। ଏହାକୁ ଏମିତି ବିକାଶ କରାଯାଇଛି ଯେ ତାହା ପିଲାଙ୍କ ସହ କଥା ହୋଇ ସେମାନଙ୍କ ପ୍ରଶ୍ନର ଠିକ୍ ଉତ୍ତର ଦେଇପାରୁଛି। ଏଥିରେ ଥ୍ରିଡି ପ୍ରିଣ୍ଟେଡ ମ୍ୟାଟେରିଆଲ ଓ ସ୍ମାର୍ଟମୋଟର ବ୍ୟବହାର କରାଯାଇଛି। ଏହା ନିର୍ମାଣ କରିବା ପାଇଁ ସଫ୍ଟୱେର, ହାର୍ଡୱେର ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପକରଣ ବ୍ୟବହାର କରାଯାଇଛି। ଏହାର ଓଜନ ୪୫ କିଲୋଗ୍ରାମ। ଏହାକୁ ନିର୍ମାଣ କରିବାକୁ ଲାଗିଛି ଦୁଇ ବର୍ଷ। ସ୍କୁଲରେ ଏହି ରୋବୋ ରହିଲେ କାହା ଚାକିରି ଯିବନାହିଁ, ବରଂ ଶିକ୍ଷକମାନେ ପଢ଼ାଇବା ଉପରେ ଅଧିକ ଧ୍ୟାନ ଦେବେ ବୋଲି କହିଛନ୍ତି ବିଗ୍ନେଶ ରାଓ।

## ଫଟୋରେ ଖବର







ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଜିଲାପାଳ ଅଫିସ ଛକରେ ଗଜାନନଙ୍କ ମୂର୍ତ୍ତି (ବାମ) ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀ ଛକରେ ପୂଜା ପାଉଥିବା ଶ୍ରୀଗଣେଶ (ମଝି)। ସୋନପୁର ସହରର ଧୀବରପଡା ସୁରେଶ୍ୱରୀ ପାଠାଗାର ପକ୍ଷରୁ ନିର୍ମିତ ଗଣେଷ ମୂର୍ତ୍ତି ।

### ବରଗଡ଼ର ବିଭିନ୍ନ ସ୍ଥାନରେ ଗଣେଶ ପୂଜା



ବରଗଡ଼ ନେହେରୁ ଆସୋସିଏଶନର ଗଣେଶ ।



ଶ୍ୟାମାକାଳୀ ମନ୍ଦିର ଛକର ଗଣେଶ ।



ନଦୀପଡ଼ାର ଗଣେଶ ।



କଟକିଆପଡ଼ାର ଗଣେଶ ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।
-ବ୍ୟାସଦେବ



# ଜଳ ସଂରକ୍ଷଣ ହିଁ ଏକ ଶକ୍ତି ସଂରକ୍ଷଣର ସ୍ୱରୂପ

ନୂଆପଡା ଅଫିସ,୨।୯

ଦିନକୁ ଦିନ ଭୂତଳ ଜଳ ସ୍ତର କମିବାରେ ଲାଗିଛି । ଦେଶର ବିଭିନ୍ନ ପ୍ରାନ୍ତରେ ବର୍ତ୍ତମାନ ଜଳ ସମସ୍ୟା ଦେଖିବାକୁ ମିଳୁଛି । ଏହାର ସଂରକ୍ଷଣ ଆବଶ୍ୟକତା ରହିଛି। ଏହା ଏକ ଶକ୍ତି ସଂରକ୍ଷଣର ସ୍ୱରୂପ ବୋଲି ମତ ପ୍ରକାଶ ପାଇଛି । ନୂଆପଡ଼ା ଜିଲା କୋମନା ବ୍ଲକ ଭେଲା ଗ୍ରାମପଞ୍ଚାୟତ ଯୁବକ ସଂଘ କର୍ମକର୍ତ୍ତା ଜଳସଂରକ୍ଷଣ ଉପରେ ଏକ କାର୍ଯ୍ୟକ୍ରମ କରିଥିବାବେଳେ ଏଥିରେ ଅତିଥିମାନେ ଯୋଗଦେଇ ଏହି ମତ ଦେଇଥିଲେ ।

ଜିଲା ନେହେରୁ ଯୁବ କେନ୍ଦ୍ର ଏବଂ ଭେଲାସ୍ଥିତ ଅଭ୍ୟୁଦୟ କ୍ଲବର ମିଳିତ ଆନୁକୂଲ୍ୟରେ ଜଳ ଶକ୍ତି ଅଭିଯାନ ଉପରେ ଦୁଇଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଯୁବକ ସଂଘ କର୍ମକର୍ତ୍ତାମାନେ ଆଗକୁ ଆସି ପଞ୍ଚାୟତ ଭିନ୍ନ ଭିନ୍ନ ଗାଁରେ ଜଳ ସଂରକ୍ଷଣ ଉପରେ ବିଭିନ୍ନ କାର୍ଯ୍ୟକ୍ରମ କରିଛନ୍ତି । କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରିଖିରାମ ଦଣ୍ଡସେନା ସଭାପତିତ୍ୱ କରିଥିବାବେଳେ ନେହେରୁ ଯୁବ କେନ୍ଦ୍ର ଜିଲା ସଂଯୋଜକ ଆଶୀଷ କୁମାର ଠାକୁର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଜିଲା ସଂଯୋଜକ ଠାକୁର ଜଳ ସଂରକ୍ଷଣ ଉଦ୍ଦେଶ୍ୟ ଏବଂ ଜଳ ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଗାଁଗୁଡିକରେ ଥିବା ଜଳ ଉତ୍ସଗୁଡିକ ନିକଟରେ ସଫେଇ କରିବା, ଶୋଷକ ଗର୍ତ୍ତ ନିର୍ମାଣ କରିବା ଦ୍ୱାରା ଭୂତଳ ଜଳସ୍ତର ବୃଦ୍ଧି ଘଟିବ ବୋଲି କହିଥିଲେ । ଏହିଭଳି ସରପଞ୍ଚ ଦଣ୍ଡସେନା ଜଳ ସଂରକ୍ଷଣ ଉପରେ ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଯୁଥ କ୍ଲବ କର୍ମକର୍ତ୍ତା ଭେଲା ଗାଁର ୫ଟି ନଳକୂଅ ଚତୁଃପାର୍ଶ୍ୱକୁ ସଫେଇ କରିଥିବାବେଳେ ବଘାମୁଣ୍ଡା ଗ୍ରାମର ନଳକୂଅକୁ ମରାମତି କରିଥିଲେ । ଏହିଭଳି କଲାର ପଡାନଳ କୂଅରେ ଏକ ଚାନ୍ଦିନୀ ନିର୍ମାଣ କରିବା ସହ ତାରି ଚତୁଃପାର୍ଶ୍ୱରେ ଏକ ଶୋଷକ ଗର୍ତ୍ତ ତିଆରି କରିଥିଲେ । ଏହା ପରେ ସ୍ଥାନୀୟ ପଡିଆରେ ଚାରାରୋପଣ କରିଥିଲେ । କ୍ଲବ କର୍ମକର୍ତ୍ତାମାନେ ଗ୍ରାମବାସୀମାନଙ୍କୁ ଜଳର ସଦୁପଯୋଗ, ଜଳର ଅପଚୟକୁ ରୋକିବା ଏବଂ ବର୍ଷାଜଳ ସଂରକ୍ଷଣ ସମ୍ପର୍କରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଜାତୀୟ ଯୁବ ସ୍ୱେଚ୍ଛାସେବୀ ଟଙ୍କେଶ୍ୱର ହଂସ, ସଂଯୁକ୍ତା ଶବର, ବିକ୍ରମ ରଣା ପ୍ରମୁଖ ସହଯୋଗ କରିଥିଲେ । ଅଭ୍ୟୁଦୟ କ୍ଲବ ସଭାପତି ଅମନ ଛତ୍ରିଆ, ସମ୍ପାଦକ ଆଭାସ ଯୋଷୀ, ଯୋଗେନ୍ଦ୍ର ଶବର, ମୁକେଶ ଦଣ୍ଡସେନା, ବିକାଶ ଦଣ୍ଡସେନା, ସୌମ୍ୟ ପ୍ରକାଶ ଯୋଷୀ ପ୍ରମୁଖ ଶ୍ରମଦାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଜିଲା ସଂଯୋଜକ କ୍ଲବ କର୍ମକର୍ତ୍ତା ଏବଂ ଗ୍ରାମବାସୀଙ୍କୁ ଜଳ ସଂରକ୍ଷଣ ଦିଗରେ ଏକ ଆଦର୍ଶ ଗ୍ରାମ ଭାବେ ଗଢତୋଳିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଗାଁର ଶତାଧିକ ମହିଳା ପୁରୁଷ, ଯୁବ କର୍ମକର୍ତ୍ତା ଯୋଗଦେଇଥିଲେ।



ଯୁବକ ସଂଘ କର୍ମକର୍ତ୍ତା ସଫେଇ କାମ କରୁଛନ୍ତି ।

- ଜଳ ସଂରକ୍ଷଣ ପାଇଁ ଯୁବକ ପାଦ କାଢିଲେ
- ଭେଲା ଗ୍ରାମପଞ୍ଚାୟତ ଯୁବକ ସଂଘ କର୍ମକର୍ତ୍ତା

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

ଭବାନୀପାଟଣା,୨।୯(ଡି.ଏନ.ଏ.)- ସ୍ଥାନୀୟ ରେଳ ଷ୍ଟେଶନ ରାସ୍ତା ଅଗ୍ନିଶମ ବିଭାଗ ଅଫିସ ନିକଟରେ ସଲମାନ ଖାଁ (୪୦) ନାମକ ଜଣେ ଯୁବକ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପାରିବାରିକ ଅଶାନ୍ତିକୁ ନେଇ ସଲମାନ ଏଭଳି ପଦକ୍ଷେପ ନେଇଥିବା ତାଙ୍କ ବାପା ମହମ୍ମଦ ନୁର୍ ଖାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘର ଭିତରେ ସିଲିଂରୁ ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ପରିବାର ଲୋକେ ସଲମାନଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ତୁରନ୍ତ ଦଉଡି ଖୋଲି ତଳକୁ ଓହ୍ଲାଇଥିଲେ। ମାତ୍ର ସେତେବେଳକୁ ତାଙ୍କର ମୃତ୍ୟୁ ଘଟି ଥିଲା। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଆତ୍ମହତ୍ୟାର କାରଣ ବର୍ତ୍ତମାନ ଯାଏଁ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣା ତଦନ୍ତ କରୁଛି।

### ଅମୃତା ମାତୃପିତୃ ସେବା କାର୍ଯ୍ୟକ୍ରମ

ଭବାନୀପାଟଣା,୨।୯ (ଡି.ଏନ.ଏ.)- ବାଲଗୋପାଲ ସେବା ନିକେତନ ଓ ଆୟୁଧ ଅମୃତାନନ୍ଦମୟୀ ମଠର ଯୁବ ଶାଖା ପକ୍ଷରୁ ସଦର ବ୍ଲକ ଶଗଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅମୃତା ମାତୃପିତୃ ସେବା ଅନୁଷ୍ଠିତ ହୋଇଯାଇଛି । ବୃଦ୍ଧବୃଦ୍ଧା, ବରିଷ୍ଠ ନାଗରିକ, ମାତାପିତାଙ୍କ ପ୍ରତି ସମ୍ମାନ ସହ ପାରିବାରିକ ନିବିଡ ସମ୍ପର୍କ ଓ ଜନ୍ମଦାତାଙ୍କ ପ୍ରତି ସନ୍ତାନ ସନ୍ତତିମାନଙ୍କ ଦାୟିତ୍ୱବୋଧ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଶଗଡା ପଞ୍ଚାୟତ ୧୭ଟି ଗାଁରୁ ୫୦୩ ଜଣ ବରିଷ୍ଠ ନାଗରିକଙ୍କୁ ଭୋଜନ, ବସ୍ତ୍ରସେବା ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିଲା। ଚିନ୍ମୟ ମିଶନ ଆଚାର୍ଯ୍ୟ ଆମଯାନନ୍ଦ ସରସ୍ୱତୀ ସମ୍ମାନିତ ଅତିଥି ଭାବେ ଆନନ୍ଦଧାମ କରନପିଟାର ଆଚାର୍ଯ୍ୟ ସ୍ୱାମୀ ଚନ୍ଦ୍ରଶେଖର ଚୈତନ୍ୟ, ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ଯୁଗ୍ମନିର୍ଦ୍ଦେଶକ ଡ. ସୁଶୀଳ ରଥ, ଅବସରପ୍ରାପ୍ତ ଏଡିଏମ୍‌ଓ ଡ. ଅଶୋକ ମୁଣ୍ଡ, ଡ. ବିଶ୍ୱଜିତ ହୋତା, ଡ. ଅଯୋଧା ବେହେରା, ହାଇସ୍କୁଲ ପ୍ରଧାନଶିକ୍ଷକ ମନୋଜ ବେହେରା, ବାପୁଜି ୟୁପି ସ୍କୁଲ ପ୍ରଧାନଶିକ୍ଷକ ସୁଧଳଦେବ ମୁଣ୍ଡ, ଶିକ୍ଷକ ଆଦ୍ୱୈତନାଥ ବେହେରା, ରୋଗରିଆନ୍ ସୁରଜିତ୍ ସିଂହ ଓ ଶଗଡା ସରପଞ୍ଚ ରୁକ୍ମଣୀ ମାଝି ଯୋଗଦେଇଥିଲେ। ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଜଗନ୍ନାଥ ନେତ୍ରାଳୟର କର୍ମୀମାନେ ମୋତିଆବିନ୍ଦୁ ଚିହ୍ନଟ କରିଥିଲେ। ଚିହ୍ନଟ ହୋଇଥିବା ୩୧ ଜଣ ବରିଷ୍ଠ ନାଗରିକଙ୍କ ମୋତିଆ ବିନ୍ଦୁ ନିଶୁଳ୍କ ଅସ୍ତ୍ରୋପଚାର ଆସନ୍ତା ୬ ତାରିଖ କରାଯିବ ବୋଲି ଘୋଷଣା କରାଯାଇଥିଲା। ବାଲଗୋପାଲ ସେବା ନିକେତନର ପ୍ରତିଷ୍ଠାତା ହେମନ୍ତ ମୁଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଟ୍ରକ୍-ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

କୋମନା,୨।୯ (ଡି.ଏନ.ଏ.)

୩୫୩ ନଂ. ଜାତୀୟ ରାଜପଥ ଘାଟିପଡା ନିକଟରେ ଏକ ମାଲ ବୋଝେଇ ଟ୍ରକ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଖଜୁରବାହାଲ ଗ୍ରାମର ବୈକୁଣ୍ଠ ରାଉତ (୨୫)। ସୂଚନା ଅନୁଯାୟୀ ସୋମବାର ପୂର୍ବାହ୍ନରେ ଏକ ବାଇକ୍ ଯୋଗେ ୩ ଜଣ ସାଙ୍ଗ ନୂଆଁଖାଇ ଉପଲକ୍ଷେ ଜିନିଷପତ୍ର କିଣାକିଣି କରି ନୂଆପଡାରୁ ଫେରୁଥିଲେ। ଉକ୍ତ ସମୟରେ କୁରୁମପୁରି ପଟୁ ଖରିଆର ରୋଡ ଯାଉଥିବା ଏକ ମାଲ ବୋଝେଇ ଟ୍ରକ୍ ଦ୍ରୁତ ଗତିରେ ଘାଟିପଡା ନିକଟରେ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀମାନେ ଯୋରରେ ୧୫ ଫୁଟ ଦୂରକୁ ଛିଟକି ପଡି ଗୁରୁତର ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଖଜୁରବାହାଲ ଗ୍ରାମର ବୈକୁଣ୍ଠଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତ ଦ୍ୱୟଙ୍କୁ ପ୍ରଥମେ ଜିଲା ମେଡିକାଲରେ ଚିକିତ୍ସା କରାଯିବା ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ନୂଆପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ବି. କେରକେଟା ଓ ଜେ.ମହାନନ୍ଦ ସୂଚନା ଦେଇଛନ୍ତି ।

## କୋମନା ବ୍ଲକ: ବିଭିନ୍ନ ସ୍ଥାନରେ ଗଣେଶପୂଜା

କୋମନା,୨।୯ (ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ବିଭିନ୍ନ ସ୍ଥାନରେ ମହାଆଡମ୍ବର ସହ ଗଣେଶ ପୂଜା ସୋମବାର ପାଳିତ ହୋଇଛି। ଅନେକ ସ୍ଥାନରେ ଆକର୍ଷଣୀୟ ପୂଜା ମଣ୍ଡପ ଓ ତୋରଣ ତିଆରି ହୋଇଥିବା ଦେଖିବାକୁ ମିଳିଛି। ଚଳିତବର୍ଷ କୋମନା ସଦରସ୍ଥିତ ଜିତାମିତ୍ର ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କୋମନା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, କୁରେଶ୍ୱର ହାଇସ୍କୁଲ, ଡ.କାଟଜୁ ହାଇସ୍କୁଲ ଭେଲା, ଶ୍ରୀ ଜଗନ୍ନାଥ ହାଇସ୍କୁଲ ଟିକ୍ରାପଡା ଓ ମହୁଲଭଟା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ବେଶ ଧୁମଧାମରେ ଗଣେଶ ପୂଜା ପାଳନ କରିଛନ୍ତି । ଏବର୍ଷ ଲଖନାସ୍ଥିତ ସିଆରପିଏଫ୍ କ୍ୟାମ୍ପ ପରିସରରେ ପ୍ରଥମ କରି ଯବାନମାନେ ଉନ୍ନତ ଧରଣର ମେଢ ତିଆରି କରି ବହୁ ଆଡମ୍ବରରେ ଗଣେଶ ପୂଜା ପାଳନ କରିଛନ୍ତି ।



ସ୍ଥାନୀୟ ଅଞ୍ଚଳରେ ଗଣେଶ ପୂଜା ଚାଲିଛି।

## ହୁକା ବାର୍ ଉପରେ ପୋଲିସ ଚଢ଼ାଉ

ରାଉରକେଲା ଅଫିସ, ୨।୯

ଷ୍ଟିଲ ସିଟିର ବିଭିନ୍ନ ସ୍ଥାନରେ ହୁକା ବାର ନେଇ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ପୋଲିସ ଏହାକୁ ଠାବ କରିବା ଅଭିଯାନ ଜୋରଦାର କରିଛି। ଗତ ଶୁକ୍ରବାରଠାରୁ ସହରର ବିଭିନ୍ନ ସ୍ଥାନରେ ଯୋଜନାବଦ୍ଧ ଭାବେ ଚଢାଉ ଜାରି ରହିଛି। ଏଥିରେ ପୋଲିସକୁ ବଡ ସଫଳତା ମିଳିଥିବା କୁହାଯାଉଛି। ଶନିବାର ରାତି ୧୨ଟାରେ ଏନ୍‌ଆଇଟି ପଛରୁ ଏଭଳି ଏକ ହୁକା ବାରକୁ ଠାବ କରାଯାଇଥିବା ବେଳେ ସୋମବାର ସିଭିଲ ଟାଉନସିପ ଅଞ୍ଚଳରେ ଚାଲିଥିବା ହୁକା ବାରରେ ଚଢାଉ କରାଯାଇଥିଲା। ଏଠାରୁ ୬ଟି ହୁକା ସହ ପାଇପ, ନୋଜଲ ଓ ଟବାକୋ ପ୍ୟାକେଟ ଜବତ କରାଯାଇଛି। ଏଥିରେ କେଉଁମାନେ ସମ୍ପୃକ୍ତ ସେ ନେଇ ପୋଲସି ଅଧିକ ତଦନ୍ତ ଚଳାଇଛି।

## ବ୍ୟାଡ୍‌ମିଣ୍ଟନ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ



ଷ୍ଟାଡିୟମ ଉଦ୍‌ଘାଟନ ଅବସରରେ ମୁଖ୍ୟ ଅତିଥିଙ୍କ ସହ ଉପସ୍ଥିତ ସଭ୍ୟମାନେ।

ଲାଠୋର, ୨।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ଲାଠୋର ହନୁମାନ ମନ୍ଦିର ନିକଟରେ ସୋମବାର ବ୍ୟାଡମିଣ୍ଟନ ଇନଡୋର ଷ୍ଟାଡିୟମ ଉଦ୍‌ଘାଟିତ ହୋଇଯାଇଛି। ଲାଠୋର ବ୍ୟାଡମିଣ୍ଟନ ଆସୋସିଏଶନ ସଭାପତି ଶୀତଳ ଅଗ୍ରୱାଲଙ୍କ ନେତୃତ୍ୱରେ ଉଦ୍‌ଘାଟନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ସାମାଜିକ କର୍ମୀ ଶଙ୍କରଲାଲ ଅଗ୍ରୱାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଷ୍ଟାଡିୟମର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ପ୍ରବୀଣ କୁମାର ଅଗ୍ରୱାଲ, ଅଶୋକ କୁମାର ଅଗ୍ରୱାଲ, ପ୍ରଦୀପ ଅଗ୍ରୱାଲ, ରାଜେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଆସୋସିଏଶନର ନିଜସ୍ୱ ଉଦ୍ୟମରେ ଷ୍ଟାଡିୟମ ଉଦଘାଟନ କରାଯାଇଛି। ଗ୍ରାମ ତଥା ଆଖପାଖ ଅଞ୍ଚଳର ଲୋକେ ଏଠାରେ ବ୍ୟାଡମିଣ୍ଟନ ଖେଳି ପାରିବେ। ଏହି ଅବସରରେ ଆଶୋସିଏଶନର ସମ୍ପାଦକ ସନ୍ଦୀପ ଅଗ୍ରୱାଲ ଓ ସଭ୍ୟମାନେ ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ଆଉଟ ସୋର୍ସିଂ ନାଁରେ ବିଭିନ୍ନ ସଂସ୍ଥାର ଠକେଇ

## ଶ୍ରମ ବିଭାଗର କାରଣ ଦର୍ଶାଅ ନୋଟିସ

ଭବାନୀପାଟଣା,୨।୯(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଆଉଟ ସୋର୍ସିଂ ସଂସ୍ଥାଙ୍କ ଦ୍ୱାରା ନିଯୁକ୍ତି ନାଁରେ ଯୁବତୀଯୁବକଙ୍କୁ ଠକେଇ ଓ ଶୋଷଣ କରାଯାଉଥିବା ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ କିଛି ସଂସ୍ଥାଙ୍କୁ ଶ୍ରମ ବିଭାଗ କାରଣ ଦର୍ଶାଅ ନୋଟିସ ଜାରି କରିଛି। ସେହିପରି ସଂସ୍ଥାଗୁଡିକ ଇପିଏଫ୍ ଟଙ୍କା ଜମା କରୁଛନ୍ତି କି ନାହିଁ ତାହାର ତଦନ୍ତ କରାଯିବ ବୋଲି ଜିଲାପାଳ କହିଛନ୍ତି। ଡିଭିଜିନାଲ ଲେବର କମିଶନର ପ୍ରଦୀପ ମହାନ୍ତି କହିଛନ୍ତି, ସବୁ ସଂସ୍ଥାକୁ କାରଣ ଦର୍ଶାଇ ନୋଟିସ ଦିଆଯାଇଛି । ସେମାନେ ଉତ୍ତର ନ ଦେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ। ଏଭଳି ଠକେଇ ରୋକିବାକୁ ହେଲେ ଯେଉଁ ସରକାରୀ କାର୍ଯ୍ୟାଳୟ ଅଧୀନରେ ସେହି ସଂସ୍ଥାସବୁ କାର୍ଯ୍ୟ କରୁଛନ୍ତି, ସେମାନେ ଧ୍ୟାନ ଦେବା ଜରୁରି ବୋଲି ମହାନ୍ତି ପ୍ରକାଶ କରିଛନ୍ତି। ଶ୍ରମ ବିଭାଗ ଏହାର ସମ୍ପୂର୍ଣ୍ଣ ତଦନ୍ତ କରିବା ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି। ଆଉଟସୋର୍ସିଂ ସଂସ୍ଥା ଦ୍ୱାରା ନିଯୁକ୍ତି ପାଇଥିବା ବହୁ ଯୁବତୀଯୁବକ ଅଭିଯୋଗ କରିଥିଲେ ଯେ, ସେମାନଙ୍କୁ ଅତି କମ୍ ପ୍ରାପ୍ୟ ଦିଆଯାଉଛି। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଫଳ ମିଳୁ ନାହିଁ। ସେମାନଙ୍କ ଇପିଏଫ୍ ମଧ୍ୟ ଜମା କରାଯାଉ ନାହିଁ। ଜିଲା ସ୍ୱାସ୍ଥ୍ୟ ବିଭାଗରେ ଗତ ଦିନରେ କାର୍ଯ୍ୟ କରିଥିବା ଭାରତ ସିକ୍ୟୁରିଟି ସଂସ୍ଥା ଜିଲାର ବହୁ ଯୁବତୀଯୁବକଙ୍କୁ ପ୍ରାପ୍ୟ ଦେଇ ନାହିଁ କି ଇପିଏଫ୍ ବାନ୍ଧି ନାହିଁ। କିନ୍ତୁ ଆଇନଗତ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଏବେ ବି ସେହି ସଂସ୍ଥା ବିଭିନ୍ନ ବିଭାଗର ଟେଣ୍ଡରରେ ଆବେଦନ କରିଥିବା ଜଣାପଡିଛି। କାରବାରରେ କିଛି ବିଭାଗୀୟ ଅଧିକାରୀଙ୍କ ହାତ ରହିଥିବା ଅଭିଯୋଗ ହେଉଛି। ଗ୍ରାମାଞ୍ଚଳର ବେକାର ଯୁବତୀଯୁବକଙ୍କୁ ସ୍ଥାୟୀ ଚାକିରି ଦେବାକୁ କହି ଦଲାଲ ଲଗାଇ ମୋଟା ଅଙ୍କର ଟଙ୍କା ଆଦାୟ କରାଯାଉଛି। ନିଯୁକ୍ତି ପାଇ ସାରିବା ପରେ ପୁଣି ଶୋଷଣ ଚାଲୁଛି। ଡ୍ରେସ ଓ ଅନ୍ୟ ଖର୍ଚ୍ଚ ବାବଦକୁ ଏହି ଟଙ୍କା ଯାଉଛି ବୋଲି କୁହାଯାଉଛି। ରାଜ୍ୟ ଶ୍ରମ ବିଭାଗ ପକ୍ଷରୁ ଗତ ଏପ୍ରିଲରୁ ଏମାନଙ୍କ ପ୍ରାପ୍ୟ ୬ ଟଙ୍କା ୩୦ ପଇସା ଲେଖାଏଁ ବଢାଯାଇଛି। ସେହି ଅନୁସାରେ ଦିନକୁ ଅଣ କୁଶଳି ୨୮୬ ଟଙ୍କା ୩୦ ପଇସା, ମଧ୍ୟମ କୁଶଳି ୩୨୬ ଟଙ୍କା ୩୦ ପଇସା, କୁଶଳି କର୍ମଚାରୀ ୩୭୬ ଟଙ୍କା ୩୦ ପଇସା ଏବଂ ଅତି କୁଶଳିଙ୍କୁ ୪୩୬ ଟଙ୍କା ୩୦ ପଇସା ଦେବାର ନିୟମ ରହିଛି। କିନ୍ତୁ ଏହି ସଂସ୍ଥାମାନେ ନୂତନ ମୂଲ୍ୟ ଦେବା ତ ଦୂରର କଥା ପୁରୁଣା ମୂଲ୍ୟରୁ ବି ଅଧା ଦେବା କଷ୍ଟକର ହେଉଛି। ବର୍ତ୍ତମାନ ଜିଲାରେ ଚିକିତ୍ସା ବିଭାଗରେ ଏଲ୍‌ଏନ୍‌କେ, ଇଂଜିନିୟରିଂ କଲେଜରେ ସାଇ ସିକ୍ୟୁରିଟି, ଆଦର୍ଶ ସ୍କୁଲରେ ମା' ତାରିଣୀ, ଜଙ୍ଗଲ ବିଭାଗରେ ପିପୁଲ ଏନ ପିପୁଲ ଆଦି କାର୍ଯ୍ୟ କରୁଛନ୍ତି।

## ନୂଆଁଖାଇ ପାଇଁ କୋଲାବିରା ଚଳଚଞ୍ଚଳ

କୋଲାବିରା, ୨।୯ (ଡି.ଏନ୍.ଏ.)

ମଙ୍ଗଳବାର ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। କୃଷିଭିତ୍ତିକ ଏହି ପର୍ବ ପାଇଁ କୋଲାବିରା ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ନୂଆଁଖାଇ ଦିନ ଚାଷୀ ତା'ର ଉତ୍ପାଦିତ ଶସ୍ୟକୁ ପ୍ରଥମେ ଇଷ୍ଟଦେବୀଙ୍କୁ ଅର୍ପଣ କରି ସୁଖସମୃଦ୍ଧି କାମନା କରେ। ନୂଆ ଧାନରେ ପ୍ରସ୍ତୁତ ଚାଉଳରେ ଅନ୍ନ ପ୍ରସ୍ତୁତ ଇଷ୍ଟଦେବୀଙ୍କୁ ଅର୍ପଣ ପରେ ପରିବାରର ସମସ୍ତ ସଦସ୍ୟ ଏକାଠି ବସି ସେବନ କରିଥାନ୍ତି। ଏଥିପାଇଁ ବାହାରେ ରହୁଥିବା ପରିବାରର ସମସ୍ତ ସଦସ୍ୟ ଘରକୁ ଫେରିଛନ୍ତି। ମହିଳାମାନେ ଘର ଲିପାପୋଛା କରିବା ସହ କାନ୍ଥକୁ ରଙ୍ଗିନ କରି ସଜାଇଛନ୍ତି। ନୂଆଁଖାଇ ପାଇଁ ସାମଗ୍ରୀ କିଣିବାକୁ ଗତ ଦୁଇଦିନ ହେଲା ଦୋକାନ ବଜାରରେ ଲୋକଙ୍କ ଭିଡ଼ ଲାଗିଛି। ବଜାରରେ କୁରେପତ୍ର, ନୂଆଧାନ, ନୂଆ ପାତଲି, ମାଟିହାଣ୍ଡି, ସରା, କୁଲା, ନୂଆ ଡାଲା, ଜୁଗାର ପସରା ମେଲିଛି। ନୂଆଁଖାଇ ଏବଂ ନୂଆଁଖାଇ ଭେଟଘାଟ ପାଇଁ ସମସ୍ତଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ଅଞ୍ଚଳର କେତେକ ସ୍ଥାନରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

## ଫଟୋରେ ଖବର







ନୂଆପଡ଼ା ଜିଲା ଖରିଆର ରୋଡରେ ହେବାକୁ ଥିବା ଜୈନ ଧର୍ମ ସଭା ପାଇଁ ସମସ୍ତେ ଏକ ରାଲିରେ ସହର ପରିକ୍ରମା କରୁଛନ୍ତି (ବାମ)। ସିନାପାଲି ଥାନା ପକ୍ଷରୁ କେନ୍ଦୁମୁଣ୍ଡା ସ୍କୁଲରେ ଚାରା ରୋପଣ କରାଯାଉଛି (ମଝି)। ଅର୍ଗାନ ଡୋନେଶନ ଉପରେ ଜୈନ ମହିଳା ମଣ୍ଡଳ ପକ୍ଷରୁ ଏକ ସଚେତନତା ରାଲି ନୂଆପଡ଼ା ସହର ପରିକ୍ରମା କରୁଛି ।



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।

- ସତ୍ୟସାଇ ବାବା

## ସଂକ୍ଷେପରେ

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଲୋଇସିଂହା,୨।୯(ଡି.ଏନ.ଏ.):** ଆଗଲପୁର ବ୍ଲକ ନଅଗାଁ(କ) ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହେମନ୍ତ ବାରିକ ଏବଂ ସହକାରୀ ଶିକ୍ଷକ ବିଶ୍ୱନାଥ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଶୁକ୍ରବାର ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଶିକ୍ଷକ ବିଶ୍ୱନାଥ ସାହୁ ସଭାପତିତ୍ୱ କରିଥିଲେ। ସହକାରୀ ଶିକ୍ଷକ, ପରିଚାଳନା କମିଟି ସଭାପତି ଓ ଛାତ୍ରୀଛାତ୍ରମାନେ ଶିକ୍ଷକଦ୍ୱୟଙ୍କ ବହୁମୁଖୀ ପ୍ରତିଭାର ସ୍ତୁତିଚାରଣ କରିଥିଲେ। ବିଦ୍ୟାଳୟ ତରଫରୁ ଉଭୟ ଶିକ୍ଷକଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ଦେଇ ସମ୍ମାନିତ କରିଥିଲେ। ସିଆରସିସି ଖିରେଶ୍ୱର ଦୀପ, ଉଦ୍ଧବ ତ୍ରିପାଠୀ ଉପସ୍ଥିତ ଥିଲେ।

### କୁଟରାପାଲିରେ ବିଭିନ୍ନ ସମସ୍ୟାକୁ ନେଇ ବୈଠକ

**ଲୋଇସିଂହା,୨।୯(ଡି.ଏନ.ଏ):** ଲୋଇସିଂହା ବ୍ଲକ କୁଟରାପାଲି ଗ୍ରାମରେ ବିଭିନ୍ନ ସମସ୍ୟାକୁ ନେଇ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଲେକୁ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯୁବନେତା ଆକାଶ ମିଶ୍ର ଯୋଗଦେଇଥିଲେ। ଅଞ୍ଚଳର ସ୍ୱାସ୍ଥ୍ୟ, ଶିକ୍ଷା ଓ ଗମନାଗମ ଉପରେ ଆଲୋଚନା ହୋଇଥିଲା। ଗତ ମାସ ୧୨ ଓ ୧୩ ତାରିଖର ବନ୍ୟାରେ ରାସ୍ତାଘାଟ ଧୋଇଯିବା ସହ ଚାଷ ଓ ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ଅନେକଙ୍କ ମାଟିଘର ଭାଙ୍ଗିଯିବାରେ ସେମାନେ ବେସାହାରା ହୋଇ ପଡିଛନ୍ତି। ତହସିଲରେ ପଲିଥିନ ବଣ୍ଟାରେ ଅନିୟମିତତାକୁ ନେଇ ଆଲୋଚନା ହୋଇଥିଲା। ବନ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ଦେବା ପାଇଁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

### ମୋ ସ୍କୁଲ କାର୍ଯ୍ୟକ୍ରମ

**ଗୁଡ଼ଭେଲା,୨।୯(ଡି.ଏନ.ଏ.):** ଗୁଡଭେଲା ବ୍ଲକ ନୂଆପଡା ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପରିସରରେ ସୁଶୀଲ ମେହେରଙ୍କ ସଭାପତିତ୍ୱରେ ମୋ ସ୍କୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନବୀନ ମେହେର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ପୂର୍ବତନ ଛାତ୍ର ମନୋଜ ମହାନନ୍ଦ, ମୂରଲୀ ଭୋଇ, ରଘୁନାଥ ପୂଜାରୀ, ବିଭୁପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ସ୍କୁଲକୁ ସୁନ୍ଦର କରିବା ପାଇଁ ଏହି କର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମତପ୍ରକାଶ କରିଥିଲେ। ଶେଷରେ ପୂର୍ବତନ ଛାତ୍ରମାନେ ସ୍କୁଲ ପରସରରେ ଗଛ ଲଗାଇଥିଲେ।

# ଡିଜିଟାଲ ଯୁଗରେ ବି ଚମକ ହରାଇନି ନୂଆଁଖାଇ

**ବୀରେନ୍ଦ୍ର କୁମାର ଝାଙ୍କର**
**ବଲାଙ୍ଗୀର ଅଫିସ, ୨।୯**

ଦେଶର ବିଭିନ୍ନ ରାଜ୍ୟରେ ନୂଆଁ ଅନ୍ନକୁ ପୂଜା କରି ଭଗବାନଙ୍କୁ ଅର୍ପଣ କରିବାର ପ୍ରଥା ରହିଛି। ପଶ୍ଚିମ ଓଡିଶାର ଏକ ବୃହତ୍ ଅଞ୍ଚଳରେ ନୂଆଁଖାଇ ତିହାର ହେଉଛି ଏହି ପ୍ରଥମ ଅନ୍ନର ପର୍ବ। ଭାଦ୍ରବ ମାସରେ ଏହି ନୂଆଁଖାଇ ତିହାର ଲୋକଙ୍କ ମନରେ ଅନେକ ଉତ୍ସାହ ଓ ଉଦ୍ଦୀପନା ନେଇ ଆସେ। ମୂଳତଃ କୃଷିଭିତ୍ତିକ ଏହି ପର୍ବ କାଳକ୍ରମେ ସମତାଭିତ୍ତିକ ଭାବେ ପରିଚିତି ଲାଭ କରିଛି। ସମାଜର ସବୁବର୍ଗର ଲୋକଙ୍କୁ ଏହା ଏକ ଆତ୍ମିକ ଓ ସହଭାଗିତାର ବାର୍ତ୍ତା ଦେଇଥାଏ। ଡିଜିଟାଲ ଯୁଗରେ ନୂଆଁଖାଇ ତିହାର ଅନେକାଂଶରେ ପରମ୍ପରାଗତ ଭାବେ ପରିବର୍ତ୍ତିତ ହୋଇଥିଲେ ମଧ୍ୟ ଏଥିରେ ଯେ ନୂଆ ଆକର୍ଷଣ ଯୋଡି ହୋଇଛି ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଅଧିକ କହିବାକୁ ଗଲେ ଏହା ପରମ୍ପରାଗତ ହେବା ସହ ନୂଆ ପିଢ଼ିଙ୍କ ଭିତରେ ନୂଆ ଆତ୍ମବିଶ୍ୱାସ ଓ ଆତ୍ମପରିଚିତି ଆଣି ଦେଇଛି। ଏହି ପର୍ବ ଏବେ ବିସ୍ତାରିତ ରୂପ ନେଇ ପଶ୍ଚିମ ଓଡିଶାର ସୀମା ସରହଦ ଡେଇଁ ଦେଶ ଓ ବିଦେଶରେ ରହୁଥିବା ଓଡିଆଙ୍କ ପାଇଁ ଏକ ନୂଆ ଆକର୍ଷଣ ଓ ଉତ୍ସାହ ଆଣି ଦେଇଛି। ଡିଜିଟାଲ ଯୁଗରେ ନୂଆଁଖାଇ ତିହାର ଇଣ୍ଟରନେଟ୍, ସୋସିଆଲ ମିଡିଓ, ଗଣମାଧ୍ୟମରେ ବ୍ୟାପକ ଚର୍ଚ୍ଚାର ବିଷୟ ହୋଇଆସିଛି।



ନୂଆଁଖାଇ ହାଟରେ ମହିଳାମାନେ କୁରେପତ୍ରର ଖଲିଦାନା ବିକ୍ରି କରୁଛନ୍ତି।

ନୂଆଁଖାଇ ତିହାରକୁ ଆକର୍ଷଣ କରିବାରେ ଯୁବପିଢ଼ିଙ୍କ ଏକ ସକ୍ରିୟ ଭୂମିକା ପରିଲକ୍ଷିତ ହେଉଛି। ରାଜ୍ୟ ବାହାରେ ଯେତେ ଆକର୍ଷଣୀୟ କରି ତିହାର ପାଳନ କରାଗଲେ ମଧ୍ୟ ନିଜ ଗାଁ, ସହରରେ ପରିବାର ଗହଣରେ ପର୍ବ ପାଳନ କରିବାର ମଜା ନିଆରା। ନୂଆଁଖାଇ ଯୁଗ୍ମ ପରିବାର ଓ ଯୁଗ୍ମ ଜୀବନର ଏକ ନିଆରା ତିହାର। ପରିବାର, ପଡୋଶୀଙ୍କ ଭିତରେ ଯେତେ ମନୋମାଳିନ୍ୟ ହୋଇଥିଲେ ମଧ୍ୟ ନୂଆଁଖାଇ ସେସବୁକୁ ଭୁଲାଇ ଦେଇ ଏକ ନୂଆ ଓ ଆତ୍ମିକ ସମ୍ପର୍କ ଗଢ଼ିଦିଏ। ବିଭିନ୍ନ କାରଣରୁ ପରସ୍ପରଠାରୁ ଦୂରେଇ ଯାଇଥିବା ପରିବାର ସଦସ୍ୟ, ବନ୍ଧୁବାନ୍ଧବ ଏହି ଦିନ ସମସ୍ତ ମତାନ୍ତର, ମନାନ୍ତରୁ ଭୁଲି ପୁନଃ ଏକାକାର ହୋଇଯାଆନ୍ତି। ଆଜି ଡିଜିଟାଲ ଯୁଗରେ ମଣିଷ ଜୀବନ ବ୍ୟସ୍ତବିବ୍ରତ ହୋଇଯାଉ ଥିବାବେଳେ ସମ୍ପର୍କଗୁଡିକ ଫିକାଫିକା ମନେ ହେଉଛି। ଚାକିରି, କର୍ମଜଞ୍ଜାଳ, ବ୍ୟବସାୟ ଓ ଅନ୍ୟ କାରଣରୁ ପରିବାର ସଦସ୍ୟଙ୍କ ମଧ୍ୟ ବର୍ଷବର୍ଷ ଧରି ଭେଟ୍ ହେଉନାହିଁ। ଏଭଳି ପରିସ୍ଥିତିରେ ଆଧୁନିକ ସମାଜ ବହୁ ଦିଗରୁ ସମ୍ପର୍କହୀନ ଓ ଭାବାବେଗହୀନ ହେଲା ଭଳି ହୋଇଯାଉଛି। ତେବେ ଏଭଳି ଏକ ସମୟରେ ନୂଆଁଖାଇ ତିହାରର ବିଶେଷତ୍ୱ ବଢ଼ିଯାଉଛି। ଏହି ନୂଆଖାଇ ତିହାର ପରିବାର, ପଡୋଶୀ, ଗାଁ, ସହରର ଭଙ୍ଗା ସମ୍ପର୍କକୁ ପୁଣି ଥରେ ନୂଆ ରଙ୍ଗରେ, ନୂଆ ଆକର୍ଷଣ ନେଇ ଆତ୍ମିକ ଭାବାବେଗ ଭରିଦେଉଛି। ଏଣୁ ଡିଜିଟାଲ ଯୁଗରେ ନୂଆଁଖାଇ ତିହାର ଆହୁରି ପ୍ରାସଙ୍ଗିକ ହୋଇପଡୁଛି। କୃଷିଠାରୁ କ୍ରମଶଃ ଦୂରେଇ ଯାଉଥିବା ଯୁବପିଢ଼ି ନୂଆଖାଇର ଅସଲ ମହତ୍ତ୍ୱକୁ ବୁଝିବାକୁ ଚେଷ୍ଟା କରୁଛି। ଭାଦ୍ରବ ମାସରେ ମାଟିର ଚରିତ୍ର ଓ ଋତୁ ପ୍ରଭାବରେ ପଶ୍ଚିମ ଓଡିଶାର ମାଳ ଅଞ୍ଚଳରୁ ଅମଳ ହେଉଥିବା 'ଛେଟକା' (ସରିଆ) ଧାନ୍‌କୁ ଚିହ୍ନିବାକୁ ଚେଷ୍ଟା କରୁଛି। ନୂଆଁଖାଇ ହାଟରେ ବିକ୍ରି ହେଉଥିବା ଛେଟ୍‌କା ଧାନ୍ ସହ ଯୋଡି ହୋଇଥିବା ପ୍ରଥା ପରମ୍ପରାକୁ ବୁଝିବାକୁ ଚେଷ୍ଟା କରୁଛି। ଡିଜିଟାଲ ଯୁଗରେ ଖାଦ୍ୟ, ମଣିଷ ଓ ପ୍ରକୃତିର ଗଭୀର ସମ୍ପର୍କକୁ ବୁଝାଇବାରେ ନୂଆଖାଇ ତିହାର ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଆସୁଛି।

## ତୁଷରା ରୋଡ଼ରେ ରେଳ ଷ୍ଟେଶନ ସ୍ଥାପନ ଦାବି

**ଗୁଡ଼ଭେଲା,୨।୯(ଡି.ଏନ.ଏ.)**

ବଲାଙ୍ଗୀର-ତୁଷରା ରାସ୍ତାରେ ଥିବା ରେଲୱେ କ୍ରସିଂଠାରେ ଏକ ରେଳ ଷ୍ଟେଶନ ପାଇଁ ଦାବି ହୋଉଛି। ଏ ନେଇ ସ୍ଥାନୀୟ ଲୋକେ ବଲାଙ୍ଗୀର ଏମପି, ଟିଟିଲାଗଡ ବିଧାୟିକା, ଓ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଏପରିକି ଟିଟିଲାଗଡ଼ ଗସ୍ତରେ ଆସିଥିବା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରି ସାରିଛନ୍ତି। ଦାବିକୁ ଜୋରଦାର କରିବା ପାଇଁ ଦସ୍ତଖତ ଅଭିଯାନ ଆଦି ପନ୍ଥା ଗ୍ରହଣ କରାଯାଇଥିଲା। ଉକ୍ତ ସ୍ଥାନରେ ଷ୍ଟେଶନ ନିର୍ମାଣ ହେଲେ ଦେଓଗାଁ, ସଇଁତଲା, ଗୁଡ଼ଭେଲା ବ୍ଲକ, ତୁଷରା ଏନଏସି ସହିତ କଳାହାଣ୍ଡି ଓ ବୌଦ୍ଧ ଜିଲା ସୀମାରେ ଲୋକ ରେଳସେବାର ସୁବିଧା ପାଇପାରିବେ। ଜନସାଧାରଣଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି ରେଳ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।



ନୂଆଁଖାଇ ତିହାର ପୂର୍ବରୁ ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିରକୁ ପାହୁର ଯାତ୍ରାରେ ପୂଜା ସାମଗ୍ରୀ ଯାଉଛି।

# ବନ୍ୟା ବିପନ୍ନଙ୍କୁ ସହାୟତା

**ବଲାଙ୍ଗୀର ଅଫିସ,୨।୯**

ନୂଆଁଖାଇ ପାଳନ ଅବ୍ୟବହତି ପୂର୍ବରୁ ବଲାଙ୍ଗୀରର ବନ୍ୟା ବିପନ୍ନମାନଙ୍କୁ ହାଇଦ୍ରାବାଦ୍‌ର ଜୁହାର ପରିବାର ଓ ବଲାଙ୍ଗୀରର ବିଙ୍ଗ ହ୍ୟୁମାନ୍ ଫାଉଣ୍ଡେସନ୍ ରିଲିଫ୍ ବାଣ୍ଟିଛନ୍ତି। ସିଡିଏମଓ କାର୍ଯ୍ୟାଳୟ ପଛପଟେ ଥିବା ଶ୍ରୀରାମ ନଗରର ବନ୍ୟା ପ୍ରପୀଡିତଙ୍କ ମୁହଁରେ ହସ ଫୁଟାଇବା ପାଇଁ ଜୁହାର ପରିବାର ଆଗେଇ ଆସିଛି। ସୋମବାର ସନ୍ଧ୍ୟାରେ ପଡାରେ ପୀଡିତଙ୍କୁ କମ୍ବଳ, ଲୁଗା, ଚାଉଳ ଓ ପନିପରିବା ବଣ୍ଟନ କରିଛନ୍ତି। ଛୋଟଛୋଟ ଛୁଆଙ୍କଠାରୁ ଆରମ୍ଭ କରି ମହିଳାମାନଙ୍କୁ ଲୁଗା ବଣ୍ଟନ କରାଯାଇଥିଲା। ପ୍ରାୟ ୧୦୦ ଜଣଙ୍କୁ ଏସବୁ ସାମଗ୍ରୀ ବଣ୍ଟନ କରାଯାଇଥିଲା। ରିଲିଫ ବଣ୍ଟନ ସମୟରେ ଜୁହାର ପରିବାରର କର୍ମକର୍ତ୍ତା, ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ୍ ସଭାପତି ସୋମନାଥ ମିଶ୍ର , ସମ୍ପାଦକ ବିବେକାନନ୍ଦ ପଟେଲ, ବ୍ରଜ ସିଂ, ଯତୀନ ନାୟକ, ସତ୍ୟ ହୋତା, ମହିଳା ଶାଖାର ତୃପ୍ତା ସିଂଦେଓ, ଲିଲି ପଟେଲ, ଦିବ୍ୟାରାଣୀ ଜେନା, ଅନୁସୟା ପ୍ରଧାନ, ଦୀପିକା ପାଣ୍ଡିଆ ଓ କୁନା ବାଗ ଉପସ୍ଥିତ ଥିଲେ।



ଜୁହାର ପରିବାର ଓ ବିଙ୍ଗ ହ୍ୟୁମାନ ଫାଉଣ୍ଡେଶନ୍ ସଦସ୍ୟମାନେ ରିଲିଫ୍ ବାଣ୍ଟୁଛନ୍ତି।

# ଅସହାୟ ବୃଦ୍ଧାଙ୍କୁ ମିଳିଲା ଚିକିତ୍ସା



ମାହେଶ୍ୱରୀ ସଂଗଠନର ସଦସ୍ୟମାନେ କଇଁଫୁଲ ସାହୁଙ୍କୁ ଔଷଧ ପ୍ରଦାନ କରୁଛନ୍ତି।

**ଲୋଇସିଂହା,୨।୯ (ଡି.ଏନ.ଏ.)**

ଲୋଇସିଂହା ବ୍ଲକ ବୁର୍ଡା ତଳିପଡାର ଅସହାୟ ବୃଦ୍ଧା କଇଁଫୁଲ ସାହୁ(୬୧)ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ତାଙ୍କର କେହି ନ ଥିବାରୁ ଚିକିତ୍ସା ହୋଇପାରୁ ନ ଥିଲା। ତାଙ୍କୁ ଲୋଇସିଂହା ମାହେଶ୍ୱରୀ ସଂଗଠର ସଦସ୍ୟମାନେ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଭର୍ତ୍ତି କରିଛନ୍ତି। ବୁର୍ଡା ତଳିପଡାରେ କଇଁଫୁଲ ଏବଂ ତାଙ୍କ ମା ପଇଁରୀ(୯୫) ରହୁଛନ୍ତି। ବାର୍ଦ୍ଧକ୍ୟ ଯୋଗୁ ମା' ଶଯ୍ୟାଶାୟୀ। ତେବେ ଗତ ୧୧ଦିନ ହେଲା କଇଁଫୁଲଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡି ଯାଇଥିଲା। ତାଙ୍କ ବେକ, ମୁହଁ ଓ ଗୋଡ ଫୁଲି ଯାଇଥିଲା। ଉଭୟ ମା' ଓ ଝିଅ ଶଯ୍ୟାଶାୟୀ ହୋଇ ଯିବାରୁ ଏବଂ ଦେଖାରଖା ପାଇଁ କେହି ନ ଥିଲେ। ଖବର ପାଇଁ ମାହେଶ୍ୱରୀ ସଂଗଠନର ସଭାପତି ଦେବାଶିଷ ବିଶୋୟୀ, ଆଲୋକ ସାହୁ, ମନୋଜ ମାହାଣା, ଦଶୋବନ୍ତ ସାହୁ ପ୍ରମୁଖ ତାଙ୍କ ଘରକୁ ଯାଇଥିଲେ। ତାଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ଚିକିତ୍ସା ପାଇଁ ନେଇଯାଇଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଔଷଧ ଯୋଗାଇ ଦେଇଥିଲେ।

## ମୁଖ୍ୟ ଶାସନ ସଚିବଙ୍କୁ ନାଗରିକ ସମ୍ବର୍ଦ୍ଧନା

# ଦେଶରେ ଏକନମ୍ବର ରାଜ୍ୟ ହେବ ଓଡ଼ିଶା: ଅସିତ

**ଟିଟିଲାଗଡ଼, ୨।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ମାଟିର ସୁଯୋଗ୍ୟ ସନ୍ତାନ ଅସିତ ତ୍ରିପାଠୀଙ୍କୁ ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ ପଦ ଭାର ପ୍ରଦାନ କରିଛନ୍ତି। ଏହାକୁ ନେଇ ଟିଟିଲାଗଡ ଅଞ୍ଚଳରେ ପ୍ରବଳ ଉତ୍ସାହ ସୃଷ୍ଟି ହୋଇଛି। ପଦ ଭାର ଗ୍ରହଣ ପରେ ନିଜ ଘର ଟିଟିଲାଗଡକୁ ପ୍ରଥମ ଗସ୍ତ ଅବସରରେ ଅସୀତଙ୍କୁ ସୋମବାର ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସ୍ଥାନୀୟ ଗୋବିନ୍ଦ ବାଟିକା ପରିସରରେ ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଚ୍ୟାମ୍ବର୍ସ ଅଫ କମର୍ସ ସଭାପତି ଇଶ୍ୱର ଜୈନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଟିଟିଲାଗଡ ନାଗରିକ କମିଟି ସଭାପତି ରାଧାକାନ୍ତ ପାଢୀ ସ୍ୱାଗତ ଅଭିଭାଷଣ, ଶିକ୍ଷାବିତ ଉମେଶ ଚନ୍ଦ୍ର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନା ଉତ୍ତରରେ ମୁଖ୍ୟ ଶାସନ ସଚିବ ତ୍ରିପାଠୀ କହିଥିଲେ ଯେ, ସମ୍ମିଳିତ ଉଦ୍ୟମ ବଳରେ ଓଡିଶାକୁ ଦେଶର ଏକ ନମ୍ବର ରାଜ୍ୟରେ ପରିଗଣିତ ହେବା ଲକ୍ଷ୍ୟଥିବା କହିଥିଲେ। ଜନସମସ୍ୟାକୁ ଖୋଜି ଏହାର ନିରାକରଣ ଆମ ଲକ୍ଷ୍ୟ। ଏହା ସହ ଟେକନୋଲୋଜିର ପ୍ରସାର କରି ସମସ୍ୟା ଗୁଡିକର ତୁରନ୍ତ ନିରାକରଣ କରାଯିବ ବୋଲି ସେ କହିଥିଲେ। ଟିଟିଲାଗଡର ବିକାଶ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ନାଗରିକ କମିଟି, ପୌର ପରିଷଦ, ବ୍ରାହ୍ମଣ ସମାଜ, କୁମୁଡା ପାହାଡ ସୁରକ୍ଷା ସମିତି, ଲାୟନ୍ସ କ୍ଲବ, ରୋଟାରୀ କ୍ଲବ, ମାରୱାଡି ମହିଳା ମଣ୍ଡଳ, ମାରୱାଡି ସମାଜ, ଘଣ୍ଟାସୁନୀ ସାଂସ୍କୃତିକ ପରିଷଦ, ଟିଟିଲାଗଡ ବାର ଆସୋସିଏଶନ, ବ୍ଲକ ସରପଞ୍ଚ ସଂଘ ପ୍ରଭୃତି ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ସଚିବଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ନାଗରିକ କମିଟି ସଭାପତି ରାଧାକାନ୍ତ ପାଢୀ, ଲାୟନ୍ସ କ୍ଲବ ଅଧକ୍ଷ ବିନ୍ଦୁ ସାହୁ, କୁମୁଡା ପାହାଡ ସୁରକ୍ଷା ସମିତି ସଭାପତି ବୃନ୍ଦାବନ ପାଢୀ ନିଜ ଉଦବୋଧନରେ ଅସିତଙ୍କୁ ପ୍ରଶାସନିକ ସ୍ତରରେ ସର୍ବୋଚ୍ଚ ପଦବୀରେ ନିଯୁକ୍ତି ଟିଟିଲାଗଡ ପାଇଁ ଗର୍ବ ଗୌରବର ବିଷୟ ବୋଲି କହିଥିଲେ। ଜିଲାପାଳ ଅରିନ୍ଦମ ଡାକୁଆ, ଏସ୍‌ପି ଏମ. ସନ୍ଦୀପ ସମ୍ପତ, କୁମୁଡା ସମିତି ସମ୍ପାଦକ ଉପେନ୍ଦ୍ର ବାଗ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ରୋଟାରି କ୍ଲବ ସଭାପତି ଡ. ଶିବ ପ୍ରସାଦ ବେହେରା, ବାର ଆସୋସିଏଶନ ସଭାପତି କୃଷ୍ଣଚନ୍ଦ୍ର ସାହୁ, ବ୍ରାହ୍ମଣ ସମାଜ ସଭାପତି ବିଶ୍ୱରାମ ଠାକୁର, ନାଗରିକ କମିଟି ସମ୍ପାଦକ ପଦ୍ମନାଭ ବେହେରା, ବଲାଙ୍ଗୀରର ସିଟିଜେନ କମିଟି ସମ୍ପାଦକ ବିଷ୍ଣୁ କେଡିଆ, ଶିକ୍ଷାବିତ ଅଶ୍ୱିନୀ ମହାନ୍ତି, ରାଜୀବ ଲୋଚନ ପାଢୀ, ଜଗନ୍ନାଥ ପଣ୍ଡା, ପୂର୍ବତନ କାଉନସିଲର ଶୁଭ୍ରାଂଶୁ ଦାଶ, ପ୍ରେମ ଜୈନ, ଡା. ଘନଶ୍ୟାମ ଜୈନ, ଆଇନଜୀବୀ ଆଲୋକ ନାୟକ, ଓୟୁଜେ ଜିଲା ସଭାପତି ଦୀପକ ସମ୍ପାଦାର, ସଞ୍ଜିବ ପାଢୀ, ଜିତୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧନା ସଭାରେ ଅସୀତଙ୍କ ପିତା ଗୌରିଶଙ୍କର ତ୍ରିପାଠୀ ଉପସ୍ଥିତ ଥିଲେ।



ଟିଟିଲାଗଡରେ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଉଛି।

## ଫଟୋରେ ଖବର









(ବାମରୁ) ବଲାଙ୍ଗୀର ଜିଲା ତୁଷୁରା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ପୂଜା ମଣ୍ଡପରେ ଗଜାନନ। ଖପ୍ରାଖୋଲ ବ୍ଲକ ବୁଡିବାହାଲରେ ପୂଜିତ ଗଣେଶ। ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜରେ ଡାକ୍ତରୀ ଛାତ୍ରୀଛାତ୍ରମାନେ ଗଣେଶ ପୂଜା କରୁଛନ୍ତି। ବଲାଙ୍ଗୀର ଓମ୍ ଏକାଡେମୀ କୋଚିଂ ସେଣ୍ଟରରେ ଛାତ୍ରୀମାନେ ଗଣେଶ ପୂଜା ପାଳନ କରୁଛନ୍ତି। (ଫଟୋ-ସୁନୀଲ)



ଉପଦେଶ ଦେବା ସରଳ କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ



### ବିଭିନ୍ନ ସ୍ଥାନରେ ଗଣେଶ ପୂଜା

**ରିଷିଡା,୨।୯ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାଠାରେ ପ୍ରାୟ ୧୦ଟି ସ୍ଥାନରେ ଗଣେଶ ପୂଜା ପାଳିତ ହେଉଛି । ବିଭିନ୍ନ ସ୍ଥାନରେ ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି । ଏଠାକାର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କଲେଜଠାରେ ଗଣେଶ ପୂଜା ସମାରୋହରେ ପାଳିତ ହୋଇଛି ।

### ଆଜି ନୂଆଁଖାଇ: ଗ୍ରାମାଞ୍ଚଳ ଚଳଚଞ୍ଚଳ

**ରିଷିଡ଼ା,୨।୯ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ରିଷିଡା ଅଞ୍ଚଳରେ ମଙ୍ଗଳବାର ନିଜ ଇଷ୍ଟଦେବୀ ଦେବଙ୍କୁ ନବାନ୍ନ ଅର୍ପଣ ପରେ ସକାଳ ୧୦ଟା ୧୦ ମିନିଟରୁ ୧୦ଟା ୪୫ ମିନିଟ ମଧ୍ୟରେ ନବାନ୍ନ ଭକ୍ଷଣ ହେବ । ସେଥିପାଇଁ ଗ୍ରାମାଞ୍ଚଳରେ ଚଳଚଞ୍ଚଳ ହୋଇ ଉଠିଛି । ନବାନ୍ନ ପାଇଁ ଦୂରଦୂରାନ୍ତରରେ ଥିବା ଆତ୍ମୀୟ ସ୍ୱଜନମାନେ ସୋମବାର ପହଞ୍ଚି ଯାଇଛନ୍ତି। ବିଭିନ୍ନ ସ୍ଥାନରେ ନୂଆଁଖାଇକୁ ଆକର୍ଷଣ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ନୂଆ ଆନ୍ନ ଖାଇବା ପାଇଁ କୁରେଇପତ୍ର ପାଇଁ ଏବେ ଠୁଁ ସମସ୍ତେ ସଂଗ୍ରହ କରି ସାରିଲେଣି। ସୋମବାର ଏଠାକାର ଲୁଗା ଦୋକାନରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି ।



### ନୂଆଁଖାଇ ପାଇଁ ବାଲୁକାକଳା

**ରିଷିଡା,୨।୯ (ଡି.ଏନ.ଏ.)-** ନୂଆଁଖାଇ ପାଇଁ ଲୋକେ ବିଭିନ୍ନ ପ୍ରକାରରେ ପ୍ରସ୍ତୁତି କରି ସାରିଲେଣି । ନୂଆଁଖାଇ ହେଉଛି ପଶ୍ଚିମ ଓଡିଶାର ଗଣପର୍ବ । କାହିଁ ଆଦିମକାଳରୁ ଏହି ପରମ୍ପରା ଚଳି ଆସୁଛି। ଜନଜୀବନର କଥା କହୁଥିବା ନୂଆଁଖାଇ ପର୍ବକୁ ନେଇ ଯୁବ ବାଲୁକା ଶିଳ୍ପୀ ଓମପ୍ରକାଶ ସାହୁ ବାଲୁକା କଳାରେ ନୂଆଁଖାଇର ଚିତ୍ର ଆଙ୍କିଛନ୍ତି । ଗାଁ ଝାଙ୍କର, ଝାଙ୍କରେନ (ଟାଙ୍କରଙ୍କ ସ୍ତ୍ରୀ)ର ଚିତ୍ର ସହ ଧାନକେଣ୍ଡା, ଟାଙ୍ଗିଆ, କୁକୁଡାର ଚିତ୍ର ଆଦିବାସୀ ପରମ୍ପରାର ବାର୍ତ୍ତା ବହନ କରୁଛି ।

## କେସିଙ୍ଗା ଅଞ୍ଚଳରେ ଦ୍ୱିତୀୟ ପର୍ଯ୍ୟାୟ ନୂଆଁଖାଇ

# ଧରଣୀ ପୂଜା ଲାଗି ଅରୁଆ ଚାଉଳ ସଂଗ୍ରହ

**କେସିଙ୍ଗା,୨।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ଗ୍ରାମରେ ଥିବା ଗ୍ରାମ ଦେବତା କଳାଡୁଙ୍ଗର ବୁଢ଼ା ନିକଟରେ ପୂଜା ଅର୍ଚ୍ଚନା କରିବା ପାଇଁ ଗ୍ରାମର ଜାନୀ ବୁଦ୍ଧୁ ମାଝି ଓ ତାଙ୍କ ସହ ଯୋଗକଙ୍କ ସହିତ ସୋମବାର ସକାଳ ୭ଟାରେ ବାଲସି ଗ୍ରାମସ୍ଥିତ ପ୍ରତ୍ୟେକ ଘରୁ ଅରୁଆ ଚାଉଳ ସଂଗ୍ରହ କରି କଳାଡୁଙ୍ଗର ବୁଢ଼ାଙ୍କୁ ବରଣା କରାଯାଇଛି । ମଙ୍ଗଳବାର ବାଲସି ତଥା କେସିଙ୍ଗା ବ୍ଲକର ୨୬ଟି ଗ୍ରାମପଞ୍ଚାୟତର ଲକ୍ଷାଧିକ ଲୋକେ ନୂଆଁଖାଇବେ । ଏଥିପାଇଁ ଗ୍ରାମାଞ୍ଚଳଠାରୁ ସହରର ପ୍ରତ୍ୟେକ ଦୋକାନ ବଜାର, ଡେଲିମାର୍କେଟରେ ଲୋକଙ୍କ ଭିଡି ଜମୁଥିବା ଦେଖିବାକୁ ମିଳୁଛି । ପଶ୍ଚିମ ଓଡିଶାର ଇଷ୍ଟଦେବୀ ସମଲେଶ୍ୱରୀଙ୍କ ନିକଟରେ ମଙ୍ଗଳବାର ସକାଳ ୧୦ଟାରୁ ୧୦ଟା ୨୦ ମିନିଟରେ ଭୋଗ ଲାଗିବା ପରେ ପଶ୍ଚିମ ଓଡିଶାର ସମସ୍ତ ଜିଲାରେ ନୂଆଁଖାଇ ପର୍ବ ଧୁମଧାମରେ ପାଳନ କରାଯାଏ। କଳାହାଣ୍ଡି ଜିଲା ଭବାନୀପାଟଣା,




ଗ୍ରାମଦେବୀଙ୍କ ନିକଟରେ ନୂଆଁଖାଇ ପୂଜା ପାଇଁ ଅରୁଆ ଚାଉଳ ସଂଗ୍ରହ ।

ଜୟପାଟଣା, ଏମ.ରାମପୁର କେତେକ ଅଞ୍ଚଳର ଲୋକେ ଆସନ୍ତା ୮ ତାରିଖରେ ୩ୟ ପର୍ଯ୍ୟାୟରେ ନୂଆଁଖାଇବେ । ଏଥି ନିମନ୍ତେ ପରିବାରର ମୁଖିଆମାନେ ନିଜ ସ୍ତ୍ରୀ, ପୁଅ, ଝିଅ, ନାତି, ନାତୁଣୀଙ୍କ ପାଇଁ ନୂତନ ବସ୍ତ୍ର କିଣିବାକୁ କେସିଙ୍ଗା ସହରରେ ଭିଡ ଜମି ରହୁଛି । କେସିଙ୍ଗା ବ୍ଲକର ୨୬ଟି ଗ୍ରାମପଞ୍ଚାୟତ ମଧ୍ୟରୁ ସବୁଠୁ ବଡ ଗ୍ରାମ ବାଲସି, ଦ୍ୱିତୀୟରେ ତୁଣ୍ଡଲା, ୩ୟରେ କାଣ୍ଡେଲ ଗ୍ରାମପଞ୍ଚାୟତ । ଲୋକ ସଂଖ୍ୟା ଦୃଷ୍ଟିରୁ ଏହି ୩ଟି ଗ୍ରାମରେ ଲୋକ ସଂଖ୍ୟା ଅଧିକ । ଚଳିତବର୍ଷ ଭଲ ବର୍ଷା ହୋଇଥିବାରୁ କୃଷି ଭିତ୍ତିକ ନୂଆଁଖାଇ ପର୍ବକୁ ଚାଷୀ ଆନନ୍ଦରେ ମଙ୍ଗଳବାର ମହାସମାରୋହରେ ପ୍ରତ୍ୟେକ ଘରେ ପାଳନ କରୁଛନ୍ତି । ତେଣୁ ନୂଆଧାନ, ନୂତନ ବସ୍ତ୍ର କିଣିବାରେ ପ୍ରତ୍ୟେକ ଦୋକାନ ବଜାରରେ ଭିଡ ଜମି ରହୁଛି । ନୂଆଁଖାଇ ଗଣପର୍ବ ପାଇଁ ପ୍ରତ୍ୟେକ ନୂଆବସ୍ତ୍ର, ସୁନା, ରୁପା ସମେତ ଘର ଉପକରଣ, ନୂଆଁଧାନ, ଚୁଡା, ନୂତନ ମାଟି ହାଣ୍ଡି, ଛେଳି, ମେଣ୍ଢା, କୁକୁଡା, ବତକର ଚାହିଦା ଅଧିକ ରହିଛି । କେସିଙ୍ଗା ବଜାରରେ କାଙ୍କଡ ୮୦ ଟଙ୍କା, ପୋଟଳ ୪୦ ଟଙ୍କା, ଆଳୁ ୨୫ ଟଙ୍କା, ଟମାଟୋ ୩୦ଟଙ୍କା, ଜହ୍ନି ୪୦ ଟଙ୍କା, ଧାନକେଣ୍ଡା ୧୦ ଟଙ୍କା, ଚୁଡା ଅଡା ପ୍ରତି ୫୦ ଟଙ୍କା ଦରରେ ବିକ୍ରି ହୋଇଥିବା ଦେଖିବାକୁ ମିଳୁଛି । କେସିଙ୍ଗା ସହରରେ ନୂଆଁଖାଇ ପାଇଁ କୋଟି କୋଟି ଟଙ୍କାର କିଣାବିକା ହୋଇଥିଲା । ମଙ୍ଗଳବାର ନୂଆଁଖାଇ ସରିବା ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତ୍ୟେକ ଗ୍ରାମରେ ହେବା ସହିତ ନୂଆଁଖିଆ ଓ ବାସୀ ବୋଲି ୩ ଦିନ ବ୍ୟାପି ଏହି ପର୍ବକୁ ପାଳନ କରାଯାଇଥାଏ ।




ସତର୍କ ସୂଚନା ବୋର୍ଡ ଲଗାଇ ଆରଡି ବିଭାଗ ଚୁପ୍।

## ବନ୍ୟାରେ ପୋଲ ଭାଙ୍ଗିବା ଦୀର୍ଘ ଦିନ ବିତିଲା

# ସତର୍କ ସୂଚନା ବୋର୍ଡ ଲଗାଇ ବିଭାଗ ଚୁପ୍

**କର୍ଲାମୁଣ୍ଡା,୨।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ସରବାରାଯୋରଠାରେ ଗତ ମାସ ପ୍ରବଳ ବନ୍ୟାରେ ପୋଲର ଗୋଟିଏପଟ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଏହି ରାସ୍ତା ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପୋଲ ଭାଙ୍ଗିବାର ଦୀର୍ଘ ଦିନ ବିତିଥିଲେ ହେଁ ଆରଡି ବିଭାଗ ପକ୍ଷରୁ କେବଳ ସତର୍କ ସୂଚନା ବୋର୍ଡ ଲଗାଇ ନିରବ ବସି ରହିଛନ୍ତି। ଅନ୍ୟପଟେ ଉକ୍ତ ରାସ୍ତା ଦେଇ ଯିବା ଆସିବା କରୁଥିବା ଜନସାଧାରଣମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ଚାରି ଚକିଆ ଗାଡି ଏହି ରାସ୍ତା ଦେଇ ଯିବାକୁ ଅସୁବିଧା ହେଉଛି। ଏ ନେଇ ବିଭାଗୀୟ ସହକାରୀ ଯନ୍ତ୍ରିଙ୍କୁ ପଚାରିବାରୁ ପୋଲ ନିକଟରେ ଥିବା ଜମି ମାଲିକ ନିର୍ମାଣ କାର୍ଯ୍ୟକୁ ବିରୋଧ କରୁଥିବାରୁ ମରାମତି କାମ ଆଗେଇ ପାରୁ ନ ଥିବା ପ୍ରକାଶ କରିଛନ୍ତି। ଭଗ୍ନ ପୋଲର ମରାମତି ତୁରନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ଭବାନୀପାଟଣା,୨।୯ (ଡି.ଏନ.ଏ.)**

ଭବାନୀପାଟଣା ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ପଟ୍ଟନାୟକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଠାକୁର ଚରଣ ସାହୁ ଓ ଅନ୍ୟତମ ସହଶିକ୍ଷା ଅଧିକାରୀ ଜୟ କୁମାର ମାଝି ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଅତିଥି ଭାବେ ଉପସ୍ଥିତ ରହି ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ପଟ୍ଟନାୟକଙ୍କ ଚାକିରୀ ଜୀବନର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାବଳି ସମ୍ପର୍କରେ ଆଲୋଚନା କରିବା ସହ ତାଙ୍କ ଆଦର୍ଶରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅନୁପ୍ରାଣୀତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷା କମିଟି ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷୟିତ୍ରୀ ପ୍ରତିମୟୀ ବେହେରା, ଚପଳା ସୁଆର, ପଦ୍ମଜା ଦାସ, ସ୍ମିତା ପଟ୍ଟନାୟକ, କଲ୍ୟାଣୀ ଦାସ, ସସ୍ମିତା ଦାସ, ସୁରମା ପାଢୀ, ଇଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ପଟ୍ଟନାୟକଙ୍କୁ ଉପଢୌକନ, ମାନପତ୍ର ଓ ବିଭିନ୍ନ ସାମଗ୍ରୀ ଉପହାର ସ୍ୱରୁପ ପ୍ରଦାନ କରାଯାଇଥିଲା।



ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

# ଦରମା ପାଇଲେ ନାହିଁ ଶିକ୍ଷକ

**ପଦ୍ମପୁର, ୨।୯ (ଡି.ଏନ.ଏ,)**

ମଙ୍ଗଳବାର ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ। ନୂଆଁଖାଇ ପୂର୍ବରୁ ଶିକ୍ଷକଙ୍କୁ ଦରମା, ପେନସନ ଆଦି ପ୍ରଦାନ କରାଯିବ ବୋଲି ସରକାର କହିଥିଲେ। ହେଲେ ବରଗଡ ଜିଲାରେ ଏହାର ବ୍ୟତିକ୍ରମ ଦେଖା ଯାଇଛି। ହାଇସ୍କୁଲ ଶିକ୍ଷକମାନେ ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି । ୬୧୦ ବର୍ଗ, ବ୍ଲକଗ୍ରାଣ୍ଟ, କଣ୍ଟ୍ରାକ୍ଟ ଶିକ୍ଷକମାନେ ଜୁନରୁ ଦରମା ପାଇ ନାହାନ୍ତି।

## ଭବାନୀପାଟଣା ସଦର ଥାନା ପକ୍ଷରୁ ଆମ ପୋଲିସ ବୈଠକ

**ଭବାନୀପାଟଣା,୨।୯ (ଡି.ଏନ.ଏ.)**

ଭବାନୀପାଟଣା ସଦର ଥାନା ପରିସରରେ ଆମ ପୋଲିସ ବୈଠକ ସଦର ଥାନା ଆଇଆଇସି ପ୍ରଦୀପ ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଦର ଥାନା ଅଧୀନରେ ଥିବା ୧୧ଟି ପଞ୍ଚାୟତ ସରପଞ୍ଚ ଓ ୬ ୱାର୍ଡମେମ୍ବର ଯୋଗଦେଇଥିଲେ। ସଦର ଥାନା ଅଞ୍ଚଳରେ ବେଆଇ ମଦ କାରବାର, ଜୁଆ, ସଟ୍ଟା ଆଦି ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ । ଏ ସମ୍ପର୍କରେ ସମ୍ପୃକ୍ତ ଅଞ୍ଚଳରେ ଜନ ପ୍ରତିନିଧିମାନେ ଥାନାକୁ ଖବର ଦେବା ସହ ଏ ସବୁକୁ ବନ୍ଦ କରିବା ପାଇଁ ପୋଲିସ ଦୃଢ ପଦକ୍ଷେପ ନେବ ବୋଲି ଆଇଆଇସି ଧରୁଆ ପ୍ରକାଶ କରିଥିଲେ। ଥାନା ଅଞ୍ଚଳରେ କୌଣସି ସ୍ଥାନରେ ବେଆଇନ କାର୍ଯ୍ୟ ଚାଲୁଥିଲେ ପୋଲିସ ସୂଚନା ପାଇବା ମାତ୍ରା ତୁରନ୍ତ ଚଢାଉ କରାଯିବା ସହ ବେଆଇନ କାରବାର ଉପରେ ଅଙ୍କୁଶ ଲଗାଯିବ ବୋଲି ପ୍ରକାଶ କରିଥିଲେ। ବିଭିନ୍ନ ସମୟରେ ଅଜଣା ଟେଲିଫୋନ ନମ୍ବରରୁ କଲ କରି ପୁରସ୍କାର ପାଇଥିବା କିମ୍ବା ଏଟିଏମ ଅପଡେଟ୍ କରିବା କହି ଠକେଇ କରିବା ଉଦ୍ଦେଶ୍ୟରେ ଅସୁଥିବା ଫୋନକୁ ଗ୍ରାହକମାନେ ସଚେତନତା ହୋଇ ନିଜର ଏଟିଏମ୍ ନମ୍ବର, ବ୍ୟାଙ୍କ ପାସବୁକ ଆଦି ନମ୍ବର କାହାକୁ ନ ଜଣାଇବା ନିମନ୍ତେ ଆଇଆଇସି ଅନୁରୋଧ କରିଥିଲେ।




ମାରୱାଡି ମହିଳା ମଣ୍ଡଳ ପକ୍ଷରୁ ଆୟୋଜିତ ସଚେତନତା ରାଲି ।

# ଅଙ୍ଗଦାନ, ଦେହ ଦାନ ଲାଗି ସଚେତନତା ରାଲି

**ଭବାନୀପାଟଣା,୨।୯ (ଡି.ଏନ.ଏ.)**

ସ୍ଥାନୀୟ ମାରୱାଡି ମହିଳା ମଣ୍ଡଳ ପକ୍ଷରୁ ସଭାପତି କିରଣ ଦେବୀଙ୍କ ନେତୃତ୍ୱରେ ଅଙ୍ଗଦାନ ଓ ଦେହଦାନ କରାଯାଇ ଅଙ୍ଗ ହରାଇଥିବା ବ୍ୟକ୍ତିଙ୍କୁ ସହଯୋଗ କରିବା ସକାଶେ ଏକ ସଚେତନତା ରାଲି ଆୟୋଜନ କରାଯାଇଛି। ଏହି ମହିଳା ରାଲି ଭବାନୀପାଟଣା ସହର ପରିକ୍ରମା କରିଥିଲା। ଓଡିଶା ମାରୱାଡି ମହିଳା ମଣ୍ଡଳ ପକ୍ଷରୁ ଏକାସାଙ୍ଗରେ ବିଭିନ୍ନ ଜିଲାର ସହରରେ ଏଭଳି ରାଲି କରାଯାଇ ଜନସଚେତନତା ସୃଷ୍ଟି କରାଯାଇଛି ବୋଲି ମହିଳା ମଣ୍ଡଳ ସଭାପତି କିରଣ ଦେବୀ ପ୍ରକାଶ କରିଥିଲେ। ଓଡିଶାର ମହିଳା ମଣ୍ଡଳ ପକ୍ଷରୁ ଆୟୋଜିତ ଏହି ଅଙ୍ଗଦାନ ଓ ଦେହଦାନ ରାଲିକୁ ଭାରତର ରେକର୍ଡ ବୁକରେ ସ୍ଥାନୀତ କରିବାକୁ ପ୍ରୟାସ କରାଯାଇଛି। ଏହି ରାଲିରେ ଅନ୍ୟମାନଙ୍କ ମଧ୍ୟରେ ଭବାନୀପାଟଣା ମାରୱାଡି ମହିଳା ମଣ୍ଡଳର କୋଷାଧକ୍ଷ ରେଖା ଚୌଧୁରି, ସଦସ୍ୟା ଅନିତା ଖେତାନ, କ୍ରୀଷ୍ଣା ଜୈନ, ମାରୱାଡି ଯୁବ ମଞ୍ଚଜାଗୃତି ଶାଖାର ସଭାପତି ରଶ୍ମି ଅଗ୍ରୱାଲ, ସମ୍ପାଦକ ରାଖୀ ଅଗ୍ରୱାଲ, ଡୋଲି ଗୁପ୍ତା, ଗୁଞ୍ଜା ଶର୍ମା, ଜୟଶ୍ରୀ ଅଗ୍ରୱାଲଙ୍କ ସମେତ ଶତାଧିକ ମହିଳା ଯୋଗଦେଇଥିଲେ।

# ବିଦ୍ୟାର୍ଥୀ ପରିଷଦର ସଂସ୍କାର ସେବା କାର୍ଯ୍ୟକ୍ରମ

**ଭବାନୀପାଟଣା,୨।୯ (ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ ଯୋରପଡା ବସ୍ତିରେ ବିଦ୍ୟାର୍ଥୀ ପରିଷଦ ସେବା ପ୍ରକଳ୍ପ ଷ୍ଟୁଡେଣ୍ଟ ଫର ସେବା ପକ୍ଷରୁ ଭୀମରାଓ ଆମ୍ବେଡକରଙ୍କ ନାମରେ ଏକ ସଂସ୍କାର କେନ୍ଦ୍ରର ଶୁଭାରମ୍ଭ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଏବିଭିପି କଳାହାଣ୍ଡି ବିଭାଗ ପ୍ରମୁଖ ଆଶୋକ ସିଂ, ସମ୍ମାନିତ ଅତିଥି ଦିଲୀପ ରାଉତ ପ୍ରମୁଖ ଯୋଗଦେଇ ସମାଜ ପ୍ରତି ଆମ୍ବେଡକରଙ୍କ ଅବଦାନ ଏବଂ ସଂସ୍କାର କେନ୍ଦ୍ର ଦ୍ୱାରା କୋମଳମତି ଶିଶୁମାନଙ୍କ ସାମଗ୍ରୀକ ବିକାଶ ସମ୍ଭବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ନଗର ସଂଯୋଜକ କିଶୋର ଶର୍ମା, ମୁକେଶ ବେହେରା, ଅଭିଷେକ ନାଏକ, ଦେବେନ୍ଦ୍ର ଜାନି, ଅନନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଗୁରୁଦେବ ଶ୍ରୀ ରାମଚନ୍ଦ୍ର ଯୁକ୍ତ ୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ

# ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ପଲମ,୨।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଅଧୀନ ଯୋରାଡବରା ପଞ୍ଚାୟତସ୍ଥିତ ଗୁରୁଦେବ ଶ୍ରୀରାମଚନ୍ଦ୍ର ବିଜ୍ଞାନ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟର ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଗୁରୁଦେବ ଶ୍ରୀରାମଚନ୍ଦ୍ର ପଧାନ, ମୁଖ୍ୟବକ୍ତା ଭାବେ ଯତିନ୍ଦ୍ର ପଧାନ ତୁଣ୍ଡଲା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ସମ୍ମାନିତ ଅତିଥି ଭାବେ କୃଷ୍ଣଚନ୍ଦ୍ର ପାତ୍ର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଯୋରାଡବରା, ଅଧ୍ୟାପକ ଡ. ଅଜିତ କୁମାର ବେହେରା କଣ୍ଟପଡା ମହାବିଦ୍ୟାଳୟ ଓଡିଆ ଅଧ୍ୟାପକ, ବରିଷ୍ଠ ଶିକ୍ଷକ ରୁପାଚନ୍ଦ୍ର ସାହୁ, ଦଇତାରୀ ସାହୁ, ହେମନ୍ତ ସାହୁ, ବିଦ୍ୟାଳୟ ଅଧକ୍ଷ ଶ୍ୟାମ କୁମାର ବାଗ, ନର୍ଲା ଜୋନ-୨ର ଜିଲା ପରିଷଦ ସଭ୍ୟ ସରୋଜ ମାଝି, ସୁବାସ ଚନ୍ଦ୍ର ସାହୁ, ଦୟାନିଧି ସାହୁ ଓ ଲୋଚନ ସାହୁ ଜମି ଦାନ କରିଥିବା ବ୍ୟକ୍ତି ମଧ୍ୟ ଯୋଗଦାନ ଦେଇଥିଲେ । ମହାବିଦ୍ୟାଳୟର ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କୁ କିପରି ଭାବରେ ଶିକ୍ଷା କ୍ଷେତ୍ରରେ ଆଗେଇ ନେଇ ବିଦ୍ୟାଳୟ ଗର୍ବ ଓ ଗୌରବ ଆଣିବା ପାଇଁ ଅତିଥିମାନେ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କବି ପ୍ରଶାନ୍ତ କୁମାର ଦାସ ସଭା ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ପୀତାମ୍ବର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ନୂଆଁଖାଇ ପାଇଁ ଜମୁଛି ତିହାର ହାଟ

**ଭବାନୀପାଟଣା,୨।୯ (ଡି.ଏନ.ଏ.)**

ପଶ୍ଚିମ ଓଡିଶା କଳାହାଣ୍ଡି ଜିଲାର ଭବାନୀପାଟଣା, ଥୁ.ରାମପୁର, ଲାଞ୍ଜିଗଡ, ଜୟପାଟଣା ଅଞ୍ଚଳରେ ନୂଆଁଖାଇ ଗଣପର୍ବ ଆସନ୍ତା ୮ ତାରିଖରେ ପାଳିତ ହେବ । ଏଥିପାଇଁ ଏସବୁ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି । ଜିଲାର ବିଭିନ୍ନ ସ୍ଥାନରେ ତିହାରି ହାଟରେ ପ୍ରବଳ ଭିଡ ହେଉଛି । ଭବାନୀପାଟଣା ସହରରେ ଥିବା ମଙ୍ଗଳବାର ଓ ଶନିବାର ବଜାର ସାପ୍ତାହିକ ହାଟରେ ପ୍ରବଳ ଭିଡ ହୋଇଥିଲା । ନୂଆଁଖାଇ ପୂର୍ବ ହାଟପାଳିକୁ ତିହାରି ହାଟ ବୋଲି କୁହାଯାଏ । ଏଥର ତିହାରି ହାଟରେ ପ୍ରାୟ ଦୁଇ କୋଟି ଟଙ୍କାର କାରବାର ହୋଇଛି । ଚଳିତବର୍ଷ ମଙ୍ଗଳବାର ଓ ରବିବାର ନୂଆଁଖାଇ ପଡୁଥିବାରୁ ମଙ୍ଗଳବାର ଓ ଶନିବାର ତିହାରି ହାଟ ପଡୁଛି । ନୂଆଁଖାଇ ପାଇଁ ବିଭିନ୍ନ ପୂଜା ସାମଗ୍ରୀଠାରୁ ଆରମ୍ଭ କରି ନୂଆଁ ଲୁଗା, ଘରୋଇ ଉପକରଣ, ପନିପରିବା, ମାଟିହାଣ୍ଡି, ଦୀପ, ବାଉଁଶରେ ତିଆରି କୁଲାଟୋପା, ସର୍ଗୀ ଓ ଶିଆଳି ପତ୍ରରେ ତିଆରି ଖଲି ଦନା କିଣାବିକା ଲାଗି ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଗ୍ରାହକ ଓ ବେପାରୀଙ୍କ ଭିଡ ଜମିଥିଲା । ଭବାନୀପାଟଣାରେ ନୂଆଁଧାନ, କୁରେ ପତ୍ରର ଚାହିଦା ବଢିଛି । ଆଦିବାସୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ସମ୍ପ୍ରଦାୟର ଲୋକେ ହାଟକୁ ଆସିଥିଲେ। ଅନ୍ୟ ହାଟ ପାଳିଠାରୁ



ଭବାନୀପାଟଣା ସହର ସାପ୍ତାହିକ ହାଟରେ ନୂଆଁଖାଇ ପାଇଁ ଲୋକେ କିଣାକିଣି କରୁଛନ୍ତି ।

**ଭବାନୀପାଟଣା ସହର**

ଏହି ତିହାରି ହାଟପାଳି ସମ୍ପୂର୍ଣ୍ଣ ନିଆରା। ପ୍ରାୟ ଏକରୁ ଦେଢ କି.ମି. ବ୍ୟାପି ଏହି ସାପ୍ତାହିକ ହାଟରେ ନୂଆଁ ଲୁଗାଠାରୁ ଆରମ୍ଭ କରି ମାଟି ହାଣ୍ଡି, ଖଳିଦନା, ବାଉଁଶ ତିଆରି କୁଲାଟୁପା, ମସଲା ବାଟିବା ପାଇଁ ପଥରର ଶିଳ ଏବଂ ଶିଳ୍ପ ପ୍ରଭୃତିଠାରୁ ଆରମ୍ଭ କରି ଯିଏ ଯାହା ଖୋଜିଲା ହାଟରୁ ପାଇ କିଣି ନୂଆଁଖାଇ ପାଇଁ ନିଜ ଘରକୁ ନେଉଥିବା ଦେଖିବାକୁ ମିଳିଥିଲା । ଦୂର ଦୂରାନ୍ତରୁ ବହୁ ବ୍ୟାପାରୀ ମଧ୍ୟ ଲୋକଙ୍କ ଚାହିଦା ମୁତାବକ ଆବଶ୍ୟକ ଜିନିଷ ଆଣି ସେମାନଙ୍କ ପସରା ମେଳି ଥିବା ଦେଖିବାକୁ ମିଳିଥିଲା । ଲୋକେ ବାଛି ବାଛି ନୂଆଁଖାଇବା ପାଇଁ ଲୁଗା ପଟାଠାରୁ ଆରମ୍ଭ କରି ନୂଆଁଖାଇ ପାଇଁ ଆବଶ୍ୟକ ସାମଗ୍ରୀ କିଣୁଥିବା ଦେଖାଯାଇଥିଲା। ନୂଆଁଖାଇ ପରଦିନ ବାସି ପର୍ବ ପାଳନରେ ମଦ ମାଂସରେ ଲୋକେ ବୁଡିଯାନ୍ତି । ତେଣୁ ଏହି ହାଟରେ ଛେଳି, ମେଣ୍ଢା, କୁକୁଡା ମଧ୍ୟ ବହୁଳ ଭାବେ ବିକ୍ରି ହୋଇଥିଲା। ହାଟରେ ନୂଆଁଧାନ ବିକ୍ରି ହେଉଥିବା ବେଳେ ଏବର୍ଷ ତାହା ମିଳି ନ ଥିଲା। ନୂଆଁଖାଇ ଏକ ପ୍ରଧାନ କୃଷି ଭିତ୍ତିକ ପର୍ବ । ଏହି ପର୍ବ ପୂର୍ବଦିନ ପଡୁଥିବା ତିହାରୀ ହାଟକୁ ସମସ୍ତେ ଅପେକ୍ଷା କରିଥାନ୍ତି। ହାଟରେ ଲୁଗା ଦୋକାନୀମାନେ ବେଶ୍ ଦି ପିସାଇ ଅର୍ଜନ କରନ୍ତି । ପ୍ରାୟ ସବୁ ଦୋକାନୀ ବର୍ଷକର ଲାଭ ଏହି ତିହାରୀ ହାଟରେ ମିଳିଥାଏ ବୋଲି ଏକତ୍ରିତ ହୋଇଥାନ୍ତି । ସୂଚନାଯୋଗ୍ୟ ଯେ, ଭାଦ୍ରବ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ମ.ରାମପୁର ଡୋକରୀ ଦେବୀଙ୍କଠାରେ ନୂଆ ଭୋଗ ଅର୍ପଣ କରି ମ.ରାମପୁର ଅଞ୍ଚଳବାସୀ ନୂଆଁଖାଇ ପାଳନ କରିଥିଲେ । ସେହିପରି ଭାଦ୍ରବମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ କେସିଙ୍ଗା ବ୍ଲକ୍ ଉକ୍ଳେଲା ଅଞ୍ଚଳରେ ନୂଆଁଖାଇ ପାଳିତ ହୋଇଥିଲା। ପରମ୍ପରା ଅନୁଯାୟୀ କଳାହାଣ୍ଡି ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କଠାରେ ଆସନ୍ତା ୮ ତାରିଖ ରବିବାର ନବାନ୍ନ ଭୋଗ ଅର୍ପଣ କରାଯାଇ ଭବାନୀପାଟଣା ସହରବାସୀ ସମେତ ଆଖପାଖ ଅଞ୍ଚଳ, କଳାହାଣ୍ଡି ଗଡଜାତ ଜମିଦାରୀ ଅଞ୍ଚଳ ଥୁ.ରାମପୁର, ଲାଞ୍ଜିଗଡ, ଜୟପାଟଣା, ମହୁଲପାଟଣା, କର୍ଲାପାଟ ଅଞ୍ଚଳରେ ନୂଆଁଖାଇ ପାଳିତ ହେବ । ଏହାଛଡା ପରମ୍ପରା ଅନୁଯାୟୀ ଆଶ୍ୱିନ ମାସ ଶୁକ୍ଳପକ୍ଷ ନବମୀ ତିଥରେ ମା' ମାଣିକେଶ୍ୱରୀଙ୍କର ପବିତ୍ର ଛତରଯାତ୍ରା ଦିନ ବୁଢାରାଜା ମନ୍ଦିରରେ ନବାନ୍ନ ଭୋଗ ଲାଗି କରି କଳାହାଣ୍ଡି ରାଜପରିବାର ନୂଆଁ ଖାଇବେ। ସର୍ବୋପରି ଏହିସବୁ ତିଥିରେ କୌଣସି କାରଣରୁ ନବାନ୍ନ ଗ୍ରହଣ କରି ନ ଥିବା ପରିବାର ବିଜୟା ଦଶମୀ ତିଥିରେ ନବାନ୍ନ ଗ୍ରହଣ କିରବା ପରମ୍ପରା ରହି ଆସିଛି ।



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି,
ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
- ଲାମାର୍ଟିନ

## ସଂକ୍ଷେପରେ

### ଆର୍‌ଏସ୍‌ପିର ଖାଲିଥିବା ୧୮୯୭ କ୍ୱାର୍ଟର୍ସକୁ ବଣ୍ଟନ ନିଷ୍ପତ୍ତି

ରାଉରକେଲା ଅଫିସ, ୨।୯
ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ ଟାଉନଶିପରେ ପାଖାପାଖି ୨ହଜାର କ୍ୱାର୍ଟର୍ସ ଅବ୍ୟବହୃତ ହୋଇ ଖାଲିପଡ଼ିଛି। ବର୍ଷବର୍ଷ ଧରି ଖାଲି ପଡ଼ିଥିବା ଏହି କ୍ୱାର୍ଟର୍ସର ରକ୍ଷଣାବେକ୍ଷଣ ପାଇଁ କମ୍ପାନୀକୁ ପ୍ରାୟ ୧.୮କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏ ନେଇ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ ପକ୍ଷରୁ ଟାଉନ ୱେଲଫେୟାର କମିଟି ମିଟିଂରେ ଏହି ବିଷୟ ଉପସ୍ଥାପନ କରାଯିବା ସହିତ ବିହିତ ପଦକ୍ଷେପ ନେବା ପାଇଁ ଦାବି ହୋଇଆସୁଥିଲା। ବର୍ତ୍ତମାନ ଆର୍‌ଏସ୍‌ପିରେ ୧୨ଶହ ଶ୍ରମିକ କାର୍ଯ୍ୟରତ ଅଛନ୍ତି। ସେଥିରୁ ପ୍ରାୟ ୧୧ଶହ ଶ୍ରମିକ ଷ୍ଟିଲ ଟାଉନଶିପର କ୍ୱାର୍ଟର୍ସରେ ରହୁଛନ୍ତି। ବଡ କ୍ୱାର୍ଟର୍ସ ପର୍ଯ୍ୟାପ୍ତ ପରିମାଣରେ ନ ଥିବାରୁ ବାଧହୋଇ ଶ୍ରମିକମାନେ ସାରାଜୀବନ ଛୋଟ କ୍ୱାର୍ଟର୍ସରେ ରହୁଛନ୍ତି। ଏଣୁ ସଂଘ ପକ୍ଷରୁ ବାରମ୍ବାର ଟାଉନ ୱେଲଫେୟାର ମିଟିଂରେ ଯେଉଁ ଶ୍ରମିକମାନଙ୍କ ପାଖ କ୍ୱାର୍ଟର୍ସ ଖାଲି ଅଛି ତାହାକୁ ଉକ୍ତ ଶ୍ରମିକଙ୍କୁ ଦ୍ୱିତୀୟ ୟୁନିଟ ଭାବେ ଆବଣ୍ଟନ କରାଯାଉ ବୋଲି ଦାବି କରାଯାଉଥିଲା। ତେବେ ଉକ୍ତ ଦାବିକୁ ସହରର ସେବା ବିଭାଗ ମାନି ନେବା ସହିତ ଏ ବାବଦରେ ଏକ ସର୍କୁଲାର ଜାରି କରିଛନ୍ତି। ଏହାସହ ଖାଲିଥିବା ୧୮୯୭ କ୍ୱାର୍ଟର୍ସ ଲିଷ୍ଟ ମଧ ବାହାର କରିଛନ୍ତି। ଶ୍ରମିକମାନଙ୍କୁ ସହର ବିଭାଗ ତରଫରୁ ଜାରି କରାଯାଇଥିବା ନିର୍ଦ୍ଧାରିତ ଫର୍ମରେ ହିଁ ଆବେଦନ କରିବାକୁ ପଡ଼ିବ। ଆବେଦନର ଶେଷ ତାରିଖ ୧୬ ସେପ୍ଟେମ୍ବର ରଖାଯାଇଛି। ଦୀର୍ଘଦିନର ସଂଘର ଦାବିକୁ ପୂରଣ କରିଥିବାରୁ ସାଧାରଣ ସମ୍ପାଦକ ହିମାଂଶ ବଳ ଆର୍‌ଏସ୍‌ପି ସିଇଓ ଦୀପକ ଚଟ୍ଟରାଜ, ଟାଉନ ୱେଲଫେୟାର କମିଟିର ଇଡି ପି ଆଣ୍ଡ ଏ ରାଜବୀର ସିଂ ଏବଂ ସେବା ବିଭାଗର ଜିଏମ୍ ଅଜୟ ନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ରାଉରକେଲା ମୁକ୍ତ ଚେସ୍ ଟୁର୍ଣ୍ଣାମେଣ୍ଟ ୭ରୁ

ରାଉରକେଲା ଅଫିସ, ୨।୯
ରାଉରକେଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଗତି ଉତ୍କଳ ସଂଘ ଆନୁକୂଲ୍ୟରେ ରାଉରକେଲା ମୁକ୍ତ ଚେସ୍ ଟୁର୍ଣ୍ଣାମେଣ୍ଟ ଆସନ୍ତା ସେପ୍ଟେମ୍ବର ୭ରୁ ୯ତାରିଖ ଯାଏ ଆୟୋଜିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ଇଚ୍ଛୁକ ଥିବା ପ୍ରତିଯୋଗୀମାନେ ଆସନ୍ତା ୬ ତାରିଖ ସୁଦ୍ଧା ସଂଘ କାର୍ଯ୍ୟାଳୟରେ ପଞ୍ଜୀକରଣ କରାଇବାକୁ ସଂଘର କ୍ରୀଡ଼ା ସମ୍ପାଦକ ଅରବିନ୍ଦ ପାତ୍ର ଅନୁରୋଧ କରିଛନ୍ତି।

### ବିଭିନ୍ନ ସ୍ଥାନରେ ଗଣପତିଙ୍କ ପୂଜା

କୋଲାବିରା,୨।୯(ଡି.ଏନ୍.ଏ.)
ସୋମବାର କୋଲାବିରା ତଥା ଏହାର ଆଖପାଖ ଅଞ୍ଚଳରେ ଗଣେଶ ପୂଜା ପାଳିତ ହୋଇଛି। କୋଲାବିରା ପଞ୍ଚାୟତ ସମିତି ଜୁନିୟର କଲେଜ, ପଞ୍ଚାୟତ ସମିତି ହାଇସ୍କୁଲ, ନୃପଲାଲ ମଧ ଇଂରାଜୀ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ, ହରିଜନପଡ଼ା, ନୂଆପଡ଼ା, ଗଉଡ଼ପଡ଼ା, ତେଲେଙ୍ଗାପଡ଼ା, ହସ୍ପିଟାଲପଡ଼ା ତଥା ଜମିଦାରପଡ଼ାରେ ଗଣପତିଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ ସେମାନଙ୍କ ଶିକ୍ଷାନୁଷ୍ଠାନରେ ଉପସ୍ଥିତ ରହି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ସେହିପରି ସମାସିଂହା କ୍ଷୀରୋଦ କୌନ୍ତିଆ ବାଳିକା ବିଦ୍ୟାଳୟ, ରଘୁନାଥପାଲି, ସୋଢ଼ାମାଲ, ଝିଲ୍ଲାପାଲି, ପରମାଣପୁର ଆଦି ସ୍ଥାନରେ ଗଣେଶ ପୂଜା ପାଳିତ ହୋଇଛି ।

## ବିଭିନ୍ନ ସମସ୍ୟା ନେଇ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିଲା କଂଗ୍ରେସ

# ନିଶା, ମାଦକଦ୍ରବ୍ୟ ବନ୍ଦ, ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

ରାଉରକେଲା ଅଫିସ, ୨।୯



କଂଗ୍ରେସ ନେତା ଜର୍ଜ ତିର୍କୀ ଓ ଅନ୍ୟ ଦଳୀୟ କର୍ମୀ ଏସ୍‌ପିଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରୁଛନ୍ତି।

ରାଉରକେଲା କଂଗ୍ରେସ ପକ୍ଷରୁ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସୋମବାର ଆରକ୍ଷୀ ଅଧୀକ୍ଷକ କେ.ଶିବ ସୁବ୍ରମଣୀଙ୍କୁ ସ୍ୱାଗତ କରିବା ସହ ରାଉରକେଲା ପୋଲିସ ଜିଲାର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛନ୍ତି। ସହରରେ ଚାଲିଥିବା ଅବୈଧ ସଟ୍ଟା କାରବାର ବନ୍ଦ କରିବା, ଲୁହାସ୍କ୍ରାପ ବ୍ୟବସାୟ ବନ୍ଦ ଦିଗରେ ଦୃଷ୍ଟି ଦେବା, ବିଭିନ୍ନ ନିଶା ଓ ମାଦକ ଦ୍ରବ୍ୟ,ଦେଶୀ ଓ ବିଦେଶୀ ମଦ ବନ୍ଦ କରିବା ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିଥିଲେ। ଏହା ସହ ସହରର ଟ୍ରାଫିକ ସମସ୍ୟା ସୁନିୟନ୍ତ୍ରିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା, ରାସ୍ତାପାର୍ଶ୍ୱରେ ବିଦେଶୀ ମଦ ଦୋକାନ ସମ୍ମୁଖରେ ଖୋଲାଖୋଲି ଭାବେ ମଦ୍ୟପାନ ବନ୍ଦ କରିବା, ସାଧାରଣ ଲୋକଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ପାଇଁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା, ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ବ୍ୟାପକ କରିବା ପ୍ରତିମାସରେ ଥରେ ଯେକୌଣସି ଥାନାରେ ପୋଲିସ ପକ୍ଷରୁ ଜନମଞ୍ଚ ଆୟୋଜନ କରିବା, ନାବାଳିକା ବଳାତ୍କାର ଘଟଣାର ନିରାକରଣ ସହ ଅଭିଯୁକ୍ତ ପ୍ରତି ଦଣ୍ଡବିଧାନ କରିବା ଆଦି ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବିଶେଷକରି ଖୋଲାଖୋଲି ଭାବେ ମଦଦୋକାନ ଚତୁଃପାର୍ଶ୍ୱରେ ମଦ୍ୟପାନ ବନ୍ଦ କରିବାକୁ ଏହି ପ୍ରତିନିଧି ମଣ୍ଡଳୀ ଦାବି କରିଛି। ଏପରିକି ଉକ୍ତ ରାସ୍ତା ଦେଇ ସାଧାରଣ ଲୋକେ ଯାତାୟାତ କରିବାକୁ ଉଚିତ ମଣୁ ନ ଥିବାରୁ ପ୍ରତିନିଧି ମଣ୍ଡଳୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଏହାସହ ଉପରୋକ୍ତ ସମସ୍ୟାଗୁଡ଼ିକ ପ୍ରତି ଗୁରୁତ୍ୱର ସହ ବିଚାର କରିବାକୁ ପ୍ରତିନିଧି ମଣ୍ଡଳୀ ଦାବି କରିଛନ୍ତି। ସୋମବାର ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ବିରେନ ସେନାପତି, ପ୍ରଶାନ୍ତ ସେଠୀ, ଯୁବ କଂଗ୍ରେସ ସଭାପତି ପ୍ରବୋଧ ଦାସ, ଶିବୁ ଦୀପ, ଉପସଭାପତି କୀର୍ତ୍ତନ ଦାସ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ସନ୍ତୋଷ ବିଶ୍ୱାଳ, ଦେବବ୍ରତ ବିହାରୀ, ରୋହିତ ଯୋଶେଫ ତିର୍କୀ, ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାପତି ନିରୁପମା ବଳିୟାର ସିଂ, ସେବାଦଳର ବିନୋଦ ରାଉତ, ଓବିସି ଅଧ୍ୟକ୍ଷ କୈଳାସ ରାଉତ, ପ୍ରମୋଦ ପ୍ରଧାନ, ବରିଷ୍ଠ ସଦସ୍ୟ ରାମପୁକାର ସିଂ, ଇନ୍ଦ୍ରମୋହନ ପଣ୍ଡା, ନାରୀ ନେତ୍ରୀ କଲ୍ୟାଣୀ ପୂର୍ତ୍ତି, ରଞ୍ଜିତା ମଲ୍ଲିକ, ଆୟୁବ ଖାନ, ଇସଲାମ ପରଭେଜ, ଶ୍ୟାମ ସାଗର, ରାଜେନ୍ଦ୍ର ରଜାକ, ଶୁକଦେବ ବଡ଼ାଇକ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ଥିଲେ।



ସୁହୃଦ ସେବା ସଂଘ ସଭାପତି ଓ ସଦସ୍ୟଗଣ ଲକ୍ଷ୍ମୀ ମିଶ୍ରଙ୍କୁ ସିଲାଇ ମେଶିନ ପ୍ରଦାନ କରୁଛନ୍ତି।

## ସୁହୃଦ ସେବା ସଂଘର ସହାୟତା

ରାଉରକେଲା ଅଫିସ, ୨।୯

ରାଉରକେଲା ଝିରପାଣିରେ ରହୁଥିବା ସ୍ୱର୍ଗତ ନରେନ୍ଦ୍ର ମିଶ୍ରଙ୍କ ବିଧବା ସ୍ତ୍ରୀ ଲକ୍ଷ୍ମୀ ମିଶ୍ରଙ୍କୁ ସୁହୃଦ ସେବା ସଂଘ ସହାୟତାର ହାତ ବଢ଼ାଇଛି। ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାର ପୋଷଣ ପାଇଁ ସୃଷ୍ଟି ବିଦ୍ୟାଳୟରେ କାର୍ଯ୍ୟ କରିବା ସହ ସନ୍ଧ୍ୟାରେ ସିଲାଇ କରି ରୋଜଗାର କରୁଥିଲେ। ଏହି ଖବର ପାଇ ସୁହୃତ ସେବା ସଂଘ ତରଫରୁ ସଭାପତି ପି.କେ.ସାହୁ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ଗତ ଅଗଷ୍ଟ ୨୭ରେ ଏକ ସିଲେଇ ମେସିନ ପ୍ରଦାନ କରାଯାଇଥିଲା। ଫଳରେ ଲକ୍ଷ୍ମୀ ଅଧିକ ରୋଜଗାର କରି ସ୍ୱାବଲମ୍ବୀ ହେବା ସହିତ ଝିଅକୁ କଲେଜରେ ପଢ଼ାଇବା ପାଇଁ ସକ୍ଷମ ହୋଇପାରିବେ।

## ଗଣନାଥଙ୍କ ପୂଜନୋତ୍ସବ ପାଳିତ

ସୁନ୍ଦରଗଡ,୨।୯ (ଡି.ଏନ୍.ଏ)

ଗଣନାଥଙ୍କ ପୂଜନୋତ୍ସବ ହର୍ଷଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି । ଏହି ଅବସରରେ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ବିଭିନ୍ନ ପୂଜା କମିଟି ପକ୍ଷରୁ ଗଣନାଥଙ୍କ ମୂର୍ତ୍ତି, ସାଜସଜ୍ଜା ଓ ତୋରଣ ବେଶ ଆକର୍ଷଣୀୟ ହୋଇଛି। ସହରର ଇବ୍ ନଗର, ରଙ୍ଗାଢିପା, ସୁନାରିପଡା, ହସ୍ପିଟାଲ ରୋଡ, ଡିଏଫ୍‌ଓ କାର୍ଯ୍ୟାଳୟ, ଧର୍ମଶାଳା, ମେନରୋଡ ଆଦି ସ୍ଥାନରେ ଗଣନାଥଙ୍କ ପୂଜା ଅନୁଷ୍ଠିତ ହୋଇଛି ।

## ହୁକା ବାର୍ ଉପରେ ପୋଲିସ ଚଢ଼ାଉ

ରାଉରକେଲା ଅଫିସ, ୨।୯

ଷ୍ଟିଲ ସିଟିର ବିଭିନ୍ନ ସ୍ଥାନରେ ହୁକା ବାର ନେଇ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ପୋଲିସ ପକ୍ଷରୁ ଏହାକୁ ଠାବ କରିବା ନେଇ ଅଭିଯାନ ଜୋରଦାର କରାଯାଇଛି। ଗତ ଶୁକ୍ରବାର ଠାରୁ ସହରର ବିଭିନ୍ନ ସ୍ଥାନରେ ଏନେଇ ଯୋଜନା ବଦ୍ଧ ଭାବେ ଚଢାଉ ଜାରି ରହିଛି। ଏଥିରେ ପୋଲିସକୁ ବଡ ସଫଳତା ମିଳିଥିବା କୁହାଯାଉଛି। ଶନିବାର ରାତି ୧୨ଟାରେ ଏନ୍‌ଆଇଟି ପଛରୁ ଏଭଳି ଏକ ହୁକା ବାରକୁ ଠାବ କରାଯାଇଥିବା ବେଳେ ସୋମବାର ସିଭିଲ ଟାଉନସିପ ଅଞ୍ଚଳରେ ଚାଲିଥିବା ହୁକା ବାରରେ ଚଢାଉ କରାଯାଇ ଥିଲା। ଏଠାରୁ ୬ଟି ହୁକା ସହ ପାଇପ, ନୋଜଲ ଓ ଟବାକୋ ପ୍ୟାକେଟ ଜବତ କରାଯାଇଛି। ଏଥିରେ କେଉଁମାନେ ସମ୍ପୃକ୍ତ ସେନେଇ ପୋଲସି ଅଧିକ ତଦନ୍ତ ଚଳାଇଛି। ସହରର ଅନ୍ୟ କେତେକ ସ୍ଥାନରେ ବେଆଇନ ଭାବେ ଚାଲିଥିବା ହୁକା ବାର ଉପରେ ଖୁବଶୀଘ୍ର ଚଢାଉ କରାଯିବ ବୋଲି ସୂଚନା ମିଳିଛି।



ହୁକା ସହ ପାଇପ, ନୋଜଲ ଓ ଟବାକୋ ପ୍ୟାକେଟ ଜବତ କରାଯାଇଛି।

## ନୂଆଁଖାଇ ପାଇଁ କୋଲାବିରା ଚଳଚଞ୍ଚଳ

କୋଲାବିରା,୨।୯(ଡି.ଏନ୍.ଏ.)
ମଙ୍ଗଳବାର ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। କୃଷିଭିତ୍ତିକ ଏହି ପର୍ବ ପାଇଁ କୋଲାବିରା ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ନୂଆଁଖାଇ ଦିନ ଚାଷୀ ତା'ର ଉତ୍ପାଦିତ ଶସ୍ୟକୁ ପ୍ରଥମେ ଇଷ୍ଟଦେବୀଙ୍କୁ ଅର୍ପଣ କରି ସୁଖସମୃଦ୍ଧି କାମନା କରେ। ନୂଆ ଧାନରେ ପ୍ରସ୍ତୁତ ଚାଉଳରେ ଅନ୍ନ ପ୍ରସ୍ତୁତ ଇଷ୍ଟଦେବୀଙ୍କୁ ଅର୍ପଣ ପରେ ପରିବାରର ସମସ୍ତ ସଦସ୍ୟ ଏକାଠି ବସି ସେବନ କରିଥାନ୍ତି। ଏଥିପାଇଁ ବାହାରେ ରହୁଥିବା ପରିବାରର ସମସ୍ତ ସଦସ୍ୟ ଘରକୁ ଫେରିଛନ୍ତି। ମହିଳାମାନେ ଘର ଲିପାପୋଛା କରିବା ସହ କାନ୍ଥକୁ ରଙ୍ଗିନ କରି ସଜାଇଛନ୍ତି। ନୂଆଁଖାଇ ପାଇଁ ସାମଗ୍ରୀ କିଣିବାକୁ ଗତ ଦୁଇଦିନ ହେଲା ଦୋକାନ ବଜାରରେ ଲୋକଙ୍କ ଭିଡ଼ ଲାଗିଛି। ବଜାରରେ କୁରେପତ୍ର, ନୂଆଧାନ, ନୂଆ ପାତଲି, ମାଟିହାଣ୍ଡି, ସରା, କୁଲା, ନୂଆ ଡାଲା, ଜୁଗାର ପସରା ମେଲିଛି।

## ମଧୁବୈଶ୍ୟ ସମାଜ ପକ୍ଷରୁ ଗଣେଶ ପୂଜା



ମଧୁବୈଶ୍ୟ ଗୁଡିଆ ସମାଜ ପକ୍ଷରୁ ଅନୁଷ୍ଠିତ ଗଣେଶ ପୂଜାରେ ଅତିଥି ଓ ଅନ୍ୟମାନେ।

ରାଉରକେଲା ଅଫିସ, ୨।୯

ରାଉରକେଲା ମଧୁବୈଶ୍ୟ(ଗୁଡିଆ) ସମାଜର ଇଷ୍ଟଦେବ ବିଘ୍ନରାଜ ଗଣେଶଙ୍କ ଦଶମ ବାର୍ଷିକୀ ପୂଜା ସୋମବାର ସେକ୍ଟର-୯ ଇ ବ୍ଲକ ସ୍ଥିତ ମା' ମଙ୍ଗଳା ମନ୍ଦିର ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବିଘ୍ନରାଜଙ୍କ ପୂଜାର୍ଚ୍ଚନା ସମ୍ପୂର୍ଣ୍ଣ ରୀତିନୀତି ଅନୁସାରେ କରାଯାଇଥିଲା। ସମାଜ ଉପଦେଷ୍ଟା ପଦ୍ମଲୋଚନ ସାହୁ ଏହି ପୂଜାରେ କର୍ତ୍ତା ହୋଇ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ମଧୁବୈଶ୍ୟ ଗୁଡିଆ ସମାଜର ସଦସ୍ୟଙ୍କ ସମେତ ବହୁ ବ୍ୟକ୍ତି ଯୋଗଦାନ କରିଥିଲେ। ଏହି ପୂଜାରେ ବୀରମିତ୍ରପୁରର ପୂର୍ବତନ ବିଧାୟକ ତଥା ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ଜର୍ଜ ତିର୍କୀ, ପୂର୍ବତନ ଜିଲା ସଭାପତି ବିରେନ ସେନାପତି, ପ୍ରଶାନ୍ତ ସେଠୀ, ଜ୍ଞାନେନ୍ଦ୍ର ଦାସ, ଯୋଶେଫ ତିର୍କୀ, ସ୍ୱାଧା ଷ୍ଟିଲ ନିର୍ଦ୍ଦେଶକ କନ୍ହେୟା ସିଂ, ସୁନୀତା ସିଂ ପ୍ରମୁଖ ଯୋଗଦାନ କରି ପ୍ରସାଦ ସେବନ କରିଥିଲେ। ରାଉରକେଲା ମଧୁବୈଶ୍ୟ ଗୁଡିଆ ସମାଜର କାର୍ଯ୍ୟକାରୀ ସଭାପତି କୈଳାସ ସାହୁ, ମୁଖ୍ୟ ଉପଦେଷ୍ଟା ଭୀମସେନ ସାହୁ, ଉପସଭାପତି କାଙ୍ଗାଳୀ ଚରଣ ସାହୁ ଓ ଅର୍ଜୁନ ସାହୁ, ସାଧାରଣ ସମ୍ପାଦକ ଧରଣୀଧର ସାହୁ, ସମ୍ପାଦକ ହେମନ୍ତ ସାହୁ, ସହ ସମ୍ପାଦକ ପ୍ରଦୀପ ସାହୁ ଓ ଜଗବନ୍ଧୁ ସାହୁ, ସହ କୋଷାଧ୍ୟକ୍ଷ ଉଦୟନାଥ ସାହୁ, ବରିଷ୍ଠ ସଦସ୍ୟ ଦିଲୀପ ସାହୁ, ଗୁରୁନାଥ ସାହୁ, ଗଦାଧର ସାହୁ, ପ୍ରଭାକର ସାହୁ, ଶଶିଭୂଷଣ ସାହୁ ପ୍ରମୁଖ ବହୁ ସଦସ୍ୟ ଇଷ୍ଟଦେବ ଗଣେଷଙ୍କ ପୂଜା କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଏଥିରେ କାଂଶବାହାଲ, ସୁନ୍ଦରଗଡ଼, ବଣାଇ, ବଡ଼ଗାଁ, ବନ୍ଧମୁଣ୍ଡା, ରାଜଗାଙ୍ଗପୁର ତଥ ସାରନଗରୀରେ ଥିବା ମଧୁବୈଶ୍ୟ ଗୁଡିଆ ସମାଜର ସଭ୍ୟମାନେ ଯୋଗଦେଇଥିଲେ।

## ଆର୍‌ଟିଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରାଉରକେଲା ଅଫିସ, ୨।୯

ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ଅଶୋକ ଜେନାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଆର୍‌ଜିଟିଏ ପକ୍ଷରୁ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷ ଡା. ରାଜକୁମାର ଯାଦବ ଜେନାଙ୍କ କର୍ତ୍ତବ୍ୟନିଷ୍ଠ, ସମୟାନୁବର୍ତ୍ତିତା ଓ ଅମାୟିକ ବ୍ୟବହାର ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହାସହ କାର୍ଯ୍ୟରେ ବହୁମୂଲ୍ୟ ସମୟ ପ୍ରଦାନ କରିଥିବାରୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଏହାସହ ତାଙ୍କ ଅବସର ଜୀବନ ସୁଖ ସମୃଦ୍ଧି ଭରା ହେଉ ବୋଲି କାମନା କରିଥିଲେ।



ଆର୍‌ଜିଟିଏ କର୍ମକର୍ତ୍ତା ଆରଟିଓଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରୁଛନ୍ତି।

ଏହି ଉତ୍ସବରେ ଆର୍‌ଜିଟିଏର ପୂର୍ବତନ ଅଧ୍ୟକ୍ଷ ରାମମେହର ଶର୍ମା, ମହାସଚିବ ମାନସ ମହାନ୍ତି, ନନ୍ଦକିଶୋର ସିଂ, ସନ୍ଦୀପ ଶର୍ମା, ଗୌତମ ରାୟ, ବିରେନ୍ଦ୍ର ଯାଦବ, ରାମଶଙ୍କର ପ୍ରସାଦ, ରାମାନନ୍ଦ ଜା, ଓ ଉମେଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ବିରକେରା ମିନିଷ୍ଟାଡିୟମରେ ଚାରାରୋପଣ

ବେଦବ୍ୟାସ, ୨।୯ (ଡି.ଏନ.ଏ)

ଲାଠକଟା ବ୍ଲକ ଅନ୍ତର୍ଗତ ବିରକେରା ଗ୍ରାମ ପଞ୍ଚାୟତର ବିରକେରା ମିନି ଷ୍ଟାଡିୟମ ପରିସରରେ ୬ଶହରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। ଲାଠିକଟା ବ୍ଲକ (ଖ) ଜୋନର ଜିଲା ପରିଷଦ ସଭ୍ୟ ମହେଶ ନାଗଙ୍କ ବଳିଷ୍ଠ ନେତୃତ୍ୱରେ ଅଞ୍ଚଳର ଜନସାଧାରଣ ଉପସ୍ଥିତ ରହି ଗୋଟାଏ ଲେଖାଏଁ ବୃକ୍ଷରୋପଣ କରିଥିଲେ। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା ପରିଷଦ ଅଧ୍ୟକ୍ଷା ଏମା ଏକ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ଗୋଟିଏ ବୃକ୍ଷ ରୋପଣ କରି ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିଥି ଓ ସମ୍ମାନିତ ଅତିଥି ଭାବେ କୁଆଁରମୁଣ୍ଡା ରେଞ୍ଜ ଅଧିକାରୀ ସୁଧାଂଶୁ ଶେଖର ସାହାଣୀ, କୁଲୁଙ୍ଗା ଫାଣ୍ଡି ଅଧିକାରୀ ସୁବ୍ରତ ପଣ୍ଡା, ରାଣ୍ଟୋ ବିରକେରା କନ୍ୟାଶ୍ରମର ପ୍ରଧାନଶିକ୍ଷକ ଚନ୍ଦ୍ରଭାନୁ ପ୍ରଧାନ, କଲୁଙ୍ଗା (କ) ଗ୍ରାମ ପଞ୍ଚାୟତର ସରପଞ୍ଚ ରାମ ମାଝୀ, ବିରକେରା ଗ୍ରାମ ପଞ୍ଚାୟତର ସରପଞ୍ଚ ସଂଯୁକ୍ତାବିନୁ ଲାକ୍ରା, ସମିତି ସଭ୍ୟ ବିଠଲୁ କିଷାନ, ସୁନୀତା ସେଠୀ, ବସନ୍ତ କୁଜୁର ପ୍ରମୁଖ ମଞ୍ଚାସୀନ ହୋଇ ବୃକ୍ଷରୋପଣ ପ୍ରତିବଦଳରେ ବୃକ୍ଷ ନଷ୍ଟ କରି ଦିଆଯାଉଛି। ଫଳରେ ପରିବେଶର ଉଚିତ ସନ୍ତୁଳନ ହୋଇପାରୁନାହିଁ ବୋଲି କହିଥିଲେ। ବର୍ଷାର ଅଭାବ ହେବା ସହ ପରିବେଶର କୁପ୍ରଭାବ ପଡୁଛି। ପ୍ରତ୍ୟେକ ସଚେତନ ନାଗରିକ ସନ୍ତାନର ଯେପରି ଯତ୍ନ ନେଉଛନ୍ତି, ସେଭଳି ଗଛ ଲଗାଇ ତାହାର ଉଚିତ ଯତ୍ନ ନେବା ଉଚିତ ବୋଲି ଆହ୍ୱାନ କରିଥିଲେ।

## ଫଟୋରେ ଖବର







ରାଉରକେଲାରେ ଗଣେଶ ପୂଜା: ଛେଣ୍ଡ ବ୍ରାଇଟ ଲେନ ୱେଲ ଫେୟାର କମିଟିର ମୂର୍ତ୍ତି (ବାମ)। ସିଦ୍ଧି ବିନାୟକ କ୍ଲବର ପୂଜା (ମଝି)। ବାସନ୍ତୀ କଲୋନୀ ହେଲପ ଏକ୍ ପକ୍ଷରୁ ଗଣେଶ ପୂଜାର ତୋରଣ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।

-ବ୍ୟାସଦେବ

## ସଂକ୍ଷେପରେ




### ଏସ୍‌ବିଆଇ ଏଟିଏମ୍‌ରୁ ବାହାରୁନି ଟଙ୍କା

**କୋଲାବିରା,୨।୯ (ଡି.ଏନ୍.ଏ.)-** କୋଲାବିରା ଅଞ୍ଚଳର ଏକମାତ୍ର ଏଟିଏମ୍‌ରୁ ଟଙ୍କା ବାହରୁ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୋଲାବିରା ବସ୍ତି କରୁଣାକର ଛକରେ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍ ରହିଛି। ହେଲେ ଗତ ୨ରୁ ୩ ଦିନ ହେଲା ଏଥିରେ ଟଙ୍କା ଭର୍ତ୍ତି କରାଯାଉ ନ ଥିବାରୁ ଉପଭୋକ୍ତା ନିରାଶ ହୋଇ ଫେରୁଛନ୍ତି। ସେହିପରି ସମାସିଂହାସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖା ନିକଟରେ ଲାଗିଥିବା ଏଟିଏମ୍ ଅବସ୍ଥା ମଧ ସମାନ। ବ୍ୟାଙ୍କ ଖୋଲିବା ସମୟରେ ଏଟିଏମ୍ ଖୋଲାଯାଉଛି। ବ୍ୟାଙ୍କ ବନ୍ଦ ହେବା ମାତ୍ରେ ଏଟିଏମ୍ ବନ୍ଦ। ଗଣେଶ ପୂଜା ଓ ନୂଆଖାଇ ଭଳି ପାର୍ବଣ ଋତୁରେ ଏଟିଏମ୍‌ର ଏପରି ଅବ୍ୟବସ୍ଥା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ଏବଂ ସୋମବାର ଲୋକେ ଟଙ୍କା ଉଠାବାକୁ ନାକେଦମ ହୋଇଛନ୍ତି। ପର୍ବପର୍ବାଣି ସମୟରେ ଯଦି ଲୋକେ ଟଙ୍କା ଉଠାଇବାକୁ ହନ୍ତସନ୍ତ ହୁଅନ୍ତି ତେବେ ଏଟିଏମ୍ ଥାଇ କି ଲାଭ ବୋଲି କୋଲାବିରା ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ବୀରେନ୍ଦ୍ର କୁମାର ମହାପାତ୍ର ପ୍ରଶ୍ନ କରିଛନ୍ତି। ବ୍ୟାଙ୍କ ଅଧିକାରୀଙ୍କୁ ମଧ ଏ ସମ୍ପର୍କରେ ଲୋକେ ଅବଗତ କରାଇଛନ୍ତି। ମାତ୍ର ଏପର୍ଯ୍ୟନ୍ତ କୌଣସି ତତ୍ପରତା ପ୍ରକାଶ ପାଇନାହିଁ। ସୂଚନାଯୋଗ୍ୟ, ଝାରସୁଗୁଡ଼ାରୁ କୁଚିଣ୍ଡା ମଧରେ କୋଲାବିରାଠାରେ ଗୋଟିଏ ମାତ୍ର ଏସ୍‌ବିଆଇ ଏଟିଏମ୍ ରହିଛି। ସ୍ଥାନୀୟ ଲୋକଙ୍କ ସମେତ ଆଖପାଖ ଅଞ୍ଚଳର ଜନସାଧାରଣ ତଥା ୪୯ନଂ ଜାତୀୟ ରାଜପଥରେ ଯାତାୟାତ କରୁଥିବା ଉପଭୋକ୍ତା ଏହି ଏଟିଏମ୍ ଉପରେ ନିର୍ଭର କରନ୍ତି। ମାତ୍ର କେତେବେଳେ ଯାନ୍ତ୍ରିକ ତ୍ରୁଟି ତ ଆଉ କେତେବେଳେ ଟଙ୍କା ଭର୍ତ୍ତି କରାଯାଉ ନ ଥିବା ଲୋକେ ହଇରାଣ ହେଉଛନ୍ତି। କୋଲାବିରା ଅଞ୍ଚଳର ଏକମାତ୍ର ଜାତୀୟକରଣ ବ୍ୟାଙ୍କ ଭାବେ ସମାସିଂହା ଠାରେ ଷ୍ଟେଟବ୍ୟାଙ୍କର ଏକ ଶାଖା ରହିଛି। ତେବେ କର୍ମଚାରୀ ଅଭାବ ସାଙ୍ଗକୁ ସଂଖ୍ୟାବହୁଳ ଉପଭୋକ୍ତା ଯୋଗୁ ବ୍ୟଙ୍କରେ ସବୁ ସମୟରେ ପ୍ରବଳ ଭିଡ଼ ଲାଗି ରହୁଛି। ଲୋକଙ୍କୁ ଟଙ୍କାର ଆବଶ୍ୟକତା ଥିବାବେଳେ ବ୍ୟାଙ୍କ ଶାଖାରେ ଦିନତମାମ ଲାଇନ ଲଗାଇବା କଷ୍ଟକର ବ୍ୟାପାର। ତେଣୁ କରି ଲୋକେ ଏଟିଏମ୍ ଉପରେ ଭରସା କରୁଛନ୍ତି। ମାତ୍ର ସେଠାରୁ ମଧ ନିରାଶ ହେଉଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ବ୍ୟାଙ୍କ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଏଟିଏମ୍ ଦ୍ୱୟକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।





ରାଜଗାଙ୍ଗପୁର ସହରର ମଣ୍ଡପଗୁଡ଼ିକରେ ପୂଜିତ ଗଜାନନଙ୍କ ମୃଣ୍ମୟ ମୂର୍ତ୍ତି ।

# ରାଜଗାଙ୍ଗପୁରରେ ଉତ୍ସବର ମାହୋଲ

- ୨୦୦ରୁ ଅଧିକ ମଣ୍ଡପରେ ପୂଜା ପାଇଲେ ଗଜାନନ
- ଶାନ୍ତିଶୃଙ୍ଖଳା ପାଇଁ ପ୍ରତି ମଣ୍ଡପ, ଛକରେ ପୋଲିସ
- ୯ ରେ ବିସର୍ଜନ ପାଇଁ ତାରିଖ ଧାର୍ଯ୍ୟ

**ରାଜଗାଙ୍ଗପୁର, ୨।୯ (ଡି.ଏନ.ଏ)** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ଅତି ଧୁମଧାମରେ ସୋମବାର ପ୍ରଭୁ ଗଜାନନଙ୍କ ପୂଜା ଆରମ୍ଭ ହୋଇଯାଇଛି। ୨୦୦ରୁ ଅଧିକ ମଣ୍ଡପରେ ପୂଜା ପାଉଛନ୍ତି ଗଜାନନ। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଦେଶରେ ବମ୍ବେ ପ୍ରଭୁ ଗଜାନନଙ୍କ ପୂଜା ପାଇଁ ପ୍ରସିଦ୍ଧ ସ୍ଥାନ ହୋଇଥିବା ବେଳେ ଓଡିଶାରେ ରାଜଗାଙ୍ଗପୁର ଗଜାନନଙ୍କ ପୂଜା ପାଇଁ ପ୍ରସିଦ୍ଧ ଲାଭ କରିଛି। ପୂଜା ପାଇଁ ରାଜଗାଙ୍ଗପୁରରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ପ୍ରତିବର୍ଷ ପରି ଏବର୍ଷ ମଧ ରାଜଗାଙ୍ଗପୁର ସହରରେ ଜାକଜମକରେ ଗଜାନନଙ୍କ ପୂଜା କରାଯାଉଛି। ଏହି ପୂଜା ପାଇଁ ଗଳିକନ୍ଦିକୁ ଲାଇଟ ଓ ବିଭିନ୍ନ ସଦସ୍ୟ ଦ୍ୱାରା ସଜା ଯାଇଛି। ସନ୍ଧ୍ୟାରେ ସମଗ୍ର ସହର ବିଭିନ୍ନ ଆଲୋକମାଳାରେ ଝଲସି ଉଠୁଛି। ସମଗ୍ର ସହର ଭକ୍ତିମୟ ପରିବେଶରେ ପରିଣତ ହୋଇଯାଇଛି। ଭଜନ ଗୀତରେ ସମଗ୍ର ସହର ଗୁଞ୍ଜୁରି ଉଠୁଛି। ବିଭିନ୍ନ ପୂଜା ମଣ୍ଡପରେ ବିଭିନ୍ନ ପ୍ରକାରର ଭୋଗ ଲଗା ଯାଇ ଭକ୍ତଙ୍କ ମଧରେ ବଣ୍ଟନ କରାଯାଉଛି। ରାଜଗାଙ୍ଗପୁର ସମେତ କୁତ୍ରା ଝାରବେଡା, କାଂଶବାହାଲ ଓ ସମ୍ବଲପୁର ଜିଲାର ଗଡପୋଷ ଓ ବାମଣ୍ଡା ଅଞ୍ଚଳର ହଜାର ହଜାର ଭକ୍ତ ପୂଜା ଦେଖିବା ପାଇଁ ରାଜଗାଙ୍ଗପୁର ଆସୁଛନ୍ତି । ପ୍ରଭୁ ଗଜାନନଙ୍କ ପୂଜାକୁ ସୁରୁଖୁରୁ ଭାବେ ପାଳନ କରିବା ପାଇଁ ରବିବାର ସୁନ୍ଦରଗଡ ଏସପି ସୌମ୍ୟ ମିଶ୍ର ଓ ଜିଲାପାଳ ନିଖିଳ ପବନ କଲ୍ୟାଣ, ରାଜଗାଙ୍ଗପୁର ଏସଡିପିଓ ବିଜୟ କୁମାର ନନ୍ଦ, ରାଜଗାଙ୍ଗପୁର ଥାନା ଅଧିକାରୀ ଗୋକୁଳାନନ୍ଦ ସାହୁଙ୍କ ଉପସ୍ଥିତିରେ ସମୂହ ବିଭିନ୍ନ ସମ୍ପ୍ରଦାୟର ବୃଦ୍ଧିଜୀବି, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ସମସ୍ତ ଗଣେଷ ପୂଜା କମିଟି ସଭ୍ୟ, ବିଭିନ୍ନ ରାଜନୈତିକ ଦଳର ଲୋକଙ୍କୁ ନେଇ ଏକ ଶାନ୍ତି କମିଟି ଗଠନ କରିବା ପାଇଁ ଏକ ବୈଠକର ଆୟୋଜନ କରାଯାଇଥିଲା। ଏହି ବୈଠକରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ତଥା ୯ ତାରିଖରେ ହେବାକୁ ଥିବା ଗଣେଷ ବିସର୍ଜନ ଶୋଭାଯାତ୍ରାରେ କୌଣସି ଅସ୍ତ୍ର ବ୍ୟବହାର ନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ଏହାଛଡା ପୋଲିସ ପ୍ରଶାସନ ପକ୍ଷରୁ ପ୍ରତିଛକ ଓ ପ୍ରତି ପେଣ୍ଡାଲରେ ପୋଲିସ ମୁତୟନ କରାଯିବା ସାଙ୍ଗକୁ ପୋଲିସ ଦ୍ୱାରା ପାଟ୍ରୋଲିଂ ବ୍ୟବସ୍ଥାର ସମୟସୀମା ବଢ଼ାଇ ଦିଆଯାଇଛି। ଅବକାରୀ ବିଭାଗ ପକ୍ଷରୁ ମଧ ବେଆଇନ ମଦ ବିକ୍ରିକୁ ବନ୍ଦ କରିବା ପାଇଁ ପାଟ୍ରୋଲିଂକୁ କଡାକଡି ଭାବେ ବଢ଼ାଇ ଦିଆଯାଇଛି।

# ଆନନ୍ଦ ଉଲ୍ଲାସ ମଧ୍ୟରେ ଗଣେଶପୂଜା ପାଳିତ

**ଲହୁଣୀପଡା, ୨।୯ (ଡି.ଏନ.ଏ)** ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବିଘ୍ନ ବିନାୟକ ଶ୍ରୀ ଶ୍ରୀ ଗଣପତିଙ୍କ ପୂଜା ଧୁମଧାମ ତଥା ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି । ଏଥିପାଇଁ ପୂଜାସ୍ଥଳ ଗୁଡିକରେ ପୂର୍ବ ପ୍ରସ୍ତୁତି ସରିଥିଲା ଏବଂ ସୋମବାର ବାବା ଗଣପତିଙ୍କ ପୂଜା ପାଇଁ ସକାଳୁ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନୂତନ ବସ୍ତ୍ର ପରିଧାନ କରି ବିଭିନ୍ନ ପ୍ରକାର ଫୁଲ ଫଳ ପ୍ରସାଦ ଧରି ବିଦ୍ୟାଳୟମାନଙ୍କରେ ପହଞ୍ଚିଥିଲେ । ଗଣପତିଙ୍କର ବିଧି ମୁତାବକ ପୂଜାଅର୍ଚ୍ଚନା କରାଯାଇଥିବା ବେଳେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା । ଲହୁଣୀପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିକିତା ଇଂରାଜୀ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ, ଲହୁଣୀପଡା ମହାବିଦ୍ୟାଳୟ, ମିଶ୍ରପାଲି ସ୍ଥିତ ଯୋଗମାୟା ମହିଳା ମହାବିଦ୍ୟାଳୟ ପ୍ରମୁଖ ଶିକ୍ଷାନୁଷ୍ଠାନ ମାନଙ୍କରେ ଧୁମଧାମରେ ଗଣେଷ ପୂଜା ଅନୁଷ୍ଠିତ ହୋଇଯାଇଥିବା ବେଳେ ବିଭିନ୍ନ ଗ୍ରାମର କ୍ଲବ ଅନୁଷ୍ଠାନ ତରଫରୁ ବ୍ଲକ ଅନ୍ତର୍ଗତ ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନମାନଙ୍କରେ ମଧ ଆନନ୍ଦ ଉଲ୍ଲାସର ସହିତ ପୂଜା ପାଳିତ ହୋଇଯାଇଥିବା ବେଳେ ଅଞ୍ଚଳଟି ଉତ୍ସବ ମୁଖର ପାଲଟି ଥିବା ଜଣାଯାଇଛି।



ଲହୁଣୀପଡ଼ାର ଏକ ବିଦ୍ୟାଳୟରେ ଗଣେଶଙ୍କ ପୂଜାର୍ଚ୍ଚନା ଚାଲିଛି ।



ବେଲପାହାଡ଼ ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଗଣେଶ ପୂଜାର ଦୃଶ୍ୟ ।

# ଗଣେଶପୂଜା ପାଇଁ ଶିକ୍ଷାନୁଷ୍ଠାନ ଉତ୍ସବମୁଖର

**ବେଲପାହାଡ଼,୨।୯ (ଡି.ଏନ୍.ଏ.)** ଜ୍ଞାନଦାତା ଶ୍ରୀଗଣେଶଙ୍କ ପୂଜା ପାଇଁ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନ ଉତ୍ସବମୁଖର ହୋଇଉଠିଛି। ଅଞ୍ଚଳର ଏକମାତ୍ର ମହାବିଦ୍ୟାଳୟ ସମେତ ସମସ୍ତ ସରକାରୀ ଓ ଘରୋଇ ସ୍କୁଲରେ ଗଜାନନଙ୍କ ପୂଜା ପାଳନ ହୋଇଛି। ବହୁ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା ହୋଇଥିଲା। ଶିକ୍ଷାନୁଷ୍ଠାନ ବ୍ୟତୀତ ଗୁମାଡେରା, ବେଲପାହାଡ଼ ଓ ଟିଆର୍‌ଏଲ୍ କଲୋନୀରେ ୬ ସ୍ଥାନରେ ସାର୍ବଜନୀନ ଗଣେଶ ପୂଜା କରାଯାଉଛି। ଆକର୍ଷଣୀୟ ମଣ୍ଡପ ନିର୍ମାଣ କରାଯାଇ ଗଜାନନଙ୍କ ବିଭିନ୍ନ ଆକୃତିର ମୂର୍ତ୍ତି ସ୍ଥାପନ କରାଯାଇଛି। ଗୁମାଡେରା ବଜାରରେ ଚନ୍ଦ୍ରଯାନ ଆକୃତିର ମଣ୍ଡପରେ ଅଗ୍ରପୂଜ୍ୟ ପୂଜା ପାଉଛନ୍ତି।

### ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

**ବ୍ରଜରାଜନଗର,୨।୯ (ଡି.ଏନ୍.ଏ.)** ସ୍ଥାନୀୟ ଗାନ୍ଧୀ ଛକରେ ବିଧାୟକ କିଶୋର କୁମାର ମହାନ୍ତି ସୋମବାର ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ବ୍ରଜରାଜନଗର ପୌରାଞ୍ଚଳ ସମେତ ରାଜପୁର, ଚାନ୍ଦିନୀମାଲ, ଗୌଡ଼ମାଲ, ଲୋଇସିଂ, କୁଦୋପାଲି ପଞ୍ଚାୟତର ଶତାଧିକ ମହିଳା, ପୁରୁଷ କର୍ମୀ ଉପସ୍ଥିତ ଥିଲେ। ଆଗାମୀ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ କାର୍ଯ୍ୟାଳୟ ଖୋଲାଯାଇଛି। କାର୍ଯ୍ୟାଳୟ ପରିସରରେ ପ୍ରଥମେ ଗଣେଶ ପୂଜା କରାଯାଇଥିଲା। ବିଧାୟକଙ୍କୁ କର୍ମୀମାନେ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ବିଶ୍ୱନାଥ ନାଏକ, ପୂର୍ବତନ ପୌରାଧକ୍ଷ ନନ୍ଦ କିଶୋର ଅଗ୍ରୱାଲ, ବିଜେଡି ସଭାପତି ଜୟନ୍ତ ଦୀକ୍ଷିତ, ଶେଷଦେବ ସାହୁ, ଗଣେଶ ରାମବାଗ, ନୃପଲାଲ ଗଣ୍ଡିଆ ପ୍ରମୁଖ ଯୋଗଦେଇଥିଲେ।

### ବ୍ରଜରାଜନଗରରେ ଗଣେଶ ପୂଜା

**ବ୍ରଜରାଜନଗର,୨।୯(ଡି.ଏନ୍.ଏ.)** ବ୍ରଜରାଜନଗର ସହରାଞ୍ଚଳର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ଆଡ଼ମ୍ବର ସହକାରେ ପାଳନ କରାଯାଇଛି। ଲମତିବାହାଲ, ଗାନ୍ଧୀ ଛକ ଓ ହରିଓମ୍‌ବିହାରରେ ଧୁମ୍‌ଧାମରେ ପୂଜା ପାଳନ ହେଉଛି। ସୁଉଚ୍ଚ ତୋରଣ ସହ ରଙ୍ଗିନ ଆଲୋକମାଳାରେ ଅଞ୍ଚଳ ଝଲସି ଉଠୁଛି। ବିଭିନ୍ନ ପୂଜା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ହରିଓମ୍‌ବିହାରରେ ରବି, ମିଟୁ, ସଞ୍ଜୟ, ବବଲୁ, ରାକେଶ, ମଣ୍ଟୁ, ମନୁ, ରାଜା, ସୋନୁ, ଦୀପକ, ବଣ୍ଟି, ଚିନୁ ପ୍ରମୁଖ ସହଯୋଗ କରିଥିଲେ।

# ସାହିତ୍ୟକୃତିର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ

## କବି ବିନୋଦ ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ସୁନ୍ଦରଗଡ଼, ୨।୯ (ଡି.ଏନ୍.ଏ)** କବି ବିନୋଦ ନାଏକଙ୍କ ସାହିତ୍ୟକୃତିର ଛତ୍ରେ ଛତ୍ରେ ଫୁଟିଫୁଟିଛି ଗ୍ରାମ୍ୟ ଜୀବନର ଚିତ୍ରପଟ, ଲୋକକଳା ଲୋକସଂସ୍କୃତି, ମାନବଜୀବନର କାରୁଣ୍ୟ, ରୋମାଣ୍ଟିକ ଚେତନା ଓ ଅନ୍ତର୍ଜାତୀୟ ଚେତନାର ବର୍ଣ୍ଣବିଭା। ତାଙ୍କର ପ୍ରଲମ୍ବିତ କାବ୍ୟ ମାନସ ପାଠକ ପ୍ରାଣକୁ ବିମୋହିତ କରିଥାଏ ବୋଲି ସୋମବାର ସ୍ଥାନୀୟ ବିକାଶ ଭବନଠାରେ ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ଆୟୋଜିତ କବି ବିନୋଦ ନାଏକ ଜୟନ୍ତୀ ଶତବାର୍ଷିକୀ ସମାରୋହରେ ଯୋଗଦେଇ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଓଡିଶା ସାହିତ୍ୟ ଏକାଡେମୀ ଏବଂ ସୁନ୍ଦରଗଡ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଅରଣ୍ୟାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବିକାଶ ଭବନ ଠାରେ ଆୟୋଜିତ ଏହି କବିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଶତବାର୍ଷିକୀ ପାଳନ ଅବସରରେ ଆୟୋଜିତ ସାରସ୍ୱତ ସମାରୋହରେ ସୁନ୍ଦରଗଡ, ରାଉରକେଲା ଓ ଝାରସୁଗୁଡା ଅଞ୍ଚଳର ବହୁ କବି, ସାହିତ୍ୟିକ, ବୁଦ୍ଧିଜୀବୀ ଯୋଗଦେଇଥିଲେ। ପ୍ରାରମ୍ଭରେ କବିବିନୋଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପପ୍ରଜ୍ଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ସାହିତ୍ୟ ଏକାଡେମୀର ସଦସ୍ୟ ଡ. ପ୍ରଭାତ କୁମାର ମଲ୍ଲିକଙ୍କ ଆବାହକତ୍ୱରେ ଏହି ଆଲୋଚନା ଚକ୍ରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ଧ୍ରୁବରାଜ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଦେଇଥିଲେ। ବିଶିଷ୍ଟ ଗାଳ୍ପିକା ମୋନାଲିସା ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ ଗ୍ରାମପଥ କବିତାର ଚର୍ଚ୍ଚିତ କବି ବିନୋଦ ନାଏକ ଗ୍ରାମ୍ୟ ଜୀବନର ଦର୍ଶନ ଲୋକସଂସ୍କୃତି, ଲୋକକଳା ଆଦି ଦେଶୀୟ ଚେତନା ଓ ଆନ୍ତଃଦେଶୀୟ ଚେତନାର ବଳିଷ୍ଠ ରୂପକାର ଓତାଙ୍କ କବିତାର ଭାବଧାରା ସୁଦୂରପ୍ରସାରୀ ବୋଲି କହିଥିଲେ। ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାସଭାପତି ତଥା ବିଶିଷ୍ଟ ଗାଳ୍ପିକ ଗିରି ଦଣ୍ଡସେନା, ବରିଷ୍ଠ ସ୍ତମ୍ଭକାର ତଥା ସାହିତ୍ୟିକ ଭୂପେନ୍ ମହାପାତ୍ର ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି କାବ୍ୟଶିଳ୍ପୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସେ ବ୍ୟକ୍ତିଗତ ଭାବେ ୫ହଜାର ଟଙ୍କାର ଚେକ୍ ପ୍ରଦାନ କରି ଏଥି ନିମନ୍ତେ ଅନ୍ୟ ମାନେ ମଧ୍ୟ ସହାୟତାର ହାତ ବଢାନ୍ତୁ ବୋଲି ଅନୁରୋଧ କରିଥିଲେ। ରାଉରକେଲା ଷ୍ଟିଲପ୍ଲାଣ୍ଟର ପ୍ରାକ୍ତନ ଜେନେରାଲ ମ୍ୟାନେଜର ଅଭୟ ଦାସ, ଅରଣ୍ୟା ସାହିତ୍ୟ ଅନୁଷ୍ଠାନର ସଂପାଦକ ଗାଳ୍ପିକ ରାଜକିଶୋର ଷଡଙ୍ଗୀ ଯୋଗଦେଇଥିଲେ। ସମ୍ମାନିତ ବକ୍ତା ଭାବେ ଅଧ୍ୟାପକ ଡ. ଭଗବାନ ପଟେଲ କବି ବିନୋଦ ନାଏକ ମୁକ୍ତଛନ୍ଦ ଓ ଆତ୍ମିକ ଯୁଗର କବି ବୋଲି କହିଥିଲେ । ରାଉରକେଲାର ଅଧ୍ୟାପକ ଡ. ନଗେନ୍ ଦାଶ ଭିତ୍ତିପ୍ରବନ୍ଧ ପାଠ କରିଥିଲେ । ଏହି ଅବସରରେ କବି ବିନୋଦଙ୍କ ପ୍ରତିମୂର୍ତ୍ତି ନିର୍ମାଣ ନିମନ୍ତେ ଏକ କମିଟି ଗଠିତ ହୋଇଥିଲା। ଗୀତିକବି ଗୋପକୃଷ୍ଣ ନାୟକ ସଭା ସଂଚାଳନ କରିଥିବା ବେଳେ ଅଧ୍ୟାପକ ଗଣେଶ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ । ଗାଳ୍ପିକ ବିବିଧ ବିଶ୍ୱ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତ କରିଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କବୟିତ୍ରୀ ପ୍ରତିମା ମିଶ୍ର ଓ କବି ମାନସ ପଣ୍ଡାଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ପାଠୋତ୍ସବ ହୋଇଥିଲା।



ବିକାଶ ଭବନଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଆୟୋଜିତ କବି ବିନୋଦ ନାଏକଙ୍କ ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି ।




ଜାଓ୍ୱା ସମାରୋହରେ ଉପସ୍ଥିତ ଅତିଥିମାନେ ।

## କୁଆଁରମୁଣ୍ଡାରେ ଜାଓ୍ୱା ସମାରୋହ

# ଆଦିବାସୀ ନାଚ, ଗୀତରେ ଦୁଲୁକିଲା ଖେଳପଡ଼ିଆ

**କୁଆଁରମୁଣ୍ଡା,୨।୯ (ଡି.ଏନ.ଏ)** ଆଦିବାସୀ ସମାଜର ମହାନ ଗଣପର୍ବ ପବିତ୍ର କାରାମ୍ ପୂଜା 'ଜାଓ୍ୱା' ସମାରୋହ କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚୁଟିଆଟୋଲି ଖେଳ ପଡ଼ିଆରେ ଧୂମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଜାଓ୍ୱା ସମାରୋହ ହେଉଛି କୃଷିଭିତିକ ପର୍ବ। ଭଲ ଫସଲ ଉତ୍ପାଦନ ସହ ସମ୍ପ୍ରଦାୟର ସମସ୍ତ ବ୍ୟକ୍ତି ସୁସ୍ଥ ଓ ନିରୋଗ ଜୀବନଯାପନ କରିବା ପାଇଁ ବକ୍ତାମାନେ ଏହି ଅବସରରେ ଧାର୍ମେଶଙ୍କ ନିକଟରେ ପ୍ରାର୍ଥନା କରିବା ସହ ଜାଓ୍ୱା ସମାରୋହ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଛନ୍ତି। ଏହା ସହ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବନା ସହ ଉତ୍ତମ ସମନ୍ୱୟକୁ ଅଧିକ ମଜଭୁତ୍ କରିବା ପାଇଁ ଏହି ଅବସରରେ ବକ୍ତାମାନେ ଉପସ୍ଥିତ ମହିଳାପୁରୁଷ, ଯୁବତୀଯୁବକଙ୍କୁ ଉପଦେଶ ଦେଇଛନ୍ତି। ପାଦା ପାଡ୍‌ହା,ଓଡିଶା ଶାଖା ଆନୁକୂଲ୍ୟରେ ରାଜୀ ପାଡହା ପକ୍ଷରୁ ଅନୁଷ୍ଠିତ ଏହି ଜାଓ୍ୱା ସମାରୋହରେ ମୁଖ୍ୟ ଅତିଥିଭାବେ ପାଡ଼୍‌ହା ପାର୍ଥା ଦେଓ୍ୱାନ ମାନ୍ନାନ ଓରାମ,ମୁଖ୍ୟବକ୍ତାଭାବେ ପାଡ଼୍‌ହା ପାର୍ଥା ବେଲ୍ ମାଙ୍ଗା ଏକ୍କା ଓ ସମ୍ମାନିତ ଅତିଥିଭାବେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ପ୍ରମୁଖ ଉପସ୍ଥିତ ରହି ଜାଓ୍ୱା ସମାରୋହ ଉପଲକ୍ଷେ ଉପରୋକ୍ତ ବକ୍ତବ୍ୟ ରଖିଥିଲେ ।ଏହି ଉପଲକ୍ଷେ ସୁନ୍ଦରଗଡ଼ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ୫୧ଟି ପାରମ୍ପରିକ ନୃତ୍ୟ ଦଳର ମାଦଳ ଓ ନାଚ,ଗୀତରେ ଖେଳ ପଡ଼ିଆ କମ୍ପି ଉଠିଥିଲା। ଶେଷରେ ବିଚାରକମଣ୍ଡଳୀଙ୍କ ଦ୍ୱାରା ଶ୍ରେଷ୍ଠ ଦଳଭାବେ ୧ମ ସ୍ଥାନ ହାସଲ କରି ଲାଠିକଟା ବ୍ଲକ ବଲାଣି ଟିମ୍ କପ୍ ଓ ମାନପତ୍ର ହାସଲ କରିଥିଲେ। ସେହିପରି ନୂଆଗାଁ ବ୍ଲକର ଘୋଡ଼ାବନ୍ଧ ନୃତ୍ୟଦଳ ୨ୟ ଓ କୁଆଁରମୁଣ୍ଡା ବ୍ଲକର ସିଆଲଯୋର ନୃତ୍ୟଦଳ ୩ୟ ସ୍ଥାନ ହାସଲ କରି ଅତିଥିମାନଙ୍କ ଠାରୁ କପ୍ ଓ ମାନପତ୍ର ହାସଲ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଲାଠିକଟା ବେଲ୍ ବୁରୁଙ୍ଗା ଖାଖା, ବଣେଇ ବେଲ୍ ଭିଖୁ ଖାଖା, ନାଇକେନବାହାଲ ମୂଲି ପାଡ଼୍‌ହା ବେଲ୍ ବାରିୟା ବେକ୍, ଦେଓ୍ୱାନ୍ ବସନ୍ତ ଓରାମ, ଉପଦେଓ୍ୱାନ ଭିକରାମ ଓରାମ, ରକମ ଉରବାସ ଛାୟା ଟିଗ୍‌ଗା,କାହାତୋ ରମେଶ ଏକ୍କା, କଟୱାର ସୁନିଲ୍ ଖେସ୍, କାର୍ଥା ଗୋବିନ୍ଦ ଟିଗ୍‌ଗା, ପଞ୍ଚ ଲଛୁ କୁଜୁରଙ୍କ ସମେତ ରଥୁ, ମନୋଜ, ମାଙ୍ଗା, ମଙ୍ଗଲ, ପୁନମ୍, ଗାନ୍ଦରୁ, କୁଆଁରମୁଣ୍ଡା ସରପଞ୍ଚ ସୁଷମାକାନ୍ତି କିଣ୍ଡୋ, ଇଂ.ଚମ୍ପା କୁଜୁର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ମହିଳାପୁରୁଷ, ଯୁବତୀଯୁବକ ଅଂଶ ଗ୍ରହଣ କରିଥିଲେ ।

## ଭାତଲଇଡ଼ା ଲିଗ୍ କମ୍ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ

# ବରାହମୁଣ୍ଡାକୁ ହରାଇ ନାଗୁପତ୍ରା ଚାମ୍ପିୟନ

**କୋଲାବିରା,୨।୯ (ଡି.ଏନ୍.ଏ.)** ଭତଲଇଡ଼ା ହାଇସ୍କୁଲ ଖେଳପଡ଼ିଆରେ ଭାତଲଇଡ଼ା ସୁଭାଷ କ୍ଲବ ଦ୍ୱାରା ଆୟୋଜିତ ଲିଗ୍ କମ୍ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ସୋମବାର ଅନୁଷ୍ଠିତ ହୋଇଛି। ନାଗୁପତ୍ରା ଏବଂ ବରାହମୁଣ୍ଡା ମଧରେ ଫାଇନାଲ ମ୍ୟାଚ୍ ହୋଇଥିଲା। ନାଗୁପତ୍ରା ବରାହମୁଣ୍ଡାକୁ ୧−୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଝାରସୁଗୁଡ଼ା ଜିଲା ଆଥ୍‌ଲେଟିକ ଏସୋସିଏଶନ ସମ୍ପାଦକ ତାପସ ରାୟଚୌଧୁରୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାପକ ରୋହିତ କୁମାର ପଟେଲ, ଗଣେଶ ନାଏକ, ପ୍ରଜ୍ୱଳ ପଟେଲ, ଜଗନ୍ନାଥ ରାଉ, ମୁନ୍ନା ମହାନ୍ତି, ଭିକାରୀ ମୁଣ୍ଡା, ତମ୍ବରୁଧର ପୂଜାରୀ, ଶଙ୍କର ପ୍ରସାଦ ପଟେଲ, ସୁଜିତ କୁଜୁର, ଉମାଶଙ୍କର ପଧାନ, ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟର ଦୁଇଟି ସେମିଫାଇନାଲ ମ୍ୟାଚ୍ ରବିବାର ଖେଳାଯାଇଥିଲା। ନାଗୁପତ୍ରା ଏବଂ ଭାତଲଇଡ଼ା ଫୁଟବଲ କ୍ଲବ ମଧରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ସୁନାଝରିଆ ଏବଂ ବରାହମୁଣ୍ଡା ମଧରେ ଖେଳାଯାଇଥିଲା। ଏହି ମ୍ୟାଚ୍ ମଧ ନିର୍ଦ୍ଧାରିତ ସମୟ ମଧରେ ଅମୀମାଂସିତ ରହିଥିଲା। ପରେ ପେନାଲ୍‌ଟି ଶୁଟ୍‌ଆଉଟ ଜରିଆରେ ନାଗୁପତ୍ରା ୩−୨ ଗୋଲରେ ଏବଂ ବରାହମୁଣ୍ଡା ୫−୪ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲେ। ବରିଷ୍ଠ ଖେଳ ଶିକ୍ଷକ ଖେଳରତ୍ନ ଅଭିମନ୍ୟୁ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଗୁଣନିଧି ପଟେଲ, ରିଙ୍କୁ ପଟେଲ, ମଦନ ନାଏକ, ନବକୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଯୁଗଳ କିଶୋର ପଟେଲ, ମିତ୍ରଭାନୁ ନାଏକ, ରାଜେଶ ପଟେଲ, ଅମିୟ ପଟେଲ, କୌଶିକ, ନୀଲେଶ, ସୁଶାନ୍ତ ଏବଂ ଚନ୍ଦ୍ର ଖେଳ ପରିଚାଳନା କରିଥିଲେ। ପୂର୍ବତନ ଫୁଟବଲ ଖେଳାଳି ଉମାଶଙ୍କର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି ।